ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୫/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, September 5/2025 | Page 14 | ₹ 7.00

୫୧ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 281 | ମୂଲ୍ୟ₹୭/-


DSPL - 249





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ
# ଏବଂ
# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ଶିକ୍ଷା ହିଁ ପ୍ରଗତି । ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶର ଦାୟିତ୍ୱ ଶିକ୍ଷକମାନଙ୍କର । ସେଥିପାଇଁ ସେମାନଙ୍କୁ ଗୁରୁ ଭାବରେ ସମ୍ମାନିତ କରାଯାଏ । ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ ।

(ମୋହନ ଚରଣ ମାଝୀ)

**ମୁଖ୍ୟ ଅତିଥି**

## ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନିତ ଅତିଥି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ସୂର୍ଯ୍ୟବଂଶୀ ସୁରଜ**
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

**୦୫ ସେପ୍ଟେମ୍ବର ୨୦୨୫**
**କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ**

OIPR-27068/13/0056/2526

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

ଦିଲ୍ଲୀରେ ଆଜି



ଯମୁନା ନଦୀର ଉଛୁଳା ପାଣିରେ ଉତ୍ତର ଦିଲ୍ଲୀସ୍ଥିତ କଶ୍ମୀରୀ ଗେଟ୍ ପୋଲିସ ଷ୍ଟେଶନ ଜଳମଗ୍ନ ହୋଇରହିଛି। (ଫଟୋ-ଚମନ ଗୌତମ)

# ଦିଲ୍ଲୀକୁ ଡର ଯମୁନା ଜଳସ୍ତର

■ ଶ୍ରୀନଗରରେ ୨୦୦ ପରିବାର ସୁରକ୍ଷିତ ସ୍ଥାନାକୁ ସ୍ଥାନାନ୍ତର
■ ପଞ୍ଜାବରେ ବନ୍ୟାସ୍ଥିତି ଅନୁଧ୍ୟାନକଲେ କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ, ୪।୯ (ପି.ଟି.)

ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର ଲଗାତର ବଢ଼ିବାରେ ଲାଗିଛି। ଗୁରୁବାର ସକାଳ ୭ଟାରେ ପୁରୁଣା ରେଲ୍‌ୱେ ବ୍ରିଜ୍‌ଠାରେ ଯମୁନା ନଦୀର ଜଳସ୍ତର ୨୦୭.୪୬ ମିଟର ରେକର୍ଡ ହୋଇଛି। ଏହାର ପ୍ରଭାବରେ ଗୁରୁବାର ଦିଲ୍ଲୀର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ରାଷ୍ଟ୍ରୀୟ ରାଜଧାନୀର ଯମୁନା ବଜାର, ଯମୁନା ଖାଦର, ଗୀତା କଲୋନୀ, କଶ୍ମୀରୀ ଗେଟ୍, ମୟୂର ବିହାର ଭଳି ଅଞ୍ଚଳରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ଥିବା ଦିଲ୍ଲୀ ସଚିବାଳୟ ନିକଟସ୍ଥ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଯାଇଛି। ଗୁରୁବାର ସୁଦ୍ଧା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ଜିଲା ପ୍ରଶାସନ ଦ୍ୱାରା ୧୪ ହଜାରରୁ ଅଧିକ ଲୋକଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଆଇଟିଓ, ଗୀତା କଲୋନି, ମୟୂର ବିହାର ଫେଜ୍-୧ ଆଦି ସ୍ଥାନରେ ରିଲିଫ୍ ଶିବିର ସ୍ଥାପନ କରାଯାଇଛି।

ଅନ୍ୟପକ୍ଷେ ଜମ୍ମୁ-କଶ୍ମୀରରେ ଝେଲମ ନଦୀର ଉଛୁଳା ପାଣିରେ ବଡ୍‌ଗାମ୍ ଜିଲାର ଅନେକ ସ୍ଥାନ ଜଳମଗ୍ନ ହୋଇଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀନଗରର ତଳି ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଶ୍ରୀନଗର ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୨୦୦ ପରିବାରକୁ ପୋଲିସ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଥିବା ରାଟଲେ ବିଦ୍ୟୁତ୍ ପ୍ରକଳ୍ପର ଏକ ଅସ୍ଥାୟୀ ଶେଡ୍ ଭୁଶୁଡ଼ିପଡ଼ିଛି। ଏହାତଳୁ ୫ ଲୋକଙ୍କୁ ଉଦ୍ଧାର କରାଯାଇ ଡୋଡାସ୍ଥିତ ଜିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍‌ସିଂ ଚୌହାନ ପଞ୍ଜାବର ଅମୃତସର ଓ ଗୁରୁଦାସପୁର ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଇଟାଲୀୟ ଫେଶନ ମୋଗଲ ଜିଓର୍ଜିଓ ଅର୍ମାନୀଙ୍କ ପରଲୋକ

ରୋମ୍,୪।୯

ଫେଶନକୁ ୧୦ ବିଲିୟନ ଡଲାର ସାମ୍ରାଜ୍ୟରେ ପରିଣତ କରିଥିବା ଇଟାଲୀର ଖ୍ୟାତନାମା ଫେଶନ ଡିଜାଇନର ଜିଓର୍ଜିଓ ଅର୍ମାନୀଙ୍କର ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଛି।



ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ ବୋଲି ତାଙ୍କ କମ୍ପାନୀ ପକ୍ଷରୁ କୁହାଯାଇଛି। ୬ ଓ ୭ରେ ମିଲନଠାରେ ତାଙ୍କ ଫନେରାଲ ଚାମ୍ବର ସ୍ଥାପନ ହେବା ପରେ ଶେଷକୃତ୍ୟ ଅନୁଷ୍ଠିତ ହେବ। ବିଶ୍ୱ ଫେଶନ ଶିଳ୍ପରେ ଅର୍ମାନୀ ସବୁଠୁ ପରିଚିତ ନାମ। ସେ ଫେଶନ ଦୁନିଆରେ ବିପ୍ଳବ ଆଣିଥିଲେ। ତେବେ ସ୍ୱାସ୍ଥ୍ୟଗତ କାରଣରୁ ସେ ଜୁନ୍‌ରେ ଅନୁଷ୍ଠିତ ମିଲନର ମେନ୍ସ ଫେଶନ ୱିକ୍‌ରେ ପ୍ରଥମ ଥର ପାଇଁ ଯୋଗଦେଇ ପାରି ନ ଥିଲେ।

# ଥାନା ସିସିଟିଭି ଅକାମୀ

## ପିଆଇଏଲ୍ କଲେ ସୁପ୍ରିମକୋର୍ଟ

ଦେଶର ଥାନାଗୁଡ଼ିକରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିବାରୁ ଏଥିରେ ରୋକ ଲଗାଇବା ପାଇଁ ୨୦୧୮ରେ ସୁପ୍ରିମକୋର୍ଟ ସିସିଟିଭି ସଂଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଶୀର୍ଷ ଅଦାଲତଙ୍କ ଏହି ନିର୍ଦ୍ଦେଶନାମାର ଉପଯୁକ୍ତ ଅନୁପାଳନ ହେଉ ନ ଥିବାରୁ ହାଜତରେ ପୋଲିସର ଅତ୍ୟାଚାର ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନଜନିତ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ରାଜସ୍ଥାନ ପୋଲିସ ଏଭଳି ଏକ ହାଜତ ମୃତ୍ୟୁ ମାମଲାରେ ସିସିଟିଭି ଫୁଟେଜ୍ ଦେବାକୁ ମନା କରିଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସୁପ୍ରିମକୋର୍ଟ ଗୁରୁବାର ଏହାକୁ ସଂଜ୍ଞାନକୁ ନେଇ ନିଜ ଆଡ଼ୁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ କରିଛନ୍ତି। ଉକ୍ତ ପିଆଇଏଲ୍‌ର ଶୀର୍ଷକ 'ଲେକ୍ ଅଫ୍ ଫଙ୍କଶନାଲ୍ ସିସିଟିଭି ଇନ୍ ପୋଲିସ ଷ୍ଟେଶନ୍ସ' ରଖାଯାଇଛି।

ନୂଆଦିଲ୍ଲୀ,୪।୯

ହିନ୍ଦୀ ଖବରକାଗଜ 'ଦୈନିକ ଭାରତ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ୮ ମାସ ମଧ୍ୟରେ ପୋଲିସ ହାଜତରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକ ତ୍ରୁଟିପୂର୍ଣ୍ଣ ଥିବା ଦର୍ଶାଇ ଏବଂ ବେଳେବେଳେ ଗୋପନୀୟତାକୁ ଆଳକରି ପୋଲିସ ଫୁଟେଜ୍ ଦେଉନାହିଁ। ସୁପ୍ରିମକୋର୍ଟ ଉକ୍ତ ରିପୋର୍ଟ ଆଧାରରେ ନିଜ ଆଡ଼ୁ ଏକ ପିଆଇଏଲ୍‌ର ଶୁଣାଣି କରିବାକୁ ଯାଉଛନ୍ତି।

୨୦୨୦ ଡିସେମ୍ବର ୨ରେ ସୁପ୍ରିମକୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସମସ୍ତ ଥାନାରେ ସିସିଟିଭି କ୍ୟାମେରା ସଂଲଗ୍ନକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କେବଳ ଲଗାଇଦେଲେ ହେବନାହିଁ, ସିସିଟିଭି କ୍ୟାମେରାଗୁଡ଼ିକ କାର୍ଯ୍ୟକ୍ଷମ ରହିବା ଜରୁରୀ। କ୍ୟାମେରାରେ କଏଦ୍ ହେଉଥିବା ତଦନ୍ତ ବେଳ ଦୃଶ୍ୟର ରେକର୍ଡିଂକୁ ଅନ୍ୟୂନ ୧



ବର୍ଷ ପର୍ଯ୍ୟନ୍ତ ଷ୍ଟୋର କରି ରଖିବାକୁ ପଡ଼ିବ। ଥାନାର ପ୍ରତ୍ୟେକ ପ୍ରବେଶ ଓ ପ୍ରସ୍ଥାନ ପଥ, ମୁଖ୍ୟ ଫାଟକ, ଲକ୍‌ଅପ୍, କରିଡର, ଲବି ଓ ରିସେପ୍ସନରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଯିବ। ଥାନାର କୌଣସି ସ୍ଥାନ କ୍ୟାମେରା ନଜର ବାହାରେ ରହିବ ନାହିଁ ବୋଲି ସେତେବେଳେ ସୁପ୍ରିମକୋର୍ଟ କହିଥିଲେ। ୩ ଜଣିଆ ଖଣ୍ଡପୀଠଙ୍କ ଏହି ନିର୍ଦ୍ଦେଶନାମା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇ) ଭଳି ଏଜେନ୍ସିଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ ବୋଲି ନିର୍ଦ୍ଦେଶ ରହିଥିଲା। ଆଲୋଚ୍ୟ ରାୟ ପରମବୀର ସିଂ ସାଇନିଙ୍କ ଆବେଦନର ଶୁଣାଣି ପରେ ଆସିଥିଲା। ପରମବୀର ସାକ୍ଷୀମାନଙ୍କ ବୟାନର ଦୃଶ୍ୟଶ୍ରାବ୍ୟ ରେକର୍ଡିଂ ଏବଂ ଥାନାଗୁଡ଼ିକରେ ସିସିଟିଭି ସଂଲଗ୍ନ ପ୍ରସଙ୍ଗ ଉଠାଇଥିଲେ। ଏହା ପୂର୍ବରୁ ୨୦୧୫ରେ ମଧ୍ୟ ଡି.କେ. ବସୁ ବନାମ ପଶ୍ଚିମବଙ୍ଗ ସରକାର ମାମଲାରେ ସୁପ୍ରିମକୋର୍ଟ ଥାନାଗୁଡ଼ିକରେ ମାନବାଧିକାର ହନନ ରୋକିବା ପାଇଁ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଯେତେବେଳେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହା ଉପରେ ଷ୍ଟାଟସ୍ ରିପୋର୍ଟ ମାଗିଲେ, ସେତେବେଳେ ମାତ୍ର ୧୪ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳ ରିପୋର୍ଟ ଦାଖଲ କରିଥିଲେ। ଅଧିକାଂଶ ଥାନାରେ ସିସିଟିଭି ସଂଯୋଗ ଓ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ପ୍ରଦାନ କରାଯାଇଥିବା ବିବରଣୀ ଠିକ୍ ନ ଥିବା ଜଣାପଡ଼ିଥିଲା।

# ୟୁକ୍ରେନ୍ ଯୁଦ୍ଧ ରୋକିବା ପାଇଁ ଭାରତ ଉପରେ ଟାରିଫ୍ ଯଥାର୍ଥ

## ସଂଘୀୟ କୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କଲେ ଟ୍ରମ୍ପ୍

ୱାଶିଂଟନ୍,୪।୯

ବିଦେଶୀ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇବା କ୍ଷମତା ଆମେରିକା ରାଷ୍ଟ୍ରପତିଙ୍କର ନାହିଁ ବୋଲି ସଂଘୀୟ କୋର୍ଟ ରାୟ ଦେଇଥିବାବେଳେ ଏହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଆମେରିକା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଟ୍ରମ୍ପ୍ ଅପିଲ୍‌ରେ ଭାରତ ଉପରେ ଟାରିଫ୍ ଲଗାଇବା ଯଥାର୍ଥ ବୋଲି ଦର୍ଶାଇଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ରୋକିବା ପାଇଁ ଏହା ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଟ୍ରମ୍ପ୍ କହିଛନ୍ତି। ରୁଷିଆରୁ ତୈଳ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ୍ ଅନ୍ତର୍ଜାତୀୟ ଜରୁରୀ ଆର୍ଥିକ କ୍ଷମତା ଆଇନ (ଆଇଇଇପିଏ)ରେ ଟାରିଫ୍ ଲଗାଇଛନ୍ତି। ଏଭଳି ସଙ୍କଟ ଜାତୀୟ ସୁରକ୍ଷା, ବିଦେଶ ନୀତି କିମ୍ବା ଆମେରିକା ଅର୍ଥନୀତି ପ୍ରତି ଅସାଧାରଣ ବିପଦ ସୃଷ୍ଟି କରିଥିବାବେଳେ ଆଇଇଇପିଏରେ ରାଷ୍ଟ୍ରପତି ଜରୁରୀ କ୍ଷମତା ପ୍ରୟୋଗ କରିବା ପାଇଁ ଯଥେଷ୍ଟ କି ନୁହେଁ ସେନେଇ ସଂଘୀୟ କୋର୍ଟ ପ୍ରଶ୍ନ କରି ନ ଥିବା ଟ୍ରମ୍ପ୍ ଦର୍ଶାଇଛନ୍ତି। ସଂଘୀୟ ଅଦାଲତଙ୍କ ରାୟ ଯୋଗୁ ରାଷ୍ଟ୍ରପତି ଗତ ୫ ମାସ



ମଧ୍ୟରେ ଟାରିଫ୍ ଜରିଆରେ ଚଳାଇଥିବା ବୈଦେଶିକ ବୁଝାମଣାରେ ଅନିଶ୍ଚିତତା ସୃଷ୍ଟି ହେବା ସହ ଡିଲ୍‌କୁ ଅସୁବିଧାରେ ପକାଇଥିବା ଅପିଲ୍‌ରେ କୁହାଯାଇଛି। ମାମଲାରେ ହାରିଲେ ୟୁରୋପୀୟ ସଂଘ, ଓ ଅନ୍ୟ ଦେଶ ସହ ହୋଇଥିବା ବାଣିଜ୍ୟ ଚୁକ୍ତିନାମାକୁ ଖୋଲା ରଖିବାକୁ ପଡ଼ିବ, ଯାହାକି ଆମେରିକା ପାଇଁ ବଡ଼ ଆର୍ଥିକ କ୍ଷତି ଆଣିଦେଇପାରେ ବୋଲି ଟ୍ରମ୍ପ୍ କହିଛନ୍ତି।

# ପଶ୍ଚିମବଙ୍ଗ ବିଧାନସଭାରେ ମାରପିଟ: ଭାଜପା ମୁଖ୍ୟ ସଚେତକ ଆହତ

କୋଲକାତା, ୪।୯

ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ଉତ୍ତେଜନା ଦେଖାଦେଇଛି। ବଙ୍ଗାଳୀ ପ୍ରବାସୀମାନଙ୍କ ଉପରେ ଅତ୍ୟାଚାର ସମ୍ପର୍କିତ ଏକ ସରକାରୀ ପ୍ରସ୍ତାବ ଉପରେ ବିଧାନସଭା ଗୃହକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବୋଧନ କରୁଥିବା ବେଳେ ବିରୋଧୀ ଭାଜପା ବିଧାୟକମାନେ ଜୋରଦାର ହଙ୍ଗାମା କରିଥିଲେ। ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ କାହିଁକି ପୂରା ଅଧିବେଶନ ପାଇଁ ନିଲମ୍ବନ କରାଯାଇଛି ବୋଲି ଭାଜପା ବିଧାୟକ ଦଳ ମୁଖ୍ୟ ସଚେତକ ଶଙ୍କର ଘୋଷ ବାଚସ୍ପତି ବିମାନ ବାନାର୍ଜୀଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ବାଚସ୍ପତି ସ୍ପଷ୍ଟୀକରଣ ରଖିବାକୁ ମନା କରିଥିଲେ, ଫଳରେ ଗୃହ ମଧ୍ୟରେ ଭାଜପା ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଧୀରେ ଧୀରେ ୨ ପକ୍ଷ ପରସ୍ପର ବିରୋଧରେ ମାର୍‌ପିଟରେ ଲାଗି ପଡ଼ିଥିଲେ। ଏହି ସମୟରେ ଶଙ୍କରଙ୍କର ଚଷମା ଭାଙ୍ଗିଯାଇଥିଲା ଓ ସେ ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିଧାନସଭାରୁ ହସ୍ପିଟାଲକୁ ନିଆଯାଇଥିଲା।

# ମୋଦିଙ୍କ ମଣିପୁର ଗସ୍ତ ପୂର୍ବରୁ କୁକି-ଜୁ ସମ୍ପ୍ରଦାୟ ସହ କେନ୍ଦ୍ରର ଶାନ୍ତି ଚୁକ୍ତି

ନୂଆଦିଲ୍ଲୀ,୪।୯

୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ହିଂସାରେ ଜର୍ଜରିତ ମଣିପୁରରେ ସ୍ଥାୟୀ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ଉଦ୍ୟମ ପାଦେ ଆଗେଇଛି। ମଣିପୁରର ଦୁଇ ପ୍ରମୁଖ କୁକି-ଜୁ ସମ୍ପ୍ରଦାୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ହିଂସା ପ୍ରଭାବିତ ଅଞ୍ଚଳରୁ ଶିବିରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଏହାଦ୍ୱାରା ଉତ୍ତର-ପୂର୍ବ ରାଜ୍ୟର କ୍ଷେତ୍ରୀୟ ଅଖଣ୍ଡତା ବଜାୟ ରହିବ ବୋଲି ଆଶା କରାଯାଇଛି।

ସସ୍‌ପେନ୍ସନ ଅଫ୍ ଅପରେଶନ୍ସ ଚୁକ୍ତିରେ କୁକି ନ୍ୟାଶନାଲ ଅର୍ଗାନାଇଜେଶନ୍ (କେଏନ୍‌ଓ) ଏବଂ ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ (ୟୁପିଏଫ୍) ସ୍ୱାକ୍ଷର କରିବା ସହ ମଣିପୁର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି କହିଛନ୍ତି। ସେହିପରି ସିଭିଲ ସୋସାଇଟି ଗ୍ରୁପ୍ କୁକି-ଜୁ କାଉନ୍ସିଲ (କେଜେଡ୍‌ସି) ମଣିପୁର ଦେଇ ଯାଇଥିବା ଏନ୍‌ଏଚ୍ ନଂ.୨କୁ ଲୋକଙ୍କ ଯାତାୟାତ ଓ ସାମଗ୍ରୀ ପରିବହନ ପାଇଁ ଖୋଲା ରଖିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସପ୍ତାହରେ ମଣିପୁର ଯିବାକୁ ଥିବାବେଳେ ଏହି ପଦକ୍ଷେପ ନିଆଯାଇଛି। ପ୍ରକାଶ ଯେ, ୨୦୨୩ ମେ' ୩ରୁ ମେଇତି ଓ କୁକିଙ୍କ ମଧ୍ୟରେ ଜାତିଆଣ ହିଂସା ଘଟି ବହୁ ଧନଜୀବନ ହାନି ହେଲାଣି।

DADLS-47



ସତ୍ୟମେବ ଜୟତେ

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ
ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ରାଜ୍ୟର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0991/2526

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୫/୨୦୨୫ | Bhubaneswar, Friday, September 5/2025 | ପୃଷ୍ଠା-୧




# ଟ୍ରେନ୍ ଧକ୍କାରେ ହାତୀ ମୃତ

**ସୁନ୍ଦରଗଡ଼/ରାଜଗାଙ୍ଗପୁର,୪।୯ (ଜୟ ନାରାୟଣ ମେର୍ଦ୍ଧୁଲି/ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଦେଇ ଯାଇଥିବା ମୁମ୍ବାଇ-ହାୱଡ଼ା ରେଳପଥର ସୋନାଖାନ-ସାଗରା ରେଳଷ୍ଟେଶନ ମଧ୍ୟରେ ଗୁରୁବାର ଭୋର ପ୍ରାୟ ୫ଟା୧୫ରେ ଟ୍ରେନ ଧକ୍କାରେ ଏକ ହାତୀର ମୃତ୍ୟୁ ଘଟିଛି। ହାତୀର ବୟସ ପ୍ରାୟ ୪୦ରୁ ୪୫ବର୍ଷ ଏବଂ ମାଈଖିନା ବୋଲି ରାଜଗାଙ୍ଗପୁର ବନାଞ୍ଚଳ ଅଧିକାରୀ ଗୁରୁଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଗରିବ ରଥ ଏକ୍ସପ୍ରେସ୍ ଆସୁଥିବାବେଳେ ଏହି ସମୟରେ ହାତୀଟି ରେଳପଥ ଅତିକ୍ରମ କରୁଥିଲା। ଟ୍ରେନ୍ ଧକ୍କାରେ ହାତୀ ଗୁରୁତର ହୋଇଥିଲା। ଖବରପାଇ ରାଉରକେଲା ବନ ସଂରକ୍ଷକ ପି.ରାମ ସ୍ୱାମୀ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ରାଜଗାଙ୍ଗପୁର ବନାଞ୍ଚଳ ଅଧିକାରୀ ଗୁରୁଚରଣ ମଣ୍ଡଳ, ରାଜଗାଙ୍ଗପୁର ପ୍ରାଣୀଧନ ଚିକିତ୍ସାଧିକାରୀ ଓ ବନ୍ୟପ୍ରାଣୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ପହଞ୍ଚି ଗୁରୁତର ହାତୀକୁ କ୍ରେନ ସାହାଯ୍ୟରେ ଉଦ୍ଧାର କରି ସାଗରା ନେଇ ତା'ର ଚିକିତ୍ସା କରିଥିଲେ। ମାତ୍ର ଅପରାହ୍ଣରେ ଚିକିତ୍ସାଧୀନ ଅବସ୍ଥାରେ ହାତୀର ମୃତ୍ୟୁ ଘଟିଥିଲା। ହାତୀ ସମ୍ପର୍କରେ କୌଣସି ସତର୍କ ସୂଚନା ପାଇ ନ ଥିବାରୁ ଲୋକୋପାଇଲଟ ଟ୍ରେନ୍ ଗତି କମାଇବା ସମ୍ଭବପର ନ ଥିଲା। ଆଗକୁ ଯେଉଁଭଳି ଏଭଳି ଅଘଟଣ ନ ଘଟେ ସେଥିପ୍ରତି ଉଭୟ ରେଳ ଓ ବନ ବିଭାଗ ସଜାଗ ରହିବାର ଆବଶ୍ୟକତା ରହିଛି ବୋଲି ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ଦାବି ହୋଇଛି।

# ବେଆଇନ ଗଛକଟାରୁ ଭୂସ୍ଖଳନ, ବନ୍ୟା

## କେନ୍ଦ୍ର, ପ୍ରଭାବିତ ରାଜ୍ୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ସମ୍ପ୍ରତି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟଗୁଡ଼ିକରେ ଘାତକ ଭୂସ୍ଖଳନ ଓ ପ୍ରଳୟଙ୍କରୀ ବନ୍ୟାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ବିକାଶ ଏବଂ ପରିବେଶ ସୁରକ୍ଷା ମଧ୍ୟରେ ନିଶ୍ଚିତ ଭାବେ ସନ୍ତୁଳନ ଆବଶ୍ୟକ ବୋଲି ସିଜେଆଇ ବି.ଆର୍. ଗବଇ କହିଛନ୍ତି। ରାଜ୍ୟଗୁଡ଼ିକରେ ବିକାଶ ନାମରେ ଅବାଧରେ ଗଛକଟା ହେଉଥିବାରୁ ଏଭଳି ଅଭୂତପୂର୍ବ ସ୍ଥିତି ଉପୁଜିଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସମେତ ପ୍ରଭାବିତ ୪ ରାଜ୍ୟର ସରକାରମାନଙ୍କୁ ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।**



**ନୂଆଦିଲ୍ଲୀ,୪।୯(ପି.ଟି.)**

ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ ଅଭୂତପୂର୍ବ ଭୂସ୍ଖଳନ ଏବଂ ବନ୍ୟା ପାଇଁ ବେଆଇନ ଗଛକଟା ଦାୟୀ। ଅବାଧରେ ଗଛକଟା ଜାରି ରହିଥିବାରୁ ଏଭଳି ବିପର୍ଯ୍ୟୟ ଆସିଥିବା କହି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ଓ ପ୍ରଭାବିତ ରାଜ୍ୟଗୁଡ଼ିକ ଜବାବ ମାଗିଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସମେତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର ଓ ପଞ୍ଜାବ ସରକାରଙ୍କୁ ଏନେଇ ନୋଟିସ ଜାରି କରିଛନ୍ତି। ସିଜେଆଇ ଗବଇ କହିଛନ୍ତି, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଞ୍ଜାବରେ ଆମେ ଅଭୂତପୂର୍ବ ଭୂସ୍ଖଳନ ଏବଂ ବନ୍ୟା ଦେଖିଛୁ। ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ଯେ, ବହୁ ସଂଖ୍ୟକ ଗଛ କଟାଯାଇଛି। ପ୍ରଥମ ଦୃଷ୍ଟିରୁ ଦେଖିଲେ ଏହା ବେଆଇନ ଗଛକଟା ବୋଲି ଜଣାପଡ଼ୁଛି।

ଆବେଦନକାରୀ ଅନାମିକା ରାଣାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆକାଶ ବଶିଷ୍ଠ ଓ ଶୁଭମ୍ ଉପାଧ୍ୟାୟଙ୍କୁ ଖଣ୍ଡପୀଠ କେନ୍ଦ୍ରୀୟ ଏଜେନ୍ସିକୁ ନୋଟିସ ତଥା ପିଟିଶନ୍ କପି ଦେବାକୁ ଅନୁମତି ପ୍ରଦାନ କରିଛନ୍ତି। ଅନ୍ୟ ଏକ ମାମଲାରେ କୋର୍ଟରୁମ୍‌ରେ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ସିଜେଆଇ କହିଛନ୍ତି, ବନ୍ୟା ଓ ଭୂସ୍ଖଳନର ଗମ୍ଭୀର ସ୍ଥିତିକୁ ଅନୁଧ୍ୟାନ କରି ପ୍ରତିକାରମୂଳକ ପଦକ୍ଷେପ ନେବାକୁ ନିଶ୍ଚିତ କରନ୍ତୁ। ଏହା ଏକ ଗମ୍ଭୀର ପ୍ରସଙ୍ଗ। ବହୁ ସଂଖ୍ୟକ ଗଛକୁ ବେଆଇନ ଭାବେ କଟାଯାଉଛି। ପଞ୍ଜାବର ଚିତ୍ର ଦେଖିଲେ ଚାରିଆଡ଼େ ବନ୍ୟାଜଳରେ ଚାଷଜମି ଓ ଫସଲ ବୁଡ଼ିଯାଇଛି। ବିକାଶକୁ ପ୍ରତିକାର ପଦକ୍ଷେପ ସହ ସନ୍ତୁଳିତ କରିବାକୁ ପଡ଼ିବ ବୋଲି ସିଜେଆଇ କହିଛନ୍ତି। ମେହେଟ୍ଟା କହିଛନ୍ତି, ପ୍ରକୃତି ଉପରେ ଆମେ ଏତେ ହସ୍ତକ୍ଷେପ କରିଛୁ ଯେ, ପ୍ରକୃତି ଏବେ ନିଜ କୋପ ଦେଖାଇବା ଆରମ୍ଭ କରିଛି। ଏନେଇ ସେ ପରିବେଶ ମନ୍ତ୍ରଣାଳୟ ସଚିବଙ୍କ ସହ ଆଲୋଚନା କରିବେ। ପରିବେଶ ମନ୍ତ୍ରଣାଳୟ ସଚିବ ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବମାନଙ୍କ ସହ କଥାହେବେ। ଏଭଳି ସ୍ଥିତି ବଜାୟ ରହିବାକୁ ଦିଆଯାଇପାରିବ ନାହିଁ। ଏହା ଶୁଣିବା ପରେ ଆବେଦନକାରୀଙ୍କ ଓକିଲ କହିଥିଲେ, ଟନେଲଗୁଡ଼ିକରେ ଲୋକେ ଫସିରହି ମୃତ୍ୟୁ ସ୍ଥିତିରେ ନିକଟତର ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି। ସିଜେଆଇ କହିଥିଲେ, ଏହି ପ୍ରସଙ୍ଗର ଗମ୍ଭୀରତାକୁ ସେ ଦେଖିଛନ୍ତି। ୨ ସପ୍ତାହ ପରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

ଉଲ୍ଲେଖଯୋଗ୍ୟ, ଭୂସ୍ଖଳନ ଓ ବନ୍ୟାର କାରଣ ଖୋଜିବା ସହ ଏଭଳି ବିପର୍ଯ୍ୟୟକୁ ଏଡ଼ାଇବା ପାଇଁ ପଦକ୍ଷେପ ନେବା ସକାଶେ କାର୍ଯ୍ୟ ଯୋଜନା ପ୍ରସ୍ତୁତି ସାଙ୍ଗକୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଉ ବୋଲି ଆଇନଜୀବୀ ଆକାଶ ବଶିଷ୍ଠଙ୍କ ଜରିଆରେ ଆବେଦନକାରୀ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ବିପର୍ଯ୍ୟୟ କର୍ତ୍ତୃପକ୍ଷ ଥିବା ସତ୍ତ୍ୱେ ସେମାନେ ଏଭଳି ବିପର୍ଯ୍ୟୟଜନିତ କ୍ଷୟକ୍ଷତି ରୋକିବା ପାଇଁ କୌଣସି ଯୋଜନା କରି ନ ଥିବା ସେ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି। ବୃହତ୍ ସ୍ୱାର୍ଥଦୃଷ୍ଟିରୁ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଜୀବନଧାରଣ ଅଧିକାରକୁ ସୁନିଶ୍ଚିତ କରି ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡ଼ିକର ବାସିନ୍ଦାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏଥିରେ ନିବେଦନ କରାଯାଇଛି।






# ପାରିବାରିକ କଳହରୁ ମହିଳାଙ୍କ ଆତ୍ମାହୁତି

**ସାଲେପୁର,୪।୮(ଅରବିନ୍ଦ ଭୂୟାଁ)**

ପାରିବାରିକ କଳହରୁ ଜଣେ ମହିଳା ଆତ୍ମାହୁତି ଦେଇଛନ୍ତି। ସେ ହେଲେ କଟକ ଜିଲା ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ କଙ୍କରାଇଲୋ ଗାଁର ଅଜୟ କୁମାର ରାଉତଙ୍କ ସ୍ତ୍ରୀ ତିଲୋତ୍ତମା। ଗତ ୨ ତାରିଖରେ ତିଲୋତ୍ତମା ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମୃତ୍ୟୁ ସହ ପ୍ରାୟ ୩୬ ଘଣ୍ଟା ଧରି ସଂଗ୍ରାମ କରି ଗୁରୁବାର ଆଖି ବୁଜିଛନ୍ତି। ତାଙ୍କ ଶରୀରର ୬୦ଭାଗରୁ ଊର୍ଦ୍ଧ୍ୱ ଜଳିଯାଇଥିଲା। ଘଟଣାରେ ତିଲୋତ୍ତମାଙ୍କ ସ୍ୱାମୀ ଅଜୟଙ୍କୁ ଗିରଫ କରି ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ସାଲେପୁର ଆଇଆଇସି ଅନିତା ସାହୁ କହିଛନ୍ତି। ଏ ନେଇ ଥାନାରେ ମାମଲା (ନଂ. ୪୧୯/୨୫) ରୁଜୁ ହୋଇଛି।

# ଶ୍ରୀଜଗନ୍ନାଥଙ୍କ ୫୮ ହଜାର ଏକର ଜମି ଫେରାଇ ଅଣାଯିବ: ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର,୪।୯(ସୁନିତ୍ ମିଶ୍ର)**

ରାଜ୍ୟ ଭିତରେ ଏବଂ ଓଡ଼ିଶା ବାହାରେ ରହିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରାଇ ଅଣାଯିବ। ଏନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭକରି ଦେଇଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ସୂଚନା ପ୍ରଦାନ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୮ ହଜାର ଏକର ଜମି ରାଜ୍ୟ ଭିତରେ ଏବଂ ଓଡ଼ିଶା ବାହାରେ ବିଭିନ୍ନ ସ୍ଥାନରେ ରହିଛି। ପ୍ରାୟ ୩୬ ହଜାର ଏକର ଜମିର କାଗଜ ପ୍ରସ୍ତୁତ ହୋଇସାରିଛି। ବାକିଗୁଡ଼ିକର କାଗଜ ପ୍ରସ୍ତୁତ କରାଯାଉଛି। ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେଉଛନ୍ତି। ମହାପ୍ରଭୁଙ୍କର ଯେଉଁଠି ଭୂସମ୍ପତ୍ତି ଅଛି ତା'ର ଠିକ୍ ଆକଳନ କିପରି ହୋଇପାରିବ ସେନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ଭିତରେ ☞ପୃଷ୍ଠା-୨

# ଉଚିତ ମୂଲ୍ୟ ପାଇବେ କେନ୍ଦୁପତ୍ର ତୋଳାଳି: ମୁଖ୍ୟମନ୍ତ୍ରୀ

## ଜିଏସ୍‌ଟି ସଂସ୍କାରକୁ କଲେ ପ୍ରଶଂସା

**ଭୁବନେଶ୍ୱର,୪।୯(ସୁନିତ୍ ମିଶ୍ର)**

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହାର ୧୮ରୁ ୫%କୁ ହ୍ରାସ କରାଯିବା ଦ୍ୱାରା ଓଡ଼ିଶା ତଥା ଦେଶର ଅନେକ ଲକ୍ଷ କେନ୍ଦୁପତ୍ର ତୋଳାଳି ଉଚିତ ମୂଲ୍ୟ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଏଭଳି ନିଷ୍ପତ୍ତି ଯୋଗୁ କେନ୍ଦୁପତ୍ରର ବିକ୍ରି ବୃଦ୍ଧି ପାଇବା ସହ ତୋଳାଳିଙ୍କ ଉପାର୍ଜନ ବଢ଼ିବ। ଏହାଦ୍ୱାରା ରାଜ୍ୟର ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାଗୁଡ଼ିକ ପାଖରୁ ଠିକ୍ ସମୟରେ ଠିକ୍ ମୂଲ୍ୟ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଜିଏସ୍‌ଟିରେ ନିଆଯାଇଥିବା ସଂସ୍କାରକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ବିଭିନ୍ନ କୃଷି ପ୍ରକରଣ ଯଥା କୀଟନାଶକ ସିଞ୍ଚନକାରୀ ଯନ୍ତ୍ର, ରୋଲର, ଯନ୍ତ୍ରପାତି, ଟ୍ରାକ୍ଟର ଓ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସ୍‌ଟି ହ୍ରାସ ନିମନ୍ତେ ପଦକ୍ଷେପ ନିଆଯିବା ଦ୍ୱାରା କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚ କମିବ। ଏହା ଗ୍ରାମୀଣ ଲୋକଙ୍କ ଆୟ ବଢ଼ାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ। ସେହିପରି ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରମାନଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ। ଔଷଧ, ଦୁଗ୍ଧଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ସହ ସାଧାରଣ ଲୋକ ବ୍ୟବହାର କରୁଥିବା ଅନ୍ୟ ପ୍ରାୟ ୧୫୦ରୁ ଅଧିକ ସାମଗ୍ରୀ ଉପରୁ କର ହ୍ରାସ ହୋଇଛି। ଏହା ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ☞ପୃଷ୍ଠା-୨

# ମୋଦିଙ୍କ ଜନ୍ମଦିନରେ ବଣ୍ଟାଯିବ ୫୦ ହଜାର ଘର କାର୍ଯ୍ୟାଦେଶ

**ଭୁବନେଶ୍ୱର,୪।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଆସନ୍ତା ୧୭ ତାରିଖରେ ପଡ଼ୁଛି। ଏହିଦିନକୁ ବହୁ ଧୁମଧାମରେ ପାଳନକରିବା ପାଇଁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ସେହି ଗୋଟିଏ ଦିନରେ ରାଜ୍ୟରେ ୭୫ ଲକ୍ଷ ଚାରାରୋପଣ କରିବା ପାଇଁ ସରକାର ଯୋଜନା କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ସରକାର କାର୍ଯ୍ୟାଦେଶ ବାଣ୍ଟିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଜିନ୍‌ପିଙ୍ଗ୍-ପୁଟିନ୍ ସହଭାଗିତା**

# ଓଡ଼ିଶାର ୬୦% ମନ୍ତ୍ରୀଙ୍କ ନାଁରେ ଆପରାଧିକ ମାମଲା

- ଦେଶରେ ୪୭% ମନ୍ତ୍ରୀ ଅଭିଯୁକ୍ତ
- ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ୩୭.୨୧ କୋଟି ଟଙ୍କା

ADR Association for Democratic Reforms

**ନୂଆଦିଲ୍ଲୀ,୪।୯(ପି.ଟି.)**

ଦେଶର ୪୭% ମନ୍ତ୍ରୀ ସେମାନଙ୍କ ନାମରେ ଆପରାଧିକ ମାମଲା ରହିଥିବା ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ହତ୍ୟା, ଅପହରଣ, ମହିଳା ବିରୋଧୀ ଅପରାଧ ଭଳି ଗମ୍ଭୀର ମାମଲା ରହିଥିବା ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍)ର ବିଶ୍ଳେଷଣରୁ ଜଣାପଡ଼ିଛି। ଓଡ଼ିଶା ସମେତ ୧୧ଟି ରାଜ୍ୟ ବିଧାନସଭାର ୬୦%ରୁ ଊର୍ଦ୍ଧ୍ୱ ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ରହିଛି। ଜାତୀୟ ସ୍ତରର ହାରକୁ ଦେଖିଲେ ଓଡ଼ିଶାରେ ଅଧିକ ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି। ଅଧିକ ଆପରାଧିକ ମାମଲା ଥିବା ଅନ୍ୟ ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ବିହାର, ମହାରାଷ୍ଟ୍ର, କର୍ଣ୍ଣାଟକ, ପଞ୍ଜାବ, ତେଲଙ୍ଗାନା, ହିମାଚଳପ୍ରଦେଶ, ଦିଲ୍ଲୀ ଏବଂ ପଣ୍ଡିଚେରୀ। ଅନ୍ୟପକ୍ଷରେ ହରିୟାଣା, ଜମ୍ମୁ-କଶ୍ମୀର, ନାଗାଲାଣ୍ଡ ଏବଂ ଉତ୍ତରାଖଣ୍ଡର କୌଣସି ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ନ ଥିବା ରିପୋର୍ଟରୁ ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଗମ୍ଭୀର ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ଜେଲରେ ରହିଲେ ସେମାନେ ନିଜ ପଦରୁ ଇସ୍ତଫା ଦେବେ ନଚେତ୍ ସେମାନଙ୍କୁ ବହିଷ୍କାର କରାଯିବ। କେନ୍ଦ୍ର ସରକାର ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନରେ ଏନେଇ ୩ଟି ବିଲ୍ ଆଣିଥିବାବେଳେ ଏଡିଆର୍ ପକ୍ଷରୁ ଏଭଳି ରିପୋର୍ଟ ଗୁରୁତ୍ୱ ବହନ କରୁଛି। ୨୭ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳର ୬୪୩ ମନ୍ତ୍ରୀଙ୍କ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ ଟା।

## କଟକ
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜେମାଦେଈପୁର ନୂଆପାଟଣାରେ ଅବସରପ୍ରାପ୍ତ ଗୁରୁଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିଦ୍ୟାମନ୍ଦିର ପରିସର. ତିଗିରିଆ, ସମୟ: ସକାଳ ୭ଟା ୩୦।
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ) ପକ୍ଷରୁ ଗୁରୁଦିବସ ସମାରୋହ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସକାଳ ୯ଟା।
- ହୀରାଖଣ୍ଡ ସଂସ୍କୃତି ସମାଜ, କଟକ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟା ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଆଦର୍ଶ ଗୁରୁ ସମ୍ମାନ, ସ୍ଥାନ: ବିଜୟଗୋବିନ୍ଦ ଭବନ, ବାବାସାଗର ଦାସ ବିଦ୍ୟାପୀଠ, ଦୋଲମୁଣ୍ଡାଇ, ସମୟ: ଅପରାହ୍ନ ୩ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଖପୁରିଆ ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ପ୍ରେମ ଭଣ୍ଡାର, ପ୍ରେସ୍ କଲୋନୀ, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ନିମାପଡ଼ା ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଗୁରୁପୂଜନ ଉତ୍ସବ, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନିମାପଡ଼ା ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଦୁଇ ଦିନିଆ ପଦାର୍ଥ ବିଜ୍ଞାନର ଜାତୀୟ ସେମିନାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା ୩୦।
- ଗୁରୁଦିବସ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ପିଙ୍ଗୁାବଣିଆ ବୈଦିକ ଗୁରୁକୁଳ ଆଶ୍ରମ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହମ୍ମଦ ଜୟନ୍ତୀ ଅବସରରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜୁମାମସଜିଦ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୫ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇନଟାକ୍ ବାଲେଶ୍ୱର ଚାପ୍ଟରର ୧୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍‌ଏନ୍ ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଓ ୧୯୮୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ଗୌରହରି ମହାନ୍ତିଙ୍କ ଗୁରୁ ନିବାସ, ଥାନାଛକ, ଉଦପଦା, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ ଶିକ୍ଷିକାଶିକ୍ଷକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଏନ୍‌ପିଏସ୍ ସଂଘ ଶିକ୍ଷକ ଭବନ, ଜଳେଶ୍ୱରପୁର, ଭୋଗରାଇ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ଗୁରୁପୂଜନ ଉତ୍ସବ ଓ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା, ସ୍ଥାନ: ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ସୁପ୍ରଭାତ ସଙ୍ଗଠନ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୯ଟା।
- ଗୁରୁପୂଜନ ସମାରୋହ, ସ୍ଥାନ: ମନ୍ଦାରୀ କଲେଜ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଗତିଶୀଳ ସାହିତ୍ୟ ମଞ୍ଚ ପକ୍ଷରୁ ଗୁରୁପୂଜନ ଓ କବିତା ପାଠୋତ୍ସବ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଗୁରୁଦିବସ ପାଳନ, ସ୍ଥାନ: ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ୧୫ତମ ଶିକ୍ଷକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ମହମ୍ମଦ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଚୌଖଣ୍ଡି, ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଗୁରୁ ସମ୍ମାନ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ, ସ୍ଥାନ: ଡିଏନ୍ ହାଇସ୍କୁଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଏଲିମେଣ୍ଟାରୀ ଶିକ୍ଷକ ସଂଘ ତରଫରୁ ଗୁରୁପୂଜନ, ସ୍ଥାନ: ନୀଳକଣ୍ଠେଶ୍ୱର ହାଇସ୍କୁଲ, ଢେଙ୍କିକୋଟ୍, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ,ସ୍ଥାନ: ଶିକ୍ଷକ ଭବନ, ଲାଲବଜାର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- କରମପୂଜାର ଶେଷ ଦିବସ,ସ୍ଥାନ:ଚିତ୍ରଡ଼ା ମାର୍କେଟସାହି, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳନ,ସ୍ଥାନ: ଜାମିଆ ମସଜିଦ, ଭାପୁର ବଜାର, ସମୟ: ସକାଳ ୮ଟା୩୦।
- ଗୁରୁ ଦିବସ ପାଳନ, ସ୍ଥାନ: ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଗୁରୁ ପୂଜନ ଉତ୍ସବ, ସ୍ଥାନ: ପ୍ରକାଶମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଗଞ୍ଜାମ ଜିଲା ବରିଷ୍ଠ କଳାକାର ମହାସଂଘର ଗୁରୁପୂଜନ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୁକୁଡାଖଣ୍ଡି ବ୍ଲକ ସ୍ତରୀୟ ଗୁରୁ ପୂଜନ ଉତ୍ସବ, ସ୍ଥାନ: ଜେବି ପ୍ରାଙ୍ଗଣ,ସମୟ: ଅପରାହ୍ନ ୩ଟା।
- ଜାତୀୟ ନିର୍ମାତା ପୁରସ୍କାର ବିତରଣ, ରୋଟାରୀ ଇଷ୍ଟ କମ୍ୟୁନିଟି ହଲ୍, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଗୁରୁ ଦିବସ ପାଳନ, ସ୍ଥାନ: ବୁଗୁଡ଼ା, ବୁଦ୍ଧଖୋଲ,ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦିବସପାଳନ କାର୍ଯ୍ୟକ୍ରମ, ସ୍ଥାନ: ଅନୁସ୍ଲୋ ପଡ଼ିଆ ଛତ୍ରପୁର, ସମୟ: ପୂର୍ବାହ୍ନ୧୦ ଟା।
- ଗୁରୁ ଦିବସ ପାଳନ ଉତ୍ସବ,ସ୍ଥାନ: ବୁଗୁଡ଼ା ପ୍ରାଥମିକ ଶିକ୍ଷକ ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଆସିକା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁପୂଜନ, ସ୍ଥାନ: ଆସିକା ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ, ସ୍ଥାନ: ଆସିକା ହରିହର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- କଂଗ୍ରେସର ସଂଗଠନ ସୃଜନ ଅଭିଯାନ, ସ୍ଥାନ: ଛତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଂଗ୍ରେସର ସଂଗଠନ ସୃଜନ ଅଭିଯାନ, ସ୍ଥାନ: ରମ୍ଭା ଗାୟତ୍ରୀ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ
- ଆଇଟିଡିଏର ପିଏଲ୍‌ସି ବୈଠକ, ସ୍ଥାନ: ଫୁଲବାଣୀ ସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଗୁରୁ ପୂଜନ ଉତ୍ସବ, ସ୍ଥାନ: ରାଣୀଦୁର୍ଗା କଲ୍ୟାଣ ମଣ୍ଡପ ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୧ ଟା।
- ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆଗାଁ, ସମୟ: ପୂର୍ବାହ୍ନ୧୧ଟା।
- ଜିଲାସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ଭବନ ସଭାଗୃହ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀ ମନ୍ଦିର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ବୈଠକ, ସ୍ଥାନ: ସୂର୍ଯ୍ୟ ମଣ୍ଡପ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଗୁରୁଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା।
- ଗୁରୁଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ସକାଳ ୭ଟା ୩୦।

## ଜଗତ୍‌ସିଂହପୁର
- ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଜାମା ମସ୍‌ଜିଦ ପକ୍ଷରୁ ଶାନ୍ତି ଶୋଭାଯାତ୍ରା ଓ ସମୂହ ପ୍ରାର୍ଥନା, ସ୍ଥାନ: ଜାମା ମସ୍‌ଜିଦ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଛାତ୍ରୀମାନଙ୍କୁ ନେଇ ଗୁରୁଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷକ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ସଙ୍ଗଠନର ସୃଜନ କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ, ବୀଣାପାଣି ମଣ୍ଡପ,ସମୟ: ଶୁକ୍ରବାର ଅପରାହ୍ନ: ୩ଟା।
- ପୂଜ୍ୟପୂଜା ସଂସଦ ପକ୍ଷରୁ ଗୁରୁ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଗୁରୁ ଦିବସ ପାଳନ, ସ୍ଥାନ: କେପିଏସ, ଉଦୟନଗର, ଡେରାବିଶ, ସମୟ: ସକାଳ ୯ଟା।
- ସତୀର୍ଥ ଅନୁଷ୍ଠାନ ପକ୍ଷରୁ ନବାହ୍ନ ପର୍ବ ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, କୋରୋ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା
- ମା' ପାଇଁ ଗଛଟିଏ, ସ୍ଥାନ: ପାଣ୍ଡିରି, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ଣ୍ଣବାସ ଶିକ୍ଷାଶ୍ରୀ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ପୂର୍ଣ୍ଣବାସ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ ଆଦର୍ଶ ବିଦ୍ୟାଳୟ ଉଦଘାଟନ ଉତ୍ସବ, ସ୍ଥାନ: ପରକଣା, ଗରଦପୁର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଶ୍ୟାମସୁନ୍ଦର ହାଇସ୍କୁଲ ୧୯୮୫ ମାଟ୍ରିକ୍ ବ୍ୟାଚ୍ ତରଫରୁ ଗୁରୁପୂଜନ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୪ର୍ଥ ଦିବସ, ସ୍ଥାନ: ଗୋଡିପଡ଼ା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସକାଳ ୭ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ଟା,ପ୍ରବଚନରେ ନନ୍ଦ ଉତ୍ସବ, ବ୍ରହ୍ମାଙ୍କ ମୋହ, ରାସଲୀଳା ଓ ରୁକ୍ମିଣୀ ବିବାହ, ସମୟ: ସନ୍ଧ୍ୟା ୭ ଟା।
- ସ୍ୱର୍ଗତ କନ୍ଧମାଳ ଏମପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସ୍ଥାନ:ପୁରୁଣା ରାଜବାଟି, ସମୟ: ସକାଳ ୯ଟା।
- ଗୁରୁ ଦିବସ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୯ ଟା
- ଗୁରୁ ଦିବସ, ସ୍ଥାନ: ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା। ରାୟଗଡ଼ା
- ମହମ୍ମଦ ଜୟନ୍ତୀ ପାଳନ ଶୋଭାଯାତ୍ରା, ସ୍ଥାନ: ମୁନିଗୁଡା ଧୋବାସାହି ଆମ୍ବତୋଟାରୁ ମସ୍‌ଜିଦ, ସମୟ: ସକାଳ ୯ଟା।
- ଏଆଇସିସିଇ ପକ୍ଷରୁ ୨ ଦିନିଆ କର୍ମଶାଳା, ସ୍ଥାନ: ଆଡମିନ୍ ଅଡ଼ିଟୋରିୟମ, ଜିଆଇଇଟି,ଗୁଣୁପୁର, ସମୟ: ସକାଳ ୯ ଟା।
- ଜିଲାସ୍ତରୀୟ ଗୁରୁ ଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ମୁନିଗୁଡା କଂଗ୍ରେସର ସୃଜନ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କମ୍ୟୁନିଟି ହଲ ପରିସର, ମୁନିଗୁଡା, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର
- ବ୍ଲକ୍‌ସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ପିଏମ୍‌ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ,ତେନ୍ତୁଲିଖୁଣ୍ଟି, ସମୟ: ସକାଳ ୯ଟା।
- ବ୍ଲକର ସମସ୍ତ ବିଦ୍ୟାଳୟରେ ଗୁରୁଦିବସ ପାଳନ, ସ୍ଥାନ: ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟ, ଡାବୁଗାଁ, ସମୟ: ସକାଳ ୯ଟା।
- ପ୍ରୋଫେଟ ହଜରତ ମହମ୍ମଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରକ୍ତଦାନ ଶିବିର, ସ୍ଥାନ: ଆରସିଡ଼ି ହାଇସ୍କୁଲ ପରିସର, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ, ସ୍ଥାନ: ଧର୍ମଶାଳା, ଉମରକୋଟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ଗଣେଶଙ୍କ ଲଡୁ ନିଲାମ୍, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ, ଗେଟ୍ ସାହି, ପଟ୍ଟାଙ୍ଗି, ସମୟ: ସକାଳ ୭ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ସକାଳ ୮ଟା।
- ମହମ୍ମଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ଥୁବା ଓ ପାତ୍ରପଣ୍ଡି, ସମୟ: ସକାଳ ୯ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ସେମିଳିଗୁଡ଼ା ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଗୁରୁଦିବସ ପାଳନ, ସ୍ଥାନ: ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ପରିସର, ମାନିଆ, ସେମିଳିଗୁଡ଼ା, ସମୟ: ସକାଳ ୯ଟା ୩୦।
- ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର, ଜିଲାସ୍ତରୀୟ ଗୁରୁଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁ ଦିବସ, ସ୍ଥାନ: କଲେଜ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦିବସରେ ପୁସ୍ତକ ଲୋକାର୍ପଣ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା ବ୍ଲକ୍, ସାଗରଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି
- ୩ ଦିନିଆ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ, ସ୍ଥାନ:ଜିଲାପାଳଙ୍କ ଏଫ୍‌ଏଲ୍‌ସି ହଲ୍ ସମୟ:ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: କାଲିମେଳା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବାଲିମେଳା ଶିକ୍ଷକ ପରିବାରର ଗୁରୁ ଦିବସ ପାଳନ, ସ୍ଥାନ: ବାଲିମେଳା ଟାଉନହଲ, ସମୟ: ସନ୍ଧ୍ୟା ୭ ଟା।

## ସମ୍ବଲପୁର
- ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ଧନୁପାଲିସ୍ଥିତ ଆଦିତ୍ୟ କଲ୍ୟାଣ ମଣ୍ଡପ ପରିସର, ସମୟ : ସକାଳ ୯ଟା।
- ପଶ୍ଚିମାଞ୍ଚଳ ନାରୀଶକ୍ତି ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ: ସିଦ୍ଧେଶ୍ୱର ବେର୍ଣ୍ଣେ ସରସ୍ୱତୀ ଶିଶୁମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ସେବକ ସମ୍ମାନ ସମାରୋହ, ସ୍ଥାନ : ପାନ୍ଥନିବାସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଉସୁ ଆସୋସିଏଶନ ପକ୍ଷରୁ ପ୍ରଶିକ୍ଷଣ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୪ଟା।
- ମହମ୍ମଦ ଜୟନ୍ତୀ ଉତ୍ସବ, ସ୍ଥାନ: ପଲଟନ ମସଜିଦ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଧର୍ମଗୁରୁ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଶାନ୍ତି ସଦ୍‌ଭାବନା ଶୋଭାଯାତ୍ରା ସ୍ଥାନ: ସୁନ୍ନି ସଦର ମସ୍‌ଜିଦ, ଖଦାଲପଡା, ବଲାଙ୍ଗୀର,ସମୟ: ସକାଳ ୯ଟା।
- ଜିଲା କଂଗ୍ରେସ ପକ୍ଷରୁ ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଅର୍ଥନୈତିକ ଅର୍ନ୍ତଭୁକ୍ତିକରଣ କ୍ୟାମ୍ପ,ସ୍ଥାନ: ମାଧିଆପାଲି, ବଲାଙ୍ଗୀର ଓ ବଥର୍ଲା, ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କର୍ମଯୋଗୀ ଅଭିଯାନ, ସ୍ଥାନ: ଜିଲା ପଞ୍ଚାୟତ ସାଧନ କେନ୍ଦ୍ର କୋଠା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ରାଜୀ କରମା ପକ୍ଷରୁ କରମା ପୂଜା, ସ୍ଥାନ: ଜଗଦା, ସମୟ: ସକାଳ ୬ଟା।
- ରାଜୀ କରମା ପାଡ୍‌ହା ପକ୍ଷରୁ କରମା ଉତ୍ସବ, ସ୍ଥାନ: ଉଦିତନଗର, ସମୟ: ସକାଳ ୬ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୧ଟା।
- ଅନନ୍ତ ବ୍ରତ ଉତ୍ସବ, ସ୍ଥାନ: ସେକ୍ଟର ୧୯, ସମୟ: ଅପରାହ୍ନ ୧ଟା।

## ସୁନ୍ଦରଗଡ଼
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ ସମାରୋହ, ସ୍ଥାନ: ସଂସ୍କୃତିଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଗୁରୁଦିବସ ପାଳନ, ସ୍ଥାନ: ଲୁଆବାହାଲ ସେକେଣ୍ଡାରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼
- ଗୁରୁ ଦିବସ ପାଳନ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼,ସମୟ: ସକାଳ ୯ଟା।
- କୃଷକ ସଙ୍ଗଠନର ନୂଆଖାଇ ଭେଟ୍‌ଘାଟ, ସ୍ଥାନ: ଚକୁଳି ଫାର୍ମ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ସରସ୍ୱତୀ ମଣ୍ଡପ, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଗୁରୁ ଦିବସର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ସରସ୍ୱତୀ ମଣ୍ଡପ, ଅତାବିରା,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଜିଲା ପ୍ରାଥମିକ ସିଟି ସଂଘ ପକ୍ଷରୁ ଜିଲାସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ନବ ନିର୍ବାଚିତ ଜିଲା ବିଜେଡି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଓ ଗୁରୁ ଦିବସ ପାଳନ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ବନ୍ଦନା ଉତ୍ସବ ଓ କବିତା ପାଠୋତ୍ସବ, ସ୍ଥାନ: ପାରିଜାତ ପ୍ୟାଲେସ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଗୁରୁ ଦିବସ ପାଳନ, ସ୍ଥାନ: ଦେବଗଡ଼ ବରିଷ୍ଠ ନାଗରିକ ଫୋରମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ଜିଲାସ୍ତରୀୟ ସୁବିଧା ସମାରୋହ, ସ୍ଥାନ: ଦେବଗଡ଼ ଟାଉନ୍ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ଗଣେଶ ମେଳାର ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ପୂଜା ମଣ୍ଡପରୁ ନଗର ପରିକ୍ରମା, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ଫକୀର ବାବା ମସଜିଦ୍‌ରେ ମହମ୍ମଦ ଜୟନ୍ତୀ ପାଳନୋତ୍ସବ, ସ୍ଥାନ: ମସଜିଦ୍ ପରିସର, ସମୟ: ସକାଳ ୭ଟା।
- ଦିବ୍ୟ ଉର୍ଜା ଯୋଗ ସମିତିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସ୍ମାର୍ଟ ପାର୍କ, ସମୟ: ସକାଳ ୮ଟା।
- ଜୁନିୟର ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲ ପରିସର, ସମୟ: ସକାଳ ୮ଟା।
- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଗୁରୁ ପୂଜନୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଦିବସ ପାଳିତ, ସ୍ଥାନ: ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିନିକା ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବିନିକା ସହର ସ୍ଥିତ ପାପକ୍ଷୟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁବର୍ଣ୍ଣପୁର କୋସଲ ଆବାସିକ ବିଦ୍ୟାଳୟ ପକ୍ଷରୁ ଗୁରୁ ପୂଜନୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ଜିଲା ତାଲିମ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଗୁରୁ ପୂଜନୋତ୍ସବ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ଅପରାହ୍ନ ୩ଟା ୧୫।
- ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଆନନ୍ଦ ଭବନ ସିନାପାଲି, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର ସକାଶେ ସମସ୍ୟାବହୁଳ ସାମାଜିକ ସ୍ଥିତି ଦେଖାଦେଇପାରେ। କିନ୍ତୁ ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଆଜିର କାମଗୁଡ଼ିକ ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗରୁ ସହଜରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାର୍ଯ୍ୟାରମ୍ଭ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ଆଜିର କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ରହିବାରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ଭୋଗିବେ। ସହକର୍ମୀ ସ୍ୱାର୍ଥସାଧନ ପାଇଁ ଆପଣଙ୍କ କାର୍ଯ୍ୟରେ ସାହାଯ୍ୟ କରିବେ ନାହିଁ। ପୁନର୍ବସୁ ନକ୍ଷତ୍ର ପରିବାର ପାଇଁ ନିଜ ମନପସନ୍ଦର ଜିନିଷ କିଣିବା ସକାଶେ ମନ ବଳାଇବେ।

**କର୍କଟ** ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। ଶିକ୍ଷା, ପରୀକ୍ଷା, ଲେଖାପଢା, ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ଆଜି ଯାତ୍ରା ସମୟରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ସୃଷ୍ଟି ହୋଇପାରେ।

**ସିଂହ** ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ପୂର୍ବାଫାଲଗୁନୀ ନକ୍ଷତ୍ର ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଦେଖାଦେବ। ବନ୍ଧୁ ଓ ସହକର୍ମୀଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସାମାଜିକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ଭୁଲ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**ତୁଳା** ବିଶାଖା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ ହେତୁ ମାନସିକ ସ୍ଥିତି ଭଲ ରହିବ। ଉପର ଅଧିକାରୀଙ୍କୁ ମନକଥା କହିବାରେ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଜ୍ୟେଷ୍ଠା ନକ୍ଷତ୍ର ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି ଚଳାଇ ନେବେ। କଳା,ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ପୂର୍ବାଷାଢା ନକ୍ଷତ୍ର ଦୀର୍ଘଦିନରୁ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣାବଶତଃ ନିଜ ନିଜ ମଧ୍ୟରେ କଳହ ଦେଖାଦେବ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା ରହିଛି।

**ମକର** କାର୍ଯ୍ୟହାନି କାରଣରୁ ଶ୍ରବଣା ନକ୍ଷତ୍ରର ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ ସ୍ତରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କେତେକ କ୍ଷେତ୍ରରେ ବୁଝାମଣା ଅଭାବରୁ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଧନିଷ୍ଠା ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ରପ୍ତାନି ବାଣିଜ୍ୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ପଡି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପାରିବାରିକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ମୀନ** ସୁବିଧାରେ ରହିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ ମତାନୈକ୍ୟ ଘଟିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି। ଉତ୍ତରଭାଦ୍ର ନକ୍ଷତ୍ର ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଚିନ୍ତିତ ରହିପାରନ୍ତି।

ଆଜି ସେପ୍ଟେମ୍ବର ୫ ତାରିଖ, ଗୁରୁଦିବସ, ଶ୍ରୀମନ୍ଦିରରେ ବଳିବାମନ ବେଶ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ବିଦ୍ୟାବାଚସ୍ପତି ପ୍ରଫେସର ଗୌରୀକୁମାର ବ୍ରହ୍ମାଙ୍କ ଜୟନ୍ତୀ, ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ (ମିଲଦ-ଉନ୍-ନବି), ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୫ ଗତେ, ଘ.୦୬।୨୪ ମଧ୍ୟେ,ଘ.୦୭।୧୪ଗତେ,ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୧୨ ଗତେ, ଘ.୧୧।୪୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଡ଼ି ପୋକଶୁଙ୍ଘା ମଲା**
**ଦି' ସଉତୁଣୀ କଜିଆ କଲେ**
**ମନ ଗଲୁ ମନେ ମଲା।**

ଦୁଇ ସଉତୁଣୀ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାରିକୁ ଦେଖିସହି ପାରି ନ ଥାନ୍ତି। ସେମାନଙ୍କ ମଧ୍ୟରେ ସର୍ବଦା ମନୋମାଳିନ୍ୟ ଦେଖା ଦେଉଥିବାବେଳେ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହୋଇଥାଏ। ଯାଉଣୁ ଆସୁଣୁ ଦେଖେଇ ଶିଖେଇ କଳି କରିବା ନିତିଦିନିଆ ଘଟଣା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଡ଼ ବଡ଼ ଗଲେ ଫସର ଫାଟି**
**ସାନ ସାନ ଅଇଲେ ବେସର ବାଟି।**

ବେଳେ ବେଳେ ଉଚ୍ଚ ପଦପଦବୀ ବ୍ୟକ୍ତି କୌଣସି ଏକ କାର୍ଯ୍ୟକୁ କରିବାପାଇଁ ଚେଷ୍ଟାକରି ସେଥିରେ ସଫଳ ହୋଇପାରୁ ନ ଥିବା ବେଳେ ଏହା ସେମାନଙ୍କ ନିକଟରେ ଅସାଧ୍ୟ ହୋଇପଡୁଥିବାର ଜଣାଯାଇଥାଏ। ସେହିପରି କାର୍ଯ୍ୟକୁ ଜଣେ ସୀମିତ ଶକ୍ତି ଥିବା ସାଧାରଣ କ୍ଷମତାଧାରୀ ବ୍ୟକ୍ତି ବାହାଦୁରି ନେବା ଉଦ୍ଦେଶ୍ୟରେ କରିବାକୁ ଆଗଭର ହେଉଥିବା ଦେଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଶ୍ରୀଜଗନ୍ନାଥଙ୍କ ୫୮ ହଜାର...

ଏବଂ ବାହାରେ ଯେଉଁଠି ମହାପ୍ରଭୁଙ୍କ ସମ୍ପତ୍ତି ଅଛି ସେସବୁ ମହାପ୍ରଭୁଙ୍କ କାମରେ କିପରି ବିନିଯୋଗ ହୋଇପାରିବ ସେନେଇ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ଭିତରେ ମଧ୍ୟ ମହାପ୍ରଭୁଙ୍କ ନାଁରେ ବହୁ ଜମି ରହିଛି। ସେଥିମଧ୍ୟରୁ ଅନେକ ଜାଗାକୁ ବହୁ ଜଣ ମାଡ଼ି ବସିଛନ୍ତି। ସେଗୁଡିକ ଫେରାଇ ଆଣିବା ଲାଗି ପୂର୍ବ ସରକାର ସମୟରୁ ତତ୍କାଳୀନ ସମୟରେ ଯେଉଁମାନେ ମନ୍ତ୍ରୀ ରହି ଆସିଛନ୍ତି ବାରମ୍ବାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ତାକୁ ବାସ୍ତବରୂପ ଦେବାରେ ଅସଫଳ ହୋଇଛନ୍ତି। ତେଣୁ ଏବେ ସରକାର କରିଥିବା ଘୋଷଣା କେତେ ପୂରଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଉଚିତ ମୂଲ୍ୟ ପାଇବେ...

ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ଓ ସେମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଷ୍ଟାର୍ଟଅପ୍ ବ୍ୟବସାୟୀଙ୍କ ଲାଗି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସହଜ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଟିକସ ହ୍ରାସ ୨୨ ସେପ୍ଟେମ୍ବର ୨୦୨୫ ନବରାତ୍ରିର ପ୍ରଥମ ଦିନରୁ ଲାଗୁ କରାଯିବ। ଏକ ବିକଶିତ ଭାରତ ଗଠନ ଲାଗି ଉଦ୍ଦିଷ୍ଟ ଉକ୍ତ ସଂସ୍କାର ପ୍ରକ୍ରିୟାକୁ ରାଜ୍ୟବାସୀ ପୂର୍ଣ୍ଣ ସମର୍ଥନ ଜଣାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୋଦିଙ୍କ ଜନ୍ମଦିନରେ...

ନାଏକ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ରର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଆସନ୍ତା ନଭେମ୍ବରରୁ କାର୍ଯ୍ୟାଦେଶ ଦିଆଯିବ। ନଭେମ୍ବର ପର୍ଯ୍ୟନ୍ତ ସବୁ ପ୍ରକ୍ରିୟା ଶେଷ ହେବ। ନୂଆ ସର୍ଭେ ଅନୁସାରେ ୩୫ ଲକ୍ଷ ଆବେଦନ ସରକାରଙ୍କ ନିକଟକୁ ଆସିଛି। ଏହିସବୁ ଆବେଦନ ଅନ୍‌ଲାଇନରେ ଆସିଛି। ସବୁ ଆବେଦନ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଚିହ୍ନଟ ହୋଇଛି। ଏହିସବୁକୁ ସ୍କ୍ରୁଟିନି ମଧ୍ୟ କରାଯାଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାର ୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିଛନ୍ତି। ଅନେକ ହିତାଧିକାରୀ କାର୍ଯ୍ୟାଦେଶ ପାଇସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟ ଟଙ୍କା ପାଇଛନ୍ତି। ଅନେକ ହିତାଧିକାରୀ କାର୍ଯ୍ୟାଦେଶ ପାଇବା ସହ ଘର ନିର୍ମାଣ କରିସାରିଥିଲେ ସୁଦ୍ଧା ପ୍ରଥମ କିସ୍ତି ପରେ ଅନ୍ୟ କିସ୍ତିଗୁଡିକ ପାଇନାହାନ୍ତି।

## ଓଡ଼ିଶାର ୬୦% ମନ୍ତ୍ରୀଙ୍କ...

ସମେତ କେନ୍ଦ୍ର ମନ୍ତ୍ରୀମାନଙ୍କ ସତ୍ୟପାଠକୁ ଏଡିଆର୍ ଅନୁଧ୍ୟାନ କରିବା ପରେ ୩୦୨ ଜଣ ବା ମୋଟ ମନ୍ତ୍ରୀ ସଂଖ୍ୟାର ୪୭ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୧୭୪ ଜଣଙ୍କ ନାମରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଭାଜପାର ମୋଟ ୩୩୬ ମନ୍ତ୍ରୀଙ୍କ ମଧ୍ୟରୁ ୧୩୬ ଜଣ ବା ୪୦%ଙ୍କ ନାମରେ ଆପରାଧିକ ମାମଲା ଏବଂ ୮୮ ଜଣ (୨୬%)ଙ୍କ ନାଁରେ ଗମ୍ଭୀର ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। ସେହିପରି ୪ ରାଜ୍ୟରେ କ୍ଷମତାରେ ଥିବା କଂଗ୍ରେସର ମୋଟ ୪୫ ମନ୍ତ୍ରୀ (୭୪%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୮ ଜଣ (୩୦%)ଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଡିଏମ୍‌କେର ୩୧ ମନ୍ତ୍ରୀଙ୍କ ମଧ୍ୟରୁ ୨୭ ଜଣ (୮୭%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୪ ଜଣ (୪୫%)ଙ୍କ ନାଁରେ ଗମ୍ଭୀର ମାମଲା ରହିଛି। ଟିଏମ୍‌ସିର ୪୦ ମନ୍ତ୍ରୀଙ୍କ ମଧ୍ୟରୁ ୧୪ ଜଣ (୩୩%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୮ ଜଣ (୨୦%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ୨୩ ମନ୍ତ୍ରୀଙ୍କ ମଧ୍ୟରୁ ୨୨ ଜଣ (୯୬%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୩ ଜଣ (୫୭%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି। ଆପ୍‌ର ୧୬ ମନ୍ତ୍ରୀଙ୍କ ମଧ୍ୟରୁ ୧୧ (୬୯%)ଙ୍କ ନାଁରେ ଆପରାଧିକ ମାମଲା ଏବଂ ୫ ଜଣ (୩୧%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି।

ଜାତୀୟ ସ୍ତରରେ ୭୨ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ ୨୯ ଜଣ (୪୦%)ଙ୍କ ନାମରେ ଆପରାଧିକ ମାମଲା ଥିବା ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି। ରିପୋର୍ଟ ଅନୁଯାୟୀ, ୬୪୩ ମନ୍ତ୍ରୀଙ୍କ ମୋଟ ସମ୍ପତ୍ତି ପରିମାଣ ୨୩,୯୨୯ କୋଟି ଟଙ୍କା ହୋଇଥିବାବେଳେ ହାରାହାରି ସମ୍ପତ୍ତି ୩୭.୨୧ କୋଟି ଟଙ୍କା। ୩୦ ବିଧାନସଭା ମଧ୍ୟରୁ ୧୧ଟିରେ ବିଲିୟନେୟାର (୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଥିବା) ମନ୍ତ୍ରୀ ରହିଛନ୍ତି। କର୍ଣ୍ଣାଟକରେ ସର୍ବାଧିକ ୮ ବିଲିୟନେୟାର ମନ୍ତ୍ରୀ ଥିବାବେଳେ ଆନ୍ଧ୍ରପ୍ରଦେଶରେ ୬ ଏବଂ ମହାରାଷ୍ଟ୍ରରେ ୪ ଜଣ ବିଲିୟନେୟାର ମନ୍ତ୍ରୀ ରହିଛନ୍ତି। ଅରୁଣାଚଳପ୍ରଦେଶ, ଦିଲ୍ଲୀ, ହରିୟାଣା ଓ ତେଲଙ୍ଗାନାରେ ୨ ଜଣ ଲେଖାଏ, ଗୁଜରାଟ, ହିମାଚଳପ୍ରଦେଶ, ମଧ୍ୟପ୍ରଦେଶ ଓ ପଞ୍ଜାବରେ ଜଣେ ଲେଖାଏ ବିଲିୟନେୟାର ମନ୍ତ୍ରୀ ହୋଇଥିବାବେଳେ କେନ୍ଦ୍ରରେ ୬ ଜଣ (୮%) ବିଲିୟନେୟାର ମନ୍ତ୍ରୀ ଅଛନ୍ତି। ଦଳ ଅନୁଯାୟୀ ଦେଖିଲେ ଭାଜପାରୁ ସର୍ବାଧିକ ୧୪ ଜଣ (୪%), କଂଗ୍ରେସରୁ ୧୧ଜଣ (୧୮%) ଏବଂ ଟିଡିପିରୁ ୬ ଜଣ (୨୬%) ମନ୍ତ୍ରୀ ବିଲିୟନେୟାର। କେନ୍ଦ୍ରରେ ମନ୍ତ୍ରୀ ଥିବା ଟିଡିପିର ଡ. ଚନ୍ଦ୍ରଶେଖର ପେମାସାନି ସବୁଠୁ ଧନୀ। ତାଙ୍କ ସମ୍ପତ୍ତି ପରିମାଣ ୫,୭୦୫ କୋଟି ଟଙ୍କା ବୋଲି ସେ ସତ୍ୟପାଠରେ ଦର୍ଶାଇଛନ୍ତି। ତାଙ୍କ ପଛକୁ ୧,୪୧୩ କୋଟି ଟଙ୍କାର ସମ୍ପତ୍ତି ସହ କର୍ଣ୍ଣାଟକ କଂଗ୍ରେସ ନେତା ତଥା ମନ୍ତ୍ରୀ ଡି.କେ. ଶିବକୁମାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ୯୩୧ କୋଟି ଟଙ୍କାର ସମ୍ପତ୍ତି ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ତ୍ରିପୁରା ଇଣ୍ଡିଜେନିଅସ୍ ପିପୁଲ୍ସ ଫ୍ରଣ୍ଟରୁ ମନ୍ତ୍ରୀ ଥିବା ଶୁକ୍ଳାଚରଣ ନୋଏଟିଆଙ୍କ ସମ୍ପତ୍ତି ମାତ୍ର ୨ ଲକ୍ଷ ଟଙ୍କା ହୋଇଥିବାବେଳେ ପଶ୍ଚିମବଙ୍ଗ ମନ୍ତ୍ରୀ ବୀରବାହ ହାଁସଦାଙ୍କ ସମ୍ପତ୍ତି ୩ ଲକ୍ଷ ଟଙ୍କାରୁ ସାମାନ୍ୟ ଅଧିକ। ମନ୍ତ୍ରୀମାନେ ୨୦୨୦ରୁ ୨୦୨୫ ମଧ୍ୟରେ ଦାଖଲ କରିଥିବା ସତ୍ୟପାଠରୁ ଆପରାଧିକ ମାମଲାର ସ୍ଥିତି ରିପୋର୍ଟରେ ପ୍ରକାଶ ପାଇଥିବାବେଳେ ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ହୋଇଥାଇପାରେ ବୋଲି ଏଡିଆର୍ କହିଛି।

ଆଜି ଗୁରୁଦିବସ

# ମୂଲ୍ୟବୋଧ ବଜାୟ ରହୁ

**ଆମ ଦେଶରେ ଗୁରୁ-ଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ଗୁରୁ ହିଁ ଅନ୍ଧାରରୁ ଆଲୋକ ପଥରେ ଯିବା ପାଇଁ ମାର୍ଗଦର୍ଶକ ସାଜିଥାନ୍ତି। ମାତ୍ର ସାମ୍ପ୍ରତିକ ସମୟରେ ଗୁରୁ-ଶିଷ୍ୟ ପରମ୍ପରାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଫଳରେ ଶିକ୍ଷାୟତନରେ ସୁସ୍ଥ ବାତାବରଣ ବଜାୟ ରହିପାରୁନି। ତେଣୁ ଗୁରୁ ଓ ଶିକ୍ଷାର୍ଥୀ ନିଜର କର୍ତ୍ତବ୍ୟ ସମ୍ପାଦନ ସହ ମୂଲ୍ୟବୋଧ ବଜାୟ ରଖିବାକୁ ଚେଷ୍ଟା କରିବା ଜରୁରୀ ହୋଇ ପଡ଼ିଲାଣି।**

## ପିଲାର ବିକାଶ ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ



ବର୍ତ୍ତମାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ ପାଠପଢ଼ାକୁ କେବଳ ଏକ ବୃତ୍ତି ଭାବେ ଗ୍ରହଣ କରୁଛନ୍ତି। ସେଥିପାଇଁ ଚାକିରି ଏବଂ ଦରମା ଭିତରେ ଗୁରୁ ଶିଷ୍ୟର ସମ୍ପର୍କ ଏବଂ ମୂଲ୍ୟବୋଧ କମିଯାଇଛି; ଯଦ୍ଵାରା ବର୍ତ୍ତମାନର ଛାତ୍ରୀଛାତ୍ର ନିଜ ଗୁରୁଙ୍କୁ ଆଗଭଳି ସମ୍ମାନ ଦେଉନାହାନ୍ତି। ପୁନଶ୍ଚ ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ହେବାପରେ ଶିକ୍ଷକମାନେ ପିଲାକୁ ସୁଧାରିବାକୁ ଆଉ ସେମାନଙ୍କ ଦାୟିତ୍ୱ ବୋଲି ମନେକରୁନାହାନ୍ତି। ତେବେ ସମସ୍ୟାର ସମାଧାନ ପାଇଁ ଅଭିଭାବକ ଏବଂ ଶିକ୍ଷକ ଉଭୟ ପକ୍ଷରୁ ଚେଷ୍ଟା ଆବଶ୍ୟକ ।

**-ଯଶୋବନ୍ତୀ ନାୟକ,** ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସମ୍ବଲପୁର

## ସବୁସ୍ତରରେ ଉଦ୍ୟମ ଜରୁରୀ



ସମ୍ପ୍ରତି ଗୁରୁଶିଷ୍ୟ ସମ୍ପର୍କର ଅଧଃପତନ ଚିନ୍ତାର ବିଷୟ ପାଲଟିଛି। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ଆମେ ଅଧିକ ଦୋଷ ଦେଇପାରିବା ନାହିଁ, ବରଂ ଶିକ୍ଷକ ଏବଂ ଅଭିଭାବକମାନେ ଏଥିଲାଗି ଅଧିକ ଦାୟୀ। ଛାତ୍ରୀଛାତ୍ରମାନେ ଘର, ସ୍କୁଲ ଏବଂ ସମାଜରୁ ଅନେକ କିଛି ଶିକ୍ଷା କରନ୍ତି। ସେମାନଙ୍କ ଉପରେ ଅନେକ ଘଟଣାର ପ୍ରଭାବ ପଡ଼େ। ଏଣୁ ଗୁରୁଶିଷ୍ୟ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ ସବୁ ସ୍ତରରୁ ଉଦ୍ୟମ ହେବା ଜରୁରୀ।

**-ନରେନ୍ଦ୍ର ନାଥ ମିଶ୍ର,** ପ୍ରଧାନଶିକ୍ଷକ, ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର

## ଗୁରୁଙ୍କ ପୂଜା କର୍ତ୍ତବ୍ୟ ହେଉ



ଗୁରୁ ହି ଅନ୍ଧାରରୁ ଆଲୋକ ପଥରେ ଯିବା ପାଇଁ ସହାୟକ ହୋଇଥାନ୍ତି। ଗୁରୁମାନେ ସର୍ବଦା ପୂଜ୍ୟ। କିନ୍ତୁ ଆଜିର ଯୁଗରେ ସାମାଜିକ ଗଣମାଧ୍ୟମକୁ ଦେଖିଲେ ହଜାର ହଜାର ବର୍ଷର ଗୁରୁଶିଷ୍ୟ ପରମ୍ପରା ବ୍ୟତିକ୍ରମ ହୋଇଛି। ଗୁରୁମାନଙ୍କୁ ସର୍ବଦା ଅଗ୍ରରେ ରଖି ପୂଜା କରିବା କର୍ତ୍ତବ୍ୟ ହେବା ଉଚିତ।

**-ପ୍ରଦ୍ୟୁମ୍ନ ପ୍ରସାଦ ରଥ, ଶିକ୍ଷାବିତ୍, ଢେଙ୍କାନାଳ**

## ଆତ୍ମୀୟଭାବ ଆବଶ୍ୟକ



ମା' ଯେପରି ତା'ର ପିଲାର ପ୍ରତ୍ୟେକ କଥାକୁ ଅନୁଭବ କରିପାରେ, ସେମିତି ଜଣେ ଗୁରୁ ଶିଷ୍ୟର ପ୍ରତ୍ୟେକ କଥାକୁ ଅନୁଭବ କରି ପାରିଥାଏ। ଜଣେ ଶିଷ୍ୟ ଠିକ ମା' ଭଳି ଗୁରୁଙ୍କୁ ତା'ର ହୃଦୟରେ ଶ୍ରଦ୍ଧା, ସମ୍ମାନ, ସମର୍ପଣ ପ୍ରଦାନ କରିଥାଏ। ତେଣୁ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଆତ୍ମୀୟଭାବ ରହିବା ଆବଶ୍ୟକ।

**-ସଂଯୁକ୍ତା ମହାପାତ୍ର,** ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଅରେଇକଣା, ଧର୍ମଶାଳା

## ଗୁରୁଙ୍କୁ ସମ୍ମାନ ଜରୁରୀ



ସାମ୍ପ୍ରତିକ ସମୟରେ ଗୁରୁମାନେ ନିଜ ଅଧିକାରକୁ ସାବ୍ୟସ୍ତ କରି ଶିଷ୍ୟମାନଙ୍କୁ ଭୟଭୀତ ନ କରାଇ ସେମାନଙ୍କର ବନ୍ଧୁ ଓ ମାର୍ଗଦର୍ଶକ ହେବା ଆବଶ୍ୟକ। ସେହିପରି ଶିଷ୍ୟମାନେ ମଧ ନିଜ ମାତାପିତାଙ୍କ ପରି ଗୁରୁମାନଙ୍କୁ ସମ୍ମାନ ପ୍ରଦାନ କରିବା ଜରୁରୀ। ତା'ହେଲେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ। ଏଣୁ ସାମ୍ପ୍ରତିକ ସ୍ଥିତିରେ ଗୁରୁ-ଶିଷ୍ୟ ପରମ୍ପରା ଆହୁରି ଉଜ୍ଜୀବିତ ହୋଇ ରହୁ।

**-ବିଶ୍ୱନାଥ ମିଶ୍ର, ବରିଷ୍ଠ ଶିକ୍ଷକ, ରେଭେନ୍‌ଶା କଲିଜିଏଟ ସ୍କୁଲ, କଟକ**

## ଗୁରୁଙ୍କ ସ୍ଥାନ ସର୍ବଦା ଉର୍ଦ୍ଧ୍ୱରେ



ଗୁରୁମାନେ କେବଳ ପାଠ୍ୟପୁସ୍ତକୀୟ ଜ୍ଞାନ ଦେବାରେ ସୀମିତ ନୁହନ୍ତି, ସେମାନେ ନୈତିକତା, ଜୀବନଦର୍ଶନ ଓ ଆଦର୍ଶ ଗଢ଼ିବାରେ ପ୍ରମୁଖ ଭୂମିକା ନିଅନ୍ତି। ଶିଷ୍ୟମାନେ ମଧ କେବଳ ଗ୍ରହଣକାରୀ ନୁହେଁ, ସେମାନେ ପ୍ରଶ୍ନ କରୁଛନ୍ତି, ନୂଆ ଚିନ୍ତା ଆଣୁଛନ୍ତି ଏବଂ ଗୁରୁଙ୍କୁ ଆହ୍ୱାନ କରୁଛନ୍ତି। ଏସବୁ ପରେ ବି ଗୁରୁଙ୍କ ସ୍ଥାନ ସର୍ବଦା ଉର୍ଦ୍ଧ୍ୱରେ। ଏ ବିଷୟରେ ସଚେତନ ହେବାର ଆବଶ୍ୟକତା ରହିଛି।

**-ଅନସୂୟା ଭୋଇ,** ଶିକ୍ଷୟିତ୍ରୀ, ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ସରମରା, ଭଦ୍ରକ

## ମୂଲ୍ୟବୋଧ ଅନୁସରଣୀୟ



ଗୁରୁ ଜ୍ଞାନର ପ୍ରଦୀପ, ଯେଉଁଥିରେ ଶିଷ୍ୟମାନେ ନିଜର ପଥ ଖୋଜିବାର ଆଲୋକ ପାଆନ୍ତି। ଡିଜିଟାଲ ଯୁଗରେ ଯେତେବେଳେ ଅନେକ ସୂଚନା ହାତେହାତେ ମିଳୁଛି, ସେଥିରେ ସତ୍ୟ-ଅସତ୍ୟ ବିଚାର କରିବାକୁ ଗୁରୁଙ୍କ ପରାମର୍ଶ ଅତ୍ୟାବଶ୍ୟକ। ସାମ୍ପ୍ରତିକ ସମାଜର ଅବକ୍ଷୟ ଏଥିରେ ବାଧା ସୃଷ୍ଟି କରୁଛି। କେବଳ ମୂଲ୍ୟବୋଧକୁ ଅନୁସରଣ ସହ ଉପଯୁକ୍ତ ମାର୍ଗଦର୍ଶନ ଉଭୟ ଗୁରୁ ଓ ଶିଷ୍ୟଙ୍କୁ ଠିକ୍ ପଥରେ ନେଇପାରିବ।

**-ପୁଷ୍ପିତା ନାୟକ, ଶିକ୍ଷୟିତ୍ରୀ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, କଟକ**

## ଆତ୍ମବିଶ୍ୱାସ ବଢ଼ାଇବା ଜରୁରୀ



ଆଜିର ସମାଜରେ ମୂଲ୍ୟବୋଧର ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି, ଯାହାର ପ୍ରତିଫଳନ ଗୁରୁ-ଶିଷ୍ୟ ସମ୍ପର୍କ ଉପରେ ପଡ଼ିଛି। ବର୍ତ୍ତମାନ ସମୟରେ ଏହି ସମ୍ପର୍କ ଗଣତାନ୍ତ୍ରିକ ହେବା ଉଚିତ। ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ସହ ଆତ୍ମବିଶ୍ୱାସ ବଢ଼ାଇବା ଜରୁରୀ, ଯଦ୍ଵାରା ସେମାନେ ସୁନାଗରିକ ହୋଇପାରିବେ ।

**-ଡ. ମାନସ ବେହେରା,** ଶିକ୍ଷାବିତ୍, ଭୁବନେଶ୍ୱର

## ଉପଯୁକ୍ତ କାଉନ୍‌ସେଲିଂ କରାଯାଉ



ବର୍ତ୍ତମାନ ସମୟରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବାକୁ ହେବ। ଏଥିପାଇଁ କେବଳ ଶିକ୍ଷକ ନୁହେଁ ବରଂ ପରିବାର ଲୋକଙ୍କର ସହଯୋଗର ଆବଶ୍ୟକତା ରହିଛି। ପିଲାଙ୍କ ସହିତ ପରିବାର ଲୋକଙ୍କୁ ମଧ ଉପଯୁକ୍ତ କାଉନ୍‌ସେଲିଂ କରାଯାଉ, ଯଦ୍ଵାରା ପିଲାଙ୍କ ଭିତରେ ଥିବା ମନୋଭାବ ଓ ସଂସ୍କାର ସମ୍ପର୍କରେ ଜାଣିହେବ। ଗୁରୁ-ଶିଷ୍ୟ ସମ୍ପର୍କ ଦୃଢ଼ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି।

**-ରବୀନ୍ଦ୍ର କୁମାର ସାହୁ,** ଶିକ୍ଷକ, ୟୁନିଟ-୯ ବଏଜ୍ ହାଇସ୍କୁଲ, ଭୁବନେଶ୍ୱର

## ଶିକ୍ଷକମାନଙ୍କ ଏକାଗ୍ରତା ଆବଶ୍ୟକ



ଶିକ୍ଷକଙ୍କ ଉପରେ ସରକାର ବିଭିନ୍ନ କାର୍ଯ୍ୟ ଲଦି ଦେଉଥିବାରୁ ସେମାନଙ୍କ ଶିକ୍ଷାଦାନ ପ୍ରତି ଏକାଗ୍ରତା ରହୁନି। ତେଣୁ ଶିକ୍ଷକମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ଲିପ୍ତ ନ କରି କେବଳ ଶିକ୍ଷାଦାନ କ୍ଷେତ୍ରରେ ରଖାଗଲେ ସବୁ କିଛି ଠିକ୍ ହୋଇପାରନ୍ତା। ଏଥିସହିତ ଶିକ୍ଷକମାନଙ୍କ ଶିକ୍ଷାଦାନ ପ୍ରତି ମଧ ଏକାଗ୍ରତା ରହିବା ଆବଶ୍ୟକ।

**-ରାଜେନ୍ଦ୍ର କୁମାର ପଣ୍ଡା,** ଅବସରପ୍ରାପ୍ତ ଶିକ୍ଷକ, ବ୍ରହ୍ମପୁର

## ଗୁରୁଙ୍କ ତ୍ୟାଗରେ ଶିଷ୍ୟର ଭବିଷ୍ୟତ



ବିଦ୍ୟା ଉଭୟ ଗୁରୁ-ଶିଷ୍ୟଙ୍କୁ ଏକତ୍ର କରି ବାନ୍ଧି ରଖେ। ଉଭୟ ବନ୍ଧୁ ଭଳି ହେବା ଆବଶ୍ୟକ। ଛାତ୍ରଜୀବନରେ ଶିକ୍ଷକଙ୍କ ମାର୍ଗଦର୍ଶନର ଆବଶ୍ୟକତା ରହିଛି। ଗୁରୁଙ୍କ ତ୍ୟାଗରେ ଶିଷ୍ୟର ଭବିଷ୍ୟତ ନିର୍ଭର କରେ। ଶିକ୍ଷକତାକୁ ବୃତ୍ତି ନୁହେଁ, ବରଂ ବ୍ରତ ବୋଲି ମନେକଲେ ଆଦର୍ଶ ଛାତ୍ର ନିର୍ମାଣ ସମ୍ଭବ ହୁଏ।

**-ରଶ୍ମିତା ମହାପାତ୍ର,** ଅଧାପିକା, ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର



ନୂଆଦିଲ୍ଲୀରେ ଗୁରୁବାର କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ସେମିକଣ୍ଡକ୍ଟର ଶିଳ୍ପ ଏବଂ ଆଇଟି କ୍ଷେତ୍ରର ପ୍ରସାର ଆଦି ବିଷୟରେ ଆଲୋଚନା କରିଛନ୍ତି।


ବୈଦ୍ୟନାଥ
ଆଲୋଭେରା ଜୁସ୍
ସୁସ୍ଥ ତ୍ୱଚା ଓ କେଶ ପାଇଁ, ପାଚନ ଶକ୍ତି ବଢ଼ାଏ




www.baidyanath.com



DSPL-248

ପବିତ୍ର ଗୁରୁଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଶିକ୍ଷା ହିଁ ପ୍ରଗତି । ଯେଉଁ ରାଷ୍ଟ୍ର ଯେତେ ଶିକ୍ଷିତ ସେହି ରାଷ୍ଟ୍ର ସେତେ ବିକଶିତ। ରାଜ୍ୟ ତଥା ରାଷ୍ଟ୍ରର ବିକାଶ ଓ ପ୍ରଗତି ନିମନ୍ତେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିବାରେ ଶିକ୍ଷକ ମାନଙ୍କର ଗୁରୁଦାୟିତ୍ୱ ରହିଛି ।

ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହିତ ସେମାନଙ୍କ ପାଇଁ ଶିକ୍ଷାର ଉପଯୁକ୍ତ ପରିବେଶ ସୃଷ୍ଟି କରିପାରିଲେ, ତାହା ହିଁ ହେବ ଜଣେ ଶିକ୍ଷକଙ୍କର ପ୍ରକୃତ ସାର୍ଥକତା। ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶର ଦାୟିତ୍ୱ ଶିକ୍ଷକମାନଙ୍କର। ସେଥିପାଇଁ ସେମାନଙ୍କୁ 'ଗୁରୁ' ଭାବରେ ସମ୍ମାନିତ କରାଯାଏ। ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ।

ଏହି ପବିତ୍ର ଅବସରରେ ସମସ୍ତ ଶିକ୍ଷକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ଗୁରୁଦିବସ ପାଳନର ସଫଳତା କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା



ଶିକ୍ଷା ଓ ସଂସ୍କୃତି ଯେକୌଣସି ଦେଶର ସଭ୍ୟତାର ମାନଦଣ୍ଡ । ଶିଶୁର ସାମଗ୍ରିକ ଅଭିବୃଦ୍ଧି ହିଁ ଶିକ୍ଷା । ଶିକ୍ଷକତା ହେଉଛି ଏକମାତ୍ର ବୃତ୍ତି ଯେ ସମସ୍ତ ବୃତ୍ତିକୁ ଶିକ୍ଷାଦାନ ଦେଇଥାଏ । ଭାରତର ପୂର୍ବତନ ରାଷ୍ଟ୍ରପତି, ବିଶିଷ୍ଟ ଦାର୍ଶନିକ, ଆଦର୍ଶ ଅଧ୍ୟାପକ, ମହାନ ରାଷ୍ଟ୍ରନୀତିଜ୍ଞ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ସାରା ଭାରତ ବର୍ଷରେ ଗୁରୁଦିବସ ଭାବରେ ପାଳନ କରିବା ସମଗ୍ର ଶିକ୍ଷକ ସମାଜ ପ୍ରତି ଯଥୋଚିତ ସମ୍ମାନ।

ମୁଁ ଏହି ଅବସରରେ ସମସ୍ତ ଶିକ୍ଷକ ସମାଜକୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ଗୁରୁଦିବସ ପାଳନର ଶୁଭକାମନା ଜଣାଉଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27068/13/0057/2526

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। –ଶ୍ରୀମା

-ଗୁରୁ ଦିବସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜୟନ୍ତୀ, ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ, ମିଲାଦ-ଉନ୍-ନବି



# ଜିନ୍‌ପିଙ୍ଗ୍-ପୁଟିନ ସହଭାଗିତା




ରୁବି ଓସ୍‌ମାନ
ସିନିୟର ପଲିସି ଆଡଭାଇଜର(ଚାଇନା), ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ

ଡାନ୍ ସ୍ଲିଆଟ୍
ସିନିୟର ପଲିସି ଆଡଭାଇଜର(ରୁଷିଆ ଓ ୟୁକ୍ରେନ୍), ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ

ତିଆନେନ୍‌ମେନ୍ ଛକରେ ୨୦୧୫ରେ ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଓ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକାଠିହେବା ପରେ ବହୁ କିଛି ପରିବର୍ତ୍ତନ ହୋଇଛି। ଚଳିତ ସପ୍ତାହରେ ସେମାନେ ଯେତେବେଳେ ପରସ୍ପରକୁ ଭେଟିଲେ ସେହି ସମାନ ଭାଗୀଦାରି ଭଳି ମନେହେଲା। କିନ୍ତୁ ବାସ୍ତବିକତା ତା'ଠାରୁ ଆହୁରି ଜଟିଳ। ଏହା ଗ୍ରହଣୀୟ ଯେ,ଫେବୃଆରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରେ ଏକ ଅଂଶୀଦାର ଭାବେ ଚାଇନା ତାହାର ସ୍ଥିତିକୁ ଦୃଢ଼ କରିଛି। ଏହା ଏବେ ରୁଷିଆର ସବୁଠୁ ବଡ଼ ବାଣିଜ୍ୟିକ ଅଂଶୀଦାର । ଚାଇନା ଅଶୋଧିତ ତୈଳ ପାଇଁ ରୁଷିଆ ଉପରେ ନିର୍ଭର କରୁଛି। ରୁଷିଆ ରପ୍ତାନି କରୁଥିବା ମୋଟ ଅଶୋଧିତ ତୈଳର ପାଖାପାଖି ଅଧାରୁ ଅଧିକ ଚାଇନା ଆମଦାନୀ କରୁଛି, ଯାହା ତା'ମୋଟ ତୈଳ ଆମଦାନୀର ମାତ୍ର ୧୭.୫ %। ଏଣୁ ରୁଷିଆ ତାହାର ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବା ଲାଗି ଚାଇନା ଉପରେ ନିର୍ଭରକରିଛି। ୟୁକ୍ରେନ୍ ଯୁଦ୍ଧ ସ୍ଥିତିରେ ଚାଇନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଛି। ଅତିକମ୍‌ରେ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକରୁ ଆମେରିକାର ସମ୍ବଳକୁ ହଟାଇପାରିଛି। ଏହା ସ୍ପଷ୍ଟ ଯେ, ରୁଷିଆର ନୀତିକୁ ପ୍ରଭାବିତ କରିବା ପାଇଁ ଚାଇନାର କ୍ଷମତା ଅଛି। କିନ୍ତୁ ଏଭଳି ପରିବେଶରେ ଚାଇନା ଏହାକୁ ବ୍ୟବହାରକରୁ ବୋଲି ୟୁକ୍ରେନ୍ ବାଧ କରିପାରିବ ବୋଲି ଭାବିବା ଭୁଲ୍। ଏହା କଲେ ଏକ ପ୍ରମୁଖ ଅଂଶୀଦାର ସହ ଚାଇନାର ସମ୍ପର୍କ ପ୍ରତି ବିପଦ ସୃଷ୍ଟିହେବ ଏବଂ କୌଣସିଥିରେ ହସ୍ତକ୍ଷେପ କରିବ ନାହିଁ ବୋଲି ତାହାର ଯେଉଁ ବୈଦେଶିକ ନୀତିଗତ ସିଦ୍ଧାନ୍ତ ରହିଛି, ତାହାର ଉଲ୍ଲଂଘନ ହେବ। ଅନ୍ୟମାନଙ୍କଠାରୁ ପୁଟିନ୍ ତାହା ଭଲ ଭାବେ ଜାଣିଛନ୍ତି।

ୟୁରୋପରେ ରୁଷିଆର ହସ୍ତକ୍ଷେପକୁ ଚାଇନା ସ୍ୱାଗତ କରିପାରେ, କିନ୍ତୁ କୋରିଆ ଭୂଖଣ୍ଡରେ ସମ୍ଭାବ୍ୟ ଅସ୍ଥିରତା ଏକ ଭିନ୍ନ ବିଷୟ ହୋଇପାରେ। ଯାହାପାଇଁ ଚାଇନା-ରୁଷିଆ ସମ୍ପର୍କ ଅଧିକ ମଜଭୁତ ହେବ ନାହିଁ। ଇତିହାସକୁ ଦେଖିଲେ ରୁଷିଆର ଜାର୍‌ଙ୍କ ଶାସନରେ ଉନବିଂଶ ଶତାବ୍ଦୀରେ ଚାଇନାର ଉତ୍ତରପୂର୍ବ ଅଞ୍ଚଳରେ ପାଖାପାଖି ୧.୫ ମିଲିଅନ ବର୍ଗ କିଲୋମିଟର ( ୫,୭୯,୦୦୦ ବର୍ଗ ମାଇଲ) ଦଖଲ କରିଥିଲା। ଚାଇନାର ଏବକାର କ୍ଷେତ୍ରଫଳର ଏହା ହେଉଛି ଏକ ଷଷ୍ଠାଂଶ ଏବଂ ପରେ୧୯୬୯ରେ, ସେହି ସମାନ ସୀମାକୁ ନେଇ ୭ମାସ ଧରି ସୋଭିଏଟ୍ ରୁଷିଆ ସହ ଚାଇନାର ବିବାଦ ଲାଗି ରହିଥିଲା। ଏଣୁ ଚାଇନା ଦୃଷ୍ଟିରେ ବିଗତ ୩୦ ବର୍ଷର ଦୃଢ଼ ସମ୍ପର୍କ ନିଶ୍ଚିତ ଭାବେ ଏକ ଆଦର୍ଶ ନୁହେଁ। ଚାଇନାର ନେତାମାନେ ବିଶେଷକରି ଏବେ ମିଳୁଥିବା ଶସ୍ତା ତେଲର ଲାଭକୁ ଦେଖି ସମ୍ପର୍କ ପୁନଃ ସ୍ଥାପନ କରିବାରେ ଅନିଚ୍ଛୁକ ଥିବା ଜଣାଯାଏ। ଏବେ ସୁଦ୍ଧା ରୁଷିଆର ପଶ୍ଚିମ ସାଇବେରିଆ ଅଲ୍‌ଟାଇ ଅଞ୍ଚଳରୁ ଚାଇନାର ଉତ୍ତର-ପୂର୍ବାଞ୍ଚଳକୁ ପ୍ରସ୍ତାବିତ ପ୍ରାକୃତିକ ଗ୍ୟାସ୍ ଲାଇନ ସଂଯୋଗ ସମ୍ପର୍କିତ ବୁଝାମଣା ସ୍ଥଗିତ ରହିଛି। ଅତ୍ୟଧିକ ସବ୍‌ସିଡିରେ ତାହା ଯୋଗାଇଦେବା ପାଇଁ ଚାଇନା କରୁଥିବା ଦାବିକୁ ରୁଷିଆ ଅଗ୍ରାହ୍ୟ କରିଦେଇଛି। ଏହି ସମୟରେ ରୁଷିଆର ଦକ୍ଷିଣପନ୍ଥୀମାନେ ଚାଇନା ଉପରେ ନିର୍ଭରଶୀଳତାକୁ ବନ୍ଦକରିବା ପାଇଁ ଦାବି କରୁଛନ୍ତି। ଜାତୀୟତାବାଦୀ ସମାଲୋଚକମାନେ ସତର୍କ କରିଦେଇଛନ୍ତି ଯେ, ଚାଇନିଜ୍‌ମାନେ ହରାଇଥିବା ସେମାନଙ୍କ ଅଞ୍ଚଳ କଥା ଭୁଲିନାହାନ୍ତି ଏବଂ ଏହା ନିଶ୍ଚିତ ଯେ, ରୁଷିଆ ଦେଉଥିବା ଶସ୍ତା ଏନର୍ଜି ଓ କଞ୍ଚାମାଲ ଉପରେ ଲୋଭ ରଖିଛନ୍ତି। ଚାଇନାର ଅନୁରୋଧକୁ ଅଗ୍ରାହ୍ୟ କରିବା ଲାଗି ସେମାନେ ଏକ ରାଜନୀତି ସାମ୍ନାକୁ ଆଣୁଛନ୍ତି।

ଆର୍ଟିକ୍‌ରେ ଚାଇନା ସବୁଦେଶ ସହ ସମ୍ପର୍କ ଘନିଷ୍ଠ କରିବାକୁ ଆଶା ରଖିଥିବାବେଳେ ସେଥିରୁ ତାକୁ ଦୂରେଇ ରଖିବା ଲାଗି ରୁଷିଆ ଚାହୁଁଥିବା ଜଣାପଡ଼ିଛି। କିମ୍-ଜଙ୍ଗ୍ ଉନ୍‌ଙ୍କ ଉପରେ ଚାଇନାର ପ୍ରଭାବ କମ୍ କରିବାକୁ ଉତ୍ତରକୋରିଆକୁ ରୁଷିଆ ଅଧିକ ଇନ୍ଧନ, ଖାଦ୍ୟ ଏବଂ ପ୍ରଯୁକ୍ତି ସହଯୋଗ ଯୋଗାଇଦେଉଛି। ତଥାପି ଆର୍ଟିକ୍‌ର କିଛି ଅଞ୍ଚଳରେ ଚାଇନା ତାହାର ସ୍ଥିତିକୁ ଦୃଢ଼ କରୁଛି। କେନ୍ଦ୍ର ଏସିଆରେ ପାରମ୍ପରିକ ଭାବେ ରୁଷିଆର ପ୍ରଭାବ ରହିଥିବା କ୍ଷେତ୍ରଗୁଡ଼ିକରେ ଏହା ପ୍ରବେଶକରିବା ସହ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ୨୫ ବିଲିୟନ ଡଲାରରୁ ଅଧିକ ନିବେଶ କରିବା ସକାଶେ ପ୍ରତିଶ୍ରୁତି ଦେଇଛି। ନିକଟରେ ଶି ମଧ୍ୟ ଅସ୍ତାନାରେ ଅନୁଷ୍ଠିତ ଦ୍ୱିତୀୟ ଚାଇନା-କେନ୍ଦ୍ର ଏସିଆ ସମ୍ମିଳନୀରେ ଯୋଗ ଦେଇଥିଲେ, ଯାହା ଚାଇନାର ଗୁରୁତ୍ୱକୁ ଏହା ସ୍ପଷ୍ଟ କରିଛି। ତେବେ ଚାଇନା ଓ ରୁଷିଆ ମଧ୍ୟରେ ସମ୍ପର୍କ କୌଣସି ସ୍ଥିତିରେ ଏବେ ଭୁଶୁଡ଼ିବାର ସମ୍ଭାବନା ନାହିଁ। ଏହାର କ୍ରମବିକାଶ ରାଜନୈତିକ, ଐତିହାସିକ ତଥା ଭୌଗୋଳିକ କ୍ଷେତ୍ରରେ ବାଧା ସୃଷ୍ଟି କରିପାରେ, କିନ୍ତୁ ବାଣିଜ୍ୟରେ ତାହା ଘଟିବ ନାହିଁ।

ଚାଇନା ମନରେ ଏବେ ସୁଦ୍ଧା ଏହାର ସୀମା ଅସ୍ଥିରତା ଭୟ ବସା ବାନ୍ଧିଛି। ସେଥିପାଇଁ ଉତ୍ତରକୋରିଆକୁ ନିକଟତର କରିବାର ଚେଷ୍ଟା କରୁଛି। ଏହା ଯୋଗୁ ଚାଇନା ଓ ରୁଷିଆ ମଧ୍ୟରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହଛି। ସେଥିପାଇଁ ଚାଇନା ପୁଟିନ୍‌ଙ୍କ ଶାସନର ପତନ ଚାହୁଁଛି। କାରଣ ତା' ସୀମାରେ ଅରାଜକତା ସୃଷ୍ଟି ହେଲେ ଅସହ୍ୟ ହୋଇପଡ଼ିବ। ଏକ ବୃହତ୍ ଶକ୍ତି ଭାବେ ନିଜସ୍ୱ ଛବିକୁ ନେଇ ରୁଷିଆ ଅଧିକ ଆର୍ଥିକ ନିର୍ଭରଶୀଳତା ଉପରେ ବୁଝାମଣା କରିବା ଲାଗି ସଂଗ୍ରାମ କରୁଛି। ଜାତୀୟତାବାଦୀ ବାମପନ୍ଥୀ ଯୁକ୍ତି କରୁଛନ୍ତି ଯେ, ପାଶ୍ଚାତ୍ୟର କଟକଣା ରୁଷିଆକୁ ଅଧିକ ସଂଯମୀ ହେବା ଲାଗି ବାଧ କରିଛି ଏବଂ ବହୁ କଷ୍ଟରେ ପ୍ରାପ୍ତ ହୋଇଥିବା ଏଭଳି ସ୍ୱାୟତ୍ତତାକୁ ଶେଷ କରିବାଦେବା ଉଚିତ ନୁହେଁ।

ଭବିଷ୍ୟତକୁ ନେଇ ରୁଷିଆର ନିଜସ୍ୱ ଦୃଷ୍ଟିକୋଣକୁ ଚାଇନା ଗ୍ରହଣ କରିପାରୁନାହିଁ, ଯେଉଁଥିପାଇଁ ନିଜକୁ ଏକ ଟେକ୍‌ନିକାଲ ଶକ୍ତିକେନ୍ଦ୍ର ଭାବେ ଦୃଢ଼ କରିବାକୁ ଏବଂ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ପ୍ରମୁଖ ସ୍ଥାନ ହାସଲ କରିବାକୁ ଚାହୁଁଛି। ଶି ଓ ପୁଟିନ୍ ଙ୍କ ମଧ୍ୟରେ ପୂର୍ବର ତିଆନେନ୍‌ମେନ୍ ସାକ୍ଷାତର ୧୦ବର୍ଷ ପରେ ଏବକାର ସାକ୍ଷାତର ଛବିଗୁଡ଼ିକ ଚିତ୍ରଣ କରୁଛି ଯେ, ସେମାନଙ୍କ ଦେଶର ଐତିହାସିକ ଅବିଶ୍ୱାସ ଓ ବିକ୍ଷିପ୍ତ ଦୀର୍ଘକାଳୀନ ସ୍ୱାର୍ଥକୁ ଲୁଚାଯାଇପାରିବ ନାହିଁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 1 | | | 9 | | 8 |
| | | | | | 3 | | | |
| 7 | | | | | 5 | | | |
| | | | 5 | | 6 | 8 | | |
| 3 | 8 | | | | | | 6 | |
| | | | | 9 | | | | 7 |
| 2 | | | | | | | 1 | 6 |
| | | 6 | 4 | | | 2 | | 3 |
| | | 7 | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 7 | 6 | 8 | 2 | 3 | 4 |
| 4 | 8 | 3 | 1 | 2 | 9 | 7 | 5 | 6 |
| 7 | 6 | 2 | 4 | 5 | 3 | 9 | 1 | 8 |
| 5 | 7 | 6 | 8 | 1 | 2 | 3 | 4 | 9 |
| 2 | 3 | 4 | 9 | 7 | 6 | 1 | 8 | 5 |
| 8 | 9 | 1 | 3 | 4 | 5 | 6 | 7 | 2 |
| 9 | 4 | 8 | 2 | 3 | 1 | 5 | 6 | 7 |
| 6 | 1 | 7 | 5 | 9 | 4 | 8 | 2 | 3 |
| 3 | 2 | 5 | 6 | 8 | 7 | 4 | 9 | 1 |

ଗତକାଲିର ଉତ୍ତର

# ଶିକ୍ଷକ: ସମୃଦ୍ଧ ଓଡ଼ିଶାର ଆଧାର



ମୋହନ ଚରଣ ମାଝୀ

ଆଜି ପବିତ୍ର ଗୁରୁଦିବସ। ଆଜିର ଏହି ପବିତ୍ର ଗୁରୁଦିବସରେ ସାରା ରାଜ୍ୟର ଗୁରୁ, ଆଧୁନିକ ଯୁଗର ଶିକ୍ଷକ ସମାଜକୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ନୂଆ ଓଡ଼ିଶାର ଭିତ୍ତିଭୂମି ଆମର ପ୍ରାଥମିକ ଶିକ୍ଷାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନଗୁଡିକର କର୍ଣ୍ଣଧାର ଆମର ଶିକ୍ଷକ ସମାଜ। ଶିକ୍ଷକଙ୍କ ସମେତ ସେମାନଙ୍କର ପରିବାର ବର୍ଗ ଏବଂ ସନ୍ତାନରୂପୀ ଛାତ୍ର ସମାଜକୁ ମଧ୍ୟ ଏହି ଶୁଭ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଗୁରୁ ଶିଷ୍ୟର ପରମ୍ପରା ଆମ ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ହଜାର ହଜାର ବର୍ଷ ଧରି ଋଦ୍ଧିମନ୍ତ କରିଆସିଛି। ଆଜି ଆମ ଦେଶର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି, ଶିକ୍ଷକ, ଦାର୍ଶନିକ ତଥା ଭାରତୀୟ ସଂସ୍କୃତିର ଆଗଧାଡିର ବ୍ୟକ୍ତିତ୍ୱ ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ପବିତ୍ର ଜୟନ୍ତୀ। ଆଜିର ପବିତ୍ର ଦିବସରେ ଏହିପରି ଜଣେ ଅନନ୍ୟ ଗୁରୁଜୀଙ୍କୁ କୋଟି କୋଟି ପ୍ରଣାମ। ନିଜ ଜନ୍ମଦିନକୁ ବ୍ୟକ୍ତିଗତ ଭାବରେ ପାଳନ ନ କରି ଦେଶର ପୂରା ଶିକ୍ଷକ ସମାଜ ପାଇଁ ସମର୍ପିତ କରିଥିଲେ ସେ। ଦେଶର ଭବିଷ୍ୟତର ବ୍ଲୁ ପ୍ରିଣ୍ଟ ଶ୍ରେଣୀଗୃହରୁ ପ୍ରସ୍ତୁତ ହୁଏ। ସାମଗ୍ରିକ ଭାବେ ଶିକ୍ଷକମାନେ ହିଁ ଦେଶ ଭବିଷ୍ୟତ ଅର୍ଥାତ୍ ନୂଆ ପିଢ଼ିକୁ ଗଢ଼ିବାର କର୍ଣ୍ଣଧାର। ଏକଥା ଆମ ଦ୍ୱିତୀୟ ରାଷ୍ଟ୍ରପତି ତାଙ୍କ ଜନ୍ମଦିନକୁ ଶିକ୍ଷକମାନଙ୍କୁ ସମର୍ପିତ କରି ଏହାର ସ୍ପଷ୍ଟ ସନ୍ଦେଶ ଦେଶକୁ ଦେଇଛନ୍ତି। ହୁଏତ ୧୯୬୨ରୁ ଆଧୁନିକ ସ୍ୱାଧୀନୋତ୍ତର ଭାରତରେ ଦେଶ ଗୁରୁଦିବସ ପାଳନ କରୁଛି। ମାତ୍ର ଅନାଦି ଅନନ୍ତ କାଳରୁ ସନାତନ ସଭ୍ୟତାରେ ଗୁରୁଙ୍କୁ ଅନନ୍ୟ ମାନ୍ୟତା ସହ ମହର୍ଷି ବ୍ୟାସଙ୍କ ସମ୍ମାନାର୍ଥେ ବ୍ୟାସ ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା ଭାବରେ ମଧ୍ୟ ଦେଶ ପାଳନ କରିଆସୁଛି।

ପୌରାଣିକ ବିଶ୍ୱାସ ଆଧାରରେ ପବିତ୍ର ବେଦର ସଂକଳକ ହେଉଛନ୍ତି ମହର୍ଷି ବ୍ୟାସ। ବିଶ୍ୱରେ ଅନେକ ମତ-ପନ୍ଥର ସୃଷ୍ଟି ହୋଇଛି। ସବୁ ବିଶ୍ୱାସ ନମସ୍ୟ ଓ ପ୍ରଣିପାତଯୋଗ୍ୟ। କିନ୍ତୁ ଆମର ବେଦ ସମୂହଙ୍କୁ ଧର୍ମ ଗ୍ରନ୍ଥରେ ସୀମିତ କରିବା ସମୀଚୀନ ନୁହେଁ। ଆମ ବେଦରେ ଗଣିତ, ଚିକିତ୍ସା ଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ସମେତ ଜ୍ଞାନର ଭଣ୍ଡାର ଲୁଚିରହିଛି। ଯୁଗଯୁଗ ଧରି ସାରା ଦୁନିଆର ବୈଜ୍ଞାନିକ ଓ ଚିନ୍ତାନାୟକଙ୍କ ମୁହଁରେ ଭାରତର ଜ୍ଞାନ ପରମ୍ପରାର ଜୟଜୟକାର ହେବାର ହିଁ ଶୁଣାଯାଇଛି। ଆଜି ପବିତ୍ର ଗୁରୁଦିବସରେ ଭାରତର ଅନନ୍ୟ ଜ୍ଞାନ ଓ ଗୁରୁ ପରମ୍ପରାକୁ ମୁଣ୍ଡ ନୁଆଇଁ ପ୍ରଣାମ କରୁଛି। ଭାରତୀୟ ଜ୍ଞାନ ପରମ୍ପରାର ପ୍ରବହମାନ ଗଙ୍ଗା ସମଗ୍ର ଭାରତ ସମେତ ଆମ ରାଜ୍ୟ ଓଡ଼ିଶାକୁ ଆହୁରି ସମୃଦ୍ଧ କରୁ, ସବୁ ଗୁରୁଙ୍କ ଗୁରୁ ଓଡ଼ିଶାର ପରମ ଇଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆଜି ଦିନରେ ଏତିକି ପ୍ରାର୍ଥନା।

ପାଠପଢ଼ା ପରେ ମୋର ପ୍ରାରମ୍ଭିକ ଜୀବନରେ ଶିକ୍ଷକତା କରିବାର ଅନୁଭବ ମୋ ପାଖରେ ଅଛି। ଛୋଟ ଛୋଟ ପିଲାମାନଙ୍କୁ ଶ୍ରେଣୀ ଗୃହରେ ପାଇବା, ଖେଳ ପଢ଼ିଆର ଚପଳତା ତଥା ସେମାନଙ୍କ ଅଭିଭାବକମାନଙ୍କ ସହ ପିଲାମାନଙ୍କ ବିଷୟରେ ଆଲୋଚନାର ସ୍ମୃତି ଆଜି ବି କାଲି ପରି ଲାଗୁଛି। ଗୁରୁ ଦିବସରେ ପିଲାମାନଙ୍କର ଗୁରୁପୂଜନ ଓ ଗୁରୁ ଭାବରେ ସେ ସୌଭାଗ୍ୟର ଅଧିକାରୀ ହେବାର ସ୍ମୃତି ବୋଧେ ମୋ ଜୀବନର ସୁବର୍ଣ୍ଣ ପୃଷ୍ଠା ଭାବରେ ମୋର ମନେରହିବ।

ମୋର ପ୍ରିୟ ଓଡ଼ିଶାର ଭାଇଭଉଣୀମାନେ, ଆପଣମାନେ ଆଶା, ଭରସା ଓ ବିଶ୍ୱାସର ସହ ରାଜ୍ୟକୁ ଚଳାଇବାର ଭାର ବିଜେପି ହାତରେ ଦେଇଛନ୍ତି। ଆମେ ଆମ ସ୍ୱାଧୀନତାର ଅମୃତ କାଳରେ ଅଛେ। ୨୦୩୬ ମସିହାରେ ଆମ ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ଆମର ବଡ଼ ଲକ୍ଷ୍ୟ ୨୦୪୭ ମସିହାରେ ବିକଶିତ ଭାରତର ମୂଳଦୁଆ ହେବ ଓଡ଼ିଶା। ସେଥିପାଇଁ ମୋ ସରକାର ୨୦୩୬ ପାଇଁ ମାନେ ଆଗାମୀ ୧୦-୧୧ ବର୍ଷର ଏକ ଯୋଜନାବଦ୍ଧ କାର୍ଯ୍ୟଯୋଜନା ଆଧାରରେ ସମୟବଦ୍ଧ ଲକ୍ଷ୍ୟ ଆଧାରିତ ସଫଳତା ପାଇଁ ବଦ୍ଧପରିକର। ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ ଆମର ଶିକ୍ଷାନୁଷ୍ଠାନମାନଙ୍କରୁ ପଡ଼ିବ। ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା, ଟେକ୍ନିକାଲ ଶିକ୍ଷା ହେଉ କି ଡାକ୍ତରୀ ପାଠ ପୁଣି ଦକ୍ଷତା ବିକାଶର ପାଠ୍ୟ ବ୍ୟବସ୍ଥା ସବୁକୁ ଲକ୍ଷ୍ୟ ଆଧାରିତ କରି ଆମେ ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ବଦ୍ଧପରିକର। ଏସବୁ ଭିତରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ସବୁଠାରୁ ବେଶି।

ସ୍ୱାଧୀନୋତ୍ତର ଭାରତର ସାଢ଼େ ସାତ ଦଶକରୁ ଗଣତନ୍ତ୍ର ଓ ବିକାଶର ଯାତ୍ରାରେ ହୁଏତ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବିକାଶ ମାପଦଣ୍ଡରେ ଓଡ଼ିଶା ପଛରେ ଥାଇପାରେ। ମାତ୍ର ସାଧାରଣ ଓଡ଼ିଆ ଘରର ପିଲାମାନଙ୍କର ମେଧା ଶକ୍ତି ସାରା ଭାରତ ଏବଂ ବିଶ୍ୱକୁ ପ୍ରଭାବିତ କରିବାରେ ସଫଳ ହୋଇଛି ଏହା ମୁଁ ଦୃଢ଼ତାର ସହିତ କହିପାରେ। ଗତ କିଛିଦିନ ତଳେ ନୂଆଦିଲ୍ଲୀର ସେମିକଣ୍ଡକ୍ଟର ନେଇ ଏକ ବଡ଼ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆୟୋଜକ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ସାମିଲ ହେବାର ସୁଯୋଗ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ କହିଥିଲେ ଯେ ସାରା ବିଶ୍ୱ ଭାରତକୁ ବିଶ୍ୱାସ କରୁଛି। ସାରା ବିଶ୍ୱର ରାଷ୍ଟ୍ର ସମୂହ ନିଜର ସେମିକଣ୍ଡକ୍ଟରର ଭବିଷ୍ୟତ ଭାରତ ସହ ଗଢିବାକୁ ଚାହୁଁଛନ୍ତି । ସେ ଆହୁରି ମଧ୍ୟ କହିଥିଲେ, ଭାରତର ଛୋଟିଆ ଚିପ୍ ବିଶ୍ୱରେ ସବୁଠାରୁ ବଡ଼ ପରିବର୍ତ୍ତନର ବାର୍ତ୍ତାବହ ହେବ। ଏହି କାର୍ଯ୍ୟକ୍ରମରେ ଜଣେମାତ୍ର ମୁଖ୍ୟମନ୍ତ୍ରୀ ଭାବରେ ଯୋଗଦେବା ମୋ ପାଇଁ ଗୌରବର ସମୟ ଥିଲା। ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କର ସେମିକଣ୍ଡକ୍ଟର ବିକାଶରେ ବଡ଼ ଭୂମିକା ସେଦିନ ସାରା ଭାରତକୁ ପ୍ରଭାବିତ କରିଥିଲା। ବ୍ରହ୍ମପୁର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ପିଲାମାନେ ପ୍ରସ୍ତୁତ କରିଥିବା ହାଇ ପରଫରମାନ୍ସ ମଲ୍ଟିପ୍ଲେୟାର ଆଇସି ସି୨ଏସ୍୦୬୧ ଚିପ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା। ସାରା ବିଶ୍ୱର ଓଡ଼ିଆମାନେ ଗର୍ବିତ ହୋଇଥିବେ ନିଶ୍ଚୟ। ଏହା ତ ଓଡ଼ିଆ ଜାତିର ବୌଦ୍ଧିକ ଶକ୍ତିର ନବ ଜାଗରଣର ପ୍ରମାଣ। ଓଡ଼ିଆ ଜାତିର ଆଗାମୀ ଦଶନ୍ଧିର ବଡ଼ ବିକାଶର କେନ୍ଦ୍ର ଆମ ଶିକ୍ଷାନୁଷ୍ଠାନ ହେବ। ଯଦି ସାଧାରଣ ଓଡ଼ିଆ ଘରର ପିଲାମାନଙ୍କ ମେଧାଶକ୍ତିକୁ ଆମର ଶ୍ରେଣୀଗୃହ ଓ ଶିକ୍ଷକ ସମାଜ ଉତ୍ପ୍ରେରକର ଭୂମିକା ନେବ ତାହାହେଲେ ୨୦୩୬ ମସିହାରେ ଆମର ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଶ୍ଚୟ ପୂର୍ଣ୍ଣ ହେବ। ମାନ୍ୟବର ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱର ନବସୃଜନର କେନ୍ଦ୍ରରେ ରଖିଛନ୍ତି। ଆମେ ଓଡ଼ିଆମାନେ ଭାରତର ନବସୃଜନର କେନ୍ଦ୍ର ହୋଇପାରିବା। ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଅତ୍ୟାଧୁନିକ ଚିପ୍‌କୁ ଦେଶର ସ୍ୱୀକୃତି ଏହାର ଆରମ୍ଭ ମାତ୍ର।

ଅଳ୍ପ କିଛି ଦିନ ତଳେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୋ ସରକାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ନୂତନ ଶିକ୍ଷାନୀତି ୨୦୨୦ ଆଧାରରେ ରାଜ୍ୟର ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକ ସମାଜ ଆମର ମୂଳ ଆଧାର। ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ପଦବୀ ରହିଛି। ମୋ ସରକାର ଏହା ସହ ଆଉ ୩୯,୩୬୬ଟି ନୂତନ ଶିକ୍ଷକ ପଦବୀ ସୃଷ୍ଟି ପାଇଁ ନୀତିଗତ ନିଷ୍ପତ୍ତି ନେଇ ସାରିଛନ୍ତି। ଆଗାମୀ ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ଶିକ୍ଷକ ପଦବୀ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ସହ ପର୍ଯ୍ୟାୟକ୍ରମେ ଏହାକୁ ପୂରଣର ବ୍ୟବସ୍ଥା ତିଆରି କରାଯାଇଛି।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇ ଆସିଛି। ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ (BSE) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE)କୁ ମିଶାଇ ଗୋଟିଏ ବୋର୍ଡ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଥିବାବେଳେ ନବମ ଓ ଦଶମ ଶ୍ରେଣୀର କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆବାସିକ ବ୍ୟବସ୍ଥାରେ ଛାତ୍ରାବାସରେ ରହୁଥିବା ପ୍ରତି ୩୦୦ ଛାତ୍ରୀଛାତ୍ରମାନଙ୍କ ପାଇଁ ଜଣେ ଏଏନ୍‌ଏମ୍ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି।

ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମୋ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପରିକଳ୍ପନା କରିଛନ୍ତି। ରାଜ୍ୟର ସବୁ ପଞ୍ଚାୟତରେ ଏହିପରି ବିଦ୍ୟାଳୟ ସ୍ଥାପନର ଲକ୍ଷ୍ୟ ରଖାଯାଇଥିବା ବେଳେ କେବଳ ପ୍ରଥମ ପର୍ଯ୍ୟାୟରେ ୮୩୫ଟି ଏହି ବିଦ୍ୟାଳୟଗୁଡ଼ିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର୍ ସ୍କୁଲ ଭାବରେ ପରିକଳ୍ପନା କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ କରାଯାଇଛି।

ପଞ୍ଚାୟତ ସ୍ତରରେ ଏହି ସ୍କୁଲଗୁଡ଼ିକରେ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ବିଭିନ୍ନ ଗ୍ରାମରୁ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲକୁ ନେବା ଆଣିବା କରିବାର ବ୍ୟବସ୍ଥା କରାଯିବ। ଏହି ସ୍କୁଲଗୁଡ଼ିକର ମୂଳଦୁଆ ହେବେ ଶିକ୍ଷକମାନେ। ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ବିଶେଷ ଧ୍ୟାନ ଦେବାର ବ୍ୟବସ୍ଥା କରାଯିବ। ଏହି ବିଦ୍ୟାଳୟଗୁଡ଼ିକରେ STEM ଅର୍ଥାତ୍ (ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମାଥ୍‌ମେଟିକ୍ସ) ସହ ବୃତ୍ତିଗତ ଦକ୍ଷତା ଓ ଅଭିଜ୍ଞତାମୂଳକ ଶିକ୍ଷା ସମେତ ବହୁବିଧ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ।

ମୋର ପ୍ରିୟ ଶିକ୍ଷକ ସମାଜ... ଶିକ୍ଷା ଭିତ୍ତିଭୂମି ବିକାଶର ବ୍ୟବସ୍ଥା କରିବାରେ ମୋ ସରକାର ତିଳେମାତ୍ର ଅବହେଳା କରିବେ ନାହିଁ। ସ୍କୁଲ କାନ୍ଥରେ ରଙ୍ଗମାରି ରୂପାନ୍ତରୀକରଣର ପ୍ରଚାର ମୋ ସରକାରର ଆଭିମୁଖ୍ୟ ନୁହେଁ। ଉପଯୁକ୍ତ ଶିକ୍ଷକ ଏବଂ ସେମାନଙ୍କର ବିକାଶ ସହ ଛାତ୍ରୀଛାତ୍ରଙ୍କର ଯତ୍ନ ଆମ ରୂପାନ୍ତରୀକରଣର କେନ୍ଦ୍ରବିନ୍ଦୁ। ଆପଣ ଖାଲି ପରିବାର ଚଳାଇବା ପାଇଁ, ଦରମା ପାଇଁ କାମ କରୁ ନାହାନ୍ତି। ଆପଣ ଓଡ଼ିଶାର ଭବିଷ୍ୟତ ଗଢ଼ିବାର ଅନ୍ତୁଡ଼ିଶାଳରେ ବସିଛନ୍ତି। ଆପଣଙ୍କ ନିଷ୍ଠାପର ଉଦ୍ୟମ ପିଲାଙ୍କ ଭବିଷ୍ୟତ ତ ଗଢ଼ିବ, ମାତ୍ର ଏହା ମଧ୍ୟ ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବ। ଆପଣଙ୍କ ନିଷ୍ଠା ପ୍ରକୃତ ପକ୍ଷେ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା କରିବ । ଏହି ଆଶା ଓ ଭରସା ସାରା ଓଡ଼ିଶାବାସୀ ଆପଣଙ୍କ ଉପରେ ରଖିଛନ୍ତି। ପବିତ୍ର ଗୁରୁଦିବସରେ ପୁଣି ଆଉ ଥରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଜୟ ଜଗନ୍ନାଥ

ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

# କେଉଁଠି ଲୁଚିଛି ମଣିଷ



ଅଞ୍ଜନ ଚାନ୍ଦ

ଯାତ୍ରୀବାହୀ ଗାଡ଼ିଟିଏ ଛକରେ ଠିଆହେଲା। ଦୁଇଜଣ ଯାତ୍ରୀ ଗାଡ଼ିକୁ ଉଠିଲେ। ଜଣେ ଯୁବକ, ଅନ୍ୟଜଣେ ଅଶୀତିପର ବୃଦ୍ଧା। ସେ ଦେଖିଲେ ଆଗରେ ଗୋଟିଏ ସିଟ୍ ଖାଲି ଅଛି। ବସିବାପାଇଁ ସେଠାକୁ ଧୀରେ ଧୀରେ ଯାଉଥିବା ବେଳେ ଯୁବକ ମଧ୍ୟ ତାହା ଦେଖିପାରିଲା ଏବଂ ଶୀଘ୍ର ଆଗକୁ ଯାଇ ସେଠାରେ ବସିଗଲା। ଯିବା ସମୟରେ ତା' ଦେହର ଆଘାତରେ ବିଚାରୀ ବୃଦ୍ଧା ତଳେ ପଡ଼ିଗଲେ। ଗାଡ଼ି ଚାଲିଥାଏ। ଚଳନ୍ତା ଗାଡ଼ି ଭିତରେ ସେ ବାରମ୍ବାର ଉଠିବାକୁ ଚେଷ୍ଟା କରୁଥାନ୍ତି ଓ ନିଜକୁ ସମ୍ଭାଳି ନ ପାରି ପୁଣି ତଳେ ବସି ପଡୁଥାନ୍ତି। ସେତେବେଳେ ଗାଡ଼ିରେ ବସିଥିବା ଜଣେ ଡାକ୍ତରବାବୁ କହିଲେ – ବୁଢ଼ୀ ଯେମିତି ପଡ଼ିଛି ତା' ଅଣ୍ଟାହାଡ଼ ସ୍କ୍ରାଚ ହୋଇଯାଇଥିବ। ଏ ବୟସରେ ବିଚାରୀ ବହୁତ କଷ୍ଟ ପାଇବ। ଜଣେ ବାରିଷ୍ଟର ବାବୁ ପାଖରେ ବସିଥିଲେ। ସେ କହିଲେ– ଲୋକଟା ବିରୋଧରେ ଯଦି କିଏ କେସ୍ କରିବ ମୁଁ କ୍ଷତିପୂରଣ ଆଦାୟ ସହିତ ତାକୁ ଜେଲରେ ବି ପୂରାଇ ଦେବି। ସେପଟେ ବସିଥିଲେ ଜଣେ ଶିକ୍ଷକ। କହିଲେ – ଆଜିକାଲି ଶିକ୍ଷା ସହିତ ଅନୁଶାସନ ନ ଥିବାରୁ ପିଲାଗୁଡ଼ିକ ଏମିତି ବିଗିଡ଼ି ଯାଉଛନ୍ତି। ଆଗରେ ମହିଳା ସିଟରେ ବସିଥିଲେ ଜଣେ ନାରୀନେତ୍ରୀ। ସେ କହିଲେ – ଏ ସରକାରଙ୍କ ସମୟରେ ନାରୀଜାତି ପ୍ରତି ଦିନକୁଦିନ ଅତ୍ୟାଚାର ବଢ଼ିଯାଉଛି। ଆଗାମୀ ଦିନରେ ୟା' ବିରୋଧରେ ମୁଁ ବିଧାନସଭା ଆଗରେ ନିଶ୍ଚୟ ଆନ୍ଦୋଳନ କରିବି।

ଏମିତି ସେ ଗାଡ଼ିଭିତରେ ଡାକ୍ତର, ବାରିଷ୍ଟର, ପ୍ରଫେସର, ଇଞ୍ଜିନିୟର, ଲିଡର, ଟିଚର୍ – ଅନେକ କିସମର ପାସେଞ୍ଜର ଥିଲେ କିନ୍ତୁ କି ଦୁର୍ଭାଗ୍ୟ, ସେଠାରେ ଜଣେ କେହି ମଣିଷ ନ ଥିଲେ, ଯିଏ କି ବସିବା ସ୍ଥାନରୁ ଉଠି ପଡ଼ିଥାନ୍ତେ। ବୃଦ୍ଧାଙ୍କୁ ତଳୁ ଉଠାଇ ନିଜ ଜାଗାରେ ବସାଇଥାନ୍ତେ। କ'ଣ ହୋଇଛି ପଚାରି ବୁଝି ଥାଆନ୍ତେ। ତୁଚ୍ଛା ଭାଷଣ ନ ଦେଇ ପୀଡ଼ିତଙ୍କୁ ସାହାଯ୍ୟ କରିବାର ମାନବିକତା ସତରେ ଏବେ ଦୁର୍ଲଭ ହୋଇଯାଇଛି।

ଏବେ ପ୍ରକୃତ ପ୍ରସଙ୍ଗକୁ ଆସିବା। କ୍ୟାମ୍ପସରେ ନାରୀ ନିର୍ଯାତନା। ଅତୀତରୁ ଏବେ ଯାଏ ଏହାର ଅନେକ ଉଦାହରଣ ରହିଛି। ପିଲାଦିନରୁ ଝିଅଟି ଶିଖିଥିଲା – ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର, ଗୁରୁ ହିଁ ସାକ୍ଷାତ୍ ପରଂବ୍ରହ୍ମ ତେଣୁ ସେହି ଗୁରୁଙ୍କୁ ପ୍ରଣାମ। ସେଇ ଝିଅ ଯେତେବେଳେ ତାଙ୍କୁ ଏକ ଭିନ୍ନ ଓ ଘୃଣ୍ୟ ରୂପରେ ଦେଖୁଛି ସେତେବେଳେ



ତା' ମନର ଭାବନା କିପରି ବିପର୍ଯ୍ୟସ୍ତ ହେଉଥିବ ତାହା ସହଜରେ କଳନା କରାଯାଇପାରିବ ନାହିଁ। ବୋଧହୁଏ କିଂ କର୍ତ୍ତବ୍ୟ ବିମୂଢ଼ ଅବସ୍ଥାକୁ ଯାଇ ସେ ଅବସାଦଗ୍ରସ୍ତ ହୋଇଯାଉଥିବ। ସେ ସମୟରେ ତା' ନିଜର ମାନସିକ ଦୃଢ଼ତା, ବନ୍ଧୁ ବାନ୍ଧବୀଙ୍କ ସମର୍ଥନ,ପାରିବାରିକ ସହଯୋଗ ଓ ସର୍ବୋପରି ପ୍ରଶାସନିକ ବିଧି ବ୍ୟବସ୍ଥାର ଉପଯୁକ୍ତ ବ୍ୟବହାର ହିଁ ତାକୁ ଅନ୍ଧଗଳିରୁ ବାହାରକୁ ଆଣି ଆଲୋକିତ ରାସ୍ତାରେ ଚାଲିବାପାଇଁ ପୁଣିଥରେ ପ୍ରେରଣା ଯୋଗାଇପାରିବ।

କାହିଁ କେଉଁ କାଳରୁ ସଂସ୍କୃତ ଶାସ୍ତ୍ରରେ ଲେଖାଯାଇଛି – ଯେଉଁଠି ନାରୀମାନେ ପୂଜା ପାଆନ୍ତି ସେଠାରେ ଦେବତା ବିରାଜିତ ହୁଅନ୍ତି। ଯେଉଁ ଦେଶରେ ସେମାନେ ଅବହେଳିତ ଓ ଅସମ୍ମାନିତ ହୁଅନ୍ତି ସେଠାରେ ସମସ୍ତ କାର୍ଯ୍ୟ ବିଫଳ ହୁଏ। ଏହି ଆପ୍ତବାଣୀ ରହିଥିବା ସତ୍ତ୍ୱେ ଆମ ଦେଶରେ ନାରୀଶିକ୍ଷା ପ୍ରତି ବହୁବର୍ଷ ଧରି ଅନାଦର ଭାବ ରହି ଆସିଥିଲା। ସେଥିପାଇଁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମଗପ 'ରେବତୀ'ରେ ଫକୀରମୋହନ ଲୋକଙ୍କ ମନରେ ଥିବା କୁସଂସ୍କାର ଦୂର କରିବାକୁ ଉଦ୍ୟମ କରିଥିଲେ। ସେବେଠାରୁ ଅଦ୍ୟାବଧି ଶତାବ୍ଦୀରୁ ଅଧିକ ସମୟ ଅତିବାହିତ ହୋଇଛି। ସମୟ ବଦଳିବା ସହିତ ଗାଁରୁ ସହର ସବୁଠି ଝିଅ ପିଲାମାନେ ପାଠ ପଢ଼ିବାକୁ ଯାଉଛନ୍ତି। ଅଥଚ ଦୁର୍ଭାଗ୍ୟ, ବିଦ୍ୟାଳୟଠାରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ସେମାନଙ୍କୁ କେତେକ ମାନସିକ ବିକାରଗ୍ରସ୍ତ ପୁରୁଷଙ୍କ ଘୃଣ୍ୟ ଆଚରଣର ଶିକାର ହେବାକୁ ପଡୁଛି। ପ୍ରଶାସନିକ ବିଧି ବ୍ୟବସ୍ଥା ମଧ୍ୟ ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରିପାରୁନାହିଁ। ଫଳରେ ସେପରି ଲୋକଙ୍କ ସାହସ କ୍ରମଶଃ ବୃଦ୍ଧିପାଉଛି। ଏହାର ଏକମାତ୍ର କାରଣ ସାଂପ୍ରତିକ ସମାଜରେ ମାନବିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ।

ଏକଦା ଜଣେ ପଥର ଶିଳ୍ପୀଙ୍କୁ ବନ୍ଧୁ ପଚାରିଲେ – ଏମିତି ଏକ କଠିନ ଓ କଦାକାର ପଥରରେ ଏଇ ସୁନ୍ଦର ଶିବଙ୍କୁ ତୁମେ କିପରି ଗଢ଼ିଲ ? ଶିଳ୍ପୀ କହିଲେ – ମୁଁ ଶିବଙ୍କୁ ଗଢ଼ିନାହିଁ। ଶିବ ସେଇ ପଥର ଭିତରେ ଥିଲେ। ମୁଁ କେବଳ ନିହାଣ ମୁନରେ ଅଶିବଗୁଡ଼ିକୁ ଅଲଗା କରିଦେଇଛି। ଠିକ୍ ସେମିତି ଆମେ ଯଦି ଆମଠାରେ ଥିବା ଅମଣିଷପଣିଆଗୁଡ଼ିକୁ ବାଦ ଦେଇପାରିବା ତ ଶୁଦ୍ଧପୂତ ମଣିଷଟିଏ ଆବିର୍ଭାବ ହୋଇପାରିବ। କିନ୍ତୁ ବର୍ତ୍ତମାନ ସମୟରେ ଅମଣିଷପଣିଆର ଆସ୍ତରଣ ଏତେ ବହଳ, ଏତେ ଦୃଢ଼ ହୋଇଯାଇଛି ଯେ, ତା' ଭିତରେ ମଣିଷର ସତ୍ତା କେଉଁଠି କେଜାଣି ଲୁଚିରହିଛି ତାହାକୁ ଖୋଜିପାଇବା ସହଜ ମନେହେଉନାହିଁ।

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

## ଏଇ ଭାରତରେ

କେରଳର ପ୍ରଥମ ମହିଳା ସାପ ଉଦ୍ଧାରକାରୀ ଭାବେ ସ୍ୱୀକୃତି ପାଇଛନ୍ତି ଡ. ଜିଏସ୍ ରୋଶନି। ଏହା ପୂର୍ବରୁ ସେ ଦୂରଦର୍ଶନରେ ଖବର ପଢୁଥିଲେ। ପରେ ଖବରପଢ଼ା ଛାଡ଼ି ସାପ ଉଦ୍ଧାର ଭଳି ପୁରୁଷପ୍ରଧାନ କାର୍ଯ୍ୟ କରିବାକୁ ପସନ୍ଦ କରିଛନ୍ତି। ରୋଶନି କେରଳ ଜଙ୍ଗଲ ବିଭାଗ ତରଫରୁ ଲାଇସେନ୍ସ ପାଇଛନ୍ତି। ପରେ ତ୍ରିଭେନ୍ଦ୍ରମରେ ଏକ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରି ତା' ମାଧ୍ୟମରେ ସାପ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି। ଏବେସୁଦ୍ଧା ସେ ୮୦୦ରୁ ଅଧିକ ସାପ ଉଦ୍ଧାର କରିସାରି ଜଙ୍ଗଲରେ ଛାଡ଼ିସାରିଛନ୍ତି। ଏହି ସବୁ ସାପ ମଧ୍ୟରେ ରହିଛନ୍ତି ଗୋଖର, ଅହିରାଜ, ରଣା ଓ ଜଙ୍ଗଲୀ ବୋଡ଼ା । ସବୁଠୁ ଲମ୍ବା ୧୬ ଫୁଟର ଅହିରାଜ ମଧ୍ୟ ଧରି ସେ ଚର୍ଚ୍ଚାକୁ ଆସିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୫ ସେପ୍ଟେମ୍ବର ୧୯୭୬

- ପୂର୍ବତନ ପାର୍ଲାମେଣ୍ଟ ସଭ୍ୟ ପିତାମ୍ବର ଦାସ ଭାରତୀୟ ଲୋକଦଳ ସହିତ ନିଜର ସମସ୍ତ ସମ୍ପର୍କ ଛିନ୍ନ କରିଥିବା ନେଇ ଘୋଷଣା କରିଛନ୍ତି।
- ଆଦିବାସୀ ଓ ହରିଜନ ବହୁଳ ଅଞ୍ଚଳର ବିକାଶ କ୍ଷେତ୍ରରେ ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ଆଦିବାସୀ ହରିଜନ ସମ୍ପ୍ରଦାୟ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ।

## ଚିରନ୍ତନୀ

ସନ୍ଧ୍ୟା ଆସେ ପଡ଼ି
ଦୂର ଗ୍ରାମୁଁ ବହି ଆସେ ପକ୍ଷୀର କାକଳି
ଦିଗନ୍ତ-ବିସ୍ତାରୀ ପକ୍ୱ ଧାନ୍ୟକ୍ଷେତ୍ର ପରେ
ପଉଷ-କାକର ରାଶି ଝରେ
ବିଜନ ପଥଟି ମୋର ମିଶିଅଛି ଦିଗନ୍ତ ଅନ୍ଧାରେ
ଆଜି ଏହି ଉଦାସ ସନ୍ଧ୍ୟାରେ !
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ମରାମତି କରାଯାଉ

ମହାଶୟ,

କଟକ ସହରରେ ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ରାସ୍ତାଘାଟ ମରାମତି କରାଯାଉ। ବର୍ଷାରେ ବହୁ ସ୍ଥାନରେ ପିଚୁ ଉଠି ଖାଲଖମା ହୋଇଗଲାଣି। କେତେକ ସ୍ଥାନରେ ବାଲି ଜମିଗଲାଣି। ରୋଗୀ ସେବା ଆମ୍ବୁଲାନ୍ସ ଯାତାୟାତରେ ବିଳମ୍ବ ଘଟୁଛି। ଗଣେଶ ପୂଜା ସରିବା ପରେ ଦୁର୍ଗା ପୂଜା, କାଳୀ ପୂଜା ତଥା କାର୍ତ୍ତିକ ମେଢ଼ ଶୋଭାଯାତ୍ରା ହେବାକୁ ଯାଉଅଛି। ଏଥିପ୍ରତି କଟକ ମ୍ୟୁନିସିପାଲ୍ କର୍ପୋରେସନ (ସିଏମ୍‌ସି) ଓ ଅନ୍ୟ ସବୁ ବିଭାଗ ରାସ୍ତା ନିର୍ମାଣ ମରାମତି ପାଇଁ ଆଗୁଆ ପଦକ୍ଷେପ ନେବା ଦରକାର। ଏହା ସହ ସହରର ଡ୍ରେନ୍‌ଗୁଡ଼ିକ ସଫା କରାଗଲେ ବର୍ଷାଜଳ ସହଜରେ ନିଷ୍କାସିତ ହୋଇପାରିବ। କିନ୍ତୁ ଏହା ହେଉ ନାହିଁ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ସାପକାମୁଡ଼ାରେ ପିଉସା, ଝିଆରୀଙ୍କ ମୃତ୍ୟୁ

ଢେଙ୍କିକୋଟ/ଘଟଗାଁ,୪।୯ (ନୀଳମଣି ମଣ୍ଡଳ/ ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ଡୁବୁଲାବେଡ଼ା ଗ୍ରାମରେ ସାପ କାମୁଡ଼ାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଭୟ କୁମାର ମହାନ୍ତ(୨୯) ଓ ତାଙ୍କ ଶଳାଙ୍କ ଝିଅ ପ୍ରତୀକ୍ଷା ପ୍ରିୟଦର୍ଶିନୀ ମହାନ୍ତ(୪)। ବୁଧବାର ରାତିରେ ଶୋଇଥିବାବେଳେ ଉଭୟଙ୍କୁ ସାପ କାମୁଡ଼ି ଥିଲା। ପରିବାର ଲୋକେ ଦୁହିଁଙ୍କୁ ହରିଚନ୍ଦନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ପ୍ରତୀକ୍ଷାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି।

# କୋମାରେ ଅଭିଜିତ୍ ମଜୁମ୍‌ଦାର

ଭୁବନେଶ୍ୱର, ୪।୯ (ବନ୍ଦନା ସେଠୀ)



ଲୋକପ୍ରିୟ ଗୀତିକାର ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାର ଏବେ କୋମାରେ। ଭୁବନେଶ୍ୱର ଏମ୍ସରେ ସେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହି ଛି। ଗୁରୁବାର ସକାଳେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ କଟକର ଏକ ଘରୋଇ ହସ୍ପିଟାଲରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅଭିଜିତ୍ ଅନେକ ଦିନରୁ ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତେବେ ଗତ ୨୭ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଇଥିଲା। ବ୍ରେନ୍‌ରେ ସୋଡିୟମ ମାତ୍ରା କମିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ଦିନ ଚିକିତ୍ସିତ ହେବା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସି ନ ଥିଲା। ଫଳରେ ୩୧ ତାରିଖରେ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ମାତ୍ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ଆସିବାରୁ ଗୁରୁବାର ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଏମ୍ସକୁ ଆସିବା ସମୟରେ ଅଭିଜିତ୍ ଏକାଧିକ ରୋଗ ସହିତ ଉଚ୍ଚ ରକ୍ତଚାପ, ହାଇପୋଥାଇରଏଡିଜିମ୍, କ୍ରନିକ ଲିଭର ଡିଜିଜ୍ ଆଦିରେ ପୀଡ଼ିତ ଥିଲେ। ପ୍ରଥମେ ତାଙ୍କୁ ଏମ୍ସର ଜରୁରିକାଳୀନ ପରିସ୍ଥିତିରେ କୋମାଟୋଜ୍ ଅବସ୍ଥାରେ ଭେଣ୍ଟିଲେଟର ସପୋର୍ଟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ମଧାହ୍ନ ୧୨ଟାରେ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି।


# ନାମଲେଖା ପାଇଁ ୩୯,୨୭୮ ଜଣ ଚୟନ


## ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଚୟନ ତାଲିକା ପ୍ରକାଶିତ

ଭୁବନେଶ୍ୱର,୪।୯ (ସୁଚିସ୍ମିତା ସାହୁ)

ଯୁକ୍ତ୨ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଚୟନ ମେଧା ତାଲିକା ଗୁରୁବାର ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ପାଇଁ ୪୪ ହଜାର ୯୬୬ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୩୯,୨୭୮ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ କଳାରେ ୨୨,୩୩୭, ସଂସ୍କୃତରେ ୨,୭୬୦, ବିଜ୍ଞାନରେ ୧୦,୨୯୪ ଏବଂ ବାଣିଜ୍ୟରେ ୨,୬୮୯ ଜଣ ଛାତ୍ରୀଛାତ୍ର ଅଛନ୍ତି।



# ମାଟି ନୁହେଁ, କଂକ୍ରିଟ୍ ନଦୀବନ୍ଧ ଜରୁରୀ

ଯାଜପୁର,୪।୯(ହର୍ଷବର୍ଦ୍ଧନ ବେହେରା)



ଭାରତର ବିଭିନ୍ନ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ପାଇଁ ନଦୀର ପ୍ରଖରତାକୁ ଲକ୍ଷ୍ୟ କରି ମାଟି ସହ ପଥର ପ୍ୟାକିଂ ଏବଂ କଂକ୍ରିଟ ନଦୀବନ୍ଧ ନିର୍ମାଣ କରାଯାଇଛି। କିନ୍ତୁ ଓଡ଼ିଶାରେ ତାହା କରାଯାଇନାହିଁ। ଏଠାରେ ଅଧିକାଂଶ ନଦୀବନ୍ଧ କେବଳ ମାଟିରେ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ଅଳ୍ପ ନଦୀବନ୍ଧରେ ପଥର ପ୍ୟାକିଂ ହୋଇଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ଫଳରେ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ ଓ ଏହାର ଶାଖାନଦୀଗୁଡ଼ିକରେ ପ୍ରାୟ ପ୍ରତିବର୍ଷ ବନ୍ୟା ଯୋଗୁ ବହୁ ଧନଜୀବନ କ୍ଷତି ହେଉଛି। ଏଭଳିସ୍ଥିତିରେ କାହିଁକି କଂକ୍ରିଟ କିମ୍ବା ପଥର ପ୍ୟାକିଂ ନଦୀବନ୍ଧ ନିର୍ମାଣ ହେଉନାହିଁ ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ୟା ପାଣିରେ ଲୋକେ ତଳିତଳାନ୍ତ ହୁଅନ୍ତୁ ପଛେ ବନ୍ୟା ବିପନ୍ନଙ୍କ ପ୍ରତି ରାଜନୈତିକ ପ୍ରଭାବ ବିସ୍ତାର, ରିଲିଫ ବଣ୍ଟନରେ ହେରଫେର, ଘାଇ ସୃଷ୍ଟି ହେଲେ ଠିକାଦାରଙ୍କୁ ଅନୁକମ୍ପା ଇତ୍ୟାଦି ପାଇଁ କଂକ୍ରିଟ ନଦୀବନ୍ଧକୁ ଉପେକ୍ଷା କରାଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେଣୁ ମାଟି ନୁହେଁ, କଂକ୍ରିଟ ନଦୀବନ୍ଧ ନିର୍ମାଣ କରାଯିବା ଜରୁରୀ ବୋଲି ନଦୀକୂଳବାସୀ ମତ ରଖିଛନ୍ତି।

ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ବନ୍ୟା ନିୟନ୍ତ୍ରଣ ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ପୂର୍ବରୁ ନିମ୍ନମାନର ନଦୀବନ୍ଧ ନିର୍ମାଣ ଏବଂ ଏହାର ମରାମତି କାର୍ଯ୍ୟ ଯୋଗୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ଏହାବାଦ କେତେକ ଅନଭିଜ୍ଞ ଠିକାଦାରଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ନଦୀବନ୍ଧ ମରାମତି କାର୍ଯ୍ୟକୁ ହାଲୁକା ଭାବେ ଗ୍ରହଣ କରାଯାଉଛି। ବୈତରଣୀ ଓ ତା'ର ଶାଖାନଦୀଗୁଡ଼ିକରେ ଯାଜପୁର ଜିଲାରେ ପ୍ରାୟ ୪୦୦ କିଲୋମିଟର ବନ୍ଧ ରହିଛି। ଆର୍‌ଆଇଡିଏଫ, ନାବାର୍ଡ, ସ୍ୱତନ୍ତ୍ର ରିଲିଫ କମିଶନ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଦି ଯୋଜନାରେ ଅନୁଦାନ ବିନିଯୋଗ ହେଉଛି। ହେଲେ ସ୍ଥାୟୀ ପ୍ରତିକାର ଦିଗରେ ଆଦୌ ଆନ୍ତରିକତା ନ ଥିବା ମନେ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ବୈତରଣୀ ନଦୀବନ୍ଧ ଡାହାଣ ପାର୍ଶ୍ୱ ବ୍ରହ୍ମଚାରୀପାଟଣାଠାରୁ କର୍ୟାଁଗୋଲା, ଖରସ୍ରୋତା ନଦୀବନ୍ଧର ଡାହାଣ ପାର୍ଶ୍ୱ ରାଉତରାଠାରୁ କଣ୍ଟିପୁର, ଖରସ୍ରୋତା ନଦୀବନ୍ଧର ବାମ ପାର୍ଶ୍ୱ ବାଛୋଳଠାରୁ ବାଙ୍ଗରା, ନୂଆମହରା ନଦୀବନ୍ଧର ବାମପାର୍ଶ୍ୱ ନୂଆବାଙ୍କଠାରୁ ଧରମପୁର, ନୂଆମହରା ନଦୀବନ୍ଧର ଡାହାଣ ପାର୍ଶ୍ୱ ଜରିଠାରୁ ପଣାସ, ଡାହାଣପାର୍ଶ୍ୱ ନଦୀବନ୍ଧ କେନାଲ ମନ୍ଦାରଖଣ୍ଡଠାରୁ ଶାସନପଡ଼ା, କାଣୀ ନଦୀବନ୍ଧର ବାମ ଓ ଡାହାଣ ପାର୍ଶ୍ୱର କର୍ୟାଁଗୋଲାଠାରୁ ଦଉପୁର, ଖରସ୍ରୋତା ନଦୀବନ୍ଧର ବାମପାର୍ଶ୍ୱ ବାଛୋଳଠାରୁ ସିଂହପୁର, ଜରିଠାରୁ ବାଙ୍ଗରା ଓ କରୁଣାଠାରୁ ବଗମରା ଏବଂ ବ୍ରାହ୍ମଣୀ ନଦୀର ବିଭିନ୍ନ ନଦୀବନ୍ଧର ସୁଦୃଢ଼ୀକରଣ କରାଯାଇଛି। କିନ୍ତୁ ୨୦୨୦ ଅଗଷ୍ଟ ଶେଷ ବେଳକୁ ଜିଲାରେ ପ୍ରଳୟଙ୍କରୀ ବନ୍ୟାରେ ବୈତରଣୀ, ବ୍ରାହ୍ମଣୀ ଏବଂ ଏହାର ଶାଖାନଦୀଗୁଡ଼ିକରେ ୨୭ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଥିଲେ। ଇତିମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଥର ବନ୍ୟା ଆସିଛି। ଚଳିତ ବର୍ଷ ମଧ୍ୟ ବୈତରଣୀରେ ୫ମ ଥର ବନ୍ୟା ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇ ସାରିଛି।

**ଯାଜପୁର ଜିଲା**

- ନିର୍ମାଣ ହେଉନି କଂକ୍ରିଟ ନଦୀବନ୍ଧ
- ପ୍ରତିବର୍ଷ ବନ୍ୟାରେ ଭାଙ୍ଗୁଛି ମାଟି ବନ୍ଧ
- ବିପୁଳ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ପ୍ରଭାବିତ ହେଉଛନ୍ତି ଲୋକେ

ବନ୍ୟା କେବଳ ମନୁଷ୍ୟକୃତ ନୁହେଁ ଏହା ଓଡ଼ିଶାର ନଦୀ ଅବବାହିକା ପରିଚାଳନାର ଶୋଚନୀୟ ଅବସ୍ଥାକୁ ସୂଚାଉଛି ବୋଲି କୁହାଯାଉଛି। ବୈତରଣୀ ନଦୀର ବନ୍ୟା ନିୟନ୍ତ୍ରଣର ସ୍ଥାୟୀ ପ୍ରତିକାର ପାଇଁ ଏକ ଅଭିଜ୍ଞ ଇଞ୍ଜିନିୟର ଦଳଙ୍କ ମାଧ୍ୟମରେ ସର୍ଭେ କରାଯାଇଥିଲା। କିନ୍ତୁ ସେସବୁ ସର୍ଭେରେ ସୀମିତ ରହିଛି। ବ୍ରାହ୍ମଣୀ ଓ ବୈତରଣୀରେ ଏଭଳି ଅନେକ ବ୍ୟାରେଜ, ଡ୍ୟାମ, ସ୍ଲୁଇସ ଗେଟ ଇତ୍ୟାଦି ପ୍ରକଳ୍ପ ଶୀତଳ ଭଣ୍ଡାରରେ ପଡ଼ି ରହିଛି। ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇ ନ ପାରେ ସତ। କିନ୍ତୁ ବହୁ ମାତ୍ରାରେ ନିୟନ୍ତ୍ରଣ ହୋଇ ପାରନ୍ତା। କେତେଜଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ସରକାର ଲକ୍ଷାଧିକ ଲୋକଙ୍କ ଧନୀଜୀବନ ସହ ଖେଳ ଖେଳୁଛନ୍ତି। ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରତିବର୍ଷ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅନୁଦାନରେ କେବଳ ବନ୍ଧବାଡ଼ ମରାମତି ନାମରେ ବିପୁଳ କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଏହିସବୁ ଉପଯୁକ୍ତ ଯୋଜନା ମାଧ୍ୟମରେ ଖର୍ଚ୍ଚ ହେଉ ନ ଥିବାରୁ ପ୍ରତିବର୍ଷ ଘାଇ ସୃଷ୍ଟି ହୋଇ ବନ୍ୟା ଜଳ ଜନଜୀବନକୁ ବିପନ୍ନ କରୁଛି ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି, କେତେକ ନଦୀବନ୍ଧରେ ପଥର ପ୍ୟାକିଂ କାର୍ଯ୍ୟ ହୋଇଛି। ତେବେ ଘରୋଇ ଜମି ବିବାଦ ଯୋଗୁ କଂକ୍ରିଟ ନଦୀବନ୍ଧ ନିର୍ମାଣ ହୋଇ ପାରୁନାହିଁ। ବୈତରଣୀରୁ ବାହାରିଥିବା କାଣୀ ନଦୀରେ ଏକ ସ୍ଲୁଇସ ଗେଟ ନିର୍ମାଣ କରାଗଲେ କେତେକାଂଶରେ ବନ୍ୟା ନିୟନ୍ତ୍ରଣ ହୋଇପାରିବ।

## କଳିଙ୍ଗନଗର ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଯାଜପୁରରୋଡ୍,୪।୯(ପବିତ୍ର ରଞ୍ଜନ ମହାନ୍ତି)

କଳିଙ୍ଗନଗର ରୋଟାରି କ୍ଲବର ୧୨ତମ ଅଧିଷ୍ଠାନ ଉତ୍ସବ ହୋଟେଲ ଯଯାତି କୋଟ୍ୟାର୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ର ସଭାପତି ରୋଟାରିଆନ କମଳ ଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରୋଟାରି ଜିଲା ୩୨୬୨ ଡିଜି ମନୋଜ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥିଭାବେ ଏଜି ସୁବାସ ଚନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ରୋଟାରିଆନ ଲୋକନାଥ ରାଉତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ପୂର୍ବତନ ସଭାପତି ମହେନ୍ଦ୍ର କୁମାର ପଣ୍ଡାଙ୍କ ଝିଅ ରୋଷନି ପଣ୍ଡା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଇଂ. କମଳଲୋଚନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମନୋଜ କୁମାର ବାରିକଙ୍କୁ ୨୦୨୫-୨୬ବର୍ଷର ସଭାପତି ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ମିଶ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ୨ ନୂତନ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଓ ଅମ୍ବିକା ପ୍ରସାଦ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ବିଶିଷ୍ଟ ଅତିଥିଙ୍କ ଦ୍ୱାରା କ୍ଲବ୍‌ର ବାର୍ଷିକ ପତ୍ରିକା 'ଶିଳ୍ପକଳା କଳିଙ୍ଗନଗର' ଉନ୍ମୋଚିତ ହୋଇଥିଲା। ଅତିଥିମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ଉତ୍ସବରେ କ୍ଲବର ବହୁ କର୍ମକର୍ତ୍ତା, ପଦସ୍ଥ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ। ସୁଦୀପ ମିଶ୍ର, ଅକ୍ଷୟ ପତି, ଦେବସ୍ମିତା ସାହୁ, ଅଚ୍ୟୁତାନନ୍ଦ ମହାନ୍ତି, ମହେନ୍ଦ୍ର ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସୁଶାନ୍ତ ବରାଳ, ପରମେଶ୍ୱର ଦାଶ, ଶିବାନନ୍ଦ ନାୟକ, ଦେବକଲ୍ୟାଣ ଦାସ, ରାମଚନ୍ଦ୍ର ସେନାପତି, ସଞ୍ଜୟ ବୋଇତାଇ, ଯୁଧିଷ୍ଠିର ତରାଇ, କୈଳାଶ ଚନ୍ଦ୍ର ସାହୁ, ଜୟନ୍ତ ଦାସ, ହେମନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। ସରଜେଣ୍ଟ ରୋଟାରିଆନ ସୂର୍ଯ୍ୟକାନ୍ତ ବିଶ୍ୱାଳ ଉପସ୍ଥାନ ତଥ୍ୟ ପ୍ରଦାନ କରିଥିବା ବେଳେ ଦୀନେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଉପୁଡ଼ିଗଲା ୨୦୦ ବର୍ଷର ବରଗଛ

ରସୁଲପୁର,୪।୯(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ଭା ପଞ୍ଚାୟତ ମିର୍ଜାପୁର ଗ୍ରାମର ସୁବର୍ଣ୍ଣେଶ୍ୱରୀ ମନ୍ଦିର ନିକଟରେ ଥିବା ୨୦୦ବର୍ଷ ତଳର ବରଗଛ ଉପୁଡି ପଡିଛି। ଲଘୁଚାପ ଜନିତ ଲଗାଣ ଝଡବର୍ଷା ଯୋଗୁ ଗଛ ଉପୁଡ଼ି ମନ୍ଦିର ଉପରେ ଶୋଇପଡିଛି। ଗଛ ଡାଳ ପ୍ରହାରରେ ମନ୍ଦିର ଆଂଶିକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ଗଛ ଉପୁଡ଼ିଯିବା ଖବର ସ୍ଥାନୀୟ ବୟସ୍କ ବ୍ୟକ୍ତିଙ୍କ ମନରେ ଆଘାତ ପହଞ୍ଚାଇଛି। ତେବେଉପୁଡ଼ି ପଡ଼ିଥିବା ଗଛର ଡାଳକୁ କାଟି ମନ୍ଦିରକୁ ସୁରକ୍ଷିତ ରଖିବା ଦିଗରେ ପଦକ୍ଷେପ ନେବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

## ନୂତନ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟଭାର ଗ୍ରହଣ

ବଡ଼ଚଣା,୪।୯(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଗୁରୁବାର ନୂତନ ଆଞ୍ଚଳିକ ପରିବହନ ଅଧିକାରୀଭାବେ ଶିଶିର କୁମାର ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସାହୁ କାର୍ଯ୍ୟାଳୟରେ ପହଞ୍ଚିଲା ପରେ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଗାଡ଼ି ମାଲିକଙ୍କୁ ଉତ୍ତମ ସେବା ଦେବା, ସଡ଼କ ସୁରକ୍ଷା, ଚଣ୍ଡିଖୋଲ ଟ୍ରାଫିକ ବ୍ୟବସ୍ଥା ସୁଧାର ଆଣିବା, ଦୁର୍ଘଟଣା ହ୍ରାସ ଦିଗରେ ପଦକ୍ଷେପ ନେବା, ଦୁର୍ଘଟଣା ସ୍ଥଳ (ବ୍ଲାକ ସ୍ପଟ) ଚିହ୍ନଟ କରି ଏହାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ସହ ସରକାରଙ୍କ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାରେ ପ୍ରାଥମିକତା ଦେବେ ବୋଲି ସାହୁ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସଭାପତି ଅଜାମ୍ବର ସାହୁ, ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ସଭାପତି ଅମରେନ୍ଦ୍ର ନାୟକ, ସମ୍ପାଦକ ଦିଲୀପ ଚୌଧୁରୀ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କ୍ରିତିରାଜ ସ୍ୱାଇଁ, ଜିଲା କ୍ରଶର ସଂଘ ସଭାପତି ଚନ୍ଦନ ନାୟକ, ପ୍ରଭାତ ରାଉତ, ପ୍ରଦୀପ୍ତ ବେହେରା, ଜିତେନ୍ଦ୍ର ପାଲ ଓ ଅରୁଣ ମହାନ୍ତି ପ୍ରମୁଖ ସାହୁଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଅଧିକାରୀ ସାହୁ ଏହାପୂର୍ବରୁ ଫୁଲବାଣୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ।



ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁଙ୍କୁ ସ୍ୱାଗତ କରାଯାଉଛି।

## ଗଣେଶ ଭସାଣବେଳେ ଗଣ୍ଡଗୋଳ, ଲାଠିଚାର୍ଜ



କୁଆଖିଆ ବଜାରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ରସୁଲପୁର,୪।୯(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ ବଜାରରେ ଗୁରୁବାର ସନ୍ଧ୍ୟାରେ ଗଣେଶ ଭସାଣ ବେଳେ ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉକ୍ତ ଗଣ୍ଡଗୋଳକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୋଲିସ ପକ୍ଷରୁ ଲାଠିଚାର୍ଜ କରାଯାଇଛି। ପୋଲିସ ପ୍ରହାର ଦେଖି ଉଭୟ ଗୋଷ୍ଠୀର ଯୁବକ ଛତ୍ରଭଙ୍ଗ ଦେଇଛନ୍ତି। ଭସାଣ ଶୋଭାଯାତ୍ରା ଅଧାରୁ ବନ୍ଦ ହୋଇଯାଇଛି। ଗାଡ଼ିରେ ଥିବା ଠାକୁରଙ୍କ ମେଢ଼କୁ ନିରାଡ଼ମ୍ବର ଭାବରେ ଗଣ୍ଡଗୋଳ ସ୍ଥାନରୁ ଦୂରକୁ ନିଆଯାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ବଜାର ଅଞ୍ଚଳରେ ପଇଁତରା ମରୁଛି। ବଜାର ଅଞ୍ଚଳ ଶୂନଶାନ ହୋଇଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବାବେଳେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।

କୁଆଖିଆ ବାଜର ସଲଗ୍ନ ଓରାଳି ଓ ସାରଙ୍ଗପୁର ଗ୍ରାମରୁ ୨ ଗଣେଶ ମେଢ ଭସାଣ ସକାଶେ ଶୋଭାଯାତ୍ରାରେ ନିଆଯାଉଥିଲା। ଉଭୟ ମେଢ ପାଖାପାଖି ହୋଇଯିବା ବେଳେ ଉଭୟ ଗୋଷ୍ଠୀର ଯୁବକଙ୍କ ମଧ୍ୟରେ ଆକ୍ଷେପ ଓ ପ୍ରତିଆକ୍ଷେପ ଆରମ୍ଭ ହୋଇଥିଲା। ଫଳରେ ସେମାନଙ୍କ ମଧ୍ୟରେ ବଚସାରୁ ଗଣ୍ଡଗୋଳ ଉପୁଜିଥିଲା। ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବାରୁ ଶୋଭାଯାତ୍ରାରେ ଆଇନଶୃଙ୍ଖଳା ପରିସ୍ଥିତ ଦାୟିତ୍ୱରେ ଥିବା ପୋଲିସକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ହେଲେ ଗଣ୍ଡଗୋଳ ନିୟନ୍ତ୍ରଣକୁ ଆସି ନ ଥିଲା। ପରେ କୁଆଖିଆ ଥାନା ପକ୍ଷରୁ ଅଧିକ ଫୋର୍ସ ମୁତୟନ କରାଯାଇ ଲାଠିଚାର୍ଜ କରାଯାଇଥିଲା। ଉଭୟ ଗୋଷ୍ଠୀ ପଡ଼ୋଶୀ ଗାଁର ହୋଇଥିବାରୁ ଭସାଣ ପରବର୍ତ୍ତୀ ସ୍ଥିତିରେ ଗଣ୍ଡଗୋଳ ଉପୁଜିବା ସମ୍ଭାବନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଅଧିକ ଫୋର୍ସ ମୁତୟନ କରାଯାଇସ୍ଥିତି ଉପରେ ନଜର ରଖାଯାଇଛି। ଗଣ୍ଡଗୋଳ ସମ୍ପର୍କରେ କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ବାସନ୍ତୀ ମଞ୍ଜରୀ ବିଦ୍ୟାପୀଠ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ବରୀ,୪।୯(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ବାଲିଆ ପଞ୍ଚାୟତ ନହଣ ବାସନ୍ତୀ ମଞ୍ଜରୀ ବିଦ୍ୟାପୀଠର ୪ର୍ଥ ଶ୍ରେଣୀ କର୍ମଚାରୀ ଗୟାଧର ମହାନ୍ତି ଅବସର ଗ୍ରହଣ କରିଛନ୍ତି। ବିଦ୍ୟାପୀଠରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୃଷଭାନୁ ଜେନା ସଭାପତିତ୍ୱ କରିଥିଲେ। ସେ କହିଥିଲେ, ଗୟାଧର ୩୫ ବର୍ଷ ଚାକିରିକାଳ ମଧ୍ୟରେ ୩୧ ବର୍ଷ ଅବୈତନିକ ଭାବେ କାର୍ଯ୍ୟ କରିଥିଲେ। ଚାକିରି ଜୀବନର ଶେଷ ୪ ବର୍ଷ ବେତନ ପାଇଥିଲେ ମଧ୍ୟ ତାଙ୍କ ଚାକିରି ଜୀବନରେ କେବେ ହେଲେ ବିଦ୍ୟାଳୟ ପ୍ରତି ଅବହେଳା ପ୍ରଦର୍ଶନ କରିନାହାନ୍ତି। ଏହା ତାଙ୍କ ମହାନୀୟତାର ପରିଚୟ ପ୍ରଦାନ କରେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀ ପ୍ରଭଞ୍ଜନ ପତି ଯୋଗଦେଇ ମହାନ୍ତିଙ୍କ ତ୍ୟାଗ ଓ ନିଷ୍ଠା ଅନ୍ୟ କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଭାଗ୍ୟଧର ସାହୁ ଯୋଗ ଦେଇଥିଲେ। ବିଦ୍ୟାପୀଠର ଶିକ୍ଷୟିତ୍ରୀ, ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ଅଧ୍ୟୟନରତ ଛାତ୍ରୀଛାତ୍ର, ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଗ୍ରାମବାସୀ ଯୋଗଦେଇ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## ଦୁର୍ଗାପୂଜା ଲାଗି ମାଟି ଅନୁକୂଳ

ବଡ଼ଚଣା, ୪।୯ (ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ସାର୍ବଜନିନ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଛି। ଦୁର୍ଗା ମଣ୍ଡପଠାରୁ ପୁରୋହିତ, କର୍ତ୍ତା ଓ କମିଟି କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଇ ସୁଙ୍ଗୁଡ଼ା ଖେଳପଡ଼ିଆରେ ପହଞ୍ଚିଥିଲେ। ପୂଜକ ତପନ ଦାଶ, କର୍ତ୍ତା ଲଲାଟେନ୍ଦୁ ବିଶ୍ୱାଳ ମାଟି ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ବିଭୂତି ଭୂଷଣ ଜେନା, ଉପସଭାପତି ସଂଜୟ ସ୍ୱାଇଁ, ପ୍ରଶାନ୍ତ ଜେନା, ସମ୍ପାଦକ ଅକ୍ଷୟ ସ୍ୱାଇଁ, ସହସମ୍ପାଦକ ଅଟଳ ବିହାରୀ ଜେନା, ମନୋଜ ସାହୁ, କୋଷାଧ୍ୟକ୍ଷ ରତିକାନ୍ତ ସ୍ୱାଇଁ, ସଭ୍ୟ ଶୈଳେନ୍ଦ୍ର ନାୟକ, ସନ୍ତୋଷ ରାଉତ, ବ୍ରଜକିଶୋର ସ୍ୱାଇଁ, ବୈକୁଣ୍ଠ ସାମନ୍ତରାୟ, ପ୍ରମୋଦ ଜେନା, ସମରେନ୍ଦ୍ର ମାହାଲା, ଅନିନ୍ଦ୍ୟ ସାମଲ, ସମ୍ବିତ ମହାପାତ୍ର, ପ୍ରଦୀପ ନାୟକ, ରବୀନ୍ଦ୍ର ନାୟକ, ଡମ୍ବରୁଧର ଜେନା, ପ୍ରଭାତ ବିଶ୍ୱାଳ, ଦୟାନିଧି ସାହୁ, ମନମୋହନ ରାଉତ ଓ ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ବ୍ରାଉନସୁଗାର କାରବାର କରୁଥିବା ମହିଳା ଗିରଫ

ବିଞ୍ଝାରପୁର/ସିଂହପୁର,୪।୯
(ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ଅଞ୍ଚଳରେ ଦୀର୍ଘଦିନ ଧରି ବ୍ରାଉନସୁଗାର କାରବାର କରୁଥିବା ଜଣେ ମହିଳାଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ବିପୁଳ ବ୍ରାଉନସୁଗାର ଓ ନଗଦ ଟଙ୍କା ଜବତ କରିଛି। ଗିରଫ ମହିଳା ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ସୟଦପୁର ପଞ୍ଚାୟତ ନୁରମହଲାର ନାଗମା ବିବି। ବିଞ୍ଝାରପୁର ଅଞ୍ଚଳରେ ବ୍ରାଉନସୁଗାର କାରବାରକୁ ନେଇ ଥାନାରେ ଅଭିଯୋଗ ହୋଇଆସୁଥିଲା। ଏହି କାରବାର ଉପରେ ପୋଲିସ ନଜର ରଖିଥିଲା। ସକାଳେ କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସଦଳବଳ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ମଇନ୍ଦା ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ନଗମା ବ୍ରାଉନସୁଗାର ବିକ୍ରି କରିବାକୁ ଆଣୁଥିବା ବେଳେ ତାଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ନଂ.୪୦୬/୨୫ରେ ଏକ ମାମଲା ରଜୁ ହୋଇଛି।

## ଜାରକାକୁ ଏନ୍‌ଏସିରୁ ବାଦ୍ ନେଇ ବିଜେଡିର ଗଣଧାରଣା




ଜାରକା ଓଭରବ୍ରିଜ୍ ତଳେ ଗଣଧାରଣା ଦିଆଯାଇଛି।

ଧର୍ମଶାଳା,୪।୯(ବଟକୃଷ୍ଣ ପରିଡ଼ା)

ରାଜ୍ୟ ସରକାର ୧୬ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଘୋଷଣା କରିଛନ୍ତି। ଏହିତାଲିକାରେ ଯାଜପୁର ଜିଲାର ଚଣ୍ଡିଖୋଲ ସ୍ଥାନ ପାଇଥିବାବେଳେ ଜାରକା ବାଦ୍ ପଡ଼ିଛି। ଏନେଇ ଗୁରୁବାର ଧର୍ମଶାଳା ବିଜେଡି ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥର ଜାରକା ଓଭରବ୍ରିଜ୍ ତଳେ ଗଣଧାରଣା ଦିଆଯାଇଛି।

ଜାରକାକୁ ଏନ୍‌ଏସି ଘୋଷଣା କରା ନ ଗଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି। ଗଣଧାରଣା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ପ୍ରସନ୍ନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ ପୂର୍ବତନ ବିଧାୟକ ବଳବନ୍ତରାୟ ଯୋଗଦେଇ କହିଥିଲେ, ଜାରକାକୁ ଏନଏସି କରିବାକୁ ପୂର୍ବ ବିଜେଡି ସରକାର ଘୋଷଣା କରିଥିଲେ। ମାତ୍ର ଡବଲ୍ ଇଞ୍ଜିନ୍ ସରକାର ବାଦ୍ ଦେଇଛନ୍ତି। ଫଳରେ ଧର୍ମଶାଳାବାସୀଙ୍କ ମଧ୍ୟରେ ଜନଅସନ୍ତୋଷ ଦେଖାଦେଇଛି। ଜାରକାକୁ ଏନ୍‌ଏସି ଦାବିରେ ଆଗାମୀ ଦିନରେ ଦଳ ରାସ୍ତାକୁ ଓହ୍ଲାଇବ। ଏହି ଗଣଧାରଣାରେ ପୂର୍ବତନ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ପ୍ରିୟନାଥ ମହାପାତ୍ର, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ପୂର୍ବତନ ଜିଲାପରିଷଦ ଉତ୍କଳମଣି ଦାସ, ଦୁଷ୍ମନ୍ତ ଜେନା, ଅମିୟ ପରିଡ଼ା, ଅମରେନ୍ଦ୍ର ରାୟ, ସଞ୍ଜୟ ଧୀର, କ୍ଷୀତିଶ ନାୟକ ପ୍ରମୁଖ ଯୋଗଦେଇ ଦୃଢ଼ ପ୍ରବାଦ କରିଥିଲେ। ୩୬ବର୍ଷ ପୂର୍ବରୁ ଜାରକାକୁ ଏନଏସି ଘୋଷଣା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇ ଆବଶ୍ୟକ କାଗଜପତ୍ର ବିଭାଗ ନିକଟରେ ଦାଖଲ କରାଯାଇଥିଲା। ବିଗତ ଦିନର ବିଭାଗୀୟ ମନ୍ତ୍ରୀମାନେ ଜାରକା ଏନ୍‌ଏସି ହେବା ପାଇଁ ପ୍ରସ୍ତାବ ଥିବା ବିଧାନସଭାରେ ବିଭିନ୍ନ ସମୟରେ ପ୍ରଶ୍ନଉତ୍ତରରେ ସୂଚନା ଦେଇଥିଲେ ବୋଲି ବିଜେଡି ଅଭିଯୋଗ କରିଛି। ଜାରକାକୁ ଏନ୍‌ଏସି ଘୋଷଣା ନ କରିବା ନେଇ ଧର୍ମଶାଳା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି।


**ବିଦେଶୀ ମଦ ଜବତ, ଜଣେ ଗିରଫ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତର ଡିଅର ଓ କୁରୁଣ୍ଟି ରାସ୍ତାରୁ ଗୁରୁବାର ପୋଲିସ ୧୮.୪୬୦ ଲିଟର ବିଦେଶୀ ମଦ ଜବତ କରିଛି। ଚୋରା ମଦ କାରବାର ଘଟଣାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି ବୋଲି ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି। ମହୁଲିଆ ପଞ୍ଚାୟତ ପୋଖରିଆ ଗ୍ରାମର ଅର୍ଜୁନ ଚରଣ ମଲିକ ଓ ମଙ୍ଗୁଲି ସ୍ୱାଇଁ ଚୋରା ବିଦେଶୀ ମଦ ନେଇ କି ଯାଉଥିବା ପୋଲିସ ଖବର ପାଇଥିଲା। ଆଇଆଇସି ସାହୁଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ମଦ ଜବତ କରିବା ସହ ଅଭିଯୁକ୍ତ ଅର୍ଜୁନଙ୍କ ଧରିଥିଲେ। ମାତ୍ର ମଙ୍ଗୁଲି ଖସିଯିବାରେ ସକ୍ଷମ ହୋଇଛନ୍ତି। ପୋଲିସ ନଂ. ୨୧୮/୨୫ରେ ମାମଲା ରୁଜୁ କରିଛି।

# ନିଶ୍ଚିନ୍ତରେ ଦେଶାନ୍ତର ନୋଟିସ ପାଇଥିବା ଲୋକ

କେନ୍ଦ୍ରାପଡ଼ା, ୪।୯ (ଜଗନ୍ନାଥ ଧଳ)

- ଅନୁପ୍ରବେଶକାରୀଙ୍କୁ ବଳ ଯୋଗାଇଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ
- ଅମିତ ରାୟ ଏବେ ଦୁଇ ଦେଶର ନାଗରିକ
- ଜଙ୍ଗଲ ଜମିର ମାଲିକାନା ବଙ୍ଗଭାଷୀଙ୍କ ଦାବି




୨୦୧୯ ଡିସେମ୍ବର ୧୨ରେ ନାଗରିକତ୍ୱ ସଂଶୋଧନ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି। ପାକିସ୍ତାନ, ଆଫଗାନସ୍ତାନ ଓ ବାଂଲାଦେଶର ସଂଖ୍ୟାଲଘୁ ଭାବେ ପରିଚିତ ହିନ୍ଦୁ, ପାର୍ସୀ, ବୌଦ୍ଧ, ଜୈନ, ଶିଖ ଓ ଖ୍ରୀଷ୍ଟିଆନ ଧର୍ମର ନିର୍ଯାତିତ ଓ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତରେ ଶରଣ ନେଇଥିବା ବ୍ୟକ୍ତିଙ୍କୁ ନାଗରିକତା ପ୍ରଦାନ କରାଯିବ ବୋଲି ଏହି ଆଇନରେ ଉଲ୍ଲେଖ ଅଛି। ବର୍ତ୍ତମାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମଙ୍ଗଳବାର ପ୍ରକାଶିତ ନିର୍ଦ୍ଦେଶନାମାରେ ଏହାକୁ ସମର୍ଥନ କରିବା ସହିତ ସମୟ ସୀମା ୨୦୧୪ରୁ ୨୦୨୪କୁ ବୃଦ୍ଧି କରାଯାଇଛି। ଯାହା ଏବେ ବହୁଳ ଭାବେ ଅନୁପ୍ରବେଶକାରୀ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରେ ରହିଥିବା ଆଲୋଚନା ହେଉଛି। ଏପରି କି ଜିଲାର ଅନୁପ୍ରବେଶକାରୀଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶନାମା ବଳ ଯୋଗାଇଲା ବୋଲି ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ ଚାଲିଛି।

୧୯୭୧ ବଙ୍ଗ ବିଭାଜନ ସମୟରେ କେନ୍ଦ୍ରାପଡ଼ା ଜିଲାରେ ମୋଟ ୧୨୩୭ ବାଂଲାଦେଶୀ ଶରଣାର୍ଥୀଙ୍କୁ ମହାକାଳପଡ଼ା ବ୍ଲକ ରାମନଗର ଅଞ୍ଚଳରେ ଥଇଥାନ କରାଯାଇଥିଲା। ୨୦୧୧ ଜନଗଣନାରେ ବଙ୍ଗଭାଷୀଙ୍କ ସଂଖ୍ୟା ୭୭ ହଜାରରୁ ଊର୍ଦ୍ଧ୍ୱ ବୋଲି ତଥ୍ୟରେ ଅଛି। ମାତ୍ର ୪୦ ବର୍ଷ ମଧ୍ୟରେ ବଙ୍ଗଭାଷୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବାର କାରଣ ଅନୁପ୍ରବେଶ ବୋଲି ଆଲୋଚନା ହେଉଛି। ୨୦୦୩ ମସିହାରେ ଜିଲା ପ୍ରଶାସନ ପକ୍ଷରୁ ଅନୁପ୍ରବେଶ ସମ୍ପର୍କରେ ଏକ ସର୍ଭେ ହୋଇଥିଲା। ଏହି ସର୍ଭେ ମୁତାବକ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୫୫୧, ରାଜନଗରରେ ୩୦ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ୬୮ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ। ୨୦୦୫ ମସିହାରେ ମହାକାଳପଡ଼ା ବ୍ଲକ ଅଞ୍ଚଳର ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ହୋଇଥିଲା।

ଏହି ଦେଶାନ୍ତର ନୋଟିସରେ ସମସ୍ତେ ହିନ୍ଦୁ ହୋଇଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶନାମା ପରେ ସେମାନଙ୍କୁ ଭାରତର ନାଗରିକ ପରିଚୟ ପତ୍ର ମିଳିବା ସହଜ ହୋଇଛି। ଏହାକୁ ସହଜ ଭାବେ ଅନୁପ୍ରବେଶକାରୀ ଉପଯୋଗ କରିବେ ବୋଲି ଆଲୋଚନା ଜାରି ରହିଛି। ଶରଣାର୍ଥୀ ଓ ଅନୁପ୍ରବେଶକାରୀଙ୍କ ମଧ୍ୟରେ ପ୍ରଭେଦ ଏହି ଜିଲାରେ ଚିହ୍ନଟ ଏବେ ନୁହେଁ। କାରଣ ସମୁଦ୍ର ପଥ, ରାଜ୍ୟର ମାଲକାନଗିରି ଜିଲା, ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ ବାଟ ଦେଇ କେନ୍ଦ୍ରାପଡ଼ା ଜିଲାକୁ ଅନୁପ୍ରବେଶକାରୀ ଅନାୟାସରେ ପଶି ଆସୁଛନ୍ତି। ଏହାର ଉଦାହରଣ ଭାବେ ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ବରକୋଳିଖଳା ଗ୍ରାମର ଅମିତ ରାୟଙ୍କୁ ନିଆଯାଇପାରେ। ଅମିତଙ୍କ ଘର ବାଂଲାଦେଶର ବଜରହାଟ ଜିଲା ଚତଲମାରି ଥାନା ଆତୁଲିୟେ ଗ୍ରାମରେ। ଅମିତ ହେଉଛନ୍ତି ଆତୁଲିୟେ ଗ୍ରାମର ବିଧାନ ରାୟ ଓ ଆଶାଲତା ରାୟଙ୍କ ପୁଅ। ୧୯୯୩ ଡିସେମ୍ବର ୨୫ରେ ଜନ୍ମିତ ଅମିତଙ୍କ ଢାକାର ବାଂଲାଦେଶ ଟେକ୍ନିକାଲ ଏଡୁକେଶନ ବୋର୍ଡର ସାର୍ଟିଫିକେଟ୍, ବରିସାଲର ପିଙ୍କି କମ୍ପ୍ୟୁଟର ଟ୍ରେନିଂ ସାର୍ଟିଫିକେଟ ସହିତ ବାଂଲାଦେଶର ବିଭିନ୍ନ ପ୍ରମାଣପତ୍ର ରହିଛି। ଅପରପକ୍ଷରେ ସେ ବରକୋଳିଖଳା ଗ୍ରାମର ବିକାଶ ରାୟଙ୍କ ପୁଅ ଭାବେ ଏଠାରେ ରହୁଛନ୍ତି। ଏପରିକି ସ୍ଥାନୀୟ ରାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୨୦୧୦ରେ ଅଷ୍ଟମ ଶ୍ରେଣୀ ପଢ଼ିଥିବା ସାର୍ଟିଫିକେଟ ପାଇ ରହୁଛନ୍ତି। ଅମିତ ଅନୁପ୍ରବଶକାରୀ ହୋଇଥିଲେ ମଧ୍ୟ ଶରଣାର୍ଥୀ ଭାବେ ନାଗରିକତା ହାତେଇବା ସହଜ ହୋଇଛି। କେବଳ ଅମିତ ନୁହନ୍ତି, ଏପରି ବହୁ ଅନୁପ୍ରବେଶକାରୀଙ୍କ ନିକଟରେ ଭାରତୀୟ ବୋଲି ପ୍ରମାଣପତ୍ର ଅଛି। ଜଙ୍ଗଲ ଜମି ଉପରେ ଏହି ଅନୁପ୍ରବେଶକାରୀ ଜବରଦଖଲରେ ରହିବା ପରେ ଭୂମିହୀନ ଦର୍ଶାଇ ଜମି ହଡପରେ ଲାଗି ପଡିଛନ୍ତି। ଏପରି କି ଜିଲାର ୨୦ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଜମି ଅନୁପ୍ରବେଶକାରୀଙ୍କ ହାତରେ ରହିଥିବା ଆଲୋଚନା ଜୋର ଧରିଛି।

## ଗଣ୍ଡଗୋଳ ଆଶଙ୍କା: ପଟ୍ଟାମୁଣ୍ଡାଇ ସହରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ


ପ୍ରଶାସନିକ ଅଧିକାରୀ ଓ ପୋଲିସ ପକ୍ଷରୁ ପଟ୍ଟାମୁଣ୍ଡାଇ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ପଟ୍ଟାମୁଣ୍ଡାଇ, ୪।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସହର କିଛିଦିନ ହେବ କେତେଜଣ ଅସାମାଜିକ ତତ୍ତ୍ୱଙ୍କ ପାଇଁ ଅଶାନ୍ତ ହୋଇପଡିଛି। ବାଲି ଖାଦାନାର ସାମାନ୍ୟ ଘଟଣାକୁ ନେଇ ଦୁଇ ସମ୍ପ୍ରଦାୟର ୨ଟି ଗୋଷ୍ଠୀ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଓ ଉଭୟପକ୍ଷର ୪ଜଣଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ କୋର୍ଟ ଚାଲାଣ କରିଛି। ଏହି ଘଟଣାକୁ ସାମ୍ପ୍ରଦାୟିକ ଗଣ୍ଡଗୋଳରେ ପରିଣତ କରିବାକୁ କେତେଜଣ ଅସାମାଜିକ ତତ୍ତ୍ୱ ଷଡଯନ୍ତ୍ର କରିବା ଘଟଣା ପୋଲିସ ନଜରକୁ ଆସିଛି। ଏହାର ସ୍ଥାୟୀ ସମାଧାନ ପାଇଁ ବୁଧବାର ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଆହୁତ ହୋଇଥିଲା। ତେବେ ବିଭିନ୍ନସ୍ଥାନରେ ଛାପା ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପ୍ରଶାସନ ଜାଗତିଆର ରହିଛି। ଶୁକ୍ରବାର ପ୍ରଫେଟ୍ ମହମ୍ମଦଙ୍କ ଜୟନ୍ତୀ ଥିବାରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ କିଛି ଅଘଟଣ ଘଟିବା ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗୁରୁବାର ରାତି ସାଢ଼େ ୧୦ଟାରେ ପୋଲିସ ଫ୍ଲାଗ ମାର୍ଚ୍ଚ ଆରମ୍ଭ କରିଛି। ଆଗକୁ ଶାରଦୀୟ ଦୂର୍ଗା ପୂଜା ଉତ୍ସବ ଥିବାରୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତ ରହିବା ସହିତ ଫ୍ଲାଗ୍‌ମାର୍ଚ୍ଚ କରି ଗଣ୍ଡଗୋଳକାରୀଙ୍କୁ ସତର୍କ ସୂଚନା ଦେଇଛି। ଆଗାମୀଦିନରେ କୌଣସି ବିଶୃଙ୍ଖଳା ଓ ଗଣ୍ଡଗୋଳକୁ ବରଦାସ୍ତ କରାଯିବ ନାହିଁ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ଗୁରୁବାର ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ସହରରେ ହୋଇଥିବା ଫ୍ଲାଗମାର୍ଚ୍ଚରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ନାୟକ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ପ୍ରଶାସନିକ ଓ ପୋଲିସ ଅଧିକାରୀ ସାମିଲ ହୋଇଛନ୍ତି। ଶାନ୍ତି ଶୃଙ୍ଖଳା ବଜାୟ ନ ରହିଲେ କଠୋର କାର୍ଯ୍ୟାନୁଷ୍ଠାନର ବାର୍ତ୍ତା ଦେଇଛନ୍ତି।

## ଦୁର୍ଘଟଣାରେ ଶିକ୍ଷକ ନେତା ବୀରେନ୍ଦ୍ରଙ୍କ ମୃତ୍ୟୁ


ବୀରେନ୍ଦ୍ର ପଣ୍ଡା

ଆଳି, ୪।୯ (ବନମାଳୀ ସେନାପତି)

ଶିକ୍ଷକ ନେତା ତଥା ସାମାଜିକ କର୍ମୀ ବୀରେନ୍ଦ୍ର ପଣ୍ଡା(୬୮)ଙ୍କ ବୁଧବାର ରାତିରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବୀରେନ୍ଦ୍ରଙ୍କ ମୃତ୍ୟୁରେ ଆଳି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବୁଧବାର ସନ୍ଧ୍ୟାରେ ତାଙ୍କ ଶାଶୁଙ୍କୁ ଡାକ୍ତର ଦେଖାଇବା ପାଇଁ ସେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। କଟକ ତେଲଙ୍ଗାପିଠଠାରେ ଗାଡି ଅଚଳ ହେବାରୁ ନିକଟରେ ଥିବା ଏକ ଗ୍ୟାରେଜକୁ ମେକାନିକ ଡାକିବାକୁ ଯିବା ପାଇଁ ରାସ୍ତା ଅତିକ୍ରମ କଲାବେଳେ ପଛପଟୁ ଏକ ଦ୍ରୁତଗାମୀ ଯାନ ତାଙ୍କୁ ଧକ୍କା ଦେଇଥିଲା। ତାକୁସଙ୍ଗେସଙ୍ଗେ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରମାନେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଳି ବଡାମ୍ବିଳା ପଞ୍ଚାୟତ ନମଜା ଅଞ୍ଚଳର ବାଲିଅଡା ଗ୍ରାମରେ ଜନ୍ମିତ ବୀରେନ୍ଦ୍ର କଳଦିଆ ରାଧାନାଥ ମଇ ବିଦ୍ୟାଳୟରେ ଶିକ୍ଷକ ଥିବାବେଳେ ପ୍ରଥମେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଆଳି ବ୍ଲକ ସଂଘର ସମ୍ପାଦକ, ପରେ ଜିଲା ସଂଘର ସମ୍ପାଦକ ଓ ଶେଷରେ ରାଜ୍ୟ ସଂଘ ସଭାପତି ଥିଲେ। ଜଣେ ଛାମୁଆ ନେତା ଭାବେ ସମଗ୍ର ଓଡ଼ିଶାର ଶିକ୍ଷକମାନଙ୍କ ମଧ୍ୟରେ ପରିଚିତ ଥିଲେ। ଆଳି ଅଞ୍ଚଳର ଅନେକ ଅନୁଷ୍ଠାନ ସହ ତାଙ୍କର ସମ୍ପର୍କ ରହିଥିଲା। ଗୁରୁବାର ଅପରାହ୍ଣରେ ଆଳି ନିଆଳ ହାଟଠାରେ ତାଙ୍କ ମୃତଦେହ ପହଞ୍ଚିବା ପରେ ଅପେକ୍ଷା କରିଥିବା ବହୁ ଲୋକ ଶେଷ ଦର୍ଶନ କରିଥିଲେ। ଏହା ପରେ ଏକ ପଟୁଆରରେ ମୃତଦେହକୁ ନମଜା ଅଭିମୁଖେ ନିଆଯାଇଥିଲା। ନମଜା ପରିକ୍ରମା କରିବା ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। କଂଗ୍ରେସ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମା ନିଆଳଠାରେ ଶେଷ ଦର୍ଶନ କରିବା ସହ ମୃତଦେହ ଶୋଭାଯାତ୍ରାରେ ଯାଇ ଶୋକ ସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସାନ୍ତ୍ୱନା ପ୍ରଦାନ କରିଛନ୍ତି। ବିଧାୟକ ପ୍ରତାପ ଦେବ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଜିଲା ପରିଷଦ ଜୟରାମ ସାହୁ, ପ୍ରଦ୍ୟୁମ୍ନ ଦାଶ, ବଡାମ୍ବିଳା ସରପଞ୍ଚ ସଚଳା ମହୀ, ଆଳି ବ୍ଲକ ସରପଞ୍ଚ ସଂଘ ସଭାପତି ସନାତନ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ପଟ୍ଟାମୁଣ୍ଡାଇରେ ଜିଲା କଂଗ୍ରେସର ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ



ସୃଜନ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତାମାନେ।

ପଟ୍ଟାମୁଣ୍ଡାଇ, ୪।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ପକ୍ଷରୁ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ, କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଗୋପୀନାଥ ପଲାନିଆୟନ ଯୋଗଦେଇ କଂଗ୍ରେସ ଦଳର ସଙ୍ଗଠନ ଅଭିବୃଦ୍ଧି ପାଇଁ ଦଳୀୟ ନେତା ଓ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ସଭାପତି ଚୟନ ପାଇଁ ମତାମତ ନେଇଥିଲେ। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ କରିଥିବା ସୂଚନା ଦେବା ସହିତ ସାମାଜିକ ନ୍ୟାୟ ପାଇଁ କାର୍ଯ୍ୟ କରୁଥିବା ତଥା ସମସ୍ତଙ୍କୁ ସାଙ୍ଗରେ ନେଇ ସଙ୍ଗଠନକୁ ସୁଦୃଢ଼ କରିବାର ଦକ୍ଷତା ସର୍ବୋପରି କଂଗ୍ରେସ ଦଳ ପ୍ରତି ସମର୍ପିତ ମନୋଭାବ ଥିବା ବ୍ୟକ୍ତିଙ୍କୁ ଜିଲା ସଭାପତି ଭାବେ ଚୟନ କରିବାକୁ ମତ ଦେଇଥିଲେ। ଏଥିସହ କେନ୍ଦ୍ରାପଡ଼ା ଜିଲାର ୫ ବିଧାନସଭା ଆସନ ସହ ଲୋକସଭା ଆସନରେ ଦଳୀୟ ପ୍ରାର୍ଥୀ ବିଜୟୀ ହେବା ନେଇ ପଲାନିଆୟନ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସଂଯୋଜକ ମାନସ କର, କନକଲତା ମଲ୍ଲିକ କେନ୍ଦ୍ରାପଡ଼ା ଜିଲା ସଂଯୋଜକ ପ୍ରଫୁଲ୍ଲ ଦାସ, ରାଜନଗର କଂଗ୍ରେସ ନେତା ଅଶୋକ ପ୍ରତିହାରୀ, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଧନେଶ୍ୱର ଦାସ, ମଳୟ ଦାସ, ପ୍ରଶାନ୍ତ ରାଉତ, ତପନ ପାତ୍ର, ପ୍ରଦୀପ ପ୍ରଧାନ, ପ୍ରକାଶ ମହାନ୍ତି, ରବି ନାରାୟଣ ମିଶ୍ର, ମାଳତି ପାତ୍ର, ଚାନ୍ଦ ମିର୍ଜା, ସ୍ମୃତିରଞ୍ଜନ ପାଢ଼ୀ, ସର୍ବେଶ୍ୱର ସେଠୀ କିଶୋର ସାହୁ, ଅଭୟ ସେଠୀ, ରଞ୍ଜିତ ସାହୁ, ପ୍ରଭାତ ସେଠୀ, ପ୍ରଭାକର ସାହୁ, ରିନା ବିଶ୍ୱାଳ, ଗୌରହରି ବିଶ୍ୱାଳ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ରାଜକନିକାର ୨ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ

ରାଜକନିକା, ୪।୯ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ପକ୍ଷରୁ ରାଜ୍ୟବ୍ୟାପୀ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ। ଏହି ଅବସରରେ ରାଜକନିକା ବ୍ଲକ କାଟଣା-ବଣିଆଁ ପଞ୍ଚାୟତର ତାରାମଣୀ କପିଳେଶ୍ୱର ହାଇସ୍କୁଲ, କାଟଣାର କଳା ବିଭାଗରେ ଅଲିଭା ମଞ୍ଜରୀ ନାୟକ ଓ ବିଜ୍ଞାନ ବିଭାଗରେ ଶିକ୍ଷକ ଆଦିତ୍ୟ ବାରିକଙ୍କୁ ସମ୍ମାନିତ ହେବା ପାଇଁ ମନୋନୀତ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।


ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସହକର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ

ରାଜକନିକା, ୪।୯ (ସଞ୍ଜୟ କୁମାର ଦାଶ)

ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଗୁରୁବାର ସୁନିଆଁ ବାମନ ଜନ୍ମ ପୁଣ୍ୟ ତିଥିରେ ବୈତରଣୀ ଓ ଖରସ୍ରୋତା ନଦୀ ସଂଲଗ୍ନ ଘାଟଠାରେ ଘଣ୍ଟ, ବାଜାବାଣ, ହୁଳହୁଳି କୀର୍ତ୍ତନ ସହ ପୂଜାବିଧି ପୂର୍ବକ ମାଟି ଉଠା ବା ଅନୁକୂଳ ପର୍ବ ହୋଇଯାଇଛି। ରାଜକନିକା ବ୍ଲକ କଣ୍ଟପଡ଼ା ବଜାରର ଶ୍ରୀ ଶ୍ରୀସତ୍ୟନାରାୟଣ ବଣିକ ସଂଘ ଆନୁକୂଲ୍ୟରେ ଚଳିତବର୍ଷ ବିଧି ପୂର୍ବକ ମା'ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେବାକୁ ଯାଉଛି। ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟାସଭ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣରେ ଆସନ୍ତା ୨୭ରୁ ଷଷ୍ଠୀ ପୂଜା ଆରମ୍ଭ ହୋଇ ଅକ୍ଟୋବର ୨ରେ ଦଶହରା ଓ ୩ରେ ଭସାଣି ଉତ୍ସବ ହୋଇ ସମାପନ ହେବ ବୋଲି ବଣିକ ସଂଘର ସଭାପତି ଅଜୟ କୁମାର ଦାଶ, ସମ୍ପାଦକ ଜ୍ଞାନରଞ୍ଜନ ସାହୁ ଓ କୋଷାଧ୍ୟକ୍ଷ ଦୟାନିଧି ଦାଶ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି।


ଦୁର୍ଗା ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ ଲାଗି ପୂଜାର୍ଚ୍ଚନା ଚାଲିଛି।

## ପଟ୍ଟାମୁଣ୍ଡାଇରେ ବୀମା ସପ୍ତାହ ପାଳନ

ପଟ୍ଟାମୁଣ୍ଡାଇ, ୪।୯ (କଳ୍ପତରୁ ନାୟକ)

ଭାରତୀୟ ଜୀବନ ବୀମା ନିଗମ ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ବୀମା ସପ୍ତାହ ପାଳନ କରାଯାଇଛି। ପଟ୍ଟାମୁଣ୍ଡାଇ ଶାଖା ପ୍ରବନ୍ଧକ ଅରୁଣ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଭାରତୀୟ ଜୀବନବୀମା ନିଗମର କାର୍ଯ୍ୟାଧାରା, ସାମାଜିକ ଓ ଆର୍ଥିକ ବିକାଶରେ ଜୀବନବୀମାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସୁଜିତ କୁମାର ସିଂ, କୁଳମଣି ଗୋଛାୟତ, ସୁଦର୍ଶନ ଜେନା, ରାକେଶ କୁମାର ଧଳ, ଆଦିତ୍ୟ ଶଙ୍କର ଦାଶ ଓ ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଭାଷଣ ଦେଇ ଭାରତୀୟ ଜୀବନ ବୀମା ନିଗମର ଅତୀତ ଓ ବର୍ତ୍ତମାନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

## ଆଇନ ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରୀଙ୍କ ପ୍ରବେଶ ଉତ୍ସବ



ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥି।

ଡେରାବିଶ, ୪।୯ (ବେବର୍ତ୍ତା ଅଜୟ ଦାଶ)

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଉଦୟନଗରସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ନବାଗତ ଆଇନ ସ୍ନାତକ ଛାତ୍ରୀଛାତ୍ରମାନଙ୍କ ଚଳିତ ଶିକ୍ଷାବର୍ଷ ନିମନ୍ତେ ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ରବୀନ୍ଦ୍ର କୁମାର ବଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ପ୍ରଫେସର ଡ. କଳିଙ୍ଗ କେଶରୀ ବେହେରା, ବରିଷ୍ଠ ପ୍ରଧାପକ ପ୍ରଫେସର ଚିରଞ୍ଜୀବୀ ପଣ୍ଡା, ପ୍ରଫେସର ତିମିରକାନ୍ତ ପରିଡ଼ା, ପ୍ରଫେସର ରାଜକିଶୋର ମହାନ୍ତି, ଅଧାପିକା ସସ୍ମିତା ସେଠୀ ଓ ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଭଗବତୀ ପ୍ରସାଦ ଦାସ ଯୋଗଦେଇ ଆଇନ ଶିକ୍ଷାର ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏଥିସହ ଆଇନ ଶିକ୍ଷା ଗ୍ରହଣ କରି ସୁନାଗରିକ ଭାବେ ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରାତନ ଛାତ୍ର ଆକାଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ବୈଶାଖୀ ପ୍ରିୟଦର୍ଶିନୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଭାସ ରଞ୍ଜନ ଦଳେଇ ଧନ୍ୟବାଦ ଦେଇଥିଲେ।

## ବେଲବଟ ମଠରେ ନୂତନ ଗୃହ, ଆସନ ପ୍ରତିଷ୍ଠା ଉତ୍ସବ


ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

ମାର୍ଶାଘାଇ, ୪।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ନାରାୟଣପୁର ଗ୍ରାମର ବେଲବଟ ମହାପୁରୁଷ ମଠ ପରିସରରେ ନୂତନ ଗୃହ ପ୍ରତିଷ୍ଠା ଏବଂ ଆସନ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ କଳସ ପୂଜା, ଗୋପୂଜା, ସୂର୍ଯ୍ୟ ପୂଜା କରାଯାଇ ହୋମଯଜ୍ଞ କରାଯାଇଥିଲା। ଗ୍ରାମର ଶ୍ରଦ୍ଧାଳୁମାନେ ବେଲବଟ ମଠର ପ୍ରତିଷ୍ଠାତା ମହନ୍ତ ସ୍ୱର୍ଗତ ବାବା ଦୀନବନ୍ଧୁ ଦାସ, ସ୍ୱର୍ଗତ ବାବାଶଙ୍କର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ନାମ ସଂକୀର୍ତ୍ତନ ସହିତ ମଠ ପରିସରରେ ଥିବା ବାସୁଦେବଙ୍କ ବିଗ୍ରହ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ବିଗ୍ରହକୁ ନୂତନ ଆସନରେ ସ୍ଥାପନ କରାଯାଇଥିଲା। ଏହି ଉତ୍ସବକୁ କୈଳାସ ଚନ୍ଦ୍ର ସାହୁ ଏବଂ ସମିତିସଭ୍ୟ ସଞ୍ଜୟ କୁମାର ପାତ୍ର ସଂଯୋଜନା କରିଥିବା ବେଳେ ବଂଶୀଧର ସାହୁ ଏବଂ କର୍ତ୍ତା ଦମ୍ପତି ଭାବରେ ହୋମଯଜ୍ଞରେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ବରିଷ୍ଠ ନାଗରିକ କେଦାରନାଥ ପାତ୍ର, କରୁଣାକର ଚୁଲି, ଯୁଧିଷ୍ଠିର ସାହୁ, ଉମାକାନ୍ତ ସାହୁ, ସୁବାସ ବାରିକ, ରାମଚନ୍ଦ୍ର ବାରିକ, ଜଗନ୍ନାଥ ସାହୁ, ଅଲେଖ ଚୁଲି, କରୁଣାକର ଚୁଲି, ବଂଶୀଧର ରାଉତ, ଜାନକୀ ବଲ୍ଲଭ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ପ୍ରଶାସନ ପକ୍ଷରୁ ତତ୍ପରତା: ବଙ୍ଗଭାଷୀଙ୍କୁ ମିଳିବ ସ୍ଥାୟୀ ଜମି ପଟ୍ଟା

ମହାକାଳପଡ଼ା, ୪।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- କେ ଫର୍ମ ପଟ୍ଟା, ଦଖଲ ଜମି ଉପରେ ଆଲୋଚନା
- ସମୀକ୍ଷା ବୈଠକରେ ବିଧାୟକ, ଜିଲାପାଳ


ଜମି ଜମା ସମସ୍ୟାଗୁଡ଼ିକ ଉପରେ ସମୀକ୍ଷା ବୈଠକରେ ବିଧାୟକ ଓ ପ୍ରଶାସନିକ ଅଧିକାରୀ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଟିଘର , ଖରିନାସୀ, ରାମନଗର ସମେତ ଅନ୍ୟ ବଙ୍ଗଭାଷୀ ଅଞ୍ଚଳରେ ସରକାରୀ ଜମି ଜମା ସମସ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲିକ, ଉପଜିଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ତହସିଲଦାର ଶିବ ମଲିକ , ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର, ରାମଚଣ୍ଡୀ ସର୍କଲ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି, ଚାଷୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଶେଷ କରି ବଙ୍ଗଭାଷୀମାନେ ୧୯୬୬ଠାରୁ ସରକାରୀ ଜମିକୁ ଦୀର୍ଘବର୍ଷ ଧରି ଦଖଲ କରି ଚାଷ ଓ ବସବାସ କରୁଛନ୍ତି। ଏମାନେ ଇଣ୍ଡିମେଶନ ଲେଟର ବା କେ ଫର୍ମ ପଟ୍ଟା ଦର୍ଶାଇ ଦଖଲ କରିଛନ୍ତି। ଏମାନେ ୪ ହଜାର ଏକରରୁ ଅଧିକ ଜମି ଦୀର୍ଘବର୍ଷ ଧରି ଦଖଲ କରିଥିବାରୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଦାବି ହୋଇଆସୁଛି ବୋଲି କୁହାଯାଇଛି। ଏମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ପାରାଦୀପ-ରୁମାଲିଗଡ଼ ପାଇପ ଲାଇନ ଯାଉଥିବା ତେନ୍ତୁଳି କନ୍ଧା ଗ୍ରାମ ଜମି ହରାଇବା ଚାଷୀ ଓ ଜମି ମାଲିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଉଚିତ ଜମିର ମୂଲ୍ୟ ପ୍ରଦାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଗତ ୩ ବର୍ଷର ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଅର୍ଥ ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଥିଲା।

# ବାଲୁଗାଁ ଷ୍ଟ୍ରକ୍ଟରରେ ତାଲା ପକାଇଲେ ଉପଭୋକ୍ତା

ନୟାଗଡ଼,୪।୯(ଲୋକନାଥ ମିଶ୍ର)


ଉପଭୋକ୍ତାମାନେ ତାଲା ପକାଇ ବିଦ୍ୟୁତକାଟ୍‌ର ପ୍ରତିବାଦ କରୁଛନ୍ତି।

ନୟାଗଡ଼ ବ୍ଲକର ବାଲୁଗାଁଠାରେ ବିଦ୍ୟୁତ୍ ଷ୍ଟ୍ରକ୍ଟର ଥାଇ ମଧ ଦିନକୁ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ମନଇଚ୍ଛା ବିଦ୍ୟୁତ୍ କାଟ୍‌ର ପ୍ରତିବାଦ ଗୁରୁବାର କରାଯାଇଛି। ଉପଭୋକ୍ତମାନେ ମିଳିତ ହୋଇ ବାଲୁଗାଁ ବିଦ୍ୟୁତଷ୍ଟ୍ରକ୍ଟରରେ ତାଲା ପକାଇ ଦେଇଥିଲେ। ଖବର ପାଇ ଇଟାମାଟି ବିଦ୍ୟୁତ୍ ସେକ୍ସନର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଏପରିକି ବିଦ୍ୟୁତ୍ କାଟକୁ ରୋକିବାକୁ ସ୍ୱତନ୍ତ୍ର ବାଲୁଗାଁ ଫିଡର କରିବାକୁ ସହକାରୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୧ଟାରେ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁସାରେ ବାଲୁଗାଁ ବିଦ୍ୟୁତଷ୍ଟ୍ରକ୍ଟରରେ ବିଦ୍ୟୁତ୍ ଥିବାବେଳେ ବାଲୁଗାଁରେ ବିଦ୍ୟୁତ୍ କାଟ ହୋଇଥାଏ। ଦିନବେଳା ୫ରୁ ୭ ଘଣ୍ଟା ଓ ରାତିରେ ୭ରୁ ୮ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ବିଦ୍ୟୁତ୍ କାଟ ଯୋଗୁ ବାଲୁଗାଁ ପଞ୍ଚାୟତର ବାଲୁଗାଁ, ପାଣିପୋଇଲା, ଜୟମଙ୍ଗଳ, ଖେଡ଼ପଡ଼ା, ନୂଆ ଓ ପୁରୁଣା କଣ୍ଟାବଣିଆ, କାଦୁଆ, ଘଣ୍ଟସାହି ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଇଟାମାଟି ବିଦ୍ୟୁତ୍ ସେକ୍ସନ ପକ୍ଷରୁ ବେଆଇନ ବିଦ୍ୟୁତ୍ କାଟର ସମାଧାନ କରାଯାଇ ନ ଥିବାରୁ ବିଦ୍ୟୁତଷ୍ଟ୍ରକ୍ଟରରେ ତାଲା ମାରି ଦେଇଥିଲେ। ବାଲୁଗାଁ ସରପଞ୍ଚ ମନୋଜ ନାୟକ କହିଛନ୍ତି, ବାଲୁଗାଁରେ ବିଦ୍ୟୁତଷ୍ଟ୍ରକ୍ଟର ଓ ଏକ ଫିଡର ଅଛି। ତେବେ ସବୁବେଳେ ମନଇଚ୍ଛା ବିଦ୍ୟୁତ୍ କାଟ ଚାଲିଛି। ପ୍ରାୟ ୨୦ରୁ ୨୫ ଦିନ ହେବ ବିଦ୍ୟୁତ୍ କାଟ ଦିନକରେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ହୋଇ ଆସୁଛି। ଅଭିଯୋଗ କଲେ କେହି ଶୁଣୁ ନ ଥିଲେ। ଏଣୁ ଉପଭୋକ୍ତା ଆନ୍ଦୋଳନ କରି ପ୍ରତିବାଦ କରିଥିଲେ। ବିଦ୍ୟୁତ୍ ବିଭାଗ ତାର ପ୍ରତିଶ୍ରୁତି ରକ୍ଷା କରି ବିଦ୍ୟୁତ୍ କାଟର ସ୍ଥାୟୀ ସମାଧାନ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଉପଭୋକ୍ତାମାନେ ଧମକ ଦେଇଛନ୍ତି। ପାଣିପୋଇଲାର ପ୍ରମୋଦ କୁଣ୍ଡ କହିଛନ୍ତି, ଦୀପତଳ ଅନ୍ଧାର। ବାଲୁଗାଁରେ ବିଦ୍ୟୁତଷ୍ଟ୍ରକ୍ଟର ଥାଇ ରାତିରେ ପ୍ରାୟ ୫ରୁ ୮ ଘଣ୍ଟା ଅନ୍ଧାରରେ ରହିବାକୁ ପଡୁଛି। ବିଦ୍ୟୁତଷ୍ଟ୍ରକ୍ଟର ଥାଇ ବାରମ୍ବାର ଲାଇନ କଟିବା ପରେ ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି, ବାଲୁଗାଁରେ ବିଦ୍ୟୁତଷ୍ଟ୍ରକ୍ଟର ପାଇଁ ଜମି ଯୋଗାଇ ଲାଭ କିଛି ହେଲାନାହିଁ। ଏଣୁ ବିଦ୍ୟୁତ୍ ବିଭାଗ ଉପଭୋକ୍ତାଙ୍କ ସମସ୍ୟାକୁ ଦେଖି ତୁରନ୍ତ ମନଇଚ୍ଛା ବିଦ୍ୟୁତ୍ କାଟର ସମାଧାନ କରୁ ନଚେତ ଆଜି ପରି ପୁଣି ଥରେ ଆନ୍ଦୋଳନ ହେବ। ହରିପୁର ଗାଁର ଭାଜପା ନେତା ଚିରଞ୍ଜୀବୀ ପ୍ରଧାନ କହିଛନ୍ତି, ପୂର୍ବରୁ ନୟାଗଡ଼ର ବିଦ୍ୟୁତ୍ ସପ୍ଲାଏ ହେଉଥିବାବେଳେ ସମସ୍ୟା ନ ଥିଲା । ତେବେ ଖଣ୍ଡପଡ଼ାରୁ ବିଦ୍ୟୁତ୍ ସପ୍ଲାଏ ପରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ବାଲୁଗାଁରେ ଷ୍ଟ୍ରକଚର କର ଉପଭୋକ୍ତାଙ୍କ କିଛି ଲାଭ ହେଲାନାହିଁ। ବାଲୁଗାଁ ପଞ୍ଚାୟତ ପରି ଲକ୍ଷ୍ମୀପ୍ରସାଦ ଓ ଗଦାଧରପ୍ରସାଦ ପଞ୍ଚାୟତର ହରିପୁରରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ବୁଧବାର ରାତି ୪ଟାରେ ବିଦ୍ୟୁତ୍ କାଟ ହୋଇ ସକାଳ ୯ଟାରେ ଆସିଲା। ପରେ ପୁଣି ୧୦ଟାରେ କଟି ଅପରାହ୍ନ ୩ଟାରେ ବିଦ୍ୟୁତ୍ ଆସିଥିଲା। ଅଘୋଷିତ ବିଦ୍ୟୁତ୍ କାଟର ତୁରନ୍ତ ପ୍ରତିକାର ନ ହେଲେ ଗୁରୁବାର ବାଲୁଗାଁଠାରେ ଆନ୍ଦୋଳନ ପରି ପୁଣି ସବୁସ୍ଥାନରେ ଆନ୍ଦୋଳନ କରିବାକୁ ଉପଭୋକ୍ତା ମେଳି ହେଉଛନ୍ତି।

■ଦିନକୁ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ କାଟ୍‌ର ପ୍ରତିବାଦ

■ଆନ୍ଦୋଳନ ପରେ ସ୍ୱତନ୍ତ୍ର ବାଲୁଗାଁ ଫିଡର କରିବାକୁ ମିଳିଲା ପ୍ରତିଶ୍ରୁତି

# ରାମଚନ୍ଦ୍ରପୁର, ଅଁଳାପଟା ଗ୍ରାମ ଯାତ୍ରୀ ବିଶ୍ରାମାଗାରର ଭିତ୍ତିଭୂମି ବିକାଶ ଦାବି



ଖଣ୍ଡପଡ଼ା, ୪।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି-ଆଡ଼କଟା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱସ୍ଥିତ ଅଁଳାପଟା ଓ ରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦୀର୍ଘବର୍ଷ ତଳେ ୨ଟି ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ମାତ୍ର ସମୟାନୁକ୍ରମେ ପ୍ରଶାସନ ଓ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଯାତ୍ରୀ ବିଶ୍ରାମାଗାର ୨ ଟି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଫଳରେ ଏହା ଗୋରୁ ଓ ବୁଲା କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏହି ବିଶ୍ରାମଗାର ୨ଟିର ଚତୁଃପାର୍ଶ୍ୱ ଅନାବନା ଘାସ ଓ ଗଛଲତାରେ ପରିପୂର୍ଣ୍ଣ ହୋଇଥିବାରୁ ବିଭିନ୍ନ ପ୍ରଜାତିର ବିଷଧର ସରୀସୃପ ସେଠାରେ ବାସ କରୁଥିବା ଗ୍ରାମବାସୀ କହିଛନ୍ତି। ଦୀର୍ଘଦିନ ଧରି ଯାତ୍ରୀମାନେ ସେଠାକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡିଛି। ସେହିପରି ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯାତ୍ରୀ ବିଶ୍ରାମାଗାରରେ ଶୌଚାଳୟ, ପାନୀୟଜଳ ଓ ରାତ୍ରକାଳରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଯାତ୍ରୀ ବିଶ୍ରାମାଗାର ୨ଟିର ଭିତ୍ତିଭୂମି ବିକାଶ ନିମନ୍ତେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୟାଗଡ଼ ଚିନିକଳକୁ ଉପେକ୍ଷା

ନୟାଗଡ଼,୪।୯(ଲୋକନାଥ ମିଶ୍ର)

■ବଡ଼ମ୍ବା, ବଲାଙ୍ଗୀର ଚିନିକଳ ହେବ ପୁନଃ କାର୍ଯ୍ୟକ୍ଷମ

■ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ରହିଲାନି

ରାଜ୍ୟରେ ବନ୍ଦ ହୋଇ ପଡିଥିବା ବଡ଼ମ୍ବା ଓ ବଲାଙ୍ଗୀର ଚିନିକଳ ପୁଣି କାର୍ଯ୍ୟକ୍ଷମ ହେବ। ଏଥିପାଇଁ ସରକାରୀସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସମବାୟ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ତେବେ ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳ ଅଣଦେଖା ହୋଇ ରହିଯିବା ପରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ରାଜ୍ୟରେ ୨ଟି ଚିନିକଳ ପାଇଁ ଅନୁକମ୍ପା ଦେଖାଯାଇଥିବାବେଳେ ନୟାଗଡ଼ ଚିନିକଳକୁ ଅଣଦେଖା କରାଗଲା କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲାରେ ନୂଆ ଏନ୍‌ଏସି, ମେଡିକାଲ କଲେଜ ଦାବି ପରି ଚିନିକଳ ଦାବି ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଛି ବୋଲି କୁହାଯାଉଛି। ୨୦୨୪ ଡିସେମ୍ବରରେ ଜିଲା ମହୋତ୍ସବକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେ ସମୟରେ କହିଥିଲେ ନୟାଗଡ଼ରେ ଚିନିକଳ ନିହାତି ଦରକାର। ଚାଷୀ ଓ ଚାଷକୁ ଆଗରେ ରଖି ବନ୍ଦ ଥିବା ଚିନିକଳକୁ ପୁଣି କାର୍ଯ୍ୟକ୍ଷମ ଅଥବା ନୂଆ ଚିନିକଳ ନିର୍ମାଣ କରାଯିବାକୁ ପଦକ୍ଷେପ ନେବେ ବୋଲି କହିଥିଲେ। ସେହିପରି ନିର୍ବାଚନ ଜିତିବାର ୧୦୦ ଦିନ ଭିତରେ ଚିନିକଳର ପ୍ରକ୍ରିୟା ଆରମ୍ଭ ହେବ ବୋଲି ବର୍ତ୍ତମାନର ପୁରୀ ଏମ୍‌ପି ସମ୍ବିତ ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ତେବେ ଚିନିକଳ ନେଇ ସେପରି କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି କୁହାଯାଇଛି।

# ସାପ କାମୁଡ଼ାରେ ଦଶମ ଶ୍ରେଣୀ ଛାତ୍ର ଗୁରୁତର

ଭାପୁର, ୪।୯ (ପ୍ରଭାତ ବରାଡ)

ଭାପୁର ବ୍ଲକ ଅନ୍ତର୍ଗତ ଚକ୍ରଧରପ୍ରସାଦ ପଞ୍ଚାୟତ ଅଧୀନ ଚକ୍ରଧର ହାଇସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ଚକ୍ରଧରପ୍ରସାଦ ଗ୍ରାମର ରାଜକିଶୋର ପ୍ରଧାନଙ୍କ ପୁଅ ରାହୁଲ (୧୫) ପଢିବାକୁ ସ୍କୁଲ ଯାଇଥିଲେ। ଅପରାହ୍ନ ୩ଟା ବେଳେ ଖେଳୁଥିବା ବେଳେ ଘାସ ଭିତରେ ଥିବା ଏକ ବୋଡ଼ା ସାପ ପାଦକୁ କାମୁଡି ଦେଇଥିଲା। ବୋଡ଼ା ସାପ ସହିତ ରାହୁଲଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ବିଦ୍ୟାଳୟର ଶିକ୍ଷକ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପରିବାର ପକ୍ଷରୁ ବିଦ୍ୟାଳୟର ପରିବେଶ ସଫା ସୁତୁରା ରଖୁ ନ ଥିବା ଯୋଗୁ ଅନାବନା ଘାସରେ ଯନ୍ତୁ ରହି ଏଭଳି ଅଘଟଣ ଘଟିଥିବା ଅଭିଯୋଗ କରିଛନ୍ତି।

# ବିକଶିତ ଗାଁ ବିକଶିତ ଓଡ଼ିଶାକୁ ଗୁରୁତ୍ୱାରୋପ


ବୈଠକରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ଅନ୍ୟମାନେ।

## ଖଣ୍ଡପଡ଼ା ପଞ୍ଚାୟତ ସମିତିର ସାଧାରଣ ବୈଠକ

ଖଣ୍ଡପଡ଼ା, ୪।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ୧୧ତମ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଉପମା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସମେତ ପଞ୍ଚାୟତ ଜନପ୍ରତିନିଧି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ଜିଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ ବଡ଼ସେଠ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସେହିପରି ଶିକ୍ଷା, ପାନୀୟ ଜଳ, କୃଷି, ବିକଶିତ ଗାଁ ବିକଶିତ ଓଡ଼ିଶା, ଅନ୍ତୋଦୟ ଗୃହ ଯୋଜନା, ରାଶନ କାର୍ଡ, ବିଦ୍ୟୁତ, ପ୍ରାଣୀ ସମ୍ପଦ, ମିଶନ ଶକ୍ତି ବାବଦରେ ବୈଠକରେ ସରଗରମ ଆଲୋଚନା ହୋଇଥିଲା। ତେବେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ଓ ପୂର୍ବ ବୈଠକରେ ଯେଉଁସବୁ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ସେ ସବୁ ପ୍ରସ୍ତାବିତ ଠିକଠାରେ ସ୍ଥାନିତ ହୋଇ ନ ଥିବାରୁ ସରପଞ୍ଚ ଓ ସମିତିସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି କଣ୍ଟିଲୋଠାରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବିଳମ୍ବକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ସାର ଓ କୀଟନାଶକ ଔଷଧର ଅଭାବ ଦେଖା ଦେଇଛି। ସମବାୟ ସମିତିଗୁଡ଼ିକ ଜରିଆରେ ଚାଷୀମାନଙ୍କୁ ରିହାତି ଦରରେ ସାର ଓ କୀଟନାଶକ ଔଷଧ ଯୋଗାଇ ଦେବାକୁ ପଞ୍ଚାୟତ ପ୍ରତିନିଧିମାନେ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ସହ ବୈଠକରେ ଡ.ଅଭିସାର ପଣ୍ଡା, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ବ୍ଲକ ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମା’ କେ ନାମ୍ ଏକ୍ ପେଡ୍: ପଞ୍ଚାୟତକୁ ଚାରା ଯୋଗାଣ

ଓଡ଼ଗାଁ, ୪।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ବନଖଣ୍ଡ ଓଡ଼ଗାଁ ବନାଞ୍ଚଳରୁ ମା’ କେ ନାମ ଏକ ପେଡ ଯୋଜନା ଅନୁସାରେ ପ୍ରତି ପଞ୍ଚାୟତକୁ ଚାରା ଯୋଗାଣ କାର୍ଯ୍ୟକ୍ରମର ଗୁରୁବାର ଶୁଭାରମ୍ଭ ହୋଇଛି। ଜିଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଓଡ଼ଗାଁ ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ବନରକ୍ଷୀ ସୌମ୍ୟ ରଞ୍ଜନ ଦଳେଇ, ଉଦ୍ଧବ ପ୍ରଧାନ, ଦିପ୍ତିମୟୀ ରାଉତ, ଅଳିଭା ବରାଳ ଏବଂ ସ୍କ୍ୱାର୍ଡ ଦଳ ମିଳିତ ଭାବେ ପତାକା ଦେଖାଇ ଅଭିଯାନର ଶୁଭାରମ୍ଭ କରିଥିଲେ। ପରେ ସମସ୍ତେ ଏକ ଟ୍ରକ୍ ଯୋଗ ଚାରା ନେଇ ପ୍ରତି ପଞ୍ଚାୟତକୁ ୫ ଶହ ଲେଖାଏ ଶରଧାପୁର, ଭାଡିକିଲା ଓ ମଗରବନ୍ଧ ପଞ୍ଚାୟତରେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ଓଡ଼ଗାଁ ବନାଞ୍ଚଳରୁ ଓଡ଼ଗାଁ ସେକସନର ୧୩ ଏବଂ ବାହାଡ଼ାଖୋଲା ସେକ୍ସନର ୭ ପଞ୍ଚାୟତକୁ ମୋଟ ୧୦ ହଜାର ଚାରା ବଣ୍ଟନ ପାଇଁ ସ୍ଥିର ହୋଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶାଙ୍କ ଦ୍ୱାରା ମା’ କେ ନାମ ଏକ ପେଡ ଅଭିଯାନ ମାଧ୍ୟମରେ ଆମ ଜନ୍ମଦାତ୍ରୀ ମା’ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା’ର ସୁରକ୍ଷା ଓ ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଆଗାମୀ ୧୭ ତାରିଖରେ ରାଜ୍ୟବ୍ୟାପୀ ୭୫ ଲକ୍ଷ ସାମୂହିକ ଚାରା ରୋପଣ କରାଯିବ।



ବନ ଅଧିକାରୀ ଓ କର୍ମଚାରୀମାନେ ଚାରା ବିତରଣ ଯାନର ଶୁଭାରମ୍ଭ କରୁଛନ୍ତି।

# ଭାଗବତ ସପ୍ତାଙ୍ଗ ପ୍ରବଚନ କାର୍ଯ୍ୟକ୍ରମ


ପ୍ରବକ୍ତା ପଣ୍ଡିତ ଗୋପାଳ ଚନ୍ଦ୍ର ରାୟଗୁରୁ ପ୍ରବଚନ ଦେଉଛନ୍ତି।

ଦଶପଲ୍ଲା, ୪।୯( ପ୍ରକାଶ କୁମାର ପାଣି )

ଦଶପଲ୍ଲା ଦୁର୍ଗା ବଜାର କଲୋନୀ ପରିସରରେ ରବିବାରଠାରୁ ୪ର୍ଥ ବାର୍ଷିକ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗୁରୁବାର ୫ମ ଦିବସରେ ପହଞ୍ଚିଛି। ପ୍ରତ୍ୟେକ ଦିନ ପୂର୍ବାହ୍ନଠାରୁ ଦିନତମାମ ଭାଗବତ ପାଠ ହେବା ସହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିଛି। ଗୁରୁବାରକୁ ମିଶାଇ ୨ ଦିନ ହେଲା ନୟାଗଡ଼ର ପ୍ରବକ୍ତା ପଣ୍ଡିତ ଗୋପାଳ ଚନ୍ଦ୍ର ରାୟଗୁରୁ ପ୍ରବଚନ ଦେଇଥିଲେ। ଦୁଇଦିନ ଯାକ ବର୍ଷା ସତ୍ତ୍ୱେ ପ୍ରବଚନ ଶୁଣିବା ନିମନ୍ତେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ନୀଳମାଧବ ଜୀଉଙ୍କ ବରିଷ୍ଠ ସେବାୟତଙ୍କ ପରଲୋକ

ଖଣ୍ଡପଡ଼ା,୪।୯(ଅଜୟ କୁମାର ମହାରଣା)




କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ବରିଷ୍ଠ ସେବାୟତ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ କଣ୍ଟିଲୋ ପଞ୍ଚାୟତ ଅଧୀନ ସେବକସାହିର ଲକ୍ଷ୍ମଣ ମିଶ୍ର (୭୮)ଙ୍କ ବୁଧବାର ରାତ୍ର ପ୍ରାୟ ୧୦ଟାରେ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ତାଙ୍କର ସ୍ୱାସ୍ଥ୍ୟରେ କୌଣସି ପ୍ରକାର ଉନ୍ନତି ନ ହେବାରୁ ୪ ଦିନ ହେବ ତାଙ୍କୁ ଘରକୁ ପରିବାର ଲୋକେ ଆଣିଥିଲେ। ଖବର ପ୍ରଚାରିତ ହେବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ଶୁଭେଚ୍ଛୁମାନଙ୍କ ଭିଡ଼ ହୋଇଥିଲା। ତାଙ୍କ ଜୀବନ ଶୈଳୀ ଖୁବ୍ ସାଧାରଣ ଥିଲା। ମିଶ୍ର ଜଣେ ମେଳାପୀ, ବନ୍ଧୁ ବତ୍ସଳ ଓ ନୀଳମାଧବ ଜୀଉଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ତାଙ୍କର ବହୁ ସମ୍ପୃକ୍ତି ରହିଥିଲା। ତାଙ୍କର ମାର୍ଗଦର୍ଶନ ପୂଜକ ସମାଜ ପାଇଁ ଏକ ଇତିହାସ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଲେଖ ମହିମା ଟୁଙ୍ଗି ମହାନଦୀ କୂଳରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ପୁତ୍ର ସନ୍ତୋଷ ମୁଖାଗ୍ନି ଦେଇଥିଲେ।

# ଶିକ୍ଷା ବ୍ୟବସାୟୀକରଣ ଗୁରୁ-ଶିଷ୍ୟ ସମ୍ପର୍କକୁ କଳୁଷିତ କରୁଛି

ଖଣ୍ଡପଡ଼ା,୪।୯( ଅଜୟ କୁମାର ମହାରଣା )


ହୃଷୀକେଶ ମିଶ୍ର


ଈଶାଶ୍ରୀ ସାହୁ


ଜୟନ୍ତୀ ସାହୁ


ପ୍ରୀତିନନ୍ଦା ନାୟକ


ରମେଶ ସାହୁ

ଗୁରୁ ହେଉଛନ୍ତି ସାକ୍ଷାତ ଈଶ୍ୱର। ତାଙ୍କ ଶିକ୍ଷା ଦ୍ୱାରା ଆମ ଅନ୍ଧକାରରୁ ଜଣେ ଶିଷ୍ୟ ଆଲୋକର ବର୍ତ୍ତିକ ଦେଖିବାକୁ ପାଇଥାଏ। ହେଲେ ଏବେ ଶିକ୍ଷାକୁ ବ୍ୟବସାୟୀ କରଣ ଯୋଗୁ ଗୁରୁ-ଶିଷ୍ୟ ପରମ୍ପରା କଳୁଷିତ ହେଉବାରେ ଲାଗି । ପୂର୍ବର ଗୁରୁକୁଳ ଶିକ୍ଷା ଏବେ ଅତ୍ୟାଧୁନିକ ଶିକ୍ଷା ଭିତରେ ବହୁ ପାର୍ଥକ୍ୟ ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ଗୁରୁ ଶିଷ୍ୟ ମଧ୍ୟରେ ନିବିଡତା କମିବାରେ ଲାଗି। ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କକୁ ନେଇ ସମାଜରେ ପ୍ରତିଦିନ କିଛି ନା କିଛି ଘଟଣା ଦେଖିବାକୁ ମିଳୁଛି। ଗୁରୁଙ୍କୁ ପୂଜା କରିବା ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଥିଲେ ମଧ ୧୯୬୨ ମସିହାରୁ ଏହା ଏକ ସ୍ୱତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି। ଗୁରୁ-ଶିଷ୍ୟ ପରମ୍ପରା ଆଉ ପବିତ୍ର ହୋଇ ରହିନାହିଁ। ଜଣେ ଶିଷ୍ୟର ଗୁରୁଙ୍କ ପ୍ରତି କେମିତି ସମ୍ମାନ ରହିବା ଉଚିତ ଓ ଜଣେ ଗୁରୁଙ୍କର ଶିଷ୍ୟ ପ୍ରତି କେମିତି ବ୍ୟବହାର ରହିବା ଉଚିତ ତା’ର ସମୀକ୍ଷା କରିବାର ସମୟ ଆସି ଗଲାଣି। ଗୁରୁ -ଶିଷ୍ୟ ମଧ୍ୟରେ ଥିବା ମଧୁର ସମ୍ପର୍କକୁ ମନେ ପକାଇବାକୁ ଏହି ଦିବସର ପରି କଳ୍ପନା କରାଯାଇଥିଲା। ମାତ୍ର ମହାନ ପରମ୍ପରା ଆଜି ପାଶ୍ଚାତ୍ୟ ଶିକ୍ଷା ଦ୍ୱାରା ବାଧାପ୍ରାପ୍ତ ହୋଇ ଆମର ଶିକ୍ଷା ବ୍ୟବସ୍ଥା ସହ ଗୁରୁ-ଶିଷ୍ୟ ସମ୍ପର୍କକୁ କିପରି କଳୁଷିତ କଲାଣି ସେ ସମ୍ପର୍କରେ ବିଭିନ୍ନ ବ୍ୟକ୍ତି ବିଶେଷ ଏବଂ ଛାତ୍ରୀଛାତ୍ରଙ୍କ ମତବ୍ୟକ୍ତ କରିଛନ୍ତି।

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଅଧ୍ୟାପକ ହୃଷୀକେଶ ମିଶ୍ର କହିଛନ୍ତି, ପରିବାରର ମାତାପିତାଙ୍କୁ ଛାଡିଦେଲେ ଶିକ୍ଷକ ହିଁ ଏକମାତ୍ର ବ୍ୟକ୍ତିତ୍ୱ, ଯାହାଙ୍କର ଚରିତ୍ର ଓ କାର୍ଯ୍ୟକଳାପ ଛାତ୍ରର ଚିତ ଓ ଚରିତ୍ରକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ଦିନଥିଲା ଶିଷ୍ୟ ଗୃହ ତ୍ୟାଗ କରି ଗୁରୁ କୂଳରେ ରହୁଥିଲା। ମାତ୍ର ଆଜିର ସମାଜରେ ସେଥିରେ ବହୁ ପରିବର୍ତ୍ତନ ଆସିଛି। ଆମର ଶିକ୍ଷା ବ୍ୟବସ୍ଥା ମୌଳିକ ଶିକ୍ଷାଠାରୁ ଦୂରେଇ ଯାଇ ବ୍ୟବସାୟୀକ ଶିକ୍ଷା ପଦ୍ଧତି ଆଦରି ନେଇଛି। ଏହି ପରିବର୍ତ୍ତନ ହିଁ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରୁଛି। ଅବସରପ୍ରାପ୍ତ ଶିକ୍ଷା ଅଧିକାରିଣୀ ଜୟନ୍ତୀ ସାହୁ କହିଛନ୍ତି, ଗୁରୁଙ୍କ ବିକଳ୍ପ ନାହିଁ। ଗୁରୁକୁଳ ଶିକ୍ଷା ଥିଲା ଉଭୟ ଅନ୍ତର୍ମୁଖୀ ଓ ବହିର୍ମୁଖୀ। ଏହା ଉଭୟ ଜୀବନ ଓ ଜୀବିକାର ଶିକ୍ଷା ଦେଉଥିଲା। ମାତ୍ର ଆମର ଆଧୁନିକ ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ଜୀବିକା କେନ୍ଦ୍ରୀକ ହୋଇପଡୁଛି। ଜୀବନକୁ ସାମ୍ନା କରିବାର ସାହା ଶିକ୍ଷା ହିଁ ଦେଇଥାଏ। ଏଥିପାଇଁ ସମର୍ଥଙ୍କ ଗୁରୁ ଲୋଡା। ଅନ୍‌ଲାଇନ ଶିକ୍ଷା ଏକ ସହଯୋଗୀ ବ୍ୟବସ୍ଥା ହୋଇପାରେ, ମାତ୍ର ଶ୍ରେଣୀ ଗୃହ ଶିକ୍ଷାର ବିକଳ୍ପ ନୁହେଁ। ଆମ ଶିକ୍ଷା ବ୍ୟବସ୍ଥାର ସଫଳତା ପାଇଁ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଗୁରୁ ମୂଳ ହେଲେ, ଡ଼ାଳ ହେଉଛି ଶିଷ୍ୟ। ମୂଳ ବିନା ଡ଼ାଳର ଅସ୍ତିତ୍ୱ ନାହିଁ। ଗୁରୁ ବିନା ଶିଷ୍ୟର ଅସ୍ତିତ୍ୱ ନାହିଁ। ବନମାଳୀପୁର ହାଇସ୍କୁଲ ସହକାରୀ ଶିକ୍ଷକ ରମେଶ କୁମାର ସାହୁ କହିଛନ୍ତି, ଶିକ୍ଷାର କୌଣସି ବିକଳ୍ପ ନାହିଁ। ଶିକ୍ଷା ଯେତିକି ପ୍ରଗତିଶୀଳ ହୁଏ ସେ ଦେଶ ସେତିକି ପ୍ରଭାବଶାଳୀ ହୁଏ। ମାତ୍ର ପାଶ୍ଚାତ୍ୟ ସଭ୍ୟତାର ଆକର୍ଷଣରେ ଏବେ ପିଲାମାନେ ଅଧିକ ଆକର୍ଷିତ ହେଉଥିବାରୁ ସେମାନଙ୍କ ଚାରିତ୍ରିକ ବିକାଶ ଠିକ୍ ଭାବେ ହୋଇପାରୁନାହିଁ। ଆଜି ବିଦ୍ୱାନଙ୍କ ସଂଖ୍ୟା ବଢିଛି, ହେଲେ ଭଲ ବିଦ୍ୟାର୍ଥୀଙ୍କ ସଂଖ୍ୟା କମିଛି। ଶିକ୍ଷାର ବ୍ୟବସାୟୀ କରଣ ଶିକ୍ଷାର୍ଥୀଙ୍କୁ କିଛି ମାତ୍ରାରେ ସ୍ୱାବଲମ୍ବୀ କରିଛି ସତ ମାତ୍ର ସେମାନଙ୍କଠାରୁ ମାନବିକତା ଛଡାଇ ନେଇଛି। ଛାତ୍ରୀ ଇସାଶ୍ରୀ ସାହୁ କହିଛନ୍ତି, ଏବେ ଗୁରୁମାନେ କେବଳ ପୁସ୍ତକରେ ଥିବା ପାଠ୍ୟକ୍ରମକୁ ସରଳୀକରଣ କରି ଶିକ୍ଷାର୍ଥୀମାନଙ୍କୁ ଉପସ୍ଥାପନ କରୁଛନ୍ତି। ଯାହାକୁ ବିଦ୍ୟାର୍ଥୀ କଣ୍ଠସ୍ଥ, ମୁଖସ୍ଥ କରିବା ସହ ଏହାକୁ ପରୀକ୍ଷା ଖାତାରେ ଲେଖି ଭଲ ନମ୍ବର ରଖୁଛନ୍ତି। ମାତ୍ର ସେହି ଜ୍ଞାନ କିଛିଦିନ ପରେ ଭୁଲି ଯାଉଛନ୍ତି। ଏହା ଶିକ୍ଷାର୍ଥୀଙ୍କ ଜ୍ଞାନକୁ ବିକଶିତ କରିବା ପରିବର୍ତ୍ତେ ଜ୍ଞାନକୁ ସଙ୍କୁଚିତ କରିଥାଏ। ଗୁରୁଙ୍କ ଶିକ୍ଷଣ ସେତେବେଳେ ଚିରସ୍ଥାୟୀ ହୋଇପାରିବ, ଯେତେବେଳେ ଶିକ୍ଷାର୍ଥୀମାନେ ଗୁରୁଙ୍କ ସହ ମିଶି ପରସ୍ପର ମଧ୍ୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ଜ୍ଞାନ ତିଆରି କରିବେ। ବର୍ତ୍ତମାନ ଅପସଂସ୍କୃତିର ଅନୁପ୍ରବେଶ ହେତୁ ଶିଷ୍ୟର ଆନୁଗତ୍ୟରେ ଅଭାବ ପରିଲକ୍ଷିତ ହୋଇଛି। ବଜାର ଭିତ୍ତିକ ଅର୍ଥନୀତିରେ ଶିକ୍ଷା ପାଲଟିଛି ଏକ ପଣ୍ୟ ଦ୍ରବ୍ୟ। ଜାମିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶପଲ୍ଲାର ଶିକ୍ଷକ ବିଧୂଭୂଷଣ ପଣ୍ଡା ଗୁରୁ ସର୍ବଦା ଆମକୁ ଜ୍ଞାନାଲୋକରେ ଉଦ୍‌ଭାସିତ ହେବା ପାଇଁ ପ୍ରେରିତ କରିଥାନ୍ତି। କେବଳ ଗୁରୁ ହିଁ ଏକମାତ୍ର ବ୍ୟକ୍ତି ଯେ ଆମକୁ ଜୀବନର ଶ୍ରେଷ୍ଠତର ସୋପାନରେ ପହଞ୍ଚିବା ପାଇଁ ସାହାଯ୍ୟ କରିପାରିବେ। ମାତ୍ର ଆଜି ହଜିଯାଇଛି ଗୁରୁ ଶିଷ୍ୟ ସମ୍ପର୍କର ଖିଅ। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଅର୍ଥ ଉପାର୍ଜନ, ଭଲ ମଣିଷ ଗଢ଼ିବା ପାଇଁ ନୁହେଁ। ପାଠ ଏଠି ପାଲଟିଛି ଖାଉଟି ଦ୍ରବ୍ୟ। ପିଲାଏ ପାଠ ଦୋକାନରେ ଭିଡ ଜମାଉଛନ୍ତି। ପାଠ ବେପାରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗୁଛି। ପାଠ ଏଠି ଗୁଣବତ୍ତା ହରାଇବା ସହ ପାଠକୁ ଛାଡି ଶିକ୍ଷାରେ ସଂସ୍କାର ଚାଲିଛି । ଆମ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଲୋଡା। ଛାତ୍ରୀ ପ୍ରୀତିନନ୍ଦା ନାୟକ କହିଛନ୍ତି, ନୀଳମାଧବ ମହାବିଦ୍ୟାଳୟ ଦୁନିଆ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି। ସମୟ ଥିଲା ଗୁରୁଙ୍କ ଦୁଆରେ ପିଲା ରହି ନିଶୁଳ୍କ ପାଠ ପଢୁଥିଲେ। ଏବେ କିନ୍ତୁ ସମୟ ବଦଳି ଯାଇଛି। ଗୁରୁ ଅଛନ୍ତି, ଭାବ, ଭକ୍ତି ପ୍ରଣାମର ପରିଭାଷା ବଦଳି ଯାଇଛି। ବ୍ୟବସାୟୀକ ଦୁନିଆରେ ଗୁରୁ ଶିଷ୍ୟ ପରମ୍ପରାର ଅନେକ ପରିବର୍ତ୍ତନ ଆସିଥିଲେ ମଧ ଗୁରୁ ବିନା କେହିବି ଆଗକୁ ଯାଇ ପାରିବେନି।

# ଉଚ୍ଛୁଳୁଛି ବୈତରଣୀ: ବନ୍ୟା ଆଶଙ୍କା

ଯାଜପୁର/ଦଶରଥପୁର (ହର୍ଷବର୍ଦ୍ଧନ ବେହେରା/ ସୁଶାନ୍ତ କୁମାର ବେହୁରିଆ), ୪।୯

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀରେ ଚଳିତ ବର୍ଷର ୬ଷ୍ଠ ବନ୍ୟା ଆଶଙ୍କା ଦେଖା ଦେଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ବୈତରଣୀର ଶାଖା କାଣୀ ନଦୀରେ ବନ୍ୟା ପାଣି ଉଚ୍ଛୁଳି ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାବାଦ ଗତ ବନ୍ୟା ସମୟରେ ମରାମତି ହୋଇଥିବା କସପା ବଙ୍ଗାଳିସାହି ନଦୀବନ୍ଧରୁ ପାଣି ଝରୁଛି। ଭୟରେ ଅଧିକାଂଶ ନଦୀକୂଳବାସୀ ନଦୀବନ୍ଧ ଉପରକୁ ଚାଲି ଆସିଥିବା ଦେଖିବାକୁ ମିଳିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା, ବହ୍ଲା ଇତ୍ୟାଦି ନିର୍ମାଣ ସାମଗ୍ରୀରେ ଦୁର୍ବଳ ନଦୀବନ୍ଧ ମରାମତି କାର୍ଯ୍ୟ ଜାରି ରହିଛି। ତେବେ ଆଗକୁ ବର୍ଷା ହେଲେ ବନ୍ୟା ପରିସ୍ଥିତି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଗୁରୁବାର ଜିଲାରେ ହାରାହାରି ୧୦୦.୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ବୈତରଣୀ ନଦୀର ଆଖୁଆପଦା ଠାରେ ୧୮.୩୩ ମିଟର ବିପଦସଙ୍କେତ ଥିବାବେଳେ ୧୮.୩୦ ମିମି ଉଚ୍ଚରେ ବନ୍ୟା ପାଣି ପ୍ରବାହିତ ହେଉଛି। ସେହିପରି ବଲ୍ଲଭିଘାଟଠାରେ ବିପଦସଙ୍କେତ ୧୩.୩୪ ମିଟରସ୍ଥଳେ ୧୨.୯୬ ମିଟର ଏବଂ ଦଶରଥପୁରଠାରେ ବିପଦସଙ୍କେତ ୯.୫୨ ମିଟର ସ୍ଥଳେ ୧୧.୦୩ ମିଟର ବନ୍ୟା ପାଣି ପ୍ରବାହିତ ହେଉଛି। ଏହାବାଦ ବୈତରଣୀ ନଦୀର ଉପରମୁଣ୍ଡ ଆଖୁଆପଦାଠାରେ ଗୁରୁବାର ୯୦ ମିମି, ଆନନ୍ଦପୁରରେ ୫୬.୨ ମିମି, କେନ୍ଦୁଝରଠାରେ ୪୯.୨ ମିମି, ଚମ୍ପୁଆଠାରେ ୧୭.୧ ମିମି, ଠାକୁରମୁଣ୍ଡାଠାରେ ୩୨ ମିମି ଓ ଏସ୍ପାଟଣାଠାରେ ୨୮.୮ ମିମି ବର୍ଷା ରେକର୍ଡ କରାଯାଇଛି।

## ଦୁର୍ବଳ ନଦୀ ବନ୍ଧକୁ ନେଇ ଆତଙ୍କିତ ନଦୀକୂଳବାସୀ



କାଣୀ ନଦୀବନ୍ଧ ମରାମତି ଚାଲିଛି।

ବୈତରଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଦ୍ୱାରା ଦଶରଥପୁର ବ୍ଲକ ଅଧୀନ ନଦୀକୂଳବାସୀ ଭୟଭୀତ ହେବା ସହିତ ଆଶା ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି। ମାତ୍ର ୧୦ ଦିନ ପୂର୍ବରୁ ବୈତରଣୀର ଶାଖା କାଣୀ ନଦୀର କସପାଠାରେ ଘାଇ ହେବା ଫଳରେ ଦଶରଥପୁର ବ୍ଲକର ୨୦ ହଜାର ଜନସାଧାରଣ ପ୍ରଭାବିତ ହୋଇଥିଲେ। ଏଥିସହିତ କସପା ଓ ମଲ୍ଲିକାପୁର ପଞ୍ଚାୟତର ୩ ଗୋଟି ଘର ସମ୍ପୂର୍ଣ୍ଣ ଭାବେ ବନ୍ୟାରେ ଭାସିଯାଇଥିଲା। ୩ଶହରୁ ଉର୍ଦ୍ଧ୍ୱ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ଏପରି ସ୍ଥିତିରେ ବନ୍ୟା ଆସିଲେ ପରିସ୍ଥିତି ବିଗିଡି ଯିବା ଆଶଙ୍କା ରହିଛି। ବିଶେଷକରି ବୈତରଣୀ ନଦୀର କୟାଁ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁଣିପଡ଼ା ଓ କାଣୀ ନଦୀର ମଲ୍ଲିକାପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟପଡ଼ାଠାରେ ନଦୀ ବନ୍ଧ ଅତ୍ୟନ୍ତ ଦୁର୍ବଳ ଥିବା ଜଣାପଡିଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, କସପାଠାରେ ହୋଇଥିବା ଘାଇ ମରାମତି କାର୍ଯ୍ୟ ଶେଷ ହୋଇଛି। ଆସନ୍ନ ସ୍ଥିତିକୁ ମୁକାବିଲା କରିବାପାଇଁ ଜଳସେଚନ ବିଭାଗ ପ୍ରସ୍ତୁତ ରହିଛି।

## ବଜ୍ରପାତରେ ୩ ଛାତ୍ରୀ ଆହତ



ମେଡିକାଲରେ ଅସୁସ୍ଥ ଛାତ୍ରୀ।

ରଗଡ଼ି,୪।୯(ଯତିଶ କୁମାର ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ଖମିଗାଁ ସରକାରୀ ଉପ୍ରା ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନରେ ବଜ୍ରପାତ ହୋଇଛି। ଏଥିରେ ୩ ଛାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ଖମିଗାଁ ଗ୍ରାମର ବିଷ୍ଣୁପ୍ରିୟା ଜେନା, ଚିନ୍ମୟୀ ମଲ୍ଲିକ ଓ ଦେବୀକନ୍ୟା ସ୍ୱାଇଁ। ସପ୍ତମ ଶ୍ରେଣୀର ସମସ୍ତେ ଛାତ୍ରୀ। ସ୍କୁଲ ନିକଟରେ ଥିବା ଏକ ଅଶ୍ୱତ୍ଥ ଗଛକୁ ପ୍ରଥମେ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବ ଝରକା ଦେଇ ଶ୍ରେଣୀ କୋଠରୀରେ ଅଧ୍ୟୟନ ରତ ଥିବା ଛାତ୍ରୀଙ୍କ ଉପରେ ପଡିଥିଲା। ହଠାତ ସେମାନେ ଅସୁସ୍ଥ ହୋଇ ପଡ଼ିଥିଲେ। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ସହ ଛାତିରେ ଯନ୍ତ୍ରଣା ହେଉଥିବା କହିଥିଲେ। ସ୍କୁଲ ପକ୍ଷରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏହା ମିଳି ପାରି ନ ଥିଲା। ପରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୋଇ ଗାଡ଼ିରେ ଆହତ ଛାତ୍ରୀଙ୍କୁ ପଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ଥିବାରୁ ପରେ ସେମାନଙ୍କୁ ଯାଜପୁର ରୋଡ କ୍ଷେତ୍ରୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ୩ ଛାତ୍ରୀ ସୁସ୍ଥ ଥିବା ସୂଚନା ମିଳିଛି। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ରାଉତ ଓ ଶିକ୍ଷକ ଶଙ୍କର୍ଷଣ ମହାଳିକ ଆହତ ଛାତ୍ରୀଙ୍କୁ ତୁରନ୍ତ ଡାକ୍ତରଖାନା ନେବା ବ୍ୟବସ୍ଥା କରିଥିଲେ। ଘଟଣା ପରେ ସ୍ଥାନୀୟ ଆରଆଇ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍ଥାନୀୟ ସିଆର୍‌ସିସି ବୀରବର ପାତ୍ର ଓ ସରପଞ୍ଚଙ୍କ ପ୍ରତିନିଧି ଦିଲୀପ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଆହତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ବର୍ଷା ବିପ୍ରାତ: ଗଣେଶ ପାଟଣାର ୧୧ ପରିବାର ଜଳବନ୍ଦୀ

ରସୁଲପୁର,୪।୯(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ପହଁଗା ପଞ୍ଚାୟତର ଖରସ୍ରୋତା ନଦୀକୂଳରେ ଅବସ୍ଥିତ ଗୋପାଳପାଟଣା ଗ୍ରାମବାସୀ ଜଳବନ୍ଦୀ ହୋଇ ରହିଛନ୍ତି। ଲଘୁଚାପ ଜନିତ ବର୍ଷା ବପ୍ରାତ ଯୋଗୁ ୨ଦିନ ହେଲାଣି ଗ୍ରାମର ୧୧ରୁ ଉର୍ଦ୍ଧ୍ୱ ପରିବାର ଅସ୍ୱାସ୍ଥ୍ୟ ପରିବେଶରେ ଜୀବନ କାଟୁଛନ୍ତି। ବର୍ଷା ପାଣି ଘରେ ପଶି ଯାଇଥିବାରୁ ଲୋକେ ଅକଥନୀୟ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସରୀସୃପଙ୍କ ଭୟରେ ଲୋକେ ବୁଧବାର ରାତିରେ ଉଜଗାର ରହିଛନ୍ତି। ସରପଞ୍ଚ ଲୋପାମୁଦ୍ରା ଘଡ଼ାଇ ଓ ଯୁବନେତା ବିଜୟ ଘଡ଼ାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ଅବଗତ କରାଇଛନ୍ତି। ବିଡଓଙ୍କ ନିର୍ଦ୍ଦେଶକ୍ରମେ ରସୁଲପୁର ଦମକଳ ବାହିନୀର ଇନଚାର୍ଜ ରାମଚନ୍ଦ୍ର ବେହେରା, ଅଗ୍ନିଶମ କର୍ମଚାରୀ ଦୀପକ ନାୟକ, ଗୌତମ ସାହୁ, ବିରେନ ମହାନ୍ତି, କାର୍ତ୍ତିକ ସେଠୀ ପ୍ରମୁଖ ପହଞ୍ଚି ପାଣିପମ୍ପ ସହାୟତାରେ ଜଳ ନିଷ୍କାସନ କରିଛନ୍ତି। ଗ୍ରାମର କାର୍ତ୍ତିକ ସ୍ୱାଇଁ, ଗଣେଶ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ପ୍ରତାପ ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ଜଗବନ୍ଧୁ ସ୍ୱାଇଁ, ଚନ୍ଦ୍ରମଣି ସ୍ୱାଇଁ, ଅରୁଣ ସ୍ୱାଇଁ, ସୁଗୁରୁ ପହି, ବାସୁଦେବ ସ୍ୱାଇଁ, ଗୋପାଳ ସ୍ୱାଇଁଙ୍କ ସମେତ ବହୁ ପରିବାରଙ୍କ ଘରେ ବର୍ଷାପାଣି ପଶିଛି। ପ୍ରଶାସନ ପକ୍ଷରୁ ରିଲିଫ ବ୍ୟବସ୍ଥା କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ତେଣୁ ତୁରନ୍ତ ଏହି ଗାଁର ଲୋକଙ୍କୁ ରିଲିଫ ପ୍ରଦାନ କରିବା ପାଇଁ ସରପଞ୍ଚ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ବର୍ଷାପାଣି ଘେରରେ ଥିବା ଗ୍ରାମ।

# ଲଗାଣ ବର୍ଷାରେ ବିରଜା ରିଂ ରୋଡ୍ ଫୁଟ୍‌ପାଥ ଧସିଲା

ଯାଜପୁର ଟାଉନ,୪।୯(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଲଘୁଚାପ ଜନିତ ବର୍ଷାରେ ଯାଜପୁର-ମଙ୍ଗଳପୁରର ମୁଖ୍ୟରାସ୍ତା ବିରଜା ରିଂରୋଡ୍‌ର ଫୁଟଫାଥ୍ ଗଞ୍ଜଘାଟ ନିକଟରେ ଧସି ଯାଇଥିବା ଦେଖିବାକୁ ମିଳିଛି। ସେଠାରେ ୧୧କେଭି ବିଦ୍ୟୁତ୍ ଖୁଣ୍ଟ ଥିବାରୁ ତାହା ଗଳି ପଡ଼ିବାର ବହୁ ସମ୍ଭାବନା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜିଲା ପ୍ରଶାସନକୁ ଖବର ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ବିଶେଷ କରି ଏହି ରାସ୍ତାକୁ ଯଦି ଅବରୋଧ ନ କରାଯାଏ ତେବେ ବହୁ କ୍ଷତି ହେବ ବୋଲି ମତପ୍ରକାଶ ପାଇଛି। ଟାଟା ପାୱାରକୁ ମଧ୍ୟ ସ୍ଥାନୀୟ ଲୋକେ ଅବଗତ କରାଇଥିବାରୁ କେତେଜଣ ଲାଇନ୍‌ମ୍ୟାନ୍ ପହଞ୍ଚି ଘଟଣା ଉପରେ ନଜର ରଖିଥିବା ଜଣାପଡିଛି। ମାତ୍ର ୩ବର୍ଷ ତଳେ ଏହି ଫୁଟ୍‌ପାଥ ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ତାହା ଧସିଥିବା ଅଭିଯୋଗ ହୋଇଛି।



ଧସି ଯାଇଥିବା ବିରଜା ରିଂ ରୋଡ୍ ଫୁଟ୍‌ପାଥ।

# ପାଣିଘେରରେ ଥିବା ଲୋକଙ୍କୁ ବିଦ୍ୟାଳୟକୁ ସ୍ଥାନାନ୍ତର

ପାଣିକୋଇଲି,୪।୯(ବିକାଶ ମଲ୍ଲିକ)

ଲଘୁଚାପ ଯୋଗୁ ଯାଜପୁର ଜିଲାରେ ଦୁଇ ଦିନ ଧରି ଲଗାଣ ବର୍ଷା ହୋଇଛି। ଫଳରେ କୋରେଇ ବ୍ଲକ ପଥରପଦା ପଞ୍ଚାୟତ ତାଜପୁର ଆଦିବାସୀ ସାହିରେ ରହୁଥିବା ୧୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ଘରେ ପାଣି ପଶିଛି। ସେମାନଙ୍କୁ ଏକ ବିଦ୍ୟାଳକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ପାଣି କମି ଯିବାରୁ ସେମାନେ ଘରକୁ ଫେରିଥିବା ଜଣାପଡିଛି।

ସେମାନଙ୍କ ଘରେ ପାଣି ପଶିଥିବା ବିଧାୟକ ଆକାଶ ଦାସନାୟକ ଖବର ପାଇଥିଲେ। ଏହାପରେ ସେ ବିପନ୍ନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହିତ ଖାଦ୍ୟ ଦେବା ଲାଗି ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଅବନୀକାନ୍ତ ସାହୁ ଉକ୍ତ ବିପନ୍ନଙ୍କୁ ତାଜପୁର ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିବା ସହ ଖାଦ୍ୟ ପ୍ରଦାନ କରିଥିଲେ।

OFFICE OF THE PRINCIPAL
PANCHAYAT SAMITI HIGHER SECONDARY SCHOOL, MURIBAHAL, DIST.: BALANGIR (ODISHA), PIN - 767037
Ph.: 06655-272070(O), Cell No.: 9437367435 (Prin)
E-mail id: psjuniorcollegemuribahal@gmail.com
CHSE Code: BA22 SAMS Code: 05134101
Ref. No. 119/PSHSS/2025 Date: 04.09.2025
WALK-IN-INTERVIEW
An interview for the post of Lecturer-in-History (Guest Faculty), Lecturer-in-Commerce (Self Finance), Lecturer-in-Political Science (Self Finance) and a Sweeper (Self Finance) is scheduled to be held in Panchayat Samiti Higher Secondary School, Muribahal on Dt.12.09.2025 at 11.00 A.M. to 2.00 P.M. Interested candidates for said Lecturer post having at least 55% of marks in Post Graduation level may attend the interview. Preference will be given to the B.Ed. candidates.
N.B.: No TA, DA will be given to the applicants.
Contact No.: 9437367435
Sd./- Principal-cum-Secretary
P.S. Higher Secondary School, Muribahal

"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी
काष्ठागार नगरी का ई-ऑक्सन का संक्षिप्त विज्ञापन
सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत नगरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्नानुसार किया जावेगा। इच्छुक बोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार नगरी से प्राप्त की जा सकती है।
नीलाम दिनांक - 10 सितम्बर 2025
नीलाम समय - प्रातः 09.00 बजे से

| प्रजाति | नया वनोपज ईमारती (घ.मी.) | नया वनोपज बल्ली डेंगरी (नग) | अविक्रित वनोपज ईमारती (घ.मी.) | अविक्रित वनोपज बल्ली डेंगरी (नग) | योग वनोपज ईमारती (घ.मी.) | योग वनोपज बल्ली डेंगरी (नग) |
|---|---|---|---|---|---|---|
| सागौन | 155.178 | 2450 | 265.990 | 3988 | 421.168 | 6438 |
| साल | 134.342 | - | 411.982 | 71 | 546.324 | 71 |
| साजा | 40.412 | - | 176.010 | 29 | 216.422 | 29 |
| बीजा | 22.106 | - | 85.276 | - | 107.382 | - |
| तिन्सा | 0.500 | - | 16.052 | - | 16.552 | - |
| हल्दु/गुण्डी/खम्हार | - | - | 79.161 | - | 79.161 | - |
| सलई/मोयन | 0.300 | - | - | - | 0.300 | - |
| धावडा | 30.021 | - | 94.418 | - | 124.439 | - |
| कर्रा/सेन्हा/अन्य | 45.019 | - | 232.671 | 186 | 277.690 | 186 |
| योग | 427.878 | 2450 | 1361.560 | 4274 | 1789.438 | 6724 |

नीलाम में प्रस्तावित वनोपज की अनुमानित मात्रा
टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।
फोन: 07722-238371, फैक्स: 07722-236137
G-252603224/2 स्वा./- वनमंण्डलाधिकारी, धमतरी वनमंडल, धमतरी

ଦ.ପୂ. ରେଳପଥ – ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୨ଆରଟି୨, ତାରିଖ: ୦୩.୦୯.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଇଇ/ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ସାନ୍ତ୍ରାଗାଛି: ସାନ୍ତ୍ରାଗାଛି କୋଚିଂ ୟାର୍ଡର ରିସେପ୍ସନ୍ ୟାର୍ଡଠାରେ ୦୨ ଗୋଟି ଲାଇନ୍‌ର ଦୈର୍ଘ୍ୟ ପରିବର୍ଦ୍ଧନ କରିବା ସହିତ ପୂର୍ଣ୍ଣ ଦୈର୍ଘ୍ୟ ଏଲ୍‌ଏଚ୍‌ବି ରେକ୍‌ଗୁଡ଼ିକର ପରୀକ୍ଷା ପାଇଁ ଆବଶ୍ୟକ ଜରୁରୀ ଭିତ୍ତିଭୂମିର ବ୍ୟବସ୍ଥା କରିବା (ରିସେପ୍ସନ୍ ୟାର୍ଡ ସାନ୍ତ୍ରାଗାଛିଠାରେ ସିଏଟି କାର୍ଯ୍ୟ ସହିତ ୦୪ ଗୋଟି ଷ୍ଟାବଲିଂ ଲାଇନ୍ ଓ ୦୩ ଗୋଟି ପିଟ୍ ଲାଇନ୍) । ଟେଣ୍ଡର ମୂଲ୍ୟ: ₹୮୭,୨୧,୦୧୮ । ଇଏମ୍‌ଡି: ₹୧,୭୪,୪୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ। ଖୋଲାଯିବା ତାରିଖ: ତା୨୫.୦୯.୨୦୨୫ରିଖ । ସମାପ୍ତି ଅବଧି: ୧୨ (ବାର) ମାସ । ଦାଖଲର ତାରିଖ: ତା୨୫.୦୯.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-595)

इंडियन बैंक Indian Bank
इलाहाबाद ALLAHABAD
ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ
ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ବର୍ତ୍ତନା ଶାଖା / ଋଣଗ୍ରହୀତା: ଶ୍ରୀମତୀ ତପସ୍ୱିନୀ ପଣ୍ଡା, ସ୍ୱାମୀ: ରମେଶ ଚନ୍ଦ୍ର ପଣ୍ଡା / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ପିତା: ଯୁଧିଷ୍ଠିର ପଣ୍ଡା, ଉଭୟଙ୍କ ଠିକଣା- ସା: ତୁମ୍ବପଦୀ, ପୋ: ବର୍ତ୍ତନା, ଥାନା: ଅଗରପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୧୧୫ | ରମେଶ ଚନ୍ଦ୍ର ପଣ୍ଡା, ପିତା: ଯୁଧିଷ୍ଠିର ପଣ୍ଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୦/୯୦, ପ୍ଲଟ୍ ନଂ.: ୪୦୩/୫୧୯/୫୨୨, କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ରକାର: ଘରବାରି, ମୌଜା: ତୁମ୍ବପଦୀ, ଥାନା: ଖଇରା, ଥାନା ନଂ. ୩୭, ତହସିଲ: ଖଇରା, ଜିଲ୍ଲା: ବାଲେଶ୍ୱର-୭୫୬୧୧୫, ଓଡ଼ିଶା, ଏହାର ଚତୁପାର୍ଶ୍ୱରେ- ଉତ୍ତର: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର, ଦକ୍ଷିଣ: ରାସ୍ତା, ପୂର୍ବ: ନୃସିଂହ ପଣ୍ଡା, ପଶ୍ଚିମ: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର / ସମ୍ପତ୍ତି ଆଇଡ଼ି ନଂ.: IDIB11951314800T | ୧୯.୦୯.୨୦୨୪ / ୧୦.୧୨.୨୦୨୪ / ୦୪.୦୯.୨୦୨୫ ସୁଦ୍ଧା ଟ.୨୭,୬୩,୨୯୦.୦୦ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୨,୮୭,୦୦୦/- / ଟ.୨,୨୯,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୪.୦୯.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୩.୦୯.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୦୯.୨୦୨୫ରିଖ ଠାରୁ ତା.୨୦.୦୯.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ
ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।
ତାରିଖ: ୦୪.୦୯.୨୦୨୫, ସ୍ଥାନ: କଟକ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

CENTRE FOR DISTANCE AND ONLINE EDUCATION (CDOE)
FAKIR MOHAN UNIVERSITY (OLD CAMPUS), JANUGANJ
VYASA VIHAR, BALASORE - 756019
ADMISSION NOTIFICATION: 2025-2026
Letter No. FMU/CDOE-Admission-02/2025/6806 Date; 04.09.2025
Applications are invited from eligible candidate for admission into the following UGC approved programmes (UG & PG) under ODL mode for the Academic year 2025-2026. Academic Session beginning July - August, 2025 and onwards.
Opening Date: 08.09.2025 Closing Date: 15.10.2025
COURSES OFFERED

| PG Courses | Duration | Eligibility | UG Courses | Duration | Eligibility |
|---|---|---|---|---|---|
| MA in Odia | 2 Years | Any Graduate | B.A. in Odia (Hons) | 4 Years | +2/ Intermediate |
| MA in English | 2 Years | Any Graduate | B.A. in English (Hons) | 4 Years | +2/ Intermediate |
| MA in Sanskrit | 2 Years | Any Graduate | B.A. in Sanskrit (Hons) | 4 Years | +2/ Intermediate |
| MA in Economics | 2 Years | Any Graduate | B.A. in Economics (Hons) | 4 Years | +2/ Intermediate |
| MA in Political Science | 2 Years | Any Graduate | B.A. in Pol. Sc. (Hons.) | 4 Years | +2/ Intermediate |
| MA in History | 2 Years | Any Graduate | B.A. in Hist (Hons) | 4 Years | +2/ Intermediate |
| MA in Sociology | 2 Years | Any Graduate | B.A. in Sociology (Hons) | 4 Years | +2/ Intermediate |
| MA in Social Work | 2 Years | Any Graduate | BBA | 4 Years | +2/ Intermediate |
| MA in Education | 2 Years | Any Graduate | B.A. in Education (Hons) | 4 Years | +2/ Intermediate |
| Master in Commerce | 2 Years | Any Graduate | B. Com | 4 Years | +2/ Intermediate |
| MLIS | 1 Year | Any Graduate | BLIS | 1 Year | +2/ Intermediate |

Regular PG/UG continuing students are also eligible for applying for admission in above ODL Programmes under dual degree mode.
Admission Procedure: Visit the website at https://fmuniversity.in and Click on "Admission to Distance Mode (ODL) Programme for the Academic Year 2025-2026" link for detail information. By paying the application fee Rs.600/- through online, the Candidates can apply online through google link by filling up the given criteria for consideration of the admission into concerned programme by 15.10.2025. For online payment of application fees visits the website or Pay online through google link: https://octopod.co.in/academy/forms/17c5197fb88140144ce427a8282238f7.
Contact Time: 10.30 A.M. - 5.00 P.M.
Contact No.: 7008555647 / 7854009290 / 9439515579 / 9853651156 / 9650226218 / 7735141681
Sd./- Director

# କମ୍ପ୍ୟୁଟରୀକରଣ ପରେ ପାକ୍ସ ସମସ୍ୟାର ସମାଧାନ ହେବ

**ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ଜିଲାସ୍ତରୀୟ ମାସିକିଆ ବୈଠକ**

- ଜିଲାର ୧୧୦ ପାକ୍ସ ମଧ୍ୟରୁ ୨୧ଟିର ଅଡିଟ୍ ଶେଷ
- ସମ୍ପାଦକମାନେ ଠିକ୍ ଭାବେ ରେକର୍ଡ ମେଣ୍ଟେନ କରିବା ଜରୁରୀ

ଜଗତ୍‌ସିଂହପୁର,୪।୯ (ପ୍ରମୋଦ କୁମାର ନାୟକ)

ଭାରତ ସରକାର ପ୍ରାଥମିକ କୃଷି ଜମା ସମିତି (ପାକ୍ସ)କୁ ସ୍ୱଚ୍ଛ ଓ ସଶକ୍ତ କରିବା ପାଇଁ କମ୍ପ୍ୟୁଟରାଇଜେଶନ୍ ଉପରେ ଗୁରୁତ୍ୱ ଦେଇଛନ୍ତି। ଦେଶର ପାଖାପାଖି ୬୩ ହଜାର ପାକ୍ସକୁ କମ୍ପ୍ୟୁଟରାଇଜେଶନ୍ କରିବା ପାଇଁ ୨,୫୧୬ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏଥିରେ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ(ଇଆର୍‌ପି)ସ୍ତରୀୟ ଜାତୀୟ ସଫ୍ଟୱେର ବ୍ୟବହାର ହେବ। ଏହାଦ୍ୱାରା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ନାବାର୍ଡ ସହ ଲିଙ୍କ୍ ରଖାଯାଇପାରିବ। ଏହି ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରାଯାଇ ପାରିବ। ତେବେ କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ପ୍ରଥମେ ପାକ୍ସଗୁଡ଼ିକ ଅଡିଟ୍ ସରିଲା ପରେ କମ୍ପ୍ୟୁଟରାଇଜେଶନ୍ ସମ୍ଭବ ବୋଲି କୁହାଯାଇଛି। ଅଡିଟ୍ ସରିବାରେ ପାକ୍ସ ସମ୍ପାଦକମାନଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଥିପ୍ରତି ଆନ୍ତରିକତା ପ୍ରକାଶ କରିବାକୁ ଆହ୍ୱାନ ଦିଆଯାଇଛି। ଗୁରୁବାର ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ପାକ୍ସ କମ୍ପ୍ୟୁଟରାଇଜେଶନ୍ (ଏନ୍‌ଏଲ୍‌ପିଏସ୍) ଓ ସମବାୟ ସମୀକ୍ଷା ସଚେତନତା ସମ୍ପର୍କିତ କର୍ମଶାଳାରେ ଏହା କୁହାଯାଇଛି।

ଜଗତ୍‌ସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ କର୍ମଶାଳାରେ ପାକ୍ସ ସମ୍ପାଦକମାନଙ୍କ ଗୁରୁଦାୟିତ୍ୱ ଉପରେ ବର୍ଣ୍ଣନା କରାଯାଇଥିଲା। ଏ ସମ୍ପର୍କରେ ଜଗତ୍‌ସିଂହପୁର ସମବାୟ ସମିତି ସମୂହ ସହକାରୀ ସମୀକ୍ଷକ ସନ୍ତୋଷ କୁମାର ଜାଲି କହିଥିଲେ, ଅଡିଟରମାନଙ୍କ ଦାୟିତ୍ୱ ଅଡିଟ୍ କରିବା, ରେକର୍ଡ ମେଣ୍ଟେନ କରିବା ନୁହେଁ। କିନ୍ତୁ ସମ୍ପାଦକମାନେ ଅଡିଟ୍ ପରେ କାଗଜପତ୍ର କାମ କରୁଛନ୍ତି। କେତେକ ସମୟରେ ଅନିୟମିତତାର ପ୍ରମାଣ ମିଳୁଛି। ଭୁଲ୍‌ଭଟକା ମଧ୍ୟ ହେଉଛି। ଟଙ୍କା ମାସାଧିକ କାଳ ଅନ୍ୟ ଆକାଉଣ୍ଟକୁ ଯାଇଥିଲେ ସୁଦ୍ଧା ତାହା ସମ୍ପାଦକମାନେ ଜାଣି ନ ପାରିବା ଦୁର୍ଭାଗ୍ୟର କଥା। ତେଣୁ ପ୍ରତ୍ୟେକ ଏଥିପ୍ରତି ଦାୟିତ୍ୱବାନ୍ ହେବାକୁ ପଡ଼ିବ। ଏଣିକି ଆଉ କାଗଜ ଚାଷ କରିବାକୁ ପଡ଼ିବ ନାହିଁ। ବର୍ତ୍ତମାନ ସୁଦ୍ଧା ଜିଲାର ୧୧୦ ପାକ୍ସ ମଧ୍ୟରୁ ୨୧ଟିର ଅଡିଟ୍ ସରିଯାଇଛି। ୧୮ଟି ସରିବା ଅବସ୍ଥାରେ ଅଛି। ତଥାପି ଚଳିତବର୍ଷ ଯଥାସମ୍ଭବ ପାକ୍ସ ଅଡିଟ୍ ସାରିବାକୁ ଚେଷ୍ଟା କରାଯିବ। ହେଲେ କାଗଜପତ୍ର ଠିକ୍ ନ ଥିଲେ ବିଳମ୍ବ ହୋଇପାରେ। କୌଣସି ଚାଷୀ ସମ୍ପାଦକଙ୍କୁ ଲାଭ, କ୍ଷତି ହିସାବ ମାଗିଲେ ତାଙ୍କୁ ତୁରନ୍ତ ଦେବା ଉଚିତ। କିନ୍ତୁ ଯାହା ଦେଖାଯାଉଛି ସମ୍ପାଦକମାନେ ସେଭଳି ଉତ୍ତର ଦେବା ପରିସ୍ଥିତିରେ ନାହାନ୍ତି। ତେଣୁ କମ୍ପ୍ୟୁଟରୀକରଣ ପରେ ଆପାତତଃ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା କରାଯାଉଥିବା ଜାଲି କହିଥିଲେ।

ପ୍ରାରମ୍ଭରେ ଜଗତ୍‌ସିଂହପୁର ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରଭାତ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସୋସାଇଟିଗୁଡ଼ିକର ଡାଟାବେସ୍ ହୋଇଗଲେ କାଗଜ ବୋଝରୁ ନିସ୍ତାର ମିଳିପାରିବ ବୋଲି କହିଥିଲେ। ସେ ଏକଥା ମଧ୍ୟ ଦର୍ଶାଇଥିଲେ ପ୍ରତିବର୍ଷ ଅଡିଟ୍ ହେଉଛି। କିନ୍ତୁ କେତେକ ପାକ୍ସ ସମ୍ପାଦକ କାଗଜପତ୍ର ରଖି ଦେଉଛନ୍ତି। ତାହା ଅଡୁଆ ସୃଷ୍ଟି କରୁଛି। ତେଣୁ ଏ ବାବଦରେ ସଚେତନ ହେବାକୁ ସେ ସମ୍ପାଦକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ ଡିଡିଏମ୍ ବିଦ୍ୟୁତଲତା ବେହେରା ମଧ୍ୟ ପାକ୍ସ ଡିଜିଟାଇଜେଶନ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ସମବାୟ ସମିତି ସମୂହ ଉପନିବନ୍ଧକ ଓ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା, ରାଖାଲ ଚନ୍ଦ୍ର ସାମଲ, ସୁମନ ବେହେରା, ମିତାଲି ବୋଷ, ଚିତ୍ରା ଚିନ୍ମୟୀ ଦାସ, ସ୍ୱର୍ଣ୍ଣଲତା ନାୟକ, ପିଙ୍କି ହାଂସଦା ଓ ରୁବୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା ସମବାୟ ସମିତି ସମୂହ ସହକାରୀ ସମୀକ୍ଷକ ଓ ଅନ୍ୟମାନେ।

# ଚାଷୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ

**ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର**

ଜଗତ୍‌ସିଂହପୁର, ୪।୯ (ପ୍ରମୋଦ କୁମାର ନାୟକ)

ବିରିଡ଼ି ବ୍ଲକ ବାରେଡିଆ ପଞ୍ଚାୟତ ଅନ୍ତର୍ଗତ ଶୀଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏକଦିବସୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନିଲ କୁମାର ସେଠୀ, ସହକାରୀ କୃଷି ଇଞ୍ଜିନିୟର ସଂସାର ସାମନ୍ତ ପରିଡ଼ାଙ୍କ ସମେତ ବାସନ୍ଦରା ଗ୍ରାମପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ସମିତି ସଭ୍ୟ ସ୍ନେହାଶିଷ ଜେନା ଓ ବିରିଡ଼ି ବ୍ଲକ ଉଦ୍ୟାନ କୃଷି ଭାରପ୍ରାପ୍ତ ଅଧିକାରୀ ମୋନାଲିସା ପତି ପ୍ରମୁଖ ଯୋଗଦେଇ ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଉପଲବ୍ଧ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ନିମକଣା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା ଓ ପ୍ରଦୀପ୍ତ ମାଝୀ ଯୋଗଦେଇ ଉଦ୍ୟାନ କୃଷି ତଥା ଆଳୁ ଚାଷକ୍ଷେତ୍ରରେ ରୋଗ ପୋକ ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ କୃଷି ଅଧିକାରୀ ପ୍ରସନ୍ନା ପ୍ରିୟଦର୍ଶିନୀ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବାରେଡିଆ ଓ ବାସନ୍ଦରାର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଉଦ୍ୟାନ କୃଷି କର୍ମଚାରୀ ସୁଶାନ୍ତ ଦାସ ସଂଯୋଜନା କରିଥିଲେ।

# କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ




କୁଜଙ୍ଗ, ୪।୯(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବାଗୋଇ ପଞ୍ଚାୟତ ଅନ୍ତର୍ଗତ କୋଠିଆସାହିସ୍ଥିତ ମୁକ୍ତେଶ୍ୱର ମଣ୍ଡପରେ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଜଗତ୍‌ସିଂହପୁର ଜିଲା ପ୍ରଭାରୀ ଏମ. ଲିଙ୍ଗୁ ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପରେ ଜିଲା ସଭାପତି ଚୟନ ନିମନ୍ତେ ପତ୍ୟେକ କର୍ମୀଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକଭାବେ ରାଜକିଶୋର ବାରିକ, ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ପାରାଦୀପ ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ନିରଞ୍ଜନ ନାୟକ, ଏରସମା–ବାଲିକୁଦା ନେତା ନଳିନୀ ସ୍ୱାଇଁ, ଦେବ ପ୍ରସାଦ ନାୟକ , ବୀରେନ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବ୍ଲକର କଂଗ୍ରେସ ନେତା ଅଶୋକ କୁମାର ନାଥ, ପ୍ରିୟମ୍ବଦା ପାଣି, ବିଶ୍ୱନାଥ ମଲ୍ଲିକ, ନୂତନ ତ୍ରିପାଠୀ, ରାଜକିଶୋର ନାଥ ପ୍ରମୁଖ ଯୋଗଦେଇ ଦେଇ ଜିଲା ସଭାପତି ଚୟନ ନିମନ୍ତେ ଯୋଗ୍ୟ ନେତାଙ୍କ ନାମ ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଙ୍ଗୁଙ୍କୁ ପ୍ରସ୍ତାବ ଦେଇଥିଲେ।

# 'ଜନସାଧାରଣଙ୍କୁ ଭ୍ରମିତ କରିବାକୁ ଚାଲିଛି ଉଦ୍ୟମ'

**ଏନ୍‌ଏସି ମାନ୍ୟତା ନ ମିଳିବାରୁ ୯ରେ କୁଜଙ୍ଗ ବନ୍ଦ**

କୁଜଙ୍ଗ, ୪।୯(ମନୋଜ ପ୍ରଧାନ)

ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ପୂର୍ବ ସରକାର ନିର୍ବାଚନ ଅବ୍ୟବହିତ ପୂର୍ବରୁ କୁଜଙ୍ଗକୁ ଏନ୍‌ଏସି କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଏଥିନିମନ୍ତେ ବିଧିବଦ୍ଧ ଭାବେ ସରକାରୀସ୍ତରରେ କୌଣସି ପ୍ରକ୍ରିୟା ହୋଇ ନ ଥିଲା। ମାତ୍ର ନୂଆ ସରକାର ପ୍ରଥମ ଦଫାରେ ଅଗଷ୍ଟ ୧୬ରେ ନୂଆକରି ୧୨ ଓ ୩୧ରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁନର୍ବାର ୧୬ଟି ନୂତନ ଏନ୍‌ଏସି ଗଠନ ପାଇଁ ଘୋଷଣା କରିଛନ୍ତି। ମାତ୍ର କୁଜଙ୍ଗ ନାଁ ଘୋଷଣା ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶପାଇଛି । ଏନେଇ ୯ରେ କୁଜଙ୍ଗ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସରପଞ୍ଚ ବନ୍ଦିତା ଦାସ ନାପସନ୍ଦ କରିବା ସହ ଏଥିରେ ଜନ ସାଧାରଣଙ୍କ ସମର୍ଥନ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି, କୁଜଙ୍ଗକୁ ଏନ୍‌ଏସି ପ୍ରଦାନ ନିମନ୍ତେ ପଦକ୍ଷେପ ନେବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଚିଠି ହେବା ପରେ ଜିଲାପାଳ ଆବଶ୍ୟକ କାଗଜ ପ୍ରସ୍ତୁତି ନିମନ୍ତେ ବିଡିଓଙ୍କୁ ଚିଠି କରିଛନ୍ତି। କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଅଗଷ୍ଟ୨୫ରେ ପତ୍ର ସଂଖ୍ୟା ନଂ.୬୩୬୩(୫) ଜରିଆରେ ଏନ୍‌ଏସିରେ ପାଞ୍ଚ ପଞ୍ଚାୟତ କୁଜଙ୍ଗ, ବାଗୋଇ, ବାଲିଆ, ଗୋପିଆକୁଦ ଓ ମଙ୍ଗରାଜପୁରକୁ ସାମିଲ କରିବା ନିମନ୍ତେ ସର୍ବସମ୍ମତ ଗୃହୀତ ପ୍ରସ୍ତାବ ଦେବାପାଇଁ ସମ୍ପୃକ୍ତ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳିସ୍ଥିତିରେ କେତେଜଣ ଜନସାଧାରଣଙ୍କୁ ଭ୍ରମିତ କରିବା ପାଇଁ ଏପରି ଉଦ୍ୟମ କରୁଛନ୍ତି। ଉପରୋକ୍ତ ପଞ୍ଚାୟତଗୁଡ଼ିକ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ଆନ୍ଦୋଳନ ଡାକରା ମୂଲ୍ୟହୀନ ବୋଲି ସେ କହିଛନ୍ତି।

# ବିପଦ ସମୟରେ ଧୈର୍ଯ୍ୟ ଜରୁରୀ



ମକ୍‌ଡ୍ରିଲରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ ଓ ଇଫ୍‌କୋ କମ୍ପାନୀର ଅଧିକାରୀ ଏବଂ କର୍ମଚାରୀମାନେ।

**ଇଫ୍‌କୋ ପରିସରରେ ଆମୋନିଆ ନିର୍ଗତ ନିୟନ୍ତ୍ରଣ ମକ୍‌ଡ୍ରିଲ**

ପାରାଦୀପ, ୪।୯(ଶରତ ରାଉତ)

ପାରଦୀପ ଇଫକୋ କାରଖାନା ପରିସରରେ ଗୁରୁବାର ମକ୍‌ଡ୍ରିଲ କରାଯାଇଛି। ଆମୋନିଆ ରାସାୟନିକ ଗ୍ୟାସ ନିର୍ଗତ ଓ ତାକୁ ନିୟନ୍ତ୍ରଣ କରିବା ସମ୍ପର୍କରେ ଏହି ମକ୍‌ଡ୍ରିଲ କରାଯାଇଥିଲା। ଓଡ଼ିଶା ସରକାରଙ୍କ କାରଖାନା ଓ ବାଷ୍ପିତ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏଥିରେ ସମସ୍ତ ସୁରକ୍ଷା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା, କାରଖାନା ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଏହାକୁ ନିରୀକ୍ଷଣ କରିଥିଲେ। ଇଫ୍‌କୋ ସୁରକ୍ଷା ଓ ନିରାପତ୍ତା ବିଭାଗର କର୍ମଚାରୀ ମାନେ ଆମୋନିଆ ନିଗତ ସମୟରେ କିପରି ମୁକାବିଲା କରୁଛନ୍ତି ତାହା ପ୍ରଦର୍ଶିତ ହୋଇଥିଲା। ଏଥିରେ ପାରାଦୀପର ଅନ୍ୟ ସମସ୍ତ ଶିଳ୍ପ ସଂସ୍ଥା ସୁରକ୍ଷା କର୍ମୀମାନେ ମୁତୟନ ଥିଲେ। ଏହାବ୍ୟତୀତ ଏନ୍‌ଡିଆରଏଫ, ଅଗ୍ନିଶମ ବିଭାଗ, ପ୍ରମୁଖ ଉପସ୍ଥିତ ଥିଲେ।


**"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी**

**काष्ठागार नगरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत नगरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार नगरी से प्राप्त की जा सकती है।

नीलाम दिनांक - 10 सितम्बर 2025
नीलाम समय - प्रातः 09.00 बजे से

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | ईमारती (घ.मी.) | बल्ली डेंगरी (नग) | ईमारती (घ.मी.) | बल्ली डेंगरी (नग) | ईमारती (घ.मी.) | बल्ली डेंगरी (नग) |
| सागौन | 155.178 | 2450 | 265.990 | 3988 | 421.168 | 6438 |
| साल | 134.342 | - | 411.982 | 71 | 546.324 | 71 |
| साजा | 40.412 | - | 176.010 | 29 | 216.422 | 29 |
| बीजा | 22.106 | - | 85.276 | - | 107.382 | - |
| तिन्सा | 0.500 | - | 16.052 | - | 16.552 | - |
| हल्दु/गुण्डी/खम्हार | - | - | 79.161 | - | 79.161 | - |
| सलई/मोयन | 0.300 | - | - | - | 0.300 | - |
| धावड़ा | 30.021 | - | 94.418 | - | 124.439 | - |
| कर्रा/सेन्हा/अन्य | 45.019 | - | 232.671 | 186 | 277.690 | 186 |
| योग | 427.878 | 2450 | 1361.560 | 4274 | 1789.438 | 6724 |

**नीलाम में प्रस्तावित वनोपज की अनुमानित मात्रा**

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन: 07722-238371, फैक्स: 07722-236137
G-252603224/2
स्वा./- वनमंण्डलाधिकारी, धमतरी वनमंडल, धमतरी



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୨ଆର୍‌ଟି୨, ତାରିଖ: ୦୩.୦୯.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଇଇ/ଟିଆର୍‌ଡି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ସାନ୍ତ୍ରାଗାଛି: ସାନ୍ତ୍ରାଗାଛି କୋଚିଂ ୟାର୍ଡର ରିସେପ୍ସନ୍ ୟାର୍ଡଠାରେ ୦୨ ଗୋଟି ଲାଇନ୍‌ର ଦୈର୍ଘ୍ୟ ପରିବର୍ଦ୍ଧନ କରିବା ସହିତ ପୂର୍ଣ୍ଣ ଦୈର୍ଘ୍ୟ ଏଲ୍‌ଏଚ୍‌ବି ରେକ୍‌ଗୁଡ଼ିକର ପରୀକ୍ଷା ପାଇଁ ଆବଶ୍ୟକ ଜରୁରୀ ଭିତ୍ତିଭୂମିର ବ୍ୟବସ୍ଥା କରିବା (ରିସେପ୍ସନ୍ ୟାର୍ଡ ସାନ୍ତ୍ରାଗାଛିଠାରେ ସିଏଟି କାର୍ଯ୍ୟ ସହିତ ୦୪ ଗୋଟି ଷ୍ଟାବଲିଂ ଲାଇନ୍ ଓ ୦୩ ଗୋଟି ପିଟ୍ ଲାଇନ୍)। **ଟେଣ୍ଡର ମୂଲ୍ୟ:** ₹୮୭,୨୧,୦୧୮। **ଇଏମ୍‌ଡି:** ₹୧,୭୪,୪୦୦। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ତା୨୫.୦୯.୨୦୨୫ରିଖ। **ସମାପ୍ତି ଅବଧି:** ୧୨ (ବାର) ମାସ। **ଦାଖଲର ତାରିଖ:** ତା୨୫.୦୯.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-595)



इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ବର୍ତ୍ତନା ଶାଖା / ଋଣଗ୍ରହୀତା: ଶ୍ରୀମତୀ ତପସ୍ୱିନୀ ପଣ୍ଡା, ସ୍ୱାମୀ: ରମେଶ ଚନ୍ଦ୍ର ପଣ୍ଡା / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ପିତା: ଯୁଧିଷ୍ଠିର ପଣ୍ଡା, ଉଭୟଙ୍କ ଠିକଣା- ସା: ତୁମ୍ବାପଦୀ, ପୋ: ବର୍ତ୍ତନା, ଥାନା: ଅଗରପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୧୧୫ | ରମେଶ ଚନ୍ଦ୍ର ପଣ୍ଡା, ପିତା: ଯୁଧିଷ୍ଠିର ପଣ୍ଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୦/୯୦, ପ୍ଲଟ୍ ନଂ.: ୪୦୩/୫୧୯/୫୨୨, କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ରକାର: ଘରବାରି, ମୌଜା: ତୁମ୍ବାପଦୀ, ଥାନା: ଖଇରା, ଥାନା ନଂ. ୩୭, ତହସିଲ: ଖଇରା, ଜିଲ୍ଲା: ବାଲେଶ୍ୱର-୭୫୬୧୧୫, ଓଡ଼ିଶା, ଏହାର ଚରିପାର୍ଶ୍ୱରେ- ଉତ୍ତର: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର, ଦକ୍ଷିଣ: ରାସ୍ତା, ପୂର୍ବ: ନୃସିଂହ ପଣ୍ଡା, ପଶ୍ଚିମ: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର / ସମ୍ପତ୍ତି ଆଇଡ଼ି ନଂ.: IDIB11951314800T | ୧୯.୦୯.୨୦୨୪ / ୧୦.୧୨.୨୦୨୪ / ୦୪.୦୯.୨୦୨୫ ସୁଦ୍ଧା ଟ.୨୭,୬୩,୨୯୦.୦୦ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟଯ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୨,୮୭,୦୦୦/- / ଟ.୨,୨୯,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୪.୦୯.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୩.୦୯.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)

ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୦୯.୨୦୨୫ରିଖ ଠାରୁ ତା.୨୦.୦୯.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ: ୦୪.୦୯.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



**OFFICE OF THE PRINCIPAL**
**PANCHAYAT SAMITI HIGHER SECONDARY SCHOOL, MURIBAHAL, DIST.: BALANGIR (ODISHA), PIN - 767037**
Ph.: 06655-272070(O), Cell No.: 9437367435 (Prin)
E-mail id: psjuniorcollegemuribahal@gmail.com
CHSE Code: BA22 SAMS Code: 05134101
Ref. No. 119/PSHSS/2025 Date: 04.09.2025

**WALK-IN-INTERVIEW**

An interview for the post of Lecturer-in-History (Guest Faculty), Lecturer-in-Commerce (Self Finance), Lecturer-in-Political Science (Self Finance) and a Sweeper (Self Finance) is scheduled to be held in Panchayat Samiti Higher Secondary School, Muribahal on Dt.12.09.2025 at 11.00 A.M. to 2.00 P.M. Interested candidates for said Lecturer post having at least 55% of marks in Post Graduation level may attend the interview. Preference will be given to the B.Ed. candidates.
**N.B.:** No TA, DA will be given to the applicants.
**Contact No.: 9437367435**

Sd./- Principal-cum-Secretary
P.S. Higher Secondary School, Muribahal



**CENTRE FOR DISTANCE AND ONLINE EDUCATION (CDOE)**
**FAKIR MOHAN UNIVERSITY (OLD CAMPUS), JANUGANJ**
VYASA VIHAR, BALASORE - 756019

**ADMISSION NOTIFICATION: 2025-2026**

Letter No. FMU/CDOE-Admission-02/2025/6806 Date; 04.09.2025
Applications are invited from eligible candidate for admission into the following UGC approved programmes **(UG & PG)** under ODL mode for the Academic year **2025-2026**. Academic Session beginning July - August, 2025 and onwards.
**Opening Date: 08.09.2025** **Closing Date: 15.10.2025**

**COURSES OFFERED**

| Post - Graduate (PG) Programmes | | | Under Graduate (UG) Programmes | | |
|---|---|---|---|---|---|
| PG Courses | Duration | Eligibility | UG Courses | Duration | Eligibility |
| MA in Odia | 2 Years | Any Graduate | B.A. in Odia (Hons) | 4 Years | +2/ Intermediate |
| MA in English | 2 Years | Any Graduate | B.A. in English (Hons) | 4 Years | +2/ Intermediate |
| MA in Sanskrit | 2 Years | Any Graduate | B.A. in Sanskrit (Hons) | 4 Years | +2/ Intermediate |
| MA in Economics | 2 Years | Any Graduate | B.A. in Economics (Hons) | 4 Years | +2/ Intermediate |
| MA in Political Science | 2 Years | Any Graduate | B.A. in Pol. Sc. (Hons.) | 4 Years | +2/ Intermediate |
| MA in History | 2 Years | Any Graduate | B.A. in Hist (Hons) | 4 Years | +2/ Intermediate |
| MA in Sociology | 2 Years | Any Graduate | B.A. in Sociology (Hons) | 4 Years | +2/ Intermediate |
| MA in Social Work | 2 Years | Any Graduate | BBA | 4 Years | +2/ Intermediate |
| MA in Education | 2 Years | Any Graduate | B.A. in Education (Hons) | 4 Years | +2/ Intermediate |
| Master in Commerce | 2 Years | Any Graduate | B. Com | 4 Years | +2/ Intermediate |
| MLIS | 1 Year | Any Graduate | BLIS | 1 Year | +2/ Intermediate |

**Regular PG/UG continuing students are also eligible for applying for admission in above ODL Programmes under dual degree mode.**

**Admission Procedure:** Visit the website at **https://fmuniversity.in** and Click on **"Admission to Distance Mode (ODL) Programme for the Academic Year 2025-2026"** link for detail information. By paying the application fee **Rs.600/-** through online, the Candidates can apply online through google link by filling up the given criteria for consideration of the admission into concerned programme by **15.10.2025**. For online payment of application fees visits the website or Pay online through google link: **https://octopod.co.in/academy/forms/17c5197fb88140144ce427a8282238f7**.

**Contact Time: 10.30 A.M. - 5.00 P.M.**
**Contact No.: 7008555647 / 7854009290 / 9439515579 / 9853651156 / 9650226218 / 7735141681**

**Sd./- Director**

# ପ୍ରାଚୀନ ଅଙ୍କ ପରମ୍ପରାକୁ ଯୁବପିଢ଼ି ଭୁଲିଗଲେଣି

## ସୁନିଆ ପରମ୍ପରା ପାଳିତ

ଖଣ୍ଡପଡ଼ା,୪।୯
(ଅଜୟ କୁମାର ମହାରଣା)

କଂସା ପିତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିବା ନୟାଗଡ଼ ଜିଲ୍ଲା ଅଧୀନ କଣ୍ଟିଲୋ ଏବେ ଏହି ଶିଳ୍ପ ଗଣନ ଅବସ୍ଥାରେ ପହଞ୍ଚି ଲାଣି। ତେବେ କଣ୍ଟିଲୋ ଅଂଚଳର ଶତାଧିକ କଂସା ପିତଳ କାରିଗରମାନେ 'ଅଙ୍କ', ବାମନ ଜନ୍ମ ତଥା ସୁନିଆଁ 'ଏହି ପରମ୍ପରାରେ ରାଜପ୍ରିୟ ପର୍ବକୁ ଗୁରୁବାର ପାରମ୍ପରିକ ରୀତିରେ ପାଳନ କରିଛନ୍ତି। ଏକଦା ଆଜିର ଦିନରେ କାରିଗରମାନେ କଂସା ପିତଳର ନୂତନ ଧରଣର ସାମଗ୍ରୀ ପ୍ରସ୍ତୁତ କରି ମହାଜନ ବା ସାହୁକାର ଓ ଶିଳ୍ପ ସମବାୟ ସମିତିକୁ ଭେଟି ଦେଉଥାନ୍ତି। ଏହାପରେ ସମସ୍ତ କାରିଗର, ମହାଜନ ଓ ସମିତିର କର୍ମକର୍ତ୍ତାମାନେ ଏହି ଦିନକୁ ଆନନ୍ଦ ଉଲ୍ଲାସର ସହ ଭୋଜିଭାତ କରି ପାଳନ କରିଥାନ୍ତି। ଏବେ କିନ୍ତୁ କଂସା ପିତଳ ବାସନ ଶିଳ୍ପ ବିଭିନ୍ନ କାରଣରୁ ବୁଡି ଯିବାକୁ ବସିଲାଣି। କାରିଗରମାନେ ଜୀବନ ଜୀବିକା ହରାଇ ଅନ୍ୟ ଧନ୍ଦାରେ ନିୟୋଜିତ ହେଲେଣି। ଅପରପକ୍ଷରେ ମହାଜନମାନେ ବାସନ ଶିଳ୍ପର ରପ୍ତ ଅବସ୍ଥା ଯୋଗୁ କାରିଗରମାନଙ୍କୁ ଏଥିପାଇଁ ଆବଶ୍ୟକ କଞ୍ଚାମାଲ ଯୋଗାଇବା ସହଜ ହେଉନି। ଫଳରେ ପରବର୍ତ୍ତୀ ସମୟରେ ମହାଜନ ଏବଂ ବିଭିନ୍ନ ସମବାୟ ସମିତି ସହ କାରିଗରମାନଙ୍କ ବ୍ୟବସାୟିକ ସମ୍ପର୍କ ତୁଟି ଗଲାଣି। ତେବେ ପରମ୍ପରାକୁ କେବଳ ବଜାୟ ରଖିବାକୁ ଶିଳ୍ପ ଅନୁଷ୍ଠାନରେ ଅଙ୍କ ବା ସୁନିଆଁ ପୂଜା କରାଯାଇଛି। ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଅଞ୍ଚଳରେ ପାରମ୍ପରିକ ସୁନିଆ ବା ଅଙ୍କ ପର୍ବ ଗୁରୁବାର ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି 'ଅଙ୍କ' ପର୍ବ ପ୍ରଚଳିତ ପ୍ରାଚୀନ ସମୟରୁ ଓ ଐତିହ୍ୟ ଦୃଷ୍ଟିରୁ ବେଶ ଗୁରୁତ୍ୱ ବହନ କରିଆସିଛି ଜମିଦାରୀ ପ୍ରଥା ଓ ରାଜ ରାଜୁଡ଼ା ଶାସନ ଉଚ୍ଛେଦ ପରେ ସୁନିଆ ଦିନର ଗୁରୁତ୍ୱ ଆଜି କମି ଯାଇଛି ସତ ମାତ୍ର ଏହି ମଧ୍ୟରେ ଏବେ ଏକ ପରମ୍ପରା ସ୍ମୃତି ଅନ୍ତର୍ନିହିତ ରହିଛି। ଏହି ପରିପ୍ରେକ୍ଷୀରେ କଣ୍ଟିଲୋଠାରେ ୧୯୬୦ ମସିହାରୁ


ସୁନିଆ ଅବସରରେ ପୂଜାର୍ଚ୍ଚନା ଚାଲିଛି।

ପ୍ରତିଷ୍ଠା କରାଯାଇଥିବା ନୀଳମାଧବ କଂସା ପିତଳ ବାସନ ସମବାୟ ସମିତି ଲି, ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି, ନାରାୟଣୀ ଲୌହେତର ଧାତୁ ଶିଳ୍ପ, ମହାବୀର ବାସନ ଶିଳ୍ପ ସମବାୟ ସମିତି ଓ ମା' ଦକ୍ଷିଣ ଚଣ୍ଡୀ ବାସନ ଶିଳ୍ପ ସମିତି ଏପରି ୫ଟି ସମିତିର ସମସ୍ତ କାରିଗର ସୁନିଆରେ ବିଭିନ୍ନ ପ୍ରକାର ସୌଖିନ ସାମଗ୍ରୀ ପ୍ରସ୍ତୁତ କରି ସମିତିକୁ ପ୍ରଦାନ କରୁଥିଲେ। ଆଡମ୍ବର ସହକାରେ ଏହି ଦିବସଟିକୁ ପାଳନ କରୁଥିଲେ। ମାତ୍ର ପରିଚାଳନାଗତ ତ୍ରୁଟି ଯୋଗୁ ଏହି ସମିତିର ଏହି ପରମ୍ପରା ଦୀର୍ଘ ୨୮ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଛି। ଦୟନୀୟ ଅବସ୍ଥାରେ ଥିବା ସମ୍ପୃକ୍ତ ସୋସାଇଟି ପରମ୍ପରାକୁ ଜାବୁଡି ଧରି ପ୍ରତିବର୍ଷ ଅଙ୍କ ପର୍ବ ପାଳନ କରି ଆସୁଛି। କିଛିବର୍ଷ ହେବ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କଣ୍ଟିଲୋ ଅଞ୍ଚଳରେ ବାସନ ଶିଳ୍ପ ଦୟନୀୟ ଅବସ୍ଥାରେ ପହଞ୍ଚିଥିବା ବେଳେ କୌଣସି କାରିଗର ତା'ର ହାତ ତିଆରି ବାସନ ସାମଗ୍ରୀ ଆଉ ଉପହାର ଆକାରରେ ଦେବାର ଦେଖିବାକୁ ମିଳୁନି। ତେବେ ଆଜିର ଦିନରେ କଣ୍ଟିଲୋ ଅଞ୍ଚଳ କେତେଜଣ କାରିଗର ନିଜର କୌଳିକ ବୃତ୍ତିକୁ ଆଦରି ନେଇ ଏହି ପବିତ୍ର ଅଙ୍କ ପରମ୍ପରାକୁ ସେମାନେ ଭୁଲି ନ ଯାଇ ପାଳନ କରୁଥିବା ପରିଲକ୍ଷିତ ହୋଇଛି। କଂସା ପିତଳ ଶିଳ୍ପକୁ ମୁଖ୍ୟ କୌଳିକ ବୃତ୍ତି ଭାବରେ ବଞ୍ଚାଇ ରଖିଥିବା କଣ୍ଟିଲୋ ପାଣ୍ଡୁସାହୁପାଟଣା ଗ୍ରାମର କାହ୍ନୁ ବ୍ରାସ ୟୁନିଟ, ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ଦାୟିତ୍ୱରେ ଥିବା ଯଥାକ୍ରମେ ସନ୍ତୋଷ କୁମାର ମହାରଣା, ଦଣ୍ଡପାଣି ସାହୁ ଏବଂ ଅଖିଳ କୁମାର ସାହୁ ପ୍ରମୁଖ ପରମ୍ପରାକୁ ମନେ ପକାଇ ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ପାଖରେ ରଖି ଅଙ୍କ ପୂଜା କରୁଥିବା ଦେଖିବାକୁ ମିଳିଛି। ଓଡ଼ିଶାରେ ରାଜକୀୟ ନବବର୍ଷ ଆରମ୍ଭ ହୁଏ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅର୍ଥାତ୍ ବାମନ ଜନ୍ମ ଦିବସ ତଥା ସୁନିଆ ଦିନରେ। ସୁନିଆ ହେଉଛି ଓଡ଼ିଆ ରାଜାଙ୍କର ରାଜତ୍ୱ ଅଙ୍କ ଗଣନା ବର୍ଷର ପ୍ରଥମ ଦିନ। ରାଜା ରାଜୁଡା ଅମଳରେ ଏହି ସୁନିଆ ଦିନଠାରୁ ରାଜସ୍ୱ ଆଦାୟ ଆରମ୍ଭ ହୋଇଥାଏ। ଅଙ୍କ ବର୍ଷ ଅନୁସାରେ ଗଣନା କରାଯାଏ। ଏହି ଦୃଷ୍ଟିରୁ ସୁନିଆ ହେଉଛି ରାଜା, ପ୍ରଜା ଉଭୟଙ୍କ ବର୍ଷ ଆରମ୍ଭର ଦିବସ। ଧାନ ଅମଳ ପରେ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟର ସୁବିଧା ପାଇଁ ରାଜା ବା ଜମିଦାରମାନେ ଏହି ଅମଳ ଅଙ୍କ ବର୍ଷର ଆରମ୍ଭ ଆଜିର ଦିନଠାରୁ କରିଥିଲେ। ସୁନିଆ ବା ବାମନ ଜନ୍ମ ଦିନ ଗୋଟିଏ ସୁନା ମୋହର ଉପରେ ରାଜାଙ୍କ ରାଜତ୍ୱର ଅଙ୍କ ଚିହ୍ନିତ କରାଯାଏ। ଏହାକୁ 'ଅଙ୍କ' କଟାଇବା ବୋଲି ସାଧାରଣରେ କୁହାଯାଏ।

# ତୃଣମୂଳସ୍ତରରୁ ଚୟନ ହେବେ ଜିଲା ସଭାପତି

ଓଡ଼ଗାଁ, ୪।୯
(ଆଦର୍ଶ କୁମାର ପଟ୍ଟନାୟକ)


ସୃଜନ ଅଭିଯାନ କାର୍ଯ୍ୟକ୍ରମରେ କଂଗ୍ରେସ ନେତାମାନେ।

- ସାମାଜିକ, ଆର୍ଥିକ ଓ ଦଳ ପ୍ରତି ଆନୁଗତ୍ୟତା ହିଁ ମାପକାଠି
- ଓଡ଼ଗାଁ ବ୍ଲକ, ଏନ୍ଏସିସ୍ତରୀୟ ସୃଜନ ଅଭିଯାନ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଓ ଏନ୍ଏସିସ୍ତରରୁ ଜିଲା କଂଗ୍ରେସ ସଭାପତି ତଥା କର୍ମକର୍ତ୍ତା ଚୟନ ନିମନ୍ତେ ଅଖିଳ ଭାରତୀୟ କଂଗ୍ରେସ କମିଟି ଆନୁକୂଲ୍ୟର ବ୍ଲକ ଓ ଏନ୍ଏସିସ୍ତରୀୟ ସୃଜନ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ କଲେଜ ରୋଡ଼ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ଜିଲା ସଂଯୋଜକ ତଥା ସଭାପତି ସତ୍ୟବ୍ରତ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରୀୟ କଂଗ୍ରେସ କମିଟି ପକ୍ଷରୁ ଜିଲା ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ କଂଗ୍ରେସ ନେତା ମହେଶ ଶର୍ମା ଅଂଶଗ୍ରହଣ କରିଥିବା ବେଳେ ରାଜ୍ୟ ତଥା ଜିଲାରେ କଂଗ୍ରସକୁ କ୍ଷମତାକୁ ଫେରାଇବାକୁ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏପରିକି ସାମଜିକ, ଆର୍ଥିକ ତଥା ଦଳ ପ୍ରତି ଗଭୀର ଆନୁଗତ୍ୟ ରଖିଥିବା ଏବଂ ଯୁବ, ମହିଳା ତଥା ଛାତ୍ର ମୋର୍ଚ୍ଚାକୁ ନେତୃତ୍ୱ ଦେଇଥିବା ବ୍ୟକ୍ତିଙ୍କୁ ନେତୃତ୍ୱ ଦେବାକୁ ଦଳର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରୋଡ଼ ମ୍ୟାପ ପ୍ରସ୍ତୁତ କରିଥିବା କହିଥିଲେ। ଏଥିପାଇଁ ସେ ବରିଷ୍ଠ ଓକିଲ, ବୁଦ୍ଧିଜୀବୀ, ବ୍ୟବସାୟୀ ସଙ୍ଗଠନ ଏପରିକି ଶ୍ରମିକ ସଙ୍ଗଠନଠାରୁ ମତାମତ ଗ୍ରହଣ କରୁଛନ୍ତି। ଏହି ଅବସରରେ ପୃଥକ୍ ଭାବେ ସ୍ଥାନୀୟ ଖବରଦାତାଙ୍କଠାରୁ ମତାମତ ଗ୍ରହଣ କରିବା ଅବସରରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଟିମ୍ ୱାର୍କ (ଲିଡର) ଚୟନ ପାଇଁ ହୋମ ୱାର୍କ କରିବାକୁ ଆସିଛି ବୋଲି କହିଥିଲେ। ଏହି ଅବସରରେ ବ୍ଲକ କଂଗ୍ରସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଶର୍ମାଙ୍କ ସମେତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ପୂର୍ବତନ ଏମ୍ପି ଅମର ପ୍ରଧାନ, ପୂର୍ବତନ ଜିଲା ସଭାପତି ରଣଜିତ ଦାଶ, ରଣପୁର ବିଧାନ ସଭା ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର, କଂଗ୍ରେସ ନେତା ହୁସେନ ଖାଁ, ମନୋଜ କୁମାର ସାହୁ, କମଳ ଲୋଚନ ସାହୁ, ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର ଉପସ୍ଥିତ ରହିବା ସହିତ ଦଳକୁ ସୁଦୃଢ଼ କରିବାକୁ ଉପସ୍ଥିତ କର୍ମୀଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ଅଭିଭାଷଣ ଦେଇଥିଲେ। ଏତଦବ୍ୟତୀତ ସ୍ଥାନୀୟ ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ପାଇକରାୟ, ବସନ୍ତ କର, ଭଗବାନ ଆଚାର୍ଯ୍ୟ, ବିଭୂତି ରାଉତ, ମଦନ ବିଷୋୟୀ, ଯୋଗେନ୍ଦ୍ର ଗୌଡ଼ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ଶିବ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟକଙ୍କୁ ଆକର୍ଷିତ ଲକ୍ଷ୍ୟରେ ନୂତନ ଯୋଜନା ପ୍ରସ୍ତୁତ

ଖଣ୍ଡପଡ଼ା, ୪।୯
(ଅଜୟ କୁମାର ମହାରଣା)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବରେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠକୁ ପର୍ଯ୍ୟଟକଙ୍କ ଅଧିକ ଆକର୍ଷିତ କରିବା ଲକ୍ଷ୍ୟରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରୟାସ ଜାରି ରଖିଛନ୍ତି। ବିଧାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗୁରୁବାର କଣ୍ଟିଲୋ ଗସ୍ତରେ ଆସି ପୂର୍ବରୁ ହୋଇଥିବା ମନ୍ଦିର ବିକାଶ ପ୍ରକଳ୍ପର ସମୀକ୍ଷା କରିବା ସହିତ ଦୟଣା ଚୋରି ବଗିଚା, ଚନ୍ଦନ ପୋଖରୀ, ଯାତ୍ରୀ ବିଶ୍ରାମଗାର, ଅଧିକ ପାର୍କିଂ ସ୍ଥାନ, ସଂରକ୍ଷଣ, ମନ୍ଦିର ପରିକ୍ରମା ରାସ୍ତା, ମହାନଦୀରେ ବୋଟିଂ ପ୍ରକଳ୍ପ, ଆଲୋକୀକରଣ ଓ ଶ୍ରୀନୀଳମାଧବରୁ ଶ୍ରୀ ଜଗନ୍ନାଥ ରୂପାନ୍ତରର ଉଚ୍ଚ କୋଟିର ମିଉଜିୟମ ନିର୍ମାଣ ସହ ମହାନଦୀରେ ଲାଇଟ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯିବାକୁ ପ୍ରତିନିଧିମାନେ ମତାମତ ରଖିଥିଲେ। ଏହି ପ୍ରତିନିଧି ଦଳରେ ବିଦେଶୀରୁ ଆସିଥିବା ଇଞ୍ଜିନିୟର ସୋନାଲି ପଣ୍ଡା, ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡା ତହସିଲଦାର ବିଶ୍ୱ ବିସ୍ମୃତ ତ୍ରିପାଠୀ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା, କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ନିବେଦିତା ଶତପଥୀ, ଓଡ଼ିଶା ସେତୁ ନିର୍ମାଣ ନିଗମ ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ବେହେରା, ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀ, କଣ୍ଟିଲୋ ବିକାଶ ପ୍ରକଳ୍ପ ମ୍ୟାନେଜର ଭକ୍ତହରି ଜେନା, ସାଇଟ ମ୍ୟାନେଜର ସୌମ୍ୟ ରଞ୍ଜନ ମଲ୍ଲିକ, ସେବାୟତ ନୀଳମାଧବ ମିଶ୍ର ଓ ନିହାର ରଞ୍ଜନ ମିଶ୍ରଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ଅଧିକାରୀ ଓ ଅନ୍ୟମାନେ ବିକାଶ ପ୍ରକଳ୍ପ ସମୀକ୍ଷା କରୁଛନ୍ତି।

# ଶରଣକୁଳକୁ ଏନ୍ଏସି ମାନ୍ୟତା ଦାବି ଜୋର ଧରିଲା

ଶରଣକୁଳ, ୪।୯ (ଦୀପକ କର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଶରଣକୁଳ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ପ୍ରସିଦ୍ଧ ଶୈବ ପୀଠ ଲଡୁବାବାଙ୍କ ପାଇଁ ଏହି ସ୍ଥାନ ଅନେକ ପ୍ରସିଦ୍ଧି ଲାଭ କରିଛି। ୨୦୨୪ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶରଣକୁଳକୁ ଏନ୍ଏସି ଭାବେ ଘୋଷଣା କରିଥିଲେ। କିନ୍ତୁ ନିର୍ବାଚନ ପରେ ସରକାର ବଦଳିଗଲା। ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ଏନ୍ଏସି ଓ ମ୍ୟୁନିସିପାଲିଟି ନାମ ଘୋଷଣା କରିଥିଲେ। ନୂତନ ଏନ୍ଏସି ତାଲିକାରେ ଶରଣକୁଳର ନାମ ନାହିଁ। ଯାହାଫଳରେ ଶରଣକୁଳ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଥିଲା। ଗୁରୁବାର ପୁଣି ଏହି ଦାବି ଜୋର୍ ଧରିଛି। ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ସ୍ଥାନୀୟ ବଣିକ ସଂଘ, ସେବାୟତ, ଜନସାଧାରଣ ମିଶି ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାର ଯଥାଶୀଘ୍ର ଶରଣକୁଳକୁ ଏନ୍ଏସି ଘୋଷଣା ନ କଲେ ରାଜରାସ୍ତାକୁ ଓହ୍ଲାଇବାକୁ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜନ ମହାପାତ୍ର, କୁମାର ମହାପାତ୍ର, ବନମାଳି ଡାକୁଆ, ବୈଦ୍ୟନାଥ ଦାଶଙ୍କ ସମେତ ବହୁ ଜନସାଧାରଣ ଚେତାବନୀ ଦେଇଛନ୍ତି।


ବୁଦ୍ଧିଜୀବୀମାନେ ଏନ୍ଏସି ପାଇଁ ଦାବି କରୁଛନ୍ତି।

# ୩୫୦୦ ଟଙ୍କା ଭତ୍ତା ପାଇଁ ବଢୁଛି ବୟସ

ନୟାଗଡ଼,୪।୯
(ଲୋକନାଥ ମିଶ୍ର)

୩୫୦୦ ଟଙ୍କା ଭତ୍ତା ପାଇଁ ବୃଦ୍ଧାବୃଦ୍ଧଙ୍କ ବୟସ ବଢ଼ାଯାଉଥିବା ଅଭିଯୋଗ ହୋଇ ଆସୁଛି। ସେହିପରି କେତେଜଣ ଭିନ୍ନକ୍ଷମ ୮୦ ପ୍ରତିଶତ ବଢ଼ାଇବା ପାଇଁ ମଧ୍ୟ ଉଦ୍ୟମ କରୁଥିବା ଅଭିଯୋଗ ରହିଛି। କେତେଜଣ ଲୋକ ସଫଳ ହୋଇଥିବାବେଳେ ଅନ୍ୟମାନେ ବୟସ ଓ ଭିନ୍ନକ୍ଷମ ପ୍ରତିଶତ ବଢ଼ାଇବା ଚକ୍କରରେ ଅଛନ୍ତି। ଏଭଳିସ୍ଥଳେ ସରକାରଙ୍କ ଚିଠି ନଂ. ୧୦୦୧୪/ ୩।୯।୨୫ରେ ଭୋଟର ପରିଚୟ ପତ୍ର ଯାଞ୍ଚ କରିବାକୁ ଜିଲାପାଳମାନଙ୍କୁ ଚିଠି କରାଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କ ବେଆଇନ କାର୍ଯ୍ୟକୁ ରୋକିବାକୁ ପଦକ୍ଷେପ ଆରମ୍ଭ ହୋଇଛି।


## "छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी

**काष्ठागार नगरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत नगरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार नगरी से प्राप्त की जा सकती है।

नीलाम दिनांक - 10 सितम्बर 2025
नीलाम समय - प्रातः 09.00 बजे से

| प्रजाति | नया वनोपज ईमारती (घ.मी.) | नया वनोपज बल्ली डेंगरी (नग) | अविक्रित वनोपज ईमारती (घ.मी.) | अविक्रित वनोपज बल्ली डेंगरी (नग) | योग वनोपज ईमारती (घ.मी.) | योग वनोपज बल्ली डेंगरी (नग) |
|---|---|---|---|---|---|---|
| सागौन | 155.178 | 2450 | 265.990 | 3988 | 421.168 | 6438 |
| साल | 134.342 | - | 411.982 | 71 | 546.324 | 71 |
| साजा | 40.412 | - | 176.010 | 29 | 216.422 | 29 |
| बीजा | 22.106 | - | 85.276 | - | 107.382 | - |
| तिन्सा | 0.500 | - | 16.052 | - | 16.552 | - |
| हल्दु/गुण्डी/खम्हार | - | - | 79.161 | - | 79.161 | - |
| सलई/मोयन | 0.300 | - | - | - | 0.300 | - |
| धावड़ा | 30.021 | - | 94.418 | - | 124.439 | - |
| कर्रा/सेन्हा/अन्य | 45.019 | - | 232.671 | 186 | 277.690 | 186 |
| योग | 427.878 | 2450 | 1361.560 | 4274 | 1789.438 | 6724 |

नीलाम में प्रस्तावित वनोपज की अनुमानित मात्रा

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन: 07722-238371, फैक्स: 07722-236137
G-252603224/2
स्वा./- वनमंण्डलाधिकारी, धमतरी वनमंडल, धमतरी



## ଦ.ପୂ. ରେଳପଥ – ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୨ଆରଟି୨, ତାରିଖ: ୦୩.୦୯.୨୦୨୫** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଇଇ/ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ସାନ୍ତ୍ରାଗାଛି: ସାନ୍ତ୍ରାଗାଛି କୋଚିଂ ୟାର୍ଡର ରିସେପ୍ସନ୍ ୟାର୍ଡଠାରେ ୦୨ ଗୋଟି ଲାଇନ୍‌ର ଦୈର୍ଘ୍ୟ ପରିବର୍ଦ୍ଧନ କରିବା ସହିତ ପୂର୍ଣ୍ଣ ଦୈର୍ଘ୍ୟ ଏଲ୍ଏଚ୍‌ବି ରେକ୍‌ଗୁଡ଼ିକର ପରୀକ୍ଷା ପାଇଁ ଆବଶ୍ୟକ ଜରୁରୀ ଭିତ୍ତିଭୂମିର ବ୍ୟବସ୍ଥା କରିବା (ରିସେପ୍ସନ୍ ୟାର୍ଡ ସାନ୍ତ୍ରାଗାଛିଠାରେ ସିଏଟି କାର୍ଯ୍ୟ ସହିତ ୦୪ ଗୋଟି ଷ୍ଟାବଲିଂ ଲାଇନ୍ ଓ ୦୩ ଗୋଟି ପିଟ୍ ଲାଇନ୍) । **ଟେଣ୍ଡର ମୂଲ୍ୟ:** ₹୮୭,୨୧,୦୧୮ । **ଇଏମ୍‌ଡି:** ₹୧,୭୪,୪୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ତା୨୫.୦୯.୨୦୨୫ରିଖ । **ସମାପ୍ତି ଅବଧି:** ୧୨ (ବାର) ମାସ । **ଦାଖଲର ତାରିଖ:** ତା୨୫.୦୯.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-595)**



OFFICE OF THE PRINCIPAL
**PANCHAYAT SAMITI HIGHER SECONDARY SCHOOL, MURIBAHAL, DIST.: BALANGIR (ODISHA), PIN - 767037**
Ph.: 06655-272070(O), Cell No.: 9437367435 (Prin)
E-mail id: psjuniorcollegemuribahal@gmail.com
CHSE Code: BA22 SAMS Code: 05134101
Ref. No. 119/PSHSS/2025 Date: 04.09.2025

**WALK-IN-INTERVIEW**

An interview for the post of Lecturer-in-History (Guest Faculty), Lecturer-in-Commerce (Self Finance), Lecturer-in-Political Science (Self Finance) and a Sweeper (Self Finance) is scheduled to be held in Panchayat Samiti Higher Secondary School, Muribahal on Dt.12.09.2025 at 11.00 A.M. to 2.00 P.M. Interested candidates for said Lecturer post having at least 55% of marks in Post Graduation level may attend the interview. Preference will be given to the B.Ed. candidates.
**N.B.:** No TA, DA will be given to the applicants.
**Contact No.: 9437367435**
Sd./- Principal-cum-Secretary
P.S. Higher Secondary School, Muribahal



**CENTRE FOR DISTANCE AND ONLINE EDUCATION (CDOE)**
**FAKIR MOHAN UNIVERSITY (OLD CAMPUS), JANUGANJ**
VYASA VIHAR, BALASORE - 756019

**ADMISSION NOTIFICATION: 2025-2026**

Letter No. FMU/CDOE-Admission-02/2025/6806 Date; 04.09.2025
Applications are invited from eligible candidate for admission into the following UGC approved programmes **(UG & PG)** under ODL mode for the Academic year **2025-2026**. Academic Session beginning July - August, 2025 and onwards.
**Opening Date: 08.09.2025** **Closing Date: 15.10.2025**

**COURSES OFFERED**

| Post - Graduate (PG) Programmes: PG Courses | Duration | Eligibility | Under Graduate (UG) Programmes: UG Courses | Duration | Eligibility |
|---|---|---|---|---|---|
| MA in Odia | 2 Years | Any Graduate | B.A. in Odia (Hons) | 4 Years | +2/ Intermediate |
| MA in English | 2 Years | Any Graduate | B.A. in English (Hons) | 4 Years | +2/ Intermediate |
| MA in Sanskrit | 2 Years | Any Graduate | B.A. in Sanskrit (Hons) | 4 Years | +2/ Intermediate |
| MA in Economics | 2 Years | Any Graduate | B.A. in Economics (Hons) | 4 Years | +2/ Intermediate |
| MA in Political Science | 2 Years | Any Graduate | B.A. in Pol. Sc. (Hons.) | 4 Years | +2/ Intermediate |
| MA in History | 2 Years | Any Graduate | B.A. in Hist (Hons) | 4 Years | +2/ Intermediate |
| MA in Sociology | 2 Years | Any Graduate | B.A. in Sociology (Hons) | 4 Years | +2/ Intermediate |
| MA in Social Work | 2 Years | Any Graduate | BBA | 4 Years | +2/ Intermediate |
| MA in Education | 2 Years | Any Graduate | B.A. in Education (Hons) | 4 Years | +2/ Intermediate |
| Master in Commerce | 2 Years | Any Graduate | B. Com | 4 Years | +2/ Intermediate |
| MLIS | 1 Year | Any Graduate | BLIS | 1 Year | +2/ Intermediate |

**Regular PG/UG continuing students are also eligible for applying for admission in above ODL Programmes under dual degree mode.**
**Admission Procedure:** Visit the website at **https://fmuniversity.in** and Click on **"Admission to Distance Mode (ODL) Programme for the Academic Year 2025-2026"** link for detail information. By paying the application fee **Rs.600/-** through online, the Candidates can apply online through google link by filling up the given criteria for consideration of the admission into concerned programme by **15.10.2025**. For online payment of application fees visits the website or Pay online through google link: **https://octopod.co.in/academy/forms/17c5197fb88140144ce427a8282238f7**.

**Contact Time: 10.30 A.M. - 5.00 P.M.**
**Contact No.: 7008555647 / 7854009290 / 9439515579 / 9853651156 / 9650226218 / 7735141681**
Sd./- Director



इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ **https://www.ebkray.in (https://baanknet.com)**

| କ୍ର.ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ବର୍ତ୍ତନା ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ତପସ୍ୱିନୀ ପଣ୍ଡା,** ସ୍ୱାମୀ: ରମେଶ ଚନ୍ଦ୍ର ପଣ୍ଡା / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା,** ପିତା: ଯୁଧିଷ୍ଠିର ପଣ୍ଡା, ଉଭୟଙ୍କ ଠିକଣା- ସା: ତୁମ୍ବାପଦୀ, ପୋ: ବର୍ତ୍ତନା, ଥାନା: ଅଗରପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୧୧୫ | **ରମେଶ ଚନ୍ଦ୍ର ପଣ୍ଡା,** ପିତା: ଯୁଧିଷ୍ଠିର ପଣ୍ଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୦/୯୦, ପ୍ଲଟ୍ ନଂ.: ୪୦୩/୫୧୯/୫୨୨, କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ରକାର: ଘରବାରି, ମୌଜା: ତୁମ୍ବାପଦୀ, ଥାନା: ଖଇରା, ଥାନା ନଂ. ୩୭, ତହସିଲ: ଖଇରା, ଜିଲ୍ଲା: ବାଲେଶ୍ୱର-୭୫୬୧୧୫, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର, ଦକ୍ଷିଣ: ରାସ୍ତା, ପୂର୍ବ: ନୃସିଂହ ପଣ୍ଡା, ପଶ୍ଚିମ: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର / **ସମ୍ପତ୍ତି ଆଇଡ଼ି ନଂ.: IDIB11951314800T** | ୧୯.୦୯.୨୦୨୪ / ୧୦.୧୨.୨୦୨୪ / ୦୪.୦୯.୨୦୨୫ ସୁଦ୍ଧା ଟ.୨୭,୬୩,୨୯୦.୦୦ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୨,୮୭,୦୦୦/- / ଟ.୨,୨୯,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୪.୦୯.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୩.୦୯.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୦୯.୨୦୨୫ରିଖ ଠାରୁ ତା.୨୦.୦୯.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ **https://www.ebkray.in (https://baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://www.ebkray.in (https://baanknet.com)** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://www.ebkray.in (https://baanknet.com)** ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ: ୦୪.୦୯.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜିନିଆ




@ ସୂର୍ଯ୍ୟ



@ ନିର୍ମଳ



@ ଅର୍ଦ୍ଧେନ୍ଦୁ



@ ସୂର୍ଯ୍ୟାର୍ଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ନେହାଙ୍ଗିନୀ ବିଜୁ ମହିଳା ଜନତା ଦଳ ସଭାପତି

- ୧୫ ଜଣିଆ ମହିଳା ବ୍ୟାପାର କମିଟି ଗଢ଼ିଲା ଦଳ
- ୩ ସାଙ୍ଗଠନିକ ଜିଲାର ସଭାପତି ଘୋଷଣା
- ସମସ୍ତ ୩ ଜିଲା ପାଇଁ କାର୍ଯ୍ୟକାରୀ ସଭାପତି ରଖାଗଲା
- ବାକି ରହିଲା ଖୋର୍ଦ୍ଧା, ବାଲେଶ୍ୱର ଜିଲା ସଭାପତି ପଦ

ଭୁବନେଶ୍ୱର,୪।୯(ସୁନିତ୍ ମିଶ୍ର)

ବିଜୁ ଯୁବ ଓ ଛାତ୍ର ଜନତା ଦଳ ପରେ ମହିଳା ସଭାପତି ଘୋଷଣା କରାଯାଇଛି। ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୁ ମହିଳା ଜନତା ଦଳର ନୂଆ ସଭାପତି ଭାବେ ନିଯୁକ୍ତି ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ପୁଣିଥରେ ସ୍ନେହାଙ୍ଗିନୀଙ୍କ ଉପରେ ଭରସା କରିଛନ୍ତି। ସୂଚନାଯୋଗ୍ୟ, ସ୍ନେହାଙ୍ଗିନୀ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବିଜୁ ମହିଳା ଜନତା ଦଳର ସଭାପତି ଦାୟିତ୍ୱରେ ରହିଥିଲେ। ନିର୍ବାଚନ ପରେ ନବୀନ ଦଳର ସବୁ କମିଟି ଭାଙ୍ଗିଦେଇଥିଲେ। ଏବେ ପୁଣି ଥରେ ଦଳ ପକ୍ଷରୁ ସ୍ନେହାଙ୍ଗିନୀଙ୍କ ଉପରେ ଭରସା କରାଯାଇଛି। ଏଥିସହ ଦଳ ପକ୍ଷରୁ ୧୫ ଜଣ ମହିଳାଙ୍କୁ ନେଇ ମହିଳା ବ୍ୟାପାର କମିଟି କରାଯାଇଛି। ଏହି କମିଟିରେ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଏବଂ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ସ୍ଥାନ ମିଳିଛି। ସେହିପରି ୧୨ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ସେମାନଙ୍କ ମଧ୍ୟରେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ, ଦୀପାଳୀ ଦାସ, ରଞ୍ଜିତା ସାହୁ ଏବଂ ଗୀତାଞ୍ଜଳୀ ବସ୍ତିଆ ରହିଛନ୍ତି।

ବିଜେଡି ପକ୍ଷରୁ ଆଉ ୩ଟି ସାଙ୍ଗଠନିକ ଜିଲା ଢେଙ୍କାନାଳ, କୋରାପୁଟ ଏବଂ ରାୟଗଡ଼ା ପାଇଁ ସଭାପତି ପଦ ଘୋଷଣା କରାଯାଇଛି। ଏହାସହ ଏହି ୩ ସାଙ୍ଗଠନିକ ଜିଲା ମଧ୍ୟରୁ ଢେଙ୍କାନାଳରେ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ରଖାଯାଇଥିବା ବେଳେ କୋରାପୁଟ ଓ ରାୟଗଡ଼ାରେ ୨ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି। ଢେଙ୍କାନାଳର ସଭାପତି ଭାବେ ବରିଷ୍ଠ ନେତା ନୃସିଂହ ଚରଣ ସାହୁ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ସନ୍ଦୀପ ଷଡ଼ଙ୍ଗୀଙ୍କୁ ଦାୟିତ୍ୱ ମିଳିଛି। ସେହିପରି କୋରାପୁଟ ଜିଲା ସଭାପତି ଭାବେ ଝିନ୍ନ ହିକ୍କା ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ମିଶ୍ର ଏବଂ ପ୍ରସାଦ ବିଡିକାଙ୍କୁ ନିଯୁକ୍ତି ମିଳିଛି। ରାୟଗଡ଼ା ଜିଲା ସଭାପତି ଭାବେ ଜଗନ୍ନାଥ ସାରକାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଗୟାଧର ପୁଆଲା ଏବଂ ରଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ନିଯୁକ୍ତ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏନେଇ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି।

ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୩୩ ସାଙ୍ଗଠନିକ ଜିଲା ମଧ୍ୟରୁ ୩୧ଟି ଜିଲାର ସଭାପତି ଘୋଷଣା ସମ୍ପୂର୍ଣ୍ଣ ହୋଇଛି। କେବଳ ୨ଟି ସାଙ୍ଗଠନିକ ଜିଲା ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲା ସଭାପତି ଏ ପର୍ଯ୍ୟନ୍ତ ଦଳ ଘୋଷଣା କରିପାରିନାହିଁ।

# ଲଗାଣ ବର୍ଷାରେ ଦବିଲା ଦୁଧେଇ ସେତୁ

## ଆପ୍ରୋଚ୍ ରୋଡ୍ ୫୦ ଫୁଟ ଧୋଇଗଲା



**ଯାଜପୁର ସଦର,୪।୯(ସମର ବିଜୟ ଶରଣ):** ୩ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଯାଜପୁର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରେ ୨ରୁ୩ ଫୁଟ ପାଣି ଜମି ରହିଛି। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତର ହସନପୁରରୁ ଦୁର୍ଗାପୁର ଗ୍ରାମକୁ ସଂଯୋଗ କରୁଥିବା ଦୁଧେଇ ନାଳର ପୁରାତନ ସେତୁର ଏକ ପିଲାର ଗୁରୁବାର ଦବିଯାଇଛି। ଏହାର ଆପ୍ରୋଚ ରୋଡ୍‌ର ପ୍ରାୟ ୫୦ ଫୁଟ ଧୋଇ ହୋଇଯାଇଛି। ଏଥିଯୋଗୁ ଶତାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି। ଖବର ପାଇ ଯାଜପୁର ବିଡିଓ, ତହସିଲଦାର ଓ ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତି, ସୁଜନପୁର ସରପଞ୍ଚଙ୍କ ସ୍ୱାମୀ ଗଣେଶ ଚନ୍ଦ୍ର ମହାକୁଡ଼ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ଜିଲାପାଳ ଓ ବିଡିଓଙ୍କ ନିକଟରେ ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼ ଏବଂ ସମିତିସଭ୍ୟ ନାରାୟଣ ଜେନା ଦାବି କରିଛନ୍ତି।

ଦୀର୍ଘ ବର୍ଷ ଧରି ଏହି ନାଳରେ ବିଭିନ୍ନ ଜାତିର ଦଳ ଭର୍ତ୍ତି ହୋଇରହିଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ପୋଲ ଦବିବାର ମୁଖ୍ୟ କାରଣ ବୋଲି ଅଭିଯୋଗ ହୋଇଛି। ଡ୍ରେନେଜ ବିଭାଗର ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଥିବାଲୋକେ ଅଭିଯୋଗ କରିଛନ୍ତି। ଦୁଧେଇ ନାଳରୁ ଦଳ ସଫା କରିବା ପାଇଁ ବିଭିନ୍ନ ସମୟରେ ଦାବି କରାଯାଇଛି। ହେଲେ ଡ୍ରେନେଜ ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ନାଳରେ ଭର୍ତ୍ତି ଥିବା ଦଳକୁ ଯଦି ସଫା କରା ନ ଯିବ ତେବେ ଏହି ନାଳ ଉପରେ ଥିବା ଅଧିକାଂଶ ପୋଲ ଭୁଶୁଡ଼ିବା ନିଶ୍ଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଚଟିପୋଲ ରାସ୍ତା ଧସିଲା: ବିପଦରେ ଯାତ୍ରୀ

କେନ୍ଦ୍ରାପଡ଼ା, ୪।୯(ଜଗନ୍ନାଥ ଧଳ)



କେନ୍ଦ୍ରାପଡା ସହର ତିନିମୁହାଣୀ ନିକଟସ୍ଥ ଗୋବରୀ ନଦୀ ଉପରେ ଥିବା ଚଟିପୋଲ ଗୁରୁବାର ଧସିଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଏହି ପୋଲ ଉପରେ ଯାତାୟାତ ନେଇ ଆଶଙ୍କା ସୃଷ୍ଟି ହୋଇଛି। ପ୍ରବଳ ବର୍ଷା କାରଣରୁ ଏହା ଧସି ପଡ଼ିଥିବା କୁହାଯାଉଛି। ଏହି ପୋଲ ଉପରେ ବିପଦପୂର୍ଣ୍ଣ ଭାବେ ହଜାର ହଜାର ସଂଖ୍ୟକ ଗାଡ଼ି ଚଳାଚଳ କରୁଛି। ଯାହା ଯାତ୍ରୀ ଓ ପଥଚାରୀମାନଙ୍କ ପାଇଁ ଏକ ବଡ଼ ବିପଦର କାରଣ ହୋଇପଡ଼ିଛି। ଏହି ପୋଲର ରାସ୍ତା କାହିଁକି ଧସିଲା ଏବଂ କେଉଁ କାରଣରୁ ଏହା ଘଟିଲା ସେ ନେଇ ଅନେକ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକମାନେ ରାସ୍ତା ଓ ଗୃହ ବିଭାଗର କାର୍ଯ୍ୟଶୈଳୀକୁ ଦାୟୀ କରୁଛନ୍ତି। ବାରମ୍ବାର ଏହି ପୋଲ ସଂଯୋଗୀ ରାସ୍ତା ଧସିବା ପଥଚାରୀମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପୂର୍ବରୁ ମଧ୍ୟ ୨୦୨୩ରେ ଗୋବରୀ ନଦୀ ଉପରେ ନିର୍ମାଣାଧୀନ ପୋଲର ଏକ ଅଂଶ ଧସି ପଡ଼ିଥିଲା। ଯାହାକୁ ନେଇ ତଦନ୍ତ ହୋଇଥିଲା। ୩ ଜଣ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଥିଲା। ଅନ୍ୟପକ୍ଷରେ ପୁରୁଣା ପୋଲ ପାଖରେ ନୂଆ ପୋଲର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଠିକାଦାର ପୁରୁଣା ପୋଲର ରାସ୍ତାରେ ଜେସିବି ମେସିନ୍ ଲଗାଇ ତାଡ଼ିବା ବା ଖୋଳିବା ଫଳରେ ରାସ୍ତା ଆହୁରି କ୍ଷତିଗ୍ରସ୍ତ ହୋଇଛି। ଏହା ପୋଲ ଧସିବାର ଏକ ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି। ଏ ନେଇ ରାସ୍ତା ଓ ଗୃହ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ସଜାଗ ଅଛୁ ଏବଂ ତୁରନ୍ତ ଏହାକୁ ମରାମତି କରିବୁ ବୋଲି କହିଛନ୍ତି। ମାତ୍ର ବାରମ୍ବାର ଏହି ସଂଯୋଗୀ ରାସ୍ତା ଧସୁଥିବାରୁ ସହରବାସୀମାନେ ଭୟଭୀତ ହୋଇପଡ଼ୁଛନ୍ତି। ବିଭାଗର କାର୍ଯ୍ୟକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ଘଟଣା ପୂର୍ବର ଘଟଣାଗୁଡ଼ିକର ପୁନରାବୃତ୍ତି ବୋଲି ଜଣାପଡୁଛି, ଯେଉଁଥିରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ନେଇ ପ୍ରଶ୍ନ ଉଠିଥିଲା। ସ୍ଥାନୀୟ ପ୍ରଶାସନ ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରାଯାଉଛି।

# ସ୍କୁଲରେ ରୋଷେଇ ବେଳେ ପାଚିକାଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୪।୯(କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଣତା ପଞ୍ଚାୟତର ଡିମିରିଆ ସ୍କୁଲର ପାଚିକା ଝରଣା ଲେଙ୍କା ବୁଧବାର ସ୍କୁଲରେ ରୋଷେଇ କରୁଥିବାବେଳେ ହଠାତ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ୨ ଶିଶୁ ପୁତ୍ର କନ୍ୟାକୁ ନେଇ ବହୁ କଷ୍ଟରେ କାଳତିପାତ କରୁଥିବା ଝରଣା ୪ ମାସ ତଳେ ଡିମିରିଆ ସ୍କୁଲରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତଦେହ ଗୁରୁବାର କଟକରୁ ଘରକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ଅକାଳ ବିୟୋଗ ଖବରପାଇ ବହୁ ସାମାଜିକ କର୍ମୀ ତାଙ୍କ ବାସଭବନରେ ପହଞ୍ଚି ସମବେଦନା ଜ୍ଞାପନ କରିଛନ୍ତି। ଏହି ଦୁଃସ୍ଥ ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

GOVERNMENT OF ODISHA No.O-651

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,SUNDARGARH

AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com

No.Tender Online-RWCCESNG-11 of 2025-26, Letter No.2057/ Dtd.22.08.2025

e-Procurement Notice

1. Type of the Work: Road (MMSY). 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-11 of 2025-26 | 08.09.2025 11.00 AM | 23.09.2025 5.00 PM | 22.09.2025 5.00 PM | 24.09.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

OIPR-25133/11/0065/2526 Sd./- Chief Construction Engineer, Rural Works Circle, Sundargarh

GOVERNMENT OF ODISHA

OFFICE OF THE CHIEF CONSTRUCTION ENGINEER

PHULBANI (R&B) CIRCLE, PHULBANI

No.B-471: Phone:-06842-254004, Email: sernbphulbani@gmail.com

INVITATION FOR BIDS (IFB)

Bid Identification No.CCE_R and B_PLB_10 of 2025-26

No.1436, Dated 30.08.2025

| | | | |
|---|---|---|---|
| 1. | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors. | | |
| 2. | Nature of Work | : | Road Work |
| 3. | No. of Tenders | : | One No |
| 4. | Tender Cost | : | Rs.10,000/- (through online) only. |
| 5. | Class of Contractor | : | B and A Class |
| 6. | Date & Time of sale & receipt of bids | : | 10.00 AM of 09.09.2025 to 5.00 PM of 23.09.2025 |
| 7. | Date of Opening of Bid | : | 11.00 AM of 24.09.2025 |
| 8. | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

OIPR-34129/11/0026/2526 Sd./- Chief Construction Engineer, Phulbani (R&B) Circle, Phulbani

GOVERNMENT OF ODISHA Mail I.D-ee_nimapara@yahoo.co.in

OFFICE OF THE SUPERINTENDING ENGINEER, RURAL WORKS DIVISION, NIMAPARA

No:-Tender Online-Divn.NPR-02/2025-26 Date:- 30.08.2025

No.O-682

e-Procurement NOTICE

1. Name of the Work : Building Works for the year 2025-26.
2. Total No. of Projects : 05 (Five) nos of projects
3. Estimated cost of Projects : Varies from Rs.10.20 lakh to Rs.49.99 Lakh
4. Class of Contractor : A) Estimated Cost above Rs.20.00 Lakhs and upto Rs.300.00 Lakhs. : **"B" Class (of Odisha PWD) or relevant Class of other licensing authorities.** B) Estimated Cost more than Rs.20.00 Lakhs and upto Rs.40.00 Lakhs. : **"C" Class & "B" Class (of Odisha PWD) or relevant Class of other licensing authorities.** C) Estimated Cost upto Rs.20.00 Lakhs : **"D" Class & "C" Class (of Odisha PWD) or relevant Class of other licensing authorities.**
5. Mode of Submission of tender : Tender should be submitted online only in website www.tendersorissa.gov.in.
6. Period of Completion : As per TCN
7. Other Details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender On-line-Divn. NPR-02/2025-26 | 08.09.2025 at 11.00 A.M. | 18.09.2025 upto 5.00 P.M. | 18.09.2025 upto 11.00 A.M. | 19.09.2025 at 11.00 AM Office of the S.E.R.W. Division, Nimapara |

Further details can be seen from the website www.tendersorissa.gov.in.

OIPR-25099/11/0009/2526 Sd./- Superintending Engineer, Rural Works Division, Nimapara

OFFICE OF THE CHIEF CONSTRUCTION ENGINEER

RAYAGADA (R&B) CIRCLE, RAYAGADA

e-mail ID- sepwd_rgda@yahoo.com, Phone/Fax No.-06856-223049

No.B-454: e-Procurement Notice

Bid Identification No.C.C.E. (RANDB) RGDA-05/2025-26 (Online) Dt.26.08.2025

No.1379, Date: 26.08.2025

INVITATION FOR BIDS

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below: | | |
| 2. | Nature of Work | : | Building Work |
| 3. | No. of Works | : | 11 (Eleven) Nos. of Work |
| 4. | Estimated Cost (Approximately) | : | Rs.661.75 Lakh, Rs.117.65 Lakh, Rs.271.65 Lakh, Rs.114.72 Lakh, Rs.438.33 Lakh, Rs.200.68 Lakh, Rs.432.17 Lakh, Rs.167.83 Lakh, Rs.129.41 Lakh, Rs.308.13 Lakh And Rs.124.07 Lakh |
| 5. | Bid Cost (Online) | : | Rs.10,000/- |
| 6. | EMD/Bid Security Amount (Online) | : | One Percentage of the Estimated Cost |
| 7. | Class of Contractor | : | B, A and Special Class as per Financial Eligibility |
| 8. | Availability of Bid documents in the website | : | 11.00 Hours of Dt.10.09.2025 to 17.00 Hours of Dt.25.09.2025 |
| 9. | Date of Opening of Bid | : | 11.00 Hrs of Dt.26.09.2025 |
| 10. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-34154/11/0018/2526 Sd./- Chief Construction Engineer, Rayagada (R&B) Circle, Rayagada

# କଂଗ୍ରେସର ସଙ୍ଗଠନ ସୃଜନ କାର୍ଯ୍ୟକ୍ରମରେ ଗଣ୍ଡଗୋଳ




ସଙ୍ଗଠନ ସୃଜନ କାର୍ଯ୍ୟକ୍ରମରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ।

- କର୍ମୀଙ୍କ ମଧ୍ୟରେ ଠେଲାପେଲା,
- ଅଧାରୁ ଉଠିଗଲେ ପର୍ଯ୍ୟବେକ୍ଷକ
- ଘଟଣା ସ୍ଥଳରେ ପୋଲିସ ମୁତୟନ

ପାରାଦୀପ,୪।୯(ଶରତ ରାଉତ): ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ସଂଗଠନ ସୃଜନ କାର୍ଯ୍ୟକ୍ରମ ଗଣ୍ଡଗୋଳରେ ଶେଷ ହୋଇଛି। ଆଲୋଚନା ସମୟରେ କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ଯୋଗୁ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ପରେ ସେଠାରେ ପୋଲିସ ପହଞ୍ଚିବାରୁ କାର୍ଯ୍ୟକ୍ରମ ଅଧାରୁ ବନ୍ଦ ହୋଇଯାଇଛି। ଏହାପରେ ଦଳର ଆଭ୍ୟନ୍ତରୀଣ ବିବାଦ ପଦାରେ ପଡିଥିବା ଆଲୋଚନା ହେଉଛି।

ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଜାତୀୟ ପର୍ଯ୍ୟବେକ୍ଷକ ଏମ୍. ଲିଜୁ ଓ ରାଜ୍ୟ ପର୍ଯ୍ୟବେକ୍ଷକ ରାଜକିଶୋର ବାରିକଙ୍କ ଉପସ୍ଥିତିରେ ସଂଗଠନ ସୃଜନ କାର୍ଯ୍ୟକ୍ରମ ସ୍ଥାନୀୟ ମଧୁବନ ପୌରକଲ୍ୟାଣ ମଣ୍ଡପଠାରେ ସନ୍ଧ୍ୟାରେ ଆୟୋଜନ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲା ସଭାପତି ନଟବର ବାରିକଙ୍କ ସମେତ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ନଳିନୀ ସ୍ୱାଇଁ, ଦେବପ୍ରସାଦ ନାୟକ ଓ କର୍ମୀମାନେ ଉପସ୍ଥିତ ଥିଲେ। ସଭାରେ ଜାତୀୟ ପର୍ଯ୍ୟବେକ୍ଷକ ଲିଜୁ ଭାଷଣ ଦେବା ପୂର୍ବରୁ ରବି ମଲ୍ଲିକ ନାମକ ବ୍ୟକ୍ତି ହଠାତ୍ ଚେୟାରରୁ ଉଠି ବଡ଼ପାଟିରେ କିଛି କହିଥିଲେ। ତାଙ୍କୁ କେତେଜଣ କର୍ମୀ ଚୁପ୍ ରହିବାକୁ ବାଧ୍ୟ କରିବାରୁ ସେ ବଡ଼ପାଟିରେ ନେତାଙ୍କ ସମ୍ପର୍କରେ ନକାରାତ୍ମକ ଟିପ୍ପଣୀ ଦେଇଥିଲେ। ରବିଙ୍କୁ କେତେଜଣ ମହିଳା ସମର୍ଥନ କରି ପାଟିତୁଣ୍ଡ କରିବାରୁ ସଭାସ୍ଥଳରେ ପାଟିତୁଣ୍ଡ ହୋଇଥିଲା। ପାଟି କରୁଥିବା ଲୋକଙ୍କୁ ମଣ୍ଡପ ଘରୁ ବାହାରକୁ ନେବାପରେ ଆହୁରି ଅଧିକ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ରବି ପାରାଦୀପ ଆଦର୍ଶ ଥାନାକୁ ଯାଇ ତାଙ୍କୁ ମାଡ଼ ମରାଯାଇଥିବା ନେଇ ଜଣାଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ସେତେବେଳେ ପର୍ଯ୍ୟବେକ୍ଷକ ଲିଜୁ ଦଳର କର୍ମୀମାନଙ୍କଠାରୁ ଫର୍ମ ସଂଗ୍ରହ କରୁଥିଲେ। ପୋଲିସ ପହଞ୍ଚିବା ପରେ ସେ ସମସ୍ତ କାଗଜପତ୍ର ଧରି ବାହାରକୁ ବାହାରି ଗାଡ଼ିରେ ବସି ପଳାଇଥିଲେ। ଏହି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ରବି ଓ ଜଣେ ମହିଳା କର୍ମୀ ମନୋରମା ଖଟୁଆ କହିଛନ୍ତି। ମାତ୍ର ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ଅଭିଯୋଗ ହୋଇ ନ ଥିଲା। ଏ ସମ୍ପର୍କରେ ପର୍ଯ୍ୟବେକ୍ଷକ ଲିଜୁଙ୍କୁ ପଚାରିବାରୁ ଘଟଣା ପଛରେ ବିରୋଧୀ ଦଳ ବିଜେଡି ଓ ଭାଜପା ନେତାଙ୍କ ଭୂମିକା ରହିଛି। ଯେଉଁମାନେ କଂଗ୍ରେସ ଛାଡି ଅନ୍ୟ ଦଳରେ ମିଶିଛନ୍ତି, ସେହି ନେତାଙ୍କ ସମର୍ଥକମାନେ ଏପରି କାର୍ଯ୍ୟ କରିଛନ୍ତି।

Government of Odisha No.O-701:

"e" Procurement Notice

Bid Identification No.03 of 2025-26

| | | |
|---|---|---|
| 1 | Number of Works: | 01 No. of Work (Building-01 No.) |
| 2 | Estimated Cost (Aprox.) | Rs.12.59 Lakh (Approx.) |
| 3 | Period of Completion | Mentioned against NIT Table Col.06 |
| 4 | Date & Time of availability of Bid documents in the Portal | 06.09.2025 at 11.00 Hrs. |
| 5 | Last date & time for receipt of Bids in the Portal | 17.09.2025 at 16.00 Hrs. |
| 6 | Date of Opening of Tender | 17.09.2025 at 17.00 Hrs. |
| 7 | Name and Address of the Officer Inviting Bid | Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.

Sd./- Executive Engineer Rural Works Division Jagatsinghpur

OIPR-25056/11/0019/2526

OFFICE OF THE SUPERINTENDING ENGINEER

RWSS DIVISION, BHUBANESWAR

PLOT NO.1214 (P), AT: TAPOVAN, PO:KHANDAGIRI, BHUBANESWAR-30

Tel-(0674)2384108, Fax(0674) 2384108, E-mail:eebbsrrwss@gmail.com

QUOTATION CALL NOTICE NO.16 OF 2025-26

No.O-702: The Superintending Engineer, RWS&S Division, Bhubaneswar, Plot-1214 (part) At: Tapovan, PO: Khandagiri, Bhubaneswar-30 on behalf of Governor of Odisha invites item rate price bids in offline mode from Authorised Dealer/ Distribution/Supplier.

| | | |
|---|---|---|
| 1 | Nature of Work | Repair of vehicle bearing Regd. No.OD-02Z-2345 (indigo) |
| 2 | No. of Works | 01 (One) |
| 3 | Time for completion | 15 (Fifteen) Days |
| 4 | Cost of bidding document | Rs.400.00 |
| 5 | The Quotation document will be available in the O/O Executive Engineer, RWS&S Division, Bhubaneswar | From Dt.06.09.2025 (10.00 AM) to 16.09.2025 (1.00 PM) |
| 6 | Last date and time for submission of Quotation papers in the Quotation box kept in the office of the Executive Engineer, RWS&S Division, Bhubaneswar | Dt.16.09.2025 upto 4.00 P.M. |
| 7 | Date & Time of Opening of Bids | Dt.17.09.2025 at 11.30 AM in the office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall appear in the Office notice board of the undersigned.

Sd./- Superintending Engineer RWS&S Division, Bhubaneswar

OIPR-25011/11/0031/2526

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜିନିଆ


@ ସୂର୍ଯ୍ୟ


@ ନିର୍ମଳ


@ ଅର୍ଦ୍ଧେନ୍ଦୁ


@ ସୂର୍ଯ୍ୟାର୍ଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଡ଼ିପଡ଼ାରେ ୟୁରିଆ ସାର ପାଇଁ ଚାଷୀଙ୍କ ରାସ୍ତାରୋକୋ

■ ଆନ୍ଦୋଳନ ପରେ ମିଳିଲା ସାର

■ ଚାଷୀ ହେଲେ ବେହୋସ

ନୟାଗଡ଼,୪।୯(ଲୋକନାଥ ମିଶ୍ର)

ୟୁରିଆ ସାର ପାଇଁ ନୟାଗଡ଼ ଜିଲାର ଗୋଡିପଡ଼ା ବଜାରରେ ଗୁରୁବାର ଚାଷୀମାନଙ୍କ ପକ୍ଷରୁ ରାସ୍ତାରୋକୋ ହୋଇଥିଲା। ଚାଷୀମାନେ ନୂଆ ଜଗନ୍ନାଥ ସଡକକୁ ଗୋଡିପଡା ଫାଣ୍ଡି ସମ୍ମୁଖରେ ଅବରୋଧ କରିଥିଲେ। ଏଣୁ ଗୋଡିପଡ଼ା–ନୟାଗଡ, ଗୋଡିପଡ଼ା– ଭୁବନେଶ୍ୱର, ଗୋଡିପଡ଼ା–ଓଡ଼ଗାଁ, ଗୋଡିପଡ଼ା–କଜଳାଇପଲ୍ଲୀ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଖବରପାଇ ଶରଣକୁଳ ଥାନା ଓ ଗୋଡିପଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାସୁଝା କରିଥିଲେ। ତେବେ ଆନ୍ଦୋଳନ ପ୍ରତ୍ୟାହୃତ କଲେ, ମାତ୍ର କିଛି ସମୟ ପରେ ସାର ମିଳିବ ବୋଲି ନୟାଗଡ଼ ସମବାୟ ସମିତିର ଉପନିବନ୍ଧକ(ଡିଆରସିଏସ୍) ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୯ଟାରେ ଆରମ୍ଭ ହୋଇଥିବା ଆନ୍ଦୋଳନ ପୂର୍ବାହ୍ନ ସାଢ଼େ ୧୧ଟାରେ ପ୍ରତ୍ୟାହୃତ ହୋଇଥିଲା। ତେବେ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଜଣେ ବୃଦ୍ଧ ଚାଷୀ ଅଚେତ ହୋଇ ଟଳି ପଡିଥିଲେ। ନିକଟରେ ଥିବା ଚାଷୀ ତାଙ୍କୁ ଚେତା କରାଇ ଔଷଧ ଦେଇ ସୁସ୍ଥ କରାଇଥିଲେ।

ଗୋଡିପଡ଼ା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)କୁ ପ୍ରଥମ ପର୍ଯ୍ୟାୟରେ ୧୫୦ ବସ୍ତା ସାର ବଣ୍ଟନ ହୋଇଥିଲା। ୨ୟ ପର୍ଯ୍ୟାୟରେ ପୁଣି ୧୫୦ ବସ୍ତା ସାର ଯାଇଥିଲା। ତେବେ ସାର ନେବା ପାଇଁ ୫୦୦ ଚାଷୀ ସମିତି ସମ୍ମୁଖରେ ରୁଣ୍ଡ ହୋଇଥିଲେ। ଦେଢ଼ଶହ ବସ୍ତା ସାରକୁ ୫୦୦ ଚାଷୀଙ୍କୁ ଦେବା ସମ୍ଭବ ନ ଥିବାରୁ ସମିତି ପକ୍ଷରୁ ସାର ବଣ୍ଟନ କରାଯାଇ ନ ଥିଲା। ତେବେ ସାର ପାଇଁ ଅଡି ବସି ଚାଷୀ ଆନ୍ଦୋଳନ କରିଥିଲେ। ଚାଷୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଡିଆରସିଏସ୍ ପ୍ରତିଶ୍ରୁତି ମୁତାବକ ସାର ପୁଣି ୧୫୦ ବସ୍ତା ପଠାଇଥିଲେ। ଚାଷୀ ଆନ୍ଦୋଳନରୁ ଓହରିବା ପରେ ସାର ନେଇ ଘରକୁ ଫେରଛନ୍ତି।

### ଜିଲା ସାରା ୟୁରିଆ ଅଭାବ

ଜିଲାର ଅଧିକାଂଶ ବ୍ଲକ ଓ ସହରାଞ୍ଚଳରେ ଚାଷୀଙ୍କ ଅଭିଯୋଗ ପାକ୍ସରୁ ୟୁରିଆ ସାର ମିଳୁନି। ସାର ମିଳୁ ନ ଥିବା ନେଇ ନୟାଗଡ଼, ଚମ୍ପତିପୁର, ଇଟାମାଟି, ବାଲୁଗାଁ, ଗୋବିନ୍ଦପୁର ପରି ପାକ୍ସ ଅଞ୍ଚଳର ଚାଷୀମାନେ ଗୁରୁବାର ଅଭିଯୋଗ କରିଛନ୍ତି। ନୟାଗଡ଼ ବ୍ଲକ ବରପଲ୍ଲୀର ଚାଷୀ ଜଳଧର ଜେନା କହିଛନ୍ତି, ପାକ୍ସକୁ ଚାଷୀ ସାର ପାଇଁ ଯାଇ ବାରମ୍ବାର ଫେରିବାକୁ ପଡୁଛି। ସାରର ଅଭାବ ନେଇ ଅତିରିକ୍ତ କୃଷି ଅଧିକାରୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଏଆରସିଏସ୍‌ଙ୍କୁ ଅଭିଯୋଗ କରିଥିଲି। ହେଲେ ସାର ପାଇଲି ନାହିଁ। ୫ ଏକର ଜମି ଧାନ ଚାଷ କରିଛି। ଏଯାବତ ମାତ୍ର ନୟାଗଡ଼ ପାକ୍ସରୁ ମାତ୍ର ୧ ବସ୍ତା ସାର ପାଇଛି। ମୋ ପରି ଅନେକ ଚାଷୀ ସାର ପାଇଁ ଚକର କାଟି ସରକାରୀ ଦରରେ ସାର ପାଉନାହାନ୍ତି। ସରକାର ଓ ପ୍ରଶାସନ ତୁରନ୍ତ ସାର ଯୋଗାଇବାକୁ ପଦକ୍ଷେପ ନିଅନ୍ତୁ।


ୟୁରିଆ ସାର ପାଇଁ ଗୋଡ଼ିପଡ଼ା ବଜାରରେ ଚାଷୀମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

### ୮୦୦ରୁ ୧୧ଶହ ଟଙ୍କାରେ ସାର

ପ୍ରାଥମିକ କୃଷି ସମବାୟ ସମିତିରେ ସାର ମିଳୁ ନ ଥିବାବେଳେ ଖୋଲା ବଜାରରେ ୟୁରିଆ ସାର ୮୦୦ରୁ ୧୧ ଶହ ଟଙ୍କାରେ ବ୍ରିକି ହେଉଛି ବୋଲି ଅଭିଯୋଗ ଉଠିଛି। ଏ ନେଇ ନୟାଗଡ଼ର ଚାଷୀ ରଣଜିତ ଦଳବେହେରା, ରଣପୁରର ବିକ୍ରମ ସାହୁ, ଗଣିଆର ସୁବଳ ପ୍ରଧାନ, ଭାପୁର ବିପ୍ର ସାହୁ କହିଛନ୍ତି, ୫୦ କେଜି ୟୁରିଆ ସାରର ସରକାରୀ ଦାମ ୨୬୬.୫୦ ଟଙ୍କା ରହିଥିବାବେଳେ ଖୋଲା ବଜାରରେ ୮୦୦ ରୁ ୧୧ ଶହ ଟଙ୍କାରେ ବିକ୍ରି ହେଉଥିଲେ ମଧ୍ୟ ଚଢ଼ାଉ କି ଧରପଗଡ ନାହିଁ। ପ୍ରତିବର୍ଷ ସାର କଳାବଜାରି ହୋଇ ଆସୁଛି। ତେବେ ସରକାର କି ପ୍ରଶାସନ କୌଣସି ବର୍ଷ କଳାବଜାର ରୋକିବାରେ ସଫଳ ହେଉନାହାନ୍ତି। ସବୁବେଳେ ଶୁଣିବାକୁ ମିଳୁଛି ଅଭିଯୋଗ ନାହିଁ। ତେବେ ଅଭିଯୋଗ କଲେ ସୁଫଳ ମିଳୁ ନ ଥିବାବେଳେ ପ୍ରତିବର୍ଷ କେତେ ଅଭିଯୋଗ କରିବୁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି।

### ସାର ଗଚ୍ଛିତକୁ ନେଇ ଭିନ୍ନ ମତ

ଜିଲାରେ ସାର କେତେ ଗଚ୍ଛିତ ଅଛି ଡିଆରସିଏସ୍ ଓ ଅତିରିକ୍ତ ଜିଲା କୃଷି ଅଧିକାରୀଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। ସାର ଅଭାବ ସମୟରେ ସାରର ଭିନ୍ନ ମତ ସନ୍ଦେହ ସୃଷ୍ଟି କରିଛି। ଏ ନେଇ ନୟାଗଡ଼ ଡିଆରସିଏସ ଅନନ୍ତ ନାୟକ କହିଛନ୍ତି, ଜିଲାରେ ସାର ଅଭାବ ହେଇନି। ମାର୍କଫେଡରେ ଏବେ ବି ୩୦ ମେଟ୍ରିକ ଟନ ସାର ଗଚ୍ଛିତ ରହିଛି। ଗୋଡିପଡାରେ ଚାଷୀ ଆନ୍ଦୋଳନ ପରେ ଗୁରୁବାର ୧୫୦ ବସ୍ତା ସାର ପଠା ଯାଇଛି। ଭାଗ ବାଣ୍ଟି ପ୍ରତି ପାକ୍ସକୁ ସାର ଯୋଗାଇ ଦିଆଯାଉଛି। ସାରର ଅଭାବ ରହିଲେ ଆମେ ତ୍ୱରିତ ପଦକ୍ଷେପ ନେବୁ। ସେହିପରି ସାର ସମ୍ପର୍କରେ ବୁଝାସୁଝା କରୁଥିବା ନୟାଗଡ଼ ଅତିରିକ୍ତ ଜିଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି, ଜିଲା ପାଇଁ ୮ ହଜାର ମେଟ୍ରିକ ଟନ ୟୁରିଆ ସାର ଦରକାର ଥିବାବେଳେ ଜିଲାକୁ ଆସିଛି ୬ ହଜାର ୭୦୦ ମେଟ୍ରିକ ଟନ। ମାର୍କଫେଡରେ ଏବେ ବି ୩୦ ନୁହେଁ ୨୦ ମେଟ୍ରିକ ଟନ ସାର ଗଚ୍ଛିତ ରହିଛି। ବକେୟା ସାର ନ ଆସିଲା ପର୍ଯ୍ୟନ୍ତ ସାର ଆଡଜଷ୍ଟ କରି ଦିଆଯାଉଛି।

# ମଦ୍ରାସା ପାଇଖାନା ଟାଙ୍କିରୁ ନିଖୋଜ ଛାତ୍ରଙ୍କ ମୃତଦେହ ଜବତ

■ ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

■ ମାମଲା ରୁଜୁ କରି ପୋଲିସର ତଦନ୍ତ ଆରମ୍ଭ

ନୟାଗଡ଼/ରଣପୁର,୪।୯ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା କୁଳାସର ପଞ୍ଚାୟତ ନୀଳପଲ୍ଲୀ ଗାଁର ଏକ ମଦ୍ରାସାରେ ଜଣେ ଅନ୍ତେବାସୀ ଛାତ୍ର ୨ ତାରିଖରୁ ନିଖୋଜ ଥିଲେ। ଏ ନେଇ ସୁନାଖଳା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ବୁଧବାର ମଧ୍ୟାହ୍ନ ୧ଟାରେ ପରିତ୍ୟକ୍ତ ପାଇଖାନା ଟାଙ୍କିରୁ ଛାତ୍ରଙ୍କ ମୃତଦେହ ପୋଲିସ ଜବତ କରିଛି। ଏ ନେଇ ପରିବାର ଲୋକେ ପୁଅକୁ ହତ୍ୟା କରାଯାଇ ପରିତ୍ୟକ୍ତ ପାଇଖାନା ଟାଙ୍କିରେ ପକାଯାଇଥିବା ରଣପୁର ଥାନା ଅନ୍ତର୍ଗତ ସୁନାଖଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ପୋଲିସ ନଂ. ୨୭୦/୨୫ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଅଭିଯୋଗ ଅନୁସାରେ, କଟକ ଜିଲା ବଡ଼ମ୍ବା ଥାନା ବଡ଼ମ୍ବାଗଡ ଗାଁର ଆଲିମରୁଦ୍ଦିନ ଖାଁଙ୍କ ବଡ଼ ପୁଅ ଫରାନୁଦ୍ଦିନ(୧୨) ନୀଳପଲ୍ଲୀ ଗାଁର ଏକ ମଦ୍ରାସାରେ ଅନ୍ତେବାସୀ ଭାବେ ରହି ପାଠ ପଢୁଥିଲେ। ପ୍ରାୟ ୧ବର୍ଷ ହେଲା ସେ ଏଠାରେ ରହି ପାଠ ପଢୁଥିଲେ। ଫରାନୁଦ୍ଦିନ ୨ ଘଣ୍ଟା ହେଲା ନିଖୋଜ ନେଇ ମଦ୍ରାସା ପକ୍ଷରୁ ଗତ ୨ ତାରିଖ ଅପରାହ୍ନ ୪ଟାରେ ପରିବାର ଲୋକଙ୍କୁ କୁହାଯାଇଥିଲା। ଫୋନ ପାଇବା ପରେ ୨ ତାରିଖ ସନ୍ଧ୍ୟା ୭ଟାରେ ପୁତୁରାଙ୍କ ସହ ବାପା ଆଲିମରୁଦ୍ଦିନ ମଦ୍ରାସାରେ ପହଞ୍ଚି ଥିଲେ। ମଦ୍ରାସାରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିଲା। ପୁଅକୁ ଖୋଜିବା ପାଇଁ ମଦ୍ରାସାରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ହେଲେ ସହଯୋଗ ମିଳି ନ ଥିଲା। ଏପରିକି ମଦ୍ରାସା ପକ୍ଷରୁ ନିଖୋଜ ଅନ୍ତେବାସୀଙ୍କୁ ଖୋଜାଖୋଜି କରାଯାଇ ନ ଥିଲା। ବୁଧବାର ପରିତ୍ୟକ୍ତ ପାଇଖାନା ଟାଙ୍କିରେ ଫରାନୁଦ୍ଦିନଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ମଦ୍ରାସା କର୍ତ୍ତୃପକ୍ଷଙ୍କ ଅସହଯୋଗକୁ ଭିତ୍ତିକରି ଫରାନୁଦ୍ଦିନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି।

# ଷଣ୍ଢକୁ ନିଆଁ ଚେଙ୍କ ଦେଇ ଜେଲ ଗଲେ ବୃଦ୍ଧ

ନୟାଗଡ଼,୪।୯(ଲୋକନାଥ ମିଶ୍ର)

ଷଣ୍ଢକୁ ନିଆଁ ଚେଙ୍କ ଦେବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ କଇଥଗାଡିଆ ଗାଁର ଘନ ବେହେରାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଘନଙ୍କୁ ନୟାଗଡ଼ ଜିଲା ଜେଲକୁ ଯିବାକୁ ପଡିଛି। ଅଭିଯୋଗ ଅନୁସାରେ, ବୁଧବାର ଅପରାହ୍ନରେ ଗାଁ ରାସ୍ତାରେ ଷଣ୍ଢ ଯାଉଥିବାବେଳେ ଘନ ମାରପିଟ୍ କରିଥିଲେ। ଏପରିକି ନିଆଁ ହୁଳା ଦେଇ ଚେଙ୍କ ମାରିଥିଲେ। ଘଟଣା ସମ୍ପର୍କରେ କିଛି ଗୋ ସେବକ ଓ ସ୍ୱେଚ୍ଛାସେବୀ ଜାଣିବା ପରେ ପ୍ରତିବାଦ କରିଥିଲେ। ଏ ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏପରିକି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଥାନା ସମ୍ମୁଖରେ ଗୋ ସେବକମାନେ ଏକାଠି ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦେବଦୂତ ସେବା ପରିଷଦ ପକ୍ଷରୁ ଅଭିଯୋଗ ପରେ ପୋଲିସ ନଂ. ୩୫୪/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଘନଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା।

GOVERNMENT OF ODISHA
No.O-651
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,SUNDARGARH
AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com
No.Tender Online-RWCCESNG-11 of 2025-26, Letter No.2057/ Dtd.22.08.2025
e-Procurement Notice
1. Type of the Work: Road (MMSY). 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-11 of 2025-26 | 08.09.2025 11.00 AM | 23.09.2025 5.00 PM | 22.09.2025 5.00 PM | 24.09.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in
OIPR-25133/11/0065/2526 Sd./- Chief Construction Engineer, Rural Works Circle, Sundargarh

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଗଣ୍ଡଗୋଳ

ଲେଙ୍କୁଡିପଡ଼ାରେ ଦୁଇ ସାହି ଯୁବକଙ୍କ ମଧ୍ୟରେ ମାରପିଟ

ନୟାଗଡ଼,୪।୯(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଲେଙ୍କୁଡିପଡ଼ା ଗାଁରେ ଗଣେଶ ମୂର୍ତ୍ତି ବିସର୍ଜନକୁ ନେଇ ବୁଧବାର ରାତିରେ ଗଣ୍ଡଗୋଳ ହୋଇଛି। ଶୁଳିଆ ସାହି ଓ ବେଲସାହି ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇ ଉତ୍ତେଜନା ଦେଖା ଦେଇଥିଲା। ଏ ନେଇ ବୁଧବାର ରାତିରେ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୩୫୨/୨୫ ଓ ୩୫୩/୨୫ରେ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶୁଳିଆ ସାହିର ଯୁବକମାନେ ଡିଜେ ବଜାଇ ବୁଧବାର ରାତିରେ ଗଣେଶ ଠାକୁରଙ୍କୁ ବିସର୍ଜନ କରିବାକୁ ନେଉଥିଲେ। ଶୋଭାଯାତ୍ରା ବେଲସାହି ଦେଇ ବଡସାହିକୁ ଯାଉଥିଲା। ବଡସାହିରେ କେତେଜଣ ଯୁବକ ଅଶ୍ଳୀଳ ଇଙ୍ଗିତ କରି ନାଚ କରିବା ପରେ ପ୍ରତିବାଦ ଉଠିଥିଲା। ଏହି ଘଟଣାକୁ ନେଇ ମାରପିଟ୍ ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ ବିବାଦ ଥମିଥିଲେ ମଧ୍ୟ ଉଭୟ ସାହିରେ ଶାନ୍ତି ପ୍ରତିଷ୍ଠା ହୋଇପାରିନାହିଁ।

# ରଘୁନାଥ ଜୀଉଙ୍କ ସୁନିଆରେ ସୁନାବେଶ

■ ୩ ସୁନା ଥାଳିରେ ୩ କାକରା ଭୋଗ ଲାଗି

■ ୧୪୩୩ ସାଲ ପ୍ରଚଳନ

ଓଡ଼ଗାଁ,୪।୯ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ସୁନିଆ ପର୍ବ ସହିତ ବାମନ ଜନ୍ମ ନୀତି ଗୁରୁବାର ପାଳିତ ହୋଇଯାଇଛି। ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଇ ୩ ସୁନା ଥାଳିରେ ୩ ବାଡ କାକରା ଲାଗି ହୋଇ ପୂଜାର୍ଚ୍ଚନା ପୂର୍ବକ ନୈବେଦ୍ୟ ଅର୍ପଣ କରାଯାଇଛି। ଏହିଦିନରୁ ପବିତ୍ର ଉତ୍କଳୀୟ ନବବର୍ଷ ୧୪୩୩ ସାଲ ସହିତ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୬୯ ଅଙ୍କ ପ୍ରଥମ ଦିବସ ଆରମ୍ଭ ହୋଇଛି। ଶ୍ରୀରଘୁନାଥ ଜୀଉଙ୍କ ସୁନିଆ ପର୍ବ ସହିତ ବାମନ ଜନ୍ମ ଉତ୍ସବରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ସମୟରେ ସକାଳ ନୀତି ସରିବା ପରେ ମଧ୍ୟାହ୍ନ ୧୨ରେ ସୁନିଆ ନୀତି ଆରମ୍ଭ ହୋଇଥିଲା। ଆଜ୍ଞାମାଳ ପାଇ ବନାରସୀ ପାଟପଟନୀରେ ସଜ୍ଜିତ ହୋଇ ରୁପା ଖଟୁଲିରେ ଶ୍ରୀଜୀଉଙ୍କ ବିଜେ ପ୍ରତିମାକୁ ଜୟବିଜୟ ଦ୍ୱାରକୁ ବିଜେ କରାଯାଇଥିଲା। ସେଠାରେ ବିଧିବିଧାନ ପୂର୍ବକ ଷୋଡ଼ଶ ଉପଚାରରେ ପୂଜାବିଧି ସମ୍ପନ୍ନ ପୂର୍ବକ ସୁବର୍ଣ୍ଣ ଥାଳିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ୩ ବାଡ଼ କାକରା ପିଠା ଭୋଗ ଲାଗି କରାଇଥିଲା। ଘଣ୍ଟା, ଘଣ୍ଟ, କାହାଳୀ, ବାଦ୍ୟ ଧ୍ୱନିରେ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପାଳିଆ ପଣ୍ଡା ନାରାୟଣ ମହାପାତ୍ର, ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ସୁଆର ସେବକ ସଭାପତି ସୁବ୍ରତ କୁମାର ପଣ୍ଡାଙ୍କ ସହଯୋଗରେ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ପୂଜା ନୀତି ସମ୍ପନ୍ନରେ ସହଯୋଗ କରିଥିବାବେଳେ କୋଠ ସୁଆର ମୁନା ସାହୁ ଏବଂ ରଘୁନାଥ ପଣ୍ଡାଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ କାକରା ଭୋଗ ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ଶ୍ରୀଜୀଉଙ୍କୁ ପ୍ରଜାମାନେ ଅର୍ଥାତ ଉପସ୍ଥିତ ଶ୍ରଦ୍ଧାଳୁ, ପୂଜକ ପରିଷଦ ଭେଟି ପ୍ରଦାନ କରିବା ପରମ୍ପରା ଥିବା ବେଳେ ନଗଦ ୧୪,୧୭୦ ଉପସ୍ଥିତ ଶ୍ରଦ୍ଧାଳୁ ଭେଟି ସ୍ୱରୂପ ଶ୍ରୀଜୀଉଙ୍କୁ ପ୍ରଦାନ କରିଥିଲେ। ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିବାବେଳେ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ଲଡୁବାବା ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ ଏବଂ ପୂଜକ ଓ କର୍ମଚାରୀଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା।


ସୁନା ଥାଳିରେ ଠାକୁରଙ୍କୁ ଭୋଗ କରାଯାଉଛି।

Government of Odisha
No.O-701:
"e" Procurement Notice
Bid Identification No.03 of 2025-26

| | | |
|---|---|---|
| 1 | Number of Works: | 01 No. of Work (Building-01 No.) |
| 2 | Estimated Cost (Aprox.) | Rs.12.59 Lakh (Approx.) |
| 3 | Period of Completion | Mentioned against NIT Table Col.06 |
| 4 | Date & Time of availability of Bid documents in the Portal | 06.09.2025 at 11.00 Hrs. |
| 5 | Last date & time for receipt of Bids in the Portal | 17.09.2025 at 16.00 Hrs. |
| 6 | Date of Opening of Tender | 17.09.2025 at 17.00 Hrs. |
| 7 | Name and Address of the Officer Inviting Bid | Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.
Sd./- Executive Engineer
Rural Works Division
Jagatsinghpur
OIPR-25056/11/0019/2526

OFFICE OF THE SUPERINTENDING ENGINEER
RWSS DIVISION, BHUBANESWAR
PLOT NO.1214 (P), AT: TAPOVAN, PO:KHANDAGIRI, BHUBANESWAR-30
Tel-(0674)2384108, Fax(0674) 2384108, E-mail:eebbsrrwss@gmail.com
QUOTATION CALL NOTICE NO.16 OF 2025-26
No.O-702: The Superintending Engineer, RWS&S Division, Bhubaneswar, Plot-1214 (part) At: Tapovan, PO: Khandagiri, Bhubaneswar-30 on behalf of Governor of Odisha invites item rate price bids in offline mode from Authorised Dealer/ Distribution/Supplier.

| | | |
|---|---|---|
| 1 | Nature of Work | Repair of vehicle bearing Regd. No.OD-02Z-2345 (indigo) |
| 2 | No. of Works | 01 (One) |
| 3 | Time for completion | 15 (Fifteen) Days |
| 4 | Cost of bidding document | Rs.400.00 |
| 5 | The Quotation document will be available in the O/O Executive Engineer, RWS&S Division, Bhubaneswar | From Dt.06.09.2025 (10.00 AM) to 16.09.2025 (1.00 PM) |
| 6 | Last date and time for submission of Quotation papers in the Quotation box kept in the office of the Executive Engineer, RWS&S Division, Bhubaneswar | Dt.16.09.2025 upto 4.00 P.M. |
| 7 | Date & Time of Opening of Bids | Dt.17.09.2025 at 11.30 AM in the office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall appear in the Office notice board of the undersigned.
Sd./- Superintending Engineer
RWS&S Division, Bhubaneswar
OIPR-25011/11/0031/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
PHULBANI (R&B) CIRCLE, PHULBANI
No.B-471:
Phone:-06842-254004, Email: sernbphulbani@gmail.com
INVITATION FOR BIDS (IFB)
Bid Identification No.CCE_R and B_PLB_10 of 2025-26
No.1436, Dated 30.08.2025

| | | | |
|---|---|---|---|
| 1. | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors. | | |
| 2. | Nature of Work | : | Road Work |
| 3. | No. of Tenders | : | One No |
| 4. | Tender Cost | : | Rs.10,000/- (through online) only. |
| 5. | Class of Contractor | : | B and A Class |
| 6. | Date & Time of sale & receipt of bids | : | 10.00 AM of 09.09.2025 to 5.00 PM of 23.09.2025 |
| 7. | Date of Opening of Bid | : | 11.00 AM of 24.09.2025 |
| 8. | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

OIPR-34129/11/0026/2526 Sd./- Chief Construction Engineer, Phulbani (R&B) Circle, Phulbani

GOVERNMENT OF ODISHA
Mail I.D-ee_nimapara@yahoo.co.in
OFFICE OF THE SUPERINTENDING ENGINEER, RURAL WORKS DIVISION, NIMAPARA
No:-Tender Online-Divn.NPR-02/2025-26 Date:- 30.08.2025
No.O-682
e-Procurement NOTICE
1. Name of the Work : Building Works for the year 2025-26.
2. Total No. of Projects : 05 (Five) nos of projects
3. Estimated cost of Projects : Varies from Rs.10.20 lakh to Rs.49.99 Lakh
4. Class of Contractor : A) Estimated Cost above Rs.20.00 Lakhs and upto Rs.300.00 Lakhs. : **"B" Class (of Odisha PWD) or relevant Class of other licensing authorities.** B) Estimated Cost more than Rs.20.00 Lakhs and upto Rs.40.00 Lakhs. : **"C" Class & "B" Class (of Odisha PWD) or relevant Class of other licensing authorities.** C) Estimated Cost upto Rs.20.00 Lakhs : **"D" Class & "C" Class (of Odisha PWD) or relevant Class of other licensing authorities.**
5. Mode of Submission of tender : Tender should be submitted online only in website www.tendersorissa.gov.in.
6. Period of Completion : As per TCN
7. Other Details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender On-line-Divn. NPR-02/2025-26 | 08.09.2025 at 11.00 A.M. | 18.09.2025 upto 5.00 P.M. | 18.09.2025 upto 11.00 A.M. | 19.09.2025 at 11.00 AM Office of the S.E.R.W. Division, Nimapara |

Further details can be seen from the website www.tendersorissa.gov.in.
OIPR-25099/11/0009/2526 Sd./- Superintending Engineer, Rural Works Division, Nimapara

OFFICE OF THE CHIEF CONSTRUCTION ENGINEER
RAYAGADA (R&B) CIRCLE, RAYAGADA
e-mail ID- sepwd_rgda@yahoo.com, Phone/Fax No.-06856-223049
No.B-454:
e-Procurement Notice
Bid Identification No.C.C.E. (RANDB) RGDA-05/2025-26 (Online) Dt.26.08.2025
No.1379, Date: 26.08.2025
INVITATION FOR BIDS

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below: | | |
| 2. | Nature of Work | : | Building Work |
| 3. | No. of Works | : | 11 (Eleven) Nos. of Work |
| 4. | Estimated Cost (Approximately) | : | Rs.661.75 Lakh, Rs.117.65 Lakh, Rs.271.65 Lakh, Rs.114.72 Lakh, Rs.438.33 Lakh, Rs.200.68 Lakh, Rs.432.17 Lakh, Rs.167.83 Lakh, Rs.129.41 Lakh, Rs.308.13 Lakh And Rs.124.07 Lakh |
| 5. | Bid Cost (Online) | : | Rs.10,000/- |
| 6. | EMD/Bid Security Amount (Online) | : | One Percentage of the Estimated Cost |
| 7. | Class of Contractor | : | B, A and Special Class as per Financial Eligibility |
| 8. | Availability of Bid documents in the website | : | 11.00 Hours of Dt.10.09.2025 to 17.00 Hours of Dt.25.09.2025 |
| 9. | Date of Opening of Bid | : | 11.00 Hrs of Dt.26.09.2025 |
| 10. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-34154/11/0018/2526 Sd./- Chief Construction Engineer, Rayagada (R&B) Circle, Rayagada

# ଭୁବନେଶ୍ୱରରେ ଆସାମ ପୋଲିସର ଚଢ଼ାଉ

ଭୁବନେଶ୍ୱର,୪।୯(ସତ୍ୟଜିତ୍ ରାଉତ)

**ବହୁ କୋଟି ଟଙ୍କା ଠକେଇ ମାମଲା**
■ ତାଲା ଭାଙ୍ଗି ଘରେ ପଶିଲା ପୋଲିସ
■ ଜଣେ ଅଭିଯୁକ୍ତ ଗିରଫ

ବହୁ କୋଟି ଟଙ୍କା ଠକେଇ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବାକୁ ଗୁରୁବାର ଭୁବନେଶ୍ୱରରେ ଆସାମ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଏହି ମାମଲାରେ କେବଳ ଜଣେ ଅଭିଯୁକ୍ତଙ୍କୁ ଆସାମ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଅପରପକ୍ଷରେ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମୀର ପଟ୍ଟନାୟକଙ୍କ ଘରେ ଚଢ଼ାଉ କରିଥିବାବେଳେ ସେ ପୂର୍ବ ସୂଚନା ପାଇ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଇନ୍ଫୋସିଟି ଥାନା ଅନ୍ତର୍ଗତ ସୁଭଦ୍ରା ଆପାର୍ଟମେଣ୍ଟର ସମୀରଙ୍କ ଫ୍ଲାଟ(ନଂ.ଏ-୫୧୨)ରେ ସମୀର ରହିଥିବା ନେଇ ସୂଚନା ପାଇ ଆସାମର ଏକ ପୋଲିସ ଟିମ୍ ଇନ୍ଫୋସିଟି ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ହେଲେ ଦୀର୍ଘ ସମୟ ଧରି ଭିତର ପଟୁ କେହି କବାଟ ଖୋଲି ନ ଥିଲେ। ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆପାର୍ଟମେଣ୍ଟରେ ଆସାମ ପୋଲିସକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଶେଷରେ କୌଣସି ବିକଳ୍ପ ନ ପାଇ ପୋଲିସ ତାଲା ଭାଙ୍ଗି ଘର ଭିତରେ ପଶିଥିଲା। ତେବେ ଘର ଭିତରେ ଥିବା ସମୀରଙ୍କ ସ୍ତ୍ରୀ ପୋଲିସକୁ ବିରୋଧ କରିଥିଲେ। ସେ ଠକେଇ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ଘରେ ଏକା ଥିବାରୁ କବାଟ ଖୋଲୁ ନ ଥିବା କହିଥିଲେ। ପୋଲିସ ଟିମ୍ ଫ୍ଲାଟ୍‌ରେ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ଖାଲି ହାତରେ ଫେରିଥିଲା। ଅପରପକ୍ଷରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଆସାମ ପୋଲିସ ଅଭିଯୁକ୍ତ ନିତୁ ସୁନ୍ଦର ଚୌଧୁରୀଙ୍କୁ ଗିରଫ କରିଛି। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆସାମ ନେବାକୁ ପ୍ରକ୍ରିୟା ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଠକେଇ ମାମଲାରେ ସମୀରଙ୍କ ସମେତ ଅନ୍ୟ ଜଣେ ଅଭିଯୁକ୍ତ ସୁନିଲ ସାହୁ ମଧ୍ୟ ଫେରାର ଅଛନ୍ତି। ଏହି ମାମଲାରେ ଦୁଷ୍ମନ୍ତ ମୁଦୁଲି ନାମକ ଜଣେ ବ୍ୟକ୍ତି ଅଭିଯୋଗକାରୀ ବୋଲି ପୋଲିସଠାରୁ ସୂଚନା ମିଳିଛି। ୩ ଅଭିଯୁକ୍ତଙ୍କ ସହ ଦୁଷ୍ମନ୍ତ ଆସାମରେ ପାର୍ଟନରଶିପ୍ ଜରିଆରେ କୋଇଲା ବ୍ୟବସାୟ ପାଇଁ ବହୁ କୋଟି ଟଙ୍କା ନିବେଶ କରିଥିଲେ। ତେବେ ଦୁଷ୍ମନ୍ତଙ୍କୁ ଅନ୍ୟ ଅଭିଯୁକ୍ତମାନେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ଫେରାର ହୋଇଯାଇଥିଲେ। ଏନେଇ ଏତାଲାକ୍ରମେ ଆସାମ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ବହୁଥର ନୋଟିସ ଆସିଥିଲା। ହେଲେ ସେମାନେ ପୋଲିସ କିମ୍ବା କୋର୍ଟରେ ହାଜର ହୋଇ ନ ଥିଲେ। ତେଣୁ କୋର୍ଟ ସେମାନଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ।


ସମୀରଙ୍କ ବାସଭବନ ଭିତରେ ପୋଲିସ ଯାଞ୍ଚ କରୁଛି।

# ପିକ୍‌ଅପ୍ ଭ୍ୟାନରୁ ୧.୫ କୋଟିର ଗଞ୍ଜେଇ ଜବତ

## ପୋଲିସକୁ ଦେଖି ଭ୍ୟାନ ରଖି ଫେରାର ହୋଇଗଲେ ଡ୍ରାଇଭର

ମୋହନା, ୪।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା କଲେଜ ଛକସ୍ଥିତ ତାରିଣୀ ମନ୍ଦିର ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ ସହ ୭ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ପୋଲିସ ଜବତ କରିଛି। ପୋଲିସକୁ ଦେଖି ଚାଲାଣକାରୀ ରାସ୍ତା କଡରେ ଗାଡି ରଖି ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

ଖବରରୁ ପ୍ରକାଶ, ବୁଧବାର ରାତିରେ ସ୍ଥାନୀୟ କଲେଜ ଛକରେ ମୋହନା ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ (ଓଡି ୦୭ ଏଜେ–୭୨୧୪) ରାସ୍ତାରେ ରଖିଦେଇ ଡ୍ରାଇଭର ଫେରାର ହୋଇଯିବା ପୋଲିସ ଦେଖିବାକୁ ପାଇଥିଲା। ଭ୍ୟାନ ନିକଟରେ ପହଞ୍ଚି ପୋଲିସ ଏହାକୁ ଯାଞ୍ଚ କରିବାରୁ ଭିତରେ କିଛି କୁଣ୍ଡା ବସ୍ତା ଥିବା ଏବଂ ତା' ତଳେ ଗଞ୍ଜେଇ ରଖାଯାଇଥିବା ଦେଖିବାକୁ ପାଇଥିଲା। ପୋଲିସ ଭ୍ୟାନ ସହ ଗଞ୍ଜେଇ ଜବତ କରିଥିଲା। ଆର.ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଏହା ୭ କୁଇଣ୍ଟାଲ ୨୦ କେଜି ହୋଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ ବୋଲି ଥାନା ଅଧିକାରୀ ସେଠୀ କହିଛନ୍ତି। ଏନେଇ ମୋହନା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।


ଜବତ ଗଞ୍ଜେଇ।

# ୩୫ ଗ୍ରାମ୍ ବ୍ରାଉନସୁଗାର ଜବତ, ୫ ଗିରଫ

## କାର୍, ବାଇକ୍ ସହ ୧୦ ହଜାର ଟଙ୍କା ଜବତ

ଭଦ୍ରକ,୪।୯(ସନାତନ ରାଉତ)

ଭଦ୍ରକରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଥିବାବେଳେ ଏହାକୁ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ଜୋରଦାର ଅପରେଶନ କରାଯାଉଛି। ଭଦ୍ରକ ଟାଉନ ପୋଲିସ ପକ୍ଷରୁ ଗୁରୁବାର ୨ଟି ସ୍ଥାନରେ ପାଟ୍ରୋଲିଂ ବେଳେ ୩୫ ଗ୍ରାମ୍ ବ୍ରାଉନସୁଗାର ଜବତ ସହ ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ କାର୍, ଗୋଟିଏ ବାଇକ୍ ସହ ନଗଦ ଟଙ୍କା ଜବତ କରାଯାଇଛି। ଗିରଫ ୫ଜଣ ହେଲେ ପଶ୍ଚିମବଙ୍ଗ ବୁରଦ୍ୱାନ ଅଞ୍ଚଳର ଶୁଭ୍ରକାନ୍ତ ରାୟଚୌଧୁରୀ, ଭଦ୍ରକ ଚରମ୍ପା ବଉଳପୋଖରୀ ଗ୍ରାମର ରାଜା ମଲିକ, କେନ୍ଦୁଝର ଜିଲା ଘଷିପୁରା ଅଞ୍ଚଳର ସୁଦୀପ କୁମାର ସାହୁ, ରଞ୍ଜନ କୁମାର ସାହୁ ଓ ସୁଜିତ କୁମାର ଚକ୍ର। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି।

ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ସୂଚନା ଅନୁଯାୟୀ, ଏସ୍‌ଆଇ ଗୁରୁବାରୀ ସଏ ସକାଳେ ଚରମ୍ପା ବଜାରରେ ପାଟ୍ରୋଲିଂ କରୁଥିବାବେଳେ ଛକରେ ଠିଆ ହୋଇଥିବା ଶୁଭ୍ରକାନ୍ତଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ତଲାସୀ ନେବାରୁ ତାଙ୍କଠାରୁ ୯.୭୯ ଗ୍ରାମ୍ ବ୍ରାଉନସୁଗାର ବାହାରିଥିଲା। ଏସ୍‌ଆଇ ତାଙ୍କୁ ଗିରଫ କରିବା ସହ ତାଙ୍କ ପଲ୍‌ସର୍ ବାଇକ୍ (ଡବ୍ଲ୍ୟୁବି ୩୮ –ଏଏ– ୧୪୨୧)କୁ ଜବତ କରି ଥାନାକୁ ନେଇଥିଲେ। ଶୁଭ୍ରକାନ୍ତଙ୍କୁ ପଚରାଉଚରା କରିବାପରେ ଏହି ବ୍ରାଉନସୁଗାର ସେ ଚରମ୍ପା ବଉଳପୋଖରୀ ଗ୍ରାମର ରାଜାଙ୍କଠାରୁ କିଣିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ରାଜାଙ୍କୁ ଗିରଫ କରିଥିଲା। ଏନେଇ ଏସ୍‌ଆଇ ସଏଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା(ନଂ.୫୨୯/୨୫) ରୁଜୁ କରାଯାଇଛି। ସେହିପରି ଏସ୍‌ଆଇ ଆଶିଷ ସେନାପତି ମଧ୍ୟାହ୍ନରେ ପାଟ୍ରୋଲିଂ କରୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭଦ୍ରକ ଚାରିଘରିଆଠାରେ ଏକ ହୋଣ୍ଡା କାର୍(ଓଡି ୦୯ –ବି– ୭୫୫୫୫)କୁ ଅଟକାଇଥିଲେ। ଗାଡ଼ିକୁ ଯାଞ୍ଚ କରିବା ପରେ ସେଥିରୁ ୨୫.୯୫ ଗ୍ରାମ୍ ବ୍ରାଉନସୁଗାର ସହ ନଗଦ ୧୦ ହଜାର ଟଙ୍କା ମିଳିଥିଲା। ଗାଡ଼ିରେ ଥିବା କେନ୍ଦୁଝର ଜିଲା ଘଷିପୁରା ଅଞ୍ଚଳର ସୁଦୀପ କୁମାର ସାହୁ, ରଞ୍ଜନ କୁମାର ସାହୁ ଓ ସୁଜିତ କୁମାର ଚକ୍ରଙ୍କୁ ଗିରଫ କରାଯାଇଥିଲା। ଏନେଇ ଏସ୍‌ଆଇ ସେନାପତିଙ୍କ ଅଭିଯୋଗକ୍ରମେ ମାମଲା (ନଂ.୫୩୦/୨୫) ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ପ୍ରେସ୍‌ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।


ଜବତ ହୋଇଥିବା ବ୍ରାଉନସୁଗାର ପ୍ୟାକେଟ୍ ଓ ଟଙ୍କା।

# ଗୁଣି ସନ୍ଦେହରେ ହତ୍ୟାକାଣ୍ଡ: ୫ ଗିରଫ

ଲାଞ୍ଜିଗଡ଼,୪।୯ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ମେରାଙ୍ଗପଦର ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସମାନେ ହେଲେ ମେରାଙ୍ଗପଦର ଗାଁର ଘୁରୁଣା ମାଝୀ (୫୩), ପୁଷ୍ଟା ଓରଫ କୁଷ୍ଟା ମାଝୀ (୩୫), ସାନ୍ଧ୍ରୁ ମାଝୀ(୩୮), ଲଛମନ ମାଝୀ (୩୯) ଓ ରାଜୁ ମାଝୀ (୩୨)। ଏ ସମ୍ପର୍କରେ ବିଶ୍ୱନାଥପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସୂଚନାନୁସାରେ ମେରାଙ୍ଗପଦର ଗାଁର ସାନ୍ଧୁ ମାଝୀ (୪୦) ଗତ ୩୦ ତାରିଖରେ ନିକଟସ୍ଥ ଖଜୁରଗୁଡ଼ା ଗାଁକୁ ସାଇକେଲ ସଜାଡ଼ିବାକୁ ଯାଇ ଆଉ ଫେରି ନ ଥିଲେ। ସେ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ରାଜା ମାଝୀ ବିଶ୍ୱନାଥପୁର ଥାନାରେ ଗତ ୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କେସିଙ୍ଗା ଉପଖଣ୍ଡ ପୋଲିସ ଅଧିକାରୀ ସମ୍ବିତ କୁମାର ମାଝୀଙ୍କ ନେତୃତ୍ୱରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବର, ଏଏସ୍‌ଆଇ ବୁଦ୍ଧିଶ୍ୟାମ ମାଝୀଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲେ। ଟିମ୍ ସଦସ୍ୟ ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ସନ୍ଦେହରେ ପଚରାଉଚରା କରିଥିଲା। ସେମାନଙ୍କଠାରୁ ସୂଚନା ପାଇ ମେରାଙ୍ଗପଦର ଜଙ୍ଗଲ ଭିତରେ ପୋତା ଯାଇଥିବା ସାନ୍ଧୁଙ୍କ ମୃତଦେହ ଠାବ କରାଯାଇଥିଲା। ଏହାପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସନ୍ଦୀପ ତୀର୍କିଙ୍କ ଉପସ୍ଥିତିରେ ମାଟି ଖୋଲି ମୃତଦେହ ବାହାର କରାଯାଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଛୁରୀକୁ ମଧ୍ୟ ପୋଲିସ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପଚରାଉଚରା ପରେ ଅଭିଯୁକ୍ତମାନେ ସାନ୍ଧୁଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରିଥିବା ସ୍ୱୀକାର କରିବା ପରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ଯିବାକୁ ପଡିଛି। ଏ ନେଇ ବିଶଶ୍ୱନାଥପୁର ଥାନାରେ ଏକ ମାମଲା (ନଂ.୫୮/୨୫) ରୁଜୁ ହୋଇଛି।

# ସୁନା ଇଟା ନାଁରେ ଠକିନେଲେ ୧୬ଲକ୍ଷ

**ଚେର ଲମ୍ବିଛି ନୀଳଗିରିରୁ କେନ୍ଦ୍ରାପଡ଼ା**

ନୀଳଗିରି, ୪।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ବିଭିନ୍ନ ସମୟରେ ହନୁମାନ ପଇସା କାରବାର ହୋଇଆସୁଥିବା ବେଳେ ଗୁରୁବାର ନକଲି ସୁନା ଇଟା କାରବାର ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ଅତି ଚତୁରତାର ସହ ପିତ୍ତଳକୁ ତରଳାଇ ଇଟା ଆକୃତି କରି ତା' ଉପରେ ସୁନାର ଗୁଣ୍ଡ ପକାଇ ଫିନିଶିଂ କରି ପିତ୍ତଳ ଇଟାର ମଝିରେ ମଝିରେ ଛୋଟ ଛୋଟ ହୋଲ୍ କରି ତା ଭିତରେ କିଛି ସୁନା ଗୁଣ୍ଡ ପକାଇ ଲେଭଲ୍ କରିଥିଲେ। ଯେଉଁ ବ୍ୟକ୍ତି ଏହାକୁ କିଣିବା ପାଇଁ ଆସନ୍ତି, ସେ ଅତି ଚତୁରତାର ସହ ହୋଲ୍ କରିଥିବା ସ୍ଥାନରେ ଗ୍ରାଇଣ୍ଡିଂ କରି ଅସଲି ସୁନାକୁ ଦେଖାଇ ବେପାର କରିଆସୁଥିଲେ। ମାତ୍ର କ୍ରେତା ଜଣଙ୍କ ୧୬ ଲକ୍ଷ ଟଙ୍କାରେ ଏହି ଇଟାକୁ କିଣି ବିସ୍କୁଟ ଆକାରରେ କାଟିଥିଲେ। ପରେ ଏହା ନକଲି ବୋଲି ଜଣାପଡ଼ିଥିଲା। ତେବେ ଏନେଇ ଗତ ଅଗଷ୍ଟ ୧ ତାରିଖରେ ଗଞ୍ଜାମ ବ୍ରହ୍ମପୁର ଅଞ୍ଚଳର କୃଷ୍ଣ ନାୟକ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୧୨/୨୫) ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିଲା। ଏହି ନକଲି ସୁନା ଇଟା କାରବାର ପଛରେ ଏକ ର୍ୟାକେଟ୍ ଥିବାର ପୋଲିସ୍ ତଦନ୍ତରୁ ଜାଣିପାରିଥିଲା।

ନୀଳଗିରିରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏହାର ଚେର ଲମ୍ବିଥିବା ଜଣାପଡ଼ିଛି। ଶେଷରେ ଗୁରୁବାର ନୀଳଗିରି ସହରର ମୁଖ୍ୟ ଅଭିଯୁକ୍ତଙ୍କୁ ଶେରଗଡ଼ ଟୋଲ ଗେଟ ନିକଟରେ ପୋଲିସ କାବୁ କରିଥିଲା। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ପରେ ତାଙ୍କ ଘର ବାହାରେ ଏକ ସ୍ଥାନରେ ଗାତ କରି ପୋତିଥିବା ନକଲି ସୁନା ଇଟାକୁ ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡ଼ା ଅଞ୍ଚଳରୁ ଗିରଫ କରିଛି। ଏହି କାରବାରରେ ଅନ୍ୟ ୫ ଜଣ ଯୁବକଙ୍କ ସମ୍ପୃକ୍ତି ରହିଥିବା ବେଳେ ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଯେ, ଗତ ଅଗଷ୍ଟ ୧୫ତାରିଖରେ ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳରେ ଏହି ସୁନା ଇଟା କାରବାର ନେଇ ବ୍ୟବସାୟୀଙ୍କ ସହ କ୍ରେତା ଜଣଙ୍କର ଡିଲ୍ ହୋଇଥିଲା।

# ବ୍ରାଉନସୁଗାର ବେପାରୀଙ୍କୁ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର,୪।୯ (ସତ୍ୟଜିତ୍ ରାଉତ)

**ଅପରେଶନ ପ୍ରହାର**

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) 'ଅପରେଶନ ପ୍ରହାର' ଜରିଆରେ ରାଜଧାନୀରେ ଗୁରୁବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେହେଲେ ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟ ନଗରରେ ରହୁଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଆଜମାଦପୁର ଗ୍ରାମର ରୁସନ କୁମାର ଜେନା(୨୭)। ସକାଳ ସମୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଗ୍ରାମ ନିକଟ ବାଲିଯାତ୍ରା ପଡ଼ିଆରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ରୁସନଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୧୦୫ ଗ୍ରାମର ବ୍ରାଉନସୁଗାର, ୧୬୦୦ ଟଙ୍କା, ମୋବାଇଲ ଓ ଡେବିଟ କାର୍ଡ ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ। ଅଭିଯୁକ୍ତ ରୁସନଙ୍କୁ କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୮/୨୦୨୫) ରୁଜୁ କରିଛି। ଅଭିଯୁକ୍ତ ରୁସନ ସହଯୋଗୀଙ୍କ ଜରିଆରେ ଭଦ୍ରକ ଓ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରର ବିଭିନ୍ନ ବେପାରୀଙ୍କୁ ଚାଲାଣ କରୁଥିଲେ। ରୁସନ ବ୍ରାଉନସୁଗାର ବିକ୍ରି ପାଇଁ ଡିଲରଙ୍କ ପାଖକୁ ଯାଉଥିବାବେଳେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା।

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006, PHONE:06854-242001, FAX-06854-242038
E-mail: sgmel_ukhep@ohpcltd.com, CIN: U40101OR1995SGC003963

**E-Tender NOTICE No.-09/2025-26, Dated 01.09.2025**

**No.CAD-1668:** The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid in double cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Renovation of Main Water Supply Pipe Line at Power House Colony & from Turbine Floor to Water Treatment Plant, UKHEP, Bariniput | 33,98,441.54/- | 33,984/- | 7,080/- (Rs.6000 + 18% GST) | "B or C" Class | From 10.00 AM of Dt.07.09.2025 to 13.00 Hrs of Dt.18.09.2025 | At 12.30 Hrs. of 19.09.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.
OIPR-04002/11/0121/2526 **Sd./- Unit Head, UKHEP, Bariniput**

**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in
Letter No.3845/JM Date:03.09.25

**QUOTATION CALL NOTICE**

**No.C-1000:** Sealed quotations on the letter pad of the bidders are hereby invited from individuals, manufacturers or contractors for the execution of the work titled.

**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4-6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works- Complete at Jeypore Municipality."**

| | |
|---|---|
| No. of Works | 01 |
| Estimated Cost and Work details | As per QCN |
| Date & Time of Bidding | From 04.09.2025 at 11.00 Hours to 12.09.2025 Upto 11.00 Hours |
| Offline Documents Received through Speed Post | 04.09.2025 at 11.00 Hours to 12.09.2025 Upto 11.00 Hours (Working Days only) |
| Offline Documents shall be opened in the presence of the Participating Bidders | 12.09.2025 at 16.00 Hours onwards |
| Paper Cost (INR) | Rs.600/- |
| EMD (INR) | Rs.10000/- |

**Sd./- Executive Officer**
**Jeypore Municipality**
OIPR-13079/11/0062/2526

**GOVERNMENT OF ODISHA** No. A-572
**DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES**
**SECHA SADAN, BHUBANESWAR**
Email Address: cemech.eicwr.od@gmail.com

**e-Procurement Notice - Bid Identification No. - CEM/MDC-16/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : CEM/MDC - 16/2025-26
5. Estimated Cost : Rs.94,77,043.00
6. Period of Completion : 03 (Three) Calendar Months
7. Date & time of availability of bid documents in the portal : From Dt.06.09.2025 (10.00 A.M.) to Dt.18.09.2025 (5.30 P.M.)
8. Last date/time for receipt of bid in the portal : Dt.18.09.2025 (upto 5.30 P.M.)
9. Date and place of opening of Technical Bid : Dt.19.09.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ cancellation notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/o. Engineer-in-Chief, Secha Sadan, Bhubaneswar**
OIPR-32520/11/0072/2526

**REQUIREMENT OF GUEST FACULTY**
**WALK-IN-INTERVIEW**

No.PP-31-The State Institute for Development of Arts & Crafts (SIDAC), Bhubaneswar, invites applications from eligible applicants for engagement as Guest Faculty for the academic year 2025-26 for providing training in Stone craft at SIDAC at Basic, Higher and Master (each of one year duration) on the remuneration as fixed by Handlooms, Textiles & Handicrafts Department, Odisha.
- Minimum educational Qualification:- 10th Pass
- Age:- 35 to 55
- Applicant should be an empanelled Master Crafts Person of the Directorate of Handicrafts.
- Candidates having experience in teaching/imparting training in relevant craft shall be preferred.

Applicants who fulfil the eligibility criteria may submit their sealed biodata with other relevant documents to the undersigned by 15.09.2025 (5.00 PM) clearly superscribing the envelope "Application for Empanelment of Guest Faculties (Stone Craft)".
OIPR-31036/11/0030/2526 **Sd./- Member Secretary**

**BOARD OF SECONDARY EDUCATION, ODISHA, CUTTACK**
**NOTIFICATION**
**No.1583/(Conf-II)/ Date 02.09.25**

No.N-158- In continuance to this Office Notification No.1063 (Trg. Confidential) dtd.16.07.2025. It is informed to all concerned that the conduct of NRTS Examination-2025 which is scheduled to be held on dt.10.09.2025 has been rescheduled to held on dt.19.09.2025 (Friday) from 10.00 AM to 12.00 PM. The Admit Cards will be available for downloading from dt.10.09.2025 onwards in the website: www.bseodisha.ac.in.
OIPR-27004/11/0102/2526 **Sd./- Secretary (I/C)**

**ZILLA SWASTHYA SAMITI, BARGARH**
Dept. of Health & Family Welfare, Govt.of Odisha
District Head Quarter Hospital, Bargarh-768028, Phone/Fax:06646-231763
Advt. No.76/NHM, BARGARH/2025-26 Date:01.09.2025

**TENDER CALL NOTICE**

No.E-362:Sealed bids are invited from registered agencies/ dealers for supply of MCR Footwear. Details regarding eligibility criteria, terms and conditions and the formats for submission of tender (Technical & Price Bid) are mentioned in the tender document which may be downloaded from the website:www.bargarh.odisha.gov.in. Interested agencies/ dealers has to submit their tenders in a sealed bid super-scribing on the top of the sealed envelope as "Tender for supply of MCR Footwear." The tenders should reach to the office of the undersigned by Dt.22.09.2025 till 4 P.M. through Speed Post/ Regd. Post/ Courier only and will be opened on Dt.23.09.2025 at 10.30 A.M. The undersigned reserves the right to reject any or all the tenders without assigning any reason thereof. The authority is not responsible for any postal delay.
**Sd./- Chief District Medical & Public Health Officer, Bargarh**
OIPR-10124/11/0024/2526

**GOVERNMENT OF ODISHA** No. A-573
**DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES**
**SECHA SADAN, BHUBANESWAR**
Email Address: cemech.eicwr.od@gmail.com

**e-Procurement Notice - Bid Identification No. - CEM/MDBH-01/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : CEM/MDBH - 01/2025-26
5. Tender Value : Rs.97,41,229.00
6. Period of Completion : 03 (Three) Calendar Months
7. Date & time of availability of bid documents in the portal : From Dt.06.09.2025 (10.00 A.M.) to Dt.18.09.2025 (5.30 P.M.)
8. Last date/time for receipt of bid in the portal : Dt.18.09.2025 (upto 5.30 P.M.)
9. Date and place of opening of Technical Bid : Dt.19.09.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ cancellation notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/o. Engineer-in-Chief, Secha Sadan, Bhubaneswar**
OIPR-32520/11/0074/2526

**OFFICE OF THE PANCHAYAT SAMITI, KALIMELA**
At/Po-Kalimela, Dist:-Malkangiri, PIN-764047 (ODISHA), Ph.No.:06850-272217, E-mail:ori-kalimela@nic.in
No.3993/ IX-77/2025 (Dev.) Date:02.09.2025

**TENDER CALL NOTICE No.01/2025-26**

**No.i-295:**The Block Development Officer, Kalimela invites Percentage Rate bids in Single cover System for the civil work as detailed in the following table from eligible class of contractors as mentioned under column-8(eight) registered with the State Governments and Contractors of equivalent Grades/Class Registered with Central Government/MES Railways. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the State PWD in appropriate class of eligibility before signing of the agreement for the following works eventually to be drawn up in the P.W.D, P-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to Tender (in Rs.) | Cost of Tender Paper (in Rs.) | E.M.D. (in Rs.) (1%) | Work Completion Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Chintalwada | Construction of Office Building with market complex for G.P. Level Federation at Chintalwada G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 2 | Venkatapallam | Construction of Office Building with market complex for G.P. Level Federation at Venkatapallam G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 3 | Maharajpally | Construction of Office Building with market complex for G.P. Level Federation at Maharajpally G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |

**Sale of tender paper:** The tender documents can be seen form the Govt. website malkangiri.odisha.gov.in. only from 03.09.2025 to 22.09.2025 (upto 05.00 PM) No Tender paper will be sold by the Block Office, Kalimela or any other offices. Interested bidders will download the bid documents from the same website only i.e. malkangiri.odisha.gov.in. **Place and date of receipt of tender Paper:** Panchayat Samiti, Kalimela, 03.09.2025 to 22.09.2025 (upto 05.00 PM) through Registered/ Speed Post only i.e. Indian Postal Services (office hour from 10.00 AM to 5.00 PM, Except Sunday and public holidays). **Place and date of opening of tender paper:** Panchayat Samiti, Kalimela on dt.23.09.2025 at 11.00 AM. **Mode of receipt of tender paper:** Registered/Speed Post only (India Post). **Name of the Scheme:** Mission Shakti Grant for the year 2023-24.
**The authority reserves the right to reject any or all of the tenders without assigning any reason thereof. The detailed information/corrigendum on Tender Call Notice can be available in the District website malkangiri.odisha.gov.in only.**
**N.B.: All should go through the terms and conditions of Tender Call Notice and Detail Tender Call Notice before submission of Tender Papers.**
OIPR-19252/11/0007/2526 **Sd./- Block Development Officer, Kalimela**

**ODISHA JOINT ENTRANCE EXAMINATION 2025 (OJEE 2025)**
**PUBLIC NOTICE REGARDING OJEE WEB COUNSELLING FOR BAMS/BHMS 2025-26**
No.475/OJEE Date:03.09.2025

**NOTICE**

**No.h-08:**This is for the information of all concerned that OJEE Web-Based Counselling Process for **BAMS/ BHMS** Programs under State Quota seats of all Govt colleges and All State Quota and All India Quota seats in Private colleges is going to start from **5th September, 2025** through web-based counselling.

Interested candidates having NEET UG-2025 qualified Ranks are advised to visit OJEE websites (www.ojee.nic.in/ www.odishajee.com) and see the detailed **Counselling Schedule.**

They are further advised to carefully go through the **"Information and Instruction"** and other related documents available in the website to get detailed information about the entire counselling process, eligibility criteria etc.

**Sd/- Chairman**
**OJEE, ODISHA**
OIPR-14020/11/0009/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ବିଶାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୯ ସୁଦ୍ଧା ୩ ଲକ୍ଷରେ ପହଞ୍ଚିବ ହୋଟେଲ ରୁମ୍ ସଂଖ୍ୟା

## ଏସ୍‌ଆଇଏମ୍‌ଏସ୍‌ଏସ୍‌ର ଇଣ୍ଡକସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୪।୯(ଅନୁରାଧା ମହାରଣା)

ଭାରତର ପର୍ଯ୍ୟଟନ ଓ ହସ୍ପିଟାଲିଟି ଶିଳ୍ପ ଦ୍ରୁତଗତିରେ ବିକାଶ ଲାଭ କରିବା ସହ ନୂଆ ସୁଯୋଗ ସୃଷ୍ଟି କରୁଛି। 'ଇଣ୍ଡିଆ ହୋଟେଲ ମାର୍କେଟ ରିଭ୍ୟୁ ୨୦୨୪' ଅନୁଯାୟୀ, ୨୦୨୯ ସୁଦ୍ଧା ଦେଶରେ ୧ ଲକ୍ଷରୁ ଅଧିକ ହୋଟେଲ ରୁମ୍ ଯୋଡ଼ିହେବ, ଯାହା ମୋଟ ରୁମ୍ ସଂଖ୍ୟାକୁ ୩ ଲକ୍ଷ ଅତିକ୍ରମ କରିବ। ପ୍ରତି ରୁମ୍‌ରେ ହାରାହାରି ୩ ଜଣ କର୍ମଚାରୀଙ୍କ ଆବଶ୍ୟକତା ହିସାବରେ, ଆଗାମୀ ୫ ବର୍ଷରେ ପ୍ରାୟ ୩ ଲକ୍ଷ ପ୍ରଶିକ୍ଷିତ ପ୍ରଫେସନାଲଙ୍କ ଆବଶ୍ୟକତା ରହିଛି। ଗୁରୁବାର ସ୍ୱସ୍ତି ପ୍ରିମିୟମରେ ଅନୁଷ୍ଠିତ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ (ଏସ୍‌ଆଇଏମ୍‌ଏସ୍‌ଏସ୍) କାର୍ଯ୍ୟକ୍ରମରେ ଏସ୍‌ଆଇଏମ୍‌ଏସ୍‌ଏସ୍ ପ୍ରେସିଡେଣ୍ଟ ଡ. ଜେ.କେ. ମହାନ୍ତି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶରେ ଗୁଣାତ୍ମକ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନର ଅଭାବ ଯୋଗୁ ଏହି ଚାହିଦାର ମାତ୍ର ୩-୪% ପୂରଣ ହେଉଛି। ସ୍ୱସ୍ତି ଗ୍ରୁପ୍ ୨୦୧୨ ମସିହାରେ ମାତ୍ର ୫୦ ଜଣଙ୍କୁ ନେଇ ଆରମ୍ଭ କରିଥିବା ଏସ୍‌ଆଇଏମ୍‌ଏସ୍‌ଏସ୍ ଆଜି ଓଡ଼ିଶାର ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବର୍ତ୍ତମାନ ଏହି ଅନୁଷ୍ଠାନରେ ୩୫୦ରୁ ଅଧିକ ଛାତ୍ରୀଛାତ୍ର ଡିପ୍ଲୋମା ଇନ୍ ହୋଟେଲ ମ୍ୟାନେଜମେଣ୍ଟ, ବ୍ୟାଚେଲର ଇନ୍ ହୋଟେଲ ମ୍ୟାନେଜମେଣ୍ଟ, ମାଷ୍ଟର ଇନ୍ ହୋଟେଲ ମ୍ୟାନେଜମେଣ୍ଟ ଏବଂ ମାଷ୍ଟର ଇନ୍ ଟ୍ରାଭେଲ ଆଣ୍ଡ ଟୁର୍ସ ମ୍ୟାନେଜମେଣ୍ଟ ପରି ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରୁଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତି ପ୍ରିମିୟମର ଏରିଆ ଭାଇସ୍ ପ୍ରେସିଡେଣ୍ଟ ଶୁଭୋ ବିଶ୍ୱାସ, ସ୍ୱସ୍ତି ଗ୍ରୁପ୍‌ର ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ ନାୟକ, ବୋର୍ଡ ଅଫ୍ ଗଭର୍ନର ସୁନୀଲ ପଟ୍ଟନାୟକ, ସ୍ୱସ୍ତି ଗ୍ରୁପ୍ ଡାଇରେକ୍ଟର ଚିରଞ୍ଜୀବ ମହାନ୍ତି, ହୋଟେଲ ପୁରୀର ଜେନେରାଲ ମ୍ୟାନେଜର ଅଙ୍କିତ ଟଣ୍ଡନ ଓ ୱେଲକମ୍ ହୋଟେଲର ଜେନେରାଲ ମ୍ୟାନେଜର ସମୀର ଘୋଷ ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ।




# ଲୋକପ୍ରିୟତା ସାଉଁଟୁଛି ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍



ଜୟେନ ନାୟକ

ଭୁବନେଶ୍ୱର,୪।୯

ଭୁବନେଶ୍ୱରର ସବୁଠାରୁ ଲୋକପ୍ରିୟ ଶପିଂ ଓ ଜୀବନଶୈଳୀ ଗନ୍ତବ୍ୟସ୍ଥଳ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ, ନୂତନ ଅନୁଭୂତି ଏବଂ ସମୁଦାୟ କେନ୍ଦ୍ରୀୟ ଉଦ୍ୟମ ମାଧ୍ୟମରେ ଓଡ଼ିଶାରେ ଆଧୁନିକ ରିଟେଲର ପରିଚୟକୁ ପୁନଃ ନିର୍ଦ୍ଧାରଣ କରୁଛି। ୨୦୧୮ରେ ଉଦ୍‌ଘାଟିତହେବା ପରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ଭୁବନେଶ୍ୱରର ରିଟେଲ ଦୃଶ୍ୟପଟକୁ ବଦଳାଇ ଦେଇଛି। ନେକ୍ସସ୍ ସିଲେକ୍ଟ ମଲ୍‌ସର ପ୍ରେସିଡେଣ୍ଟ (ଅପରେଶନ୍ସ) ଜୟେନ ନାୟକ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏପରି ମତ ଦେଇଛନ୍ତି। ସେ କହିଛନ୍ତି, ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ କେବଳ ଏକ ଶପିଂ ଗନ୍ତବ୍ୟସ୍ଥଳ ନୁହେଁ, ଏହା ଭୁବନେଶ୍ୱରର ଆକାଂକ୍ଷା ଓ ବିକାଶର ପ୍ରତୀକ। ଏହା ପ୍ରଥମେ ମାର୍କସ ଆଣ୍ଡ ସ୍ପେନ୍‌ସର, ଲାଇଫଷ୍ଟାଇଲ ଏବଂ ଆଇକନିକ୍ ପରି ପ୍ରିମିୟମ ଅନ୍ତର୍ଜାତୀୟ ଓ ଭାରତୀୟ ବ୍ରାଣ୍ଡକୁ ପରିଚିତ କରାଇଥିଲା। ଏହା ସହ ସିନେପୋଲିସ ମଲ୍ଟିପ୍ଲେକ୍ସ ଏବଂ ଷ୍ଟାରବକ୍ସ, ଚିଲିସ୍, କେଏଫ୍‌ସି ଓ ଡୋମିନୋସ୍ ପରି ବିଶ୍ୱସ୍ତରୀୟ ଫୁଡ୍ କୋର୍ଟ ମାଧ୍ୟମରେ ମନୋରଞ୍ଜନର ନୂଆ ମାନଦଣ୍ଡ ସ୍ଥାପନ କରିଛି। ବିଗତ ବର୍ଷଗୁଡ଼ିକରେ ଆମେ ସମୁଦାୟ ସହ ଚ୍ୟାଲେଞ୍ଜ ଓ ପାର୍ବଣ ସମୟରେ ଏକାଠି ରହିଛୁ। ନୂଆ ବ୍ରାଣ୍ଡ ଯୋଗ ଏବଂ ନେକ୍ସସଓନ ଆପ୍ ମାଧ୍ୟମରେ ଆମେ ଓଡ଼ିଶାର ରିଟେଲ ଅନୁଭୂତିକୁ ଆହୁରି ଉନ୍ନତ କରିବାକୁ ପ୍ରସ୍ତୁତ। ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ଓଡ଼ିଶାରେ ଆଧୁନିକ ରିଟେଲ ଓ ଜୀବନଶୈଳୀରେ ନୂତନ ମାନଦଣ୍ଡ ସ୍ଥାପନକରି ଭୁବନେଶ୍ୱରର ବିକାଶ ଗାଥାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଜୟେନ କହିଛନ୍ତି।


## ୨୦ତମ ଜନ୍ମଦିନ ଶୁଭେଚ୍ଛା



ବିଶାଳ ପ୍ରିୟଦର୍ଶୀ (ଓମ୍)ର ବିଂଶତମ (୨୦) ଜନ୍ମ ଦିବସର ଶୁଭକାମନା

ଜଗତରନାଥ ଶ୍ରୀଜଗନ୍ନାଥ ଓ ଜଗତଜନନୀ 'ମା' ଶାରଳାଙ୍କ ଚରଣରେ ଅଜା, ବଡ଼ବାପା, ବଡ଼ମା', ବାପା, ମାଆ, ମାମୁ, ମାଇଁ ଓ ମଉସା, ମାଉସୀ, ପିଉସା, ପିଉସୀ

ଧ-୭୫୩୯


# ଅନୁଗୋଳରେ ଖୋଲିଲା ଶ୍ରୀଲେଦର୍ସର ନୂଆ ଶୋ'ରୁମ୍

ଅନୁଗୋଳ, ୪।୯(ମାନସ ବିଶ୍ୱାଳ)

ଅନୁଗୋଳ ସହର ହେମସୁରପଡ଼ାଠାରେ ଶ୍ରୀଲେଦର୍ସର ନୂଆ ଶୋ'ରୁମ୍ ଗୁରୁବାର ଖୋଲିଛି। ଏହି ଶୋ'ରୁମ୍‌ରେ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, କୋର୍ଟ ଜୋତା, ଆକ୍ଟିଭ ୱେର୍ ଆଦି ଉପଲବ୍ଧ ହେବ। ଏହି ବ୍ରାଣ୍ଡର ନୂଆ ଷ୍ଟୋର ଉଦ୍‌ଘାଟନ ଅବସରରେ ଏହି ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି, 'ଏସ୍‌ଏଲ୍ ପ୍ରିମିୟମ' ହେଉଛି ଏହାର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଂଶୀଦାର ସୁଶାନ୍ତୋ ଦେ କହିଛନ୍ତି, ଗତ ୧ ବର୍ଷ ମଧ୍ୟରେ ଶ୍ରୀଲେଦର୍ସ ପୂର୍ବ ଓ ଦକ୍ଷିଣ ଭାରତରେ ପ୍ରାୟ ୧୦ରୁ ଅଧିକ ଷ୍ଟୋର ପରିଚାଳନା କରୁଛି। ଶ୍ରୀଲେଦର୍ସ ଫ୍ରାଞ୍ଚାଇଜ ଡେଭେଲପମେଣ୍ଟ ମୁଖ୍ୟ ରକି , ମାର୍କେଟିଂ ମୁଖ୍ୟ ସୌରଭ ବିଶ୍ୱାସ, ଅନୁଗୋଳ ଫ୍ରାଞ୍ଚାଇଜ ମାଲିକ ଜିତେନ୍ଦ୍ର କୁମାର ସାହୁ, ମହେନ୍ଦ୍ର କୁମାର ସାହୁ ଏବଂ କୋମଳ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।




# ବିଶ୍ୱର ବୃହତ୍ତମ ମୋବାଇଲ ଡାଟା ନେଟ୍‌ୱର୍କ ଜିଓ

ଭୁବନେଶ୍ୱର,୪।୯

ରିଲାଏନ୍ସ ଜିଓର ଗ୍ରାହକଙ୍କ ସହ ୫୦୦ ମିଲିୟନ ଟପିଥିବାବେଳେ ଏହା ବିଶ୍ୱର ସବୁଠାରୁ ବୃହତ୍ ମୋବାଇଲ ଡାଟା ନେଟ୍‌ୱର୍କ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି। ସେପ୍ଟେମ୍ବର ୫ରେ ଜିଓର ୯ମ ବାର୍ଷିକୀ ପାଳନ ଉପଲକ୍ଷେ ଏହି ଘୋଷଣା କରାଯାଇଛି। ଏହି ଗ୍ରାହକ ସଂଖ୍ୟା ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ ଏବଂ ଫ୍ରାନ୍ସର ମୋଟ ଜନସଂଖ୍ୟାଠାରୁ ଅଧିକ। ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଆଗକୁ ଅଧିକ ଉନ୍ନତ ପ୍ରଯୁକ୍ତି ସହ ଭାରତକୁ ଏକ ସମ୍ପୂର୍ଣ୍ଣ ଡିଜିଟାଲ ଦେଶ ଗଠନରେ ସହଯୋଗ କରିବେ ବୋଲି ଆକାଶ କହିଛନ୍ତି। ସୂଚନା ଥାଉକି, ଭାରତରେ ଯେକୌଣସି ସ୍ଥାନରୁ ମାଗଣା ଭଏସ୍ କଲ୍ ସୁବିଧା ପ୍ରଦାନ ସହ ଜିଓ ୫୦୦ ମିଲିୟନ ଭାରତୀୟଙ୍କୁ ମୋବାଇଲରେ ଭିଡିଓ ଦେଖିବା ଓ ଡିଜିଟାଲ ପେମେଣ୍ଟ କରିବାରେ ସକ୍ଷମ କରିଛି। ଆଧାର, ୟୁପିଆଇ, ଜନଧନ, ଡାଇରେକ୍ଟ ବ୍ୟାଙ୍କ ଟ୍ରାନ୍ସଫର ଭଳି ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ମୂଳଦୁଆ ସ୍ଥାପନ କରିଛି। ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଓ ୧୦୦ରୁ ଅଧିକ ୟୁନିକର୍ନ ସୃଷ୍ଟିରେ ସହାୟକ ହୋଇପାରିଛି।


# Classified Everyday

0674-2580101, 9692975378



## REAL ESTATE

### SALE

**3BHK ready to move flat for sale at Sundarpada. Price-60 Lakhs. Contact-7606024182.** D-1861

**ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085.** D-1698

**ଭୁବନେଶ୍ୱର ଫୁଲନଖରାଛକ, ଉଉରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ୍, 2BHK/3BHK Flat/ Duplex ଅଛି। 8327785834.** D-1781

**Gharabari residential plot 2100sft. (60x35) 7KM from Phulanakhara, 12KM from Bhubaneswar middle of Cuttack & Bhubaneswar. No broker please, cost Rs. 25 lakhs including registration charges & compound wall. 7809525452.** D-76486




Newly open health benefits SPA by expert therapist. Contact-8280961126. D-76935

Newly open health benefits spa by experts therapist contact 8658088274. D-1866

## AFFIDAVIT

By virtue of an affidavit sworn before the Executive Magistrate, Tahasil, Chandbali Chandbali, Dist.-Bhadrak, Odisha dated-02.09.2025. I, Arjuna Das, S/o- Late Umakanta Das, Vill.- Hengupati, P.O.- Hengupati, Via-Pirhat, P.S.- Chandbali, Dist.- Bhadrak, Odisha, PIN- 756131 declare that I have changed the name of my son from Ishtanrnna Das to Eastern Das. Henceforth he shall be known as Eastern Das for all purposes.
Arjuna Das
D-1863

By virtue of an affidavit sworn before Executive Magistrate, Rairakhol, dt 03.09.2025, I, Bana Bagh, S/o- Pakala Bagh, R/o.Vill- Palasamal, P.O.- Badmal, P.S.- Charmal, Dist.- Sambalpur declare that I have changed my name from Ban Bagh to Bana Bagh. Henceforth, I shall be known as Bana Bagh for all purposes.
Bana Bagh
D- 1853

By virtue of an affidavit sworn before Executive Magistrate, Rairakhol, dt 03.09.2025, I, Nabina Bagh, W/o- Bana Bagh, R/o.Vill-Palasamal, P.O.- Badmal, P.S.- Charmal, Dist.- Sambalpur declare that I have changed my name from Nabina Bagha to Nabina Bagh. Henceforth, I shall be known as Nabina Bagh for all purposes.
Nabina Bagh
D-1852

By affidavit No.- CF No.- 15/ 30.08.2025, I, Smt. Sasmita Pattnaik, W/o- Sri Basanta Kumar Mahapatra, 44/5, MIG-2, Phase-1, HB Colony, CSpur, BBSR declare that after necessary correction in the Birth Certificate of my daughter Shreya Mahapatra my name appears as Sasmita Pattnaik instead of Sasmita Mahapatra, this is for all future purposes.
D-1862

By virtue of an affidavit sworn before Executive Magistrate, Niali, dated-02.09.2025, I, Priyabrata Pradhan, Village.-Mahangapada, P.O.-Anlo, P.S.- Niali, Dist.- Cuttack declare that I have changed my name from Priyabrat Pradhan to Priyabrata Pradhan. Henceforth, I shall be known as Priyabrata Pradhan for all purposes.
Priyabrata Pradhan
D-1856

ଧରିତ୍ରୀ DHARITRI

### Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦରେ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପଇଠ କରନ୍ତୁ।

BHIM | UPI

ଦେୟ ପଇଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



## LEGAL NOTICE

IN THE COURT OF CIVIL COURT (JD), BALANGIR
CS NO.- 2 OF 2021
Anirudha Kanher ....Plaintiff
Vs.
Motiram Kanher and others .....Defendants

NOTICE
UNDER ORDER 5 RULE 20 (1) OF CPC

To, 14. Chintamani Kanher, about 30 years, S/o- Late Gadro Kanher, 15. Seema Jagdala @ Kanher, aged about 32 years, W/o- Abhi Jagdala & D/o- Late Gadro Kanher, Vill- Lankabahal, P.O.- Dharmasala, P.S./CJS- BM Pur, Dist.- Subarnapur, 16. Ruby Bharasagar @ Kanher, aged about 30 years, W/o- Sukadev Bharasagar and D/o- Late Gadro Kanher, Vill/ P.O.- Kaintara, P.S./CJS- Binka, Dist.- Subarnapur, 17. Dusmanta Kanher, aged abut 25 years, S/o- Late Gadro Kanher.
SL No.- 14 & 17 are R/o- Vill/P.O./P.S./CJS and Dist.- Subarnapur.

Take Notice that the plaintiff Anirudha Kanher has filed a Civil proceeding against you. You are hereby noticed to appear before the Court in person or by a pleader duly well instructed and able to answer all materials relating to this proceeding on 23.09.25 and in default of your appearance on the day as mentioned, the Civil proceeding will be heard and determined in your absence.

Given under my hand and the seal of Court, this 1st day of Aug. 2025.
By order
Court of Civil Judge (JD), Balangir
D-1864

IN THE COURT OF THE ADDL. COMMISSIONER, CONSOLIDATION AND SETTLEMENT, ODISHA, NAYAGARH.
Notice Under Order-5 Rule- 20 of the code of Civil Procedure
Notice by paper publication
In the matter of:
Revision Petition Case No.- 111/2025
1). Bhagabata Pala, 2). Trinath Pala, 3). Chhatia Pala, All are S/o- Late-Khali Pala, of Vill/At-Durgaprasad, P.O./P.S./ District- Nayagarh.
.....Petitioners
Vrs
1). Sada Pradhan, 2). Ramesh Pradhan, both are S/o- Late- Uchhab Pradhan, of Vill/At-Durgaprasad, P.O./P.S./ District- Nayagarh.
.......Opp. Parties

You are above named Opp. Parties take notice that the petitioners have filed above RP case No.- 111/2025, against you.

Though notice sent to you in the above given address, but you did not receive the same and you did not appear, therefore you are hereby directed through this general publication to appear, before this Hon'ble Court in person or through counsel on 09.09.2025 at 10a.m. take notice that in default of your appearance the above RP Cases will be heard and decided.

Give under my signature and seal on the Court of 2nd day of sept, 2025.
Byorderofthe Court of Addl.Commissioner Consolidation & Settlement, Nayagarh.
Sd./- Addl. Commissioner Consolidation & settlement Nayagarh
D-1865



# ମନେ ପଡ଼ନ୍ତି

## ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ଛଅବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ରାନୁ (ପତ୍ନୀ), ମିଟୁ,ଗଣ୍ଟୁ (ପୁତ୍ରୀ), ମାମୁନି (ଝିଅ), ପବନ (ଜ୍ୱାଇଁ), ବବ୍‌ଲୁ (ନାତି), ଜୁକୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୧୮୫୯

## ଏକାଦଶାହ ଉପଲକ୍ଷେ



ସ୍ୱ ବିଶ୍ୱରଞ୍ଜନ ପାତ୍ର
ଗଡ଼ଚାରିପଡ଼ା, ବନମାଳିପୁର, (ଖୋର୍ଦ୍ଧା)
ତିରୋଧାନ: ୨୬।୦୮।୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ: ଜଗନ୍ନାଥ ସାହୁ, ଦିଲ୍ଲୀପ କୁମାର ଜେନା, ପ୍ରଦିପ୍ତ ଜେନାମଣି, ମୋହନ ଚରଣ ମୁଖୀ, ପ୍ରଫୁଲ୍ଲ ପରିଡ଼ା, ସତ୍ୟ ସୁନ୍ଦର ନାୟକ, ସରୋଜ କୁମାର ସୁନ୍ଦରାୟ
ଧ-୭୬୪୮

## ଶ୍ରଦ୍ଧାଞ୍ଜଳି



ସ୍ୱଡା. ପଟ୍ଟନାଳା ସୁଭାଶିଷ ରାଓ
(ପ୍ର. ସ୍ୱର୍ଗତ ଡା. ପଟ୍ଟନାଳା ତେଜଶ୍ୱର ରାଓଙ୍କ ପୁତ୍ର)
ଆବିର୍ଭାବ: ୧୦।୧୦।୧୯୭୧
ତିରୋଧାନ: ୩୦।୦୮।୨୦୨୫
କଟକ ସ୍ଥାୟୀ, ପ୍ରସିଦ୍ଧ ଅର୍ଥୋପେଡିସିଅନ ଡାକ୍ତର, ତାଙ୍କର ଅକାଳ ଦେହାବସାନ ଆମକୁ ଅତ୍ୟନ୍ତ ଶୋକାକୁଳ କରିଛି।
ତାଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: କନ୍ୟା: ପଟ୍ଟନାଳା ଓ୍ୱେଦିକା ରାଓ ଓ ପରିବାରବର୍ଗ
ଧ-୧୮୫୪

## ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନିରଞ୍ଜନ ରାୟ
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ : ୦୪.୦୯.୨୦୧୭ (ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣି, ବନ୍ଧୁ ଓ ପରିବାରବର୍ଗ
ଧ-୧୮୫୮


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାନୋଇଂ କୁଇନ୍ ରଶ୍ମିତା

**ଓଡ଼ିଶାର ନୂଆ କାନୋଇଂ କୁଇନ୍ ଭାବେ ଉଭା ହୋଇଛନ୍ତି ରଶ୍ମିତା ସାହୁ। ଦୁଇଟି ସଡ଼କ ଦୁର୍ଘଟଣା ତାଙ୍କ ଜୀବନକୁ ଦୁର୍ବିଷହ କରି ଦେଇଥିବାବେଳେ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଦେଖାଇଛି ନୂଆ ଦିଗ। ଏଥିରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ସେ ଭାରତୀୟ କ୍ରୀଡ଼ା ଜଗତରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି...**



ଜୀବନ ଓ ଜୀବିକା ପାଇଁ ଏକଦା ସଂଘର୍ଷ କରୁଥିବା ଓଡ଼ିଶାର ରଶ୍ମିତା ସାହୁ ଏବେ କ୍ରୀଡ଼ା ଜଗତରେ ଜଣେ ଚର୍ଚ୍ଚିତ ଚେହେରା। ଦୁଇଟି ସଡ଼କ ଦୁର୍ଘଟଣା ଓଡ଼ିଶାର ରଶ୍ମିତା ସାହୁଙ୍କ ଜୀବନକୁ ଦୁର୍ବିସହ କରି ଦେଇଥିଲା। କିନ୍ତୁ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ୨ଟି ସ୍ୱର୍ଣ୍ଣ ପଦକ ବିଜୟ ତାଙ୍କ ଜୀବନର ଗତିପଥକୁ ଭିନ୍ନ ମୋଡ଼ ଦେଇଛି। ମହିଳା ସିଙ୍ଗଲ୍ସ ୨୦୦ ମିଟର କାନୋଇଂ ଓ ଡବଲ୍ସ ୫୦୦ ମିଟରରେ ସ୍ୱର୍ଣ୍ଣିମ ସଫଳତା ପାଇଥିବା ଏହି କାନୋଇଂ ପ୍ରତିଭା ଏବେ ଆଗକୁ ବଢ଼ିବା ସ୍ୱପ୍ନରେ ବିଭୋର। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କ ପାଇଁ କୌଣସି ଦୁର୍ଘଟଣା ନ ଥିଲା। ଏହା ଥିଲା ବର୍ଷ ବର୍ଷ ଧରି ସେ କରିଥିବା ପରିଶ୍ରମର ଫଳ। ଶ୍ରୀନଗରର ଆଇକନିକ ଡାଲ ହ୍ରଦରେ ଅନୁଷ୍ଠିତ ସିଙ୍ଗଲ୍ସ ୨୦୦ ମିଟର ରେସ୍‌କୁ ୫୩.୫୩ ସେକେଣ୍ଡରେ ଶେଷ କରି ୨୩ ବର୍ଷୀୟା ରଶ୍ମିତା ପୋଡିୟମରେ ଶୀର୍ଷ ସ୍ଥାନ ମଣ୍ଡନ କରିଥିଲେ। ଏହା ତାଙ୍କ ମନୋବଳକୁ ଦୃଢ଼ କରିଥିଲା। ଫଳରେ ସେ ଡବଲ୍ସ ୫୦୦ ମିଟରରେ ମଧ୍ୟ ପାର୍ଟନରଙ୍କ ସହ ପ୍ରଥମ ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଥିଲେ। ଏଥିପାଇଁ ସେ କେବଳ ଓଡ଼ିଶାର ନୁହେଁ ଭାରତର ସୁନାଝିଅ ପାଲଟି ଯାଇଛନ୍ତି। ଫଳସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ତାଙ୍କ ସହ କଥା ହୋଇ ମନୋବଳ ବଢ଼ାଇଛନ୍ତି।

ରଶ୍ମିତାଙ୍କ ଘର କଟକ ଜିଲାର ଚୌଦ୍ୱାରରେ। ମତ୍ସ୍ୟଜୀବୀ ସମ୍ପ୍ରଦାୟ ବିଶିଷ୍ଟ ପରିବାରରେ ତାଙ୍କର ଜନ୍ମ। ତାଙ୍କୁ ଯେତେବେଳେ ୯ ବର୍ଷ ହୋଇଥିଲା ପେସାରେ ମତ୍ସ୍ୟଜୀବୀ ଥିବା ତାଙ୍କ ବାପା ୨୦୧୧ରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଏଥିଯୋଗୁ ସେମାନଙ୍କର ୫ ସଦସ୍ୟ ବିଶିଷ୍ଟ ପରିବାର ଜୀବିକା ହରାଇଥିଲା। ଏହାର ୪ ବର୍ଷ ପରେ ଅର୍ଥାତ୍ ୨୦୧୫ରେ ରଶ୍ମିତାଙ୍କ ମା' ମଧ୍ୟ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ହେଲେ ରଶ୍ମିତାଙ୍କ ବାପାଙ୍କ ଭଳି ତାଙ୍କ ମା' ଦୁର୍ଘଟଣାଜନିତ ଆହତ ସମସ୍ୟା ସହ ସଂଗ୍ରାମ କରିପାରି ନ ଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ରଶ୍ମିତାଙ୍କ ମନୋବଳ ଭାଙ୍ଗି ଦେଇଥିଲା ଏବଂ ତାଙ୍କ ପରିବାର ଛିନ୍ନଭିନ୍ନ ହୋଇଯାଇଥିଲା। ଏଭଳି ଦୁଃଖଦ ଅତୀତରୁ ତାଙ୍କୁ ବାହାରକୁ ଆସିବା ପାଇଁ ସମୟ ଲାଗିଥିଲା। ହେଲେ ମହାନଦୀରେ ନିୟମିତ ସନ୍ତରଣ କରୁଥିବା ତାଙ୍କର ଜଣେ ବନ୍ଧୁ ରଶ୍ମିତାଙ୍କୁ କଟକର ଜଗତପୁରସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଏ)ରେ ନାମ ଲେଖାଇବାକୁ ଏବଂ କାନୋଇଂ, କାୟାକିଂ ଓ ରୋଇଂରେ ଟ୍ରେନିଂ ନେବାକୁ ପରାମର୍ଶ ଦେଇଥିଲେ। ଯାହାଫଳରେ ତାଙ୍କୁ ଷ୍ଟାଇପେଣ୍ଡ ମିଳିପାରିବ। ଟ୍ରେନିଂ ବେଳେ ସେ ୱାଟର ସ୍ପୋର୍ଟ୍ସକୁ ଗୁରୁତର ସହ ନେଇଥିଲେ। ଏହାପରେ ସେ ପଛକୁ ଫେରି ଚାହିଁ ନ ଥିଲେ। ଏ ସମ୍ପର୍କରେ ରଶ୍ମିତା ପ୍ରକାଶ କରିଛନ୍ତି ଯେ, ଆମ ପାଖରେ ଟଙ୍କାର ଅଭାବ ଥିଲା। ଏଣୁ ନିଷ୍ପତ୍ତି ନେବା ପୂର୍ବରୁ କୌଣସି ଦ୍ୱିତୀୟ ବିକଳ୍ପ କଥା ଚିନ୍ତା କରି ନ ଥିଲି। ମୁଁ ଏନ୍‌ସିଏରେ କାନୋଇଂରେ ଟ୍ରାଏଲ ଦେଇଥିଲି ଏବଂ ମୋତେ ଚୟନ କରାଯାଇଥିଲା।

ଉତ୍ତରାଖଣ୍ଡରେ ଅନୁଷ୍ଠିତ ଅନ୍ତିମ ନ୍ୟାଶନାଲ ଗେମ୍ସରେ ସେ କାନୋଇଂ ଡବଲ୍ସ ଓମେନ୍ସରେ ରୌପ୍ୟ ଓ କାନୋଇଂ ସିଙ୍ଗଲରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏଥିପୂର୍ବରୁ ଭୋପାଳରେ ଅନୁଷ୍ଠିତ କାନୋଇଂ ସିଙ୍ଗଲ ମହିଳା ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ରଶ୍ମିତା ଓଡ଼ିଶା ପୋଲିସରେ ଚାକିରି ପାଇବାକୁ ଯୋଗ୍ୟ ହୋଇଥିଲେ। ୨୦୨୪ଠାରୁ ସେ ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ନିଜର ୪ ଜଣିଆ ପରିବାରର ଯତ୍ନ ନେଉଛନ୍ତି। ନିଜ ସଂଘର୍ଷ ସମ୍ପର୍କରେ ସେ କହିଛନ୍ତି ଯେ, ଆମେ ଏକ କୁଡିଆ ଘରେ ରହୁଥିଲୁ ଏବଂ ମୋ ବାପା ମତ୍ସ୍ୟଜୀବୀ ହୋଇଥିବାରୁ ଅଧିକ ଆୟ କରିପାରି ନ ଥିଲେ। କିନ୍ତୁ ୱାଟର ସ୍ପୋର୍ଟ୍ସରେ ମୋ କ୍ୟାରିୟର ସବୁ କିଛି ବଦଳାଇ ଦେଇଛି। ବର୍ତ୍ତମାନ ଆମେ ଖୁସିରେ ଅଛୁ ଏବଂ ମୁଁ ମୋ ପରିବାର ପାଇଁ ଏକ ଘର ନିର୍ମାଣ କରିଛି।

ରଶ୍ମିତା ନିଜ ସଫଳତା ପାଇଁ ଓଡ଼ିଶା ୱାଟର ସ୍ପୋର୍ଟ୍ସ ଟିମ କୋଚ୍ ଲାଇଶ୍ରାମ ଜୋହାନସନ ସିଂଙ୍କୁ ଶ୍ରେୟ ଦେଇଛନ୍ତି। ମୁଁ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବା ଆରମ୍ଭ କଲା ବେଳେ ମୋ ପାଖରେ ଟ୍ରାଭେଲ ଓ ମୋ ଡାଏଟ୍ ଲାଗି ଟଙ୍କା ନ ଥିଲା। କୋଚ୍ ମୋ ପାଇଁ ଟଙ୍କା ଦେଉଥିଲେ। ଯାହା ଫଳରେ ମୁଁ ଟ୍ରାଭେଲ କରିପାରୁଥିଲି, ଭଲ ଖାଦ୍ୟ ଖାଇବାକୁ ପାଇଥିଲି। ଏଥିଯୋଗୁ ପ୍ରାୟ ଇଭେଣ୍ଟରେ ମୋ ପ୍ରଦର୍ଶନ ଭଲ ରହିଥିଲା ବୋଲି ରଶ୍ମିତା କହିଛନ୍ତି।

ରଶ୍ମିତା ଏବେ ୨୦୨୬ ଏସିଆନ୍ ଗେମ୍ସ ଲାଗି ପ୍ରସ୍ତୁତ ହେଉଛନ୍ତି। ଏସିଆ ମହାଦେଶର ଏହି ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ବର୍ଷ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନରେ ହେବ। ଏ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ଯେ, "ମୁଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଚାହେଁ ଏବଂ ଏହି ସ୍ୱପ୍ନକୁ ପୂରା କରିବା ପାଇଁ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ। ହୀରାକୁଦ ଡ୍ୟାମ୍‌ରୁ ପାଣି ଛଡ଼ା ହୋଇଥିବାରୁ ପ୍ରବଳ ସ୍ରୋତ ଥିବା ନଦୀରେ ମଧ୍ୟ ମୁଁ ଅଭ୍ୟାସ କରିଛି"। ଏତଦ୍ ବ୍ୟତୀତ ସେ କଶ୍ମୀର ସମ୍ପର୍କରେ କହିଛନ୍ତି, ସେଠାରେ ଆମେ ଖୁବ୍ ଉପଭୋଗ କରିଥିଲୁ। ହେଲେ ସେଠାକାର ଅଧିକ ଉଚ୍ଚତା ଭଳି ଚ୍ୟାଲେଞ୍ଜ ସହ ଆମକୁ ଆଡ୍‌ଜଷ୍ଟ କରିବାକୁ ପଡ଼ିଥିଲା। ଏହା ଛଡ଼ା ମୁଁ କଶ୍ମୀରର ସୌନ୍ଦର୍ଯ୍ୟର ଆନନ୍ଦ ନେଇଥିଲି। ରଶ୍ମିତାଙ୍କ ସମ୍ପର୍କରେ ତାଙ୍କ କୋଚ୍ ଲାଇଶ୍ରାମ ଜୋହାନସନ ସିଂ କହିଛନ୍ତି ଯେ, ମୁଁ ୨୦୨୦ଠାରୁ ନିୟମିତ ଭାବେ ତାଙ୍କୁ ପ୍ରଶିକ୍ଷଣ ଦେଉଛି। ଜୁନିୟର ସ୍ତରରୁ ସେ ମୋ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ସେ ୨୦୧୮ ସ୍ପେଶାଲ ଏରିଆ ଗେମ୍ସରେ ପ୍ରଥମେ ତାଙ୍କ ଛାପ ଛାଡ଼ିଥିଲେ। ସେ ଏବେ ଖୁବ୍ ଆଗକୁ ଯାଇଛନ୍ତି ଏବଂ ୨୦୨୬ ଏସିଆନ୍ ଗେମ୍ସରେ ମୁଁ ତାଙ୍କଠାରୁ ପଦକ ଆଶା ରଖିଛି।

**-ଅନାଦି କର**

## ଡିଫରେଣ୍ଟ

ବ୍ୟକ୍ତିଗତ ଫିଫ୍‌ଟି ମିଟର ରାଇଫଲ
ଚଳାଇ ଥ୍ରୀ ପୋଜିଶନ
ଶିମକେଣ୍ଟଠାରେ ଆମ ସିଫଟି କୌର
ଜିତିକି ଡବଲ ସ୍ୱର୍ଣ୍ଣ
ହେଲା ଭାରତରେ ଧନ୍ୟ
ଟିମ୍ ଇଭେଣ୍ଟରେ ଦେଶକୁ ଟାଇଟଲ
ପାଇଁ ଅଛି ଅବଦାନ।



ଜେରୁଜେଲମ ଆଥ୍‌ଲେଟିକ୍ସ ମିଟ୍‌ରେ
ଅଙ୍କିତା ଧ୍ୟାନୀକୁ ଅନା
ପାରୁଲ ଚୌଧାରୀ ଜାତୀୟ ରେକର୍ଡ
ଭାଙ୍ଗି ଜିତିଅଛି ସୁନା
ଆଜିର ଦିବ୍ୟାଙ୍ଗ ସୁନା
ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ
ଶୁଭ୍ରଜିତ ମହାରଣା।

ଚୋରା ସୁନା କାରବାର ମାମଲାରେ
କନ୍ନଡର ରାନ୍ୟା ବେଟି
ରାଜସ୍ୱ ଗୋଇନ୍ଦା ଫାଇନି କାଟିଛି
ଏକ ଶହ ଦୁଇ କୋଟି
ମୋବାଇଲ କରେ ମାଟି
ଫାଇନି କାହାକୁ କୋଟି କୋଟି ପଡେ
ରୋଜଗାର ଜିରୋ ଏଠି।

**-ସୁବାସ ଚନ୍ଦ୍ର ପ୍ରଧାନ**

# ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

(ଭାଗ-୨)

**ହକି ଜଗତର ଉଜ୍ଜ୍ୱଳ ତାରକାର ପ୍ରଥମ ଭାଗ ଆଲେଖ୍ୟରେ ହକିର ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ପ୍ରକାଶ ପାଇ ସାରିଛି। ଏହାର ଦ୍ୱିତୀୟ ଭାଗରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂହ କୁଲରଙ୍କ ଉପରେ ସ୍ୱତନ୍ତ୍ର ଉପସ୍ଥାପନା...**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକିର ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶ ପାଇ ସାରିଛି। ବର୍ତ୍ତମାନର ପ୍ରୟାଗରାଜ ତଥା ତତ୍‌କାଳୀନ ଆଲ୍ଲାହାବାଦରେ ଗୋଟିଏ ରାଜସ୍ଥାନୀ ରାଜପୁତ୍ ପରିବାରରେ ୧୯୦୫ ଅଗଷ୍ଟ ୨୯ ତାରିଖରେ ଜନ୍ମିତ ଧ୍ୟାନଚାନ୍ଦ ମାତ୍ର ୨୩ ବର୍ଷ ବୟସରେ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ହକି ଖେଳରେ। ଏହାପରେ ୧୯୩୨ର ଲସ୍ ଏଞ୍ଜେଲ୍ସ ଓ ୧୯୩୬ର ବର୍ଲିନ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ହକିଦଳ ସ୍ୱର୍ଣ୍ଣପଦକ ହାସଲ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ଏହି ୩ ଅଲିମ୍ପିକ୍ସରେ ଭାରତ ମୋଟ ୧୦୨ ଗୋଲ ଦେଇଥିବାବେଳେ ମାତ୍ର ୩ଟି ବରଣ କରିଥିଲା, ଯାହାକି ଏକ ବିରଳ ଉପଲବ୍ଧି। ଏହି ୧୦୨ ଗୋଲରୁ କେବଳ ଧ୍ୟାନଚାନ୍ଦ ଦେଇଥିଲେ ୩୭ଟି ଗୋଲ। ତାଙ୍କର ଅପୂର୍ବ ଷ୍ଟିକ୍ ଚାଳନା ଓ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ଗୋଲ୍ ଦେବାର ଶୈଳୀରେ ଅଭିଭୂତ ହୋଇ ଲୋକମାନେ ତାଙ୍କୁ ହକିର ଯାଦୁକର ଆଖ୍ୟା ଦେଇଥିଲେ।

## ଲେସ୍‌ଲି କ୍ଲଡିୟସ୍

ଲେସ୍‌ଲି କ୍ଲଡିୟସ୍‌ଙ୍କର ପୂରା ନାମ ଥିଲା ଲେସ୍‌ଲି ୱାଲଟର କ୍ଲଡିୟସ୍। ଅବିଭକ୍ତ ମଧ୍ୟପ୍ରଦେଶର ବିଳାସପୁର (ବର୍ତ୍ତମାନର ଛତିଶଗଡ଼)ଠାରେ ୧୯୨୭ ମାର୍ଚ୍ଚ ୨୫ରେ ଗୋଟିଏ ମଧ୍ୟବିତ୍ତ ଆଙ୍ଗ୍ଲୋ-ଭାରତୀୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ୱାଲ୍‌ଟର୍ ହର୍ବର୍ଟ କ୍ଲଡିୟସ୍ ଓ ମାତାଙ୍କ ନାମ ଥିଲା ଇରିନ୍ ମାବେଲ ଟ୍ରେସ୍। ସେ ପ୍ରଥମେ ଫୁଟବଲ ଖେଳ ପ୍ରତି ଆକୃଷ୍ଟ ଥିଲେ ଓ ଜଣେ ଭଲ ଫୁଟବଲ ଖେଳାଳି ମଧ୍ୟ ଥିଲେ। ସେ ସେତେବେଳର ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର୍) ଫୁଟବଲ ଦଳରେ ଖେଳିବାର ସୁଯୋଗ ପାଇଥିଲେ। କିନ୍ତୁ ତାଙ୍କ ଉପରେ ନଜର ପଡ଼ିଥିଲା ସେତେବେଳର ଜଣେ ଭଲ ହକି ଖେଳାଳି ଡିକି କାର୍‌ଙ୍କର, ଯିଏକି ୧୯୩୬ ବର୍ଲିନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଥିଲେ। ତାଙ୍କଠାରେ ହକି ଖେଳିବାର ଉପଯୁକ୍ତ ପ୍ରତିଭା ଥିବା ହୃଦୟଙ୍ଗମ କରି ସେ କ୍ଲଡିୟସ୍‌ଙ୍କୁ ବେଙ୍ଗଲ-ନାଗପୁର ରେଲୱେ ହକି ଦଳରେ ଯୋଗଦେବା ପାଇଁ ପ୍ରବର୍ତ୍ତାଇଲେ। କାର୍ ମଧ୍ୟ ଏହି ଟିମ୍ ସହ ସଂଶ୍ଳିଷ୍ଟ ଥିଲେ। ଏହିଠାରୁ ଆରମ୍ଭ ହେଲା ହକିରେ ତାଙ୍କର କ୍ୟାରିୟର। ତାଙ୍କର ଦଳ ବେଟନ୍ କପ ହକି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କଲା। ଏହିଠାରୁ ସେ ଆଉ ପଛକୁ ଫେରି ଚାହିନାହାନ୍ତି। ଜାତୀୟ ମନୋନୟନ କମିଟି ପ୍ରଥମେ ୧୯୪୮ ଲଣ୍ଡନ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ତାଙ୍କୁ ମନୋନୀତ କଲେ ଜଣେ ହାଫ୍‌ବ୍ୟାକ୍ ଭାବେ। ଏହା ପୂର୍ବରୁ ସେ କଲିକତା କଷ୍ଟମ୍‌ସରେ ଜଣେ ପ୍ରିଭେଣ୍ଟ୍ ଅଫିସର ଭାବେ ଯୋଗଦେଇଥିଲେ ଓ କଲିକତା କଷ୍ଟମସ୍ କ୍ଲବ ହକି ଦଳର ସଦସ୍ୟ ଥିଲେ। ତା'ପରେ ସେ କଲିକତା ପୋର୍ଟ କଷ୍ଟମସ୍ କମିଶନରେଟ୍ ତରଫରୁ ୧୯୪୮ରେ ଆଗା ଖାଁ କପ୍ ହକି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ।

ପ୍ରଥମ ଅଲିମ୍ପିକ ପଦାର୍ପଣରେ ହିଁ କ୍ଲଡିୟସ୍ ତାଙ୍କର କ୍ରୀଡ଼ା ନୈପୁଣ୍ୟ ଦେଖାଇଥିଲେ। ହାଫ୍‌ବ୍ୟାକ୍ ପୋଜିଶନ୍‌ରେ ସେ ଅଭେଦ୍ୟ ପ୍ରାଚୀର ଭଳି ଭାରତୀୟ ରକ୍ଷଣ ଭାଗ ସମ୍ଭାଳି ଥିଲେ। ଫାଇନାଲରେ ଗ୍ରେଟ୍‌ବ୍ରିଟେନ୍‌କୁ ଭାରତ ଏକତରଫା ଭାବେ ୪-୦ ଗୋଲରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କଲା। ଏହାପରେ ସେ ୧୯୫୨ରେ ହେଲ୍‌ସିଙ୍କି, ୧୯୫୬ର ମେଲ୍‌ବୋର୍ନ ଓ ୧୯୬୦ ରୋମ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତୀୟ ହକିଦଳର ସଦସ୍ୟ ହେବାର ଗୌରବ ହାସଲ କରିଥିଲେ। ଏହା ମଧ୍ୟରୁ ୧୯୪୮, ୧୯୫୨ ଓ ୧୯୫୬ରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଏବଂ ୧୯୬୦ ରୋମ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲା। ଏହି ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ନେତୃତ୍ୱ ନେଇଥିଲେ ଲେସ୍‌ଲି କ୍ଲଡିୟସ୍। ତେଣୁ ଅଲିମ୍ପିକ୍ କ୍ରୀଡ଼ାରେ କ୍ରମାଗତ ଭାବେ ୪ଟି ପଦକ ପାଇବାରେ ସେ ପ୍ରଥମ ଭାରତୀୟ ହକି ଖେଳାଳି। ତାଙ୍କ ସହିତ ଉଦ୍ଧାମ ସିଂ ମଧ୍ୟ ହକିରେ ଅଲିମ୍ପିକ କ୍ରୀଡ଼ାରେ ୪ଗୋଟି ପଦକ ହାସଲ କରିଛନ୍ତି ଅଦ୍ୟାବଧି। ସେ ୧୯୫୨ର ହେଲସିଙ୍କି, ୧୯୫୬ର ମେଲବୋର୍ନ ଓ ୧୯୬୪ର ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ୧୯୬୦ରେ ରୋମ୍‌ରେ ରୌପ୍ୟ ପଦକ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଥିଲେ। କ୍ଲଡିୟସ୍ ପ୍ରଥମଥର ପାଇଁ ୧୯୫୬ରେ ଭାରତୀୟ ଦଳର ଅଧିନାୟକତ୍ୱ ସମ୍ଭାଳିଥିଲେ ଓ ୧୯୬୦ ଅଲିମ୍ପିକ୍ସରେ ନେତୃତ୍ୱ ନେଇଥିଲେ। ଏହି ସମୟରେ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ ହକି ଯାଦୁକର ସ୍ୱର୍ଗତ ଧ୍ୟାନଚାନ୍ଦ। କ୍ଲଡିୟସ୍ ୧୯୭୮ର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ହକି ଦଳର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଭାରତ ଫାଇନାଲରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ସେ ମଧ୍ୟ ହେଉଛନ୍ତି ୧୦୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ପ୍ରଥମ ଭାରତୀୟ ହକି ଖେଳାଳି।




ଲେସ୍‌ଲି କ୍ଲଡିୟସ୍

ତାଙ୍କର ହକି ପ୍ରତି ଅବଦାନ ପାଇଁ ୧୯୭୧ ମସିହାରେ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରିଥିଲେ। ଉଦ୍ଧାମ ସିଂଙ୍କ ସହ ତାଙ୍କ ନାମ ୪ଟି ଅଲିମ୍ପିକ ପଦକ (ହକିରେ) ହାସଲ ପାଇଁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡସରେ ସ୍ଥାନିତ ହୋଇଛି। ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ ଆୟୋଜନ ସମୟରେ ଗୋଟିଏ 'ଅଲିମ୍ପିକ ଲିଜେଣ୍ଡସ୍ ମ୍ୟାପ୍' ଆୟୋଜକ କମିଟି ଦ୍ୱାରା କରାଯାଇଥିଲା। ବୁସେଟ୍ୟୁବ୍ ଷ୍ଟେଶନର ନାମ ତାଙ୍କ ନାମରେ ପୁନର୍ନାମିତ ହୋଇଥିଲା ଏବଂ ତାଙ୍କୁ ମିଶାଇ ହକିର ଛଅଜଣ ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଙ୍କୁ ଏହିପରି ସମ୍ମାନ ମିଳିଥିଲା। ଇଷ୍ଟବେଙ୍ଗଲ କ୍ଲବ ଦ୍ୱାରା ତାଙ୍କୁ ୨୦୧୧ରେ ଭାରତ ଗୌରବ ସମ୍ମାନ ଓ ୨୦୧୨ରେ ହକିକୁ ଆଜୀବନ ଅବଦାନ ପାଇଁ ବଙ୍ଗବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୨ ମସିହା ଡିସେମ୍ବର ୨୦ ତାରିଖରେ ଏହି ମହାନ୍ ଖେଳାଳି କଲିକତାଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## ଉଦ୍ଧାମ ସିଂହ କୁଲର

ଭାରତୀୟ ହକିର ଆଉ ଜଣେ ପ୍ରସିଦ୍ଧ ବ୍ୟକ୍ତିତ୍ୱ ହେଲେ ଉଦ୍ଧାମ ସିଂ କୁଲର। ୧୯୨୮ ଅଗଷ୍ଟ ୪ ହେଉଛି ତାଙ୍କର ଜନ୍ମ ଦିବସ। ପଞ୍ଜାବର ଜଳନ୍ଧର ସହରର କ୍ୟାଣ୍ଟନମେଣ୍ଟ ନିକଟରେ ଅବସ୍ଥିତ ସଂସାରପୁର ନାମକ ଛୋଟିଆ ଗାଁଟିଏ। ଏହା ହକିର 'ଅନ୍ତୁଡିଶାଳ' ନାମରେ ପରିଚିତ, କାରଣ ଅନେକ ସ୍ୱନାମଧନ୍ୟ ହକି ଖେଳାଳି ଏଇ ଗାଁରେ ଜନ୍ମଗ୍ରହଣ କରିଛନ୍ତି। ଏହି ଗାଁ ହେଉଛି ତାଙ୍କର ଜନ୍ମ ସ୍ଥାନ। ପିତାଙ୍କ ନାମ ତେହଲ ସିଂ ଓ ମାତାଙ୍କ ନାମ ନାରାଇନ କୌର। ଅତ୍ୟନ୍ତ ସାଧାରଣ ପରିବାରରେ ବଡ଼ ହୋଇଥିଲେ ଉଦ୍ଧାମ। ଭିକ୍ଟର ହାଇସ୍କୁଲ ଡିଏଭି କଲେଜ ଜଳନ୍ଧରରେ ଔପଚାରିକ ଶିକ୍ଷା ଲାଭ କରିଥିଲେ। ପାଠପଢ଼ିବା ବେଳୁ ଗାଁର ପରମ୍ପରା ରକ୍ଷାକରି ହକିଖେଳରେ ମନୋନିବେଶ କରିଥିଲେ। ଯଦିଓ ତାଙ୍କର ଉଚ୍ଚତା ମାତ୍ର ୫ ଫୁଟ ୬ ଇଞ୍ଚ ଓ ଓଜନ ୫୮ କିଗ୍ରା ଥିଲା ତଥାପି ତାଙ୍କ କ୍ରୀଡ଼ା ନୈପୁଣ୍ୟ ସମସ୍ତଙ୍କୁ ଅଭିଭୂତ କରୁଥିଲା। ୧୯୪୭ ମସିହାରେ ସେ ତାଙ୍କ କଲେଜ ହକି ଜଳନ୍ଧର ଦଳର ଅଧିନାୟକ ହେଲେ ଓ ତା'ପରେ ପଞ୍ଜାବ ପୋଲିସରେ ଭର୍ତ୍ତି ହେଲେ। ସେତେବେଳେ ପଞ୍ଜାବ ପୋଲିସ ହକି ଦଳ ସାରା ଭାରତରେ ପ୍ରସିଦ୍ଧି ଅର୍ଜନ କରିଥିଲା। ପଞ୍ଜାବ ପୋଲିସ ହକି ଦଳର ଅଧିନାୟକ ପଦ ସମ୍ଭାଳି ଥିଲେ ସେ। ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସେ ପ୍ରତିନିଧିତ୍ୱ କରି ପାରିଥାନ୍ତେ। କିନ୍ତୁ ଦୁର୍ଯୋଗକୁ ତାଙ୍କ ଆଙ୍ଗୁଠିର ହାଡ଼ ଭାଙ୍ଗିଯିବାରୁ ତାହା ସମ୍ଭବ ହୋଇ ପାରିଲାନି। ୧୯୪୯ରେ ଭାରତୀୟ ଦଳର ଆଫ୍‌ଗାନିସ୍ଥାନ ଗସ୍ତ କାଳରେ ସେ ଦଳରେ ସାମିଲ ହୋଇ ଭାରତ ବିଜୟରେ କର୍ଣ୍ଣଧାର ସାବ୍ୟସ୍ତ ହୋଇଥିଲେ। ତା'ପରେ ୧୯୫୨ ମସିହାର ହେଲ୍‌ସିଙ୍କି ଅଲିମ୍ପିକ୍ସ ପାଇଁ ମନୋନୀତ ଭାରତୀୟ ଦଳରେ ସେ ସାମିଲ ହେଲେ। କେ.ଡି. ସିଂ ବାବୁଙ୍କ ଅଧିନାୟକତ୍ୱରେ ଭାରତ ସ୍ୱର୍ଣ୍ଣପଦକ ହାସଲ କଲା। ତା'ପରେ ୧୯୫୪ରେ ସେ ପଞ୍ଜାବ ରାଜ୍ୟ ହକି ଦଳର ଅଧିନାୟକ ଭାବେ ମନୋନୀତ ହୋଇଥିଲେ। ୧୯୫୬ ମସିହାରେ ବଲ୍‌ବୀର ସିଂ ସିନିୟରଙ୍କ ଅଧିନାୟକତ୍ୱରେ ମେଲବୋର୍ନ ଅଲିମ୍ପିକ୍ସରେ ଭାରତୀୟ ଦଳରେ ସେ ସ୍ଥାନ ପାଇଥିଲେ। ଭାରତ ଏଠାରେ ମଧ୍ୟ ସ୍ୱର୍ଣ୍ଣପଦକ ହାସଲର ଧାରା ବଜାୟ ରଖିଲା। ଏହାପରେ ୧୯୬୦ ମସିହାରେ ରୋମ୍ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତୀୟ ଦଳର ସଦସ୍ୟ ଥିଲେ। ଦୁର୍ଭାଗ୍ୟଜନକ ଭାବେ ଭାରତ ପାକିସ୍ତାନଠାରୁ ୦-୧ ଗୋଲ୍‌ରେ ପରାଜୟ ବରଣ କରି ରୌପ୍ୟ ପଦକରେ ସନ୍ତୁଷ୍ଟ ହେଲା। ଫାଇନାଲର ୧୨ ମିନିଟ୍‌ରେ ପାକିସ୍ତାନର ନାସିର ଅହମ୍ମଦଙ୍କର ଫିଲ୍ଡ ଗୋଲକୁ ଶତ ଚେଷ୍ଟା କରି ମଧ୍ୟ ଭାରତୀୟ ଦଳ ଶୁଝାଇ ପାରି ନ ଥିଲେ। ଫଳରେ ଭାରତର ୧୯୨୮ ମସିହାରୁ ହକିରେ ଚାଲିଆସିଥିବା ଜୟଯାତ୍ରା ବ୍ୟାହତ ହୋଇଥିଲା। ଏହାକୁ ସେତେବେଳେ ଏକ ଜାତୀୟ ଦୁଃଖ ଭାବେ ବିବେଚନା କରାଯାଇଥିଲା। କିନ୍ତୁ ୧୯୬୪ର ଟୋକିଓ ଅଲିମ୍ପିକ୍ସରେ ଭାରତ ଏହି ପରାଜୟର ପ୍ରତିଶୋଧ ନେଇ ଫାଇନାଲରେ ସମାନ ୧-୦ ଗୋଲ୍‌ରେ ପାକିସ୍ତାନକୁ ପରାଜିତ କରି ସ୍ୱର୍ଣ୍ଣପଦକ ହାସଲ କଲା। ଖେଳର ଦ୍ୱିତୀୟାର୍ଦ୍ଧରେ ପାକିସ୍ତାନର ମୁନିର ଅହମ୍ମଦ ଦାର ତାଙ୍କ ଗୋଡ଼ରେ ବଲ୍‌କୁ ଅଟକାଇବାରୁ ଭାରତକୁ ପେନାଲ୍‌ଟି ସୁଟ୍ ମିଳିଥିଲା ଓ ମହିନ୍ଦର ଲାଲ ଏହାକୁ ଗୋଲ୍‌ରେ ପରିଣତ କରିବାରେ କୌଣସି ତ୍ରୁଟି କରି ନ ଥିଲେ।

ଉଦ୍ଧାମ ସିଂ ମଧ୍ୟ ଏହି ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ସେ ଯଦିଓ ହାଫ୍‌ବ୍ୟାକ୍ ଥିଲେ ତଥାପି ଲେଫ୍ଟ ଇନ୍‌ସାଇଡ୍, ରାଇଟ ଇନ୍‌ସାଇଡ୍, ସେଣ୍ଟର ଫରୱାର୍ଡ ଓ ସେଣ୍ଟର ହାଫ୍ ପୋଜିଶନରେ ଖେଳିବାର ଦକ୍ଷତା ରଖିଥିଲେ, ଯାହା କ୍ୱଚିତ୍ ଖେଳାଳିଙ୍କ ନିକଟରେ ଦେଖିବାକୁ ମିଳିଥାଏ। ଏହି କାରଣରୁ ସେ ୧୯୫୫ରେ ପୋଲାଣ୍ଡ ଓ ୧୯୫୯ରେ ପୂର୍ବ ଆଫ୍ରିକା ଗସ୍ତରେ ଯାଇଥିବା ଭାରତୀୟ ହକି ଦଳର ଅଧିନାୟକ ହୋଇଥିଲେ। ସେ ୧୪ଟି ଅଲିମ୍ପିକ୍ ମ୍ୟାଚ୍‌ରେ ମୋଟ ୧୪ ଗୋଟି ଗୋଲ ଦେଇଥିଲେ। ଉଲ୍ଲେଖନୀୟ ଏହି ଯେ କ୍ରମାଗତ ୪ଗୋଟି ଅଲିମ୍ପିକ ପଦକ ଜିଣିବାରେ ସଫଳ ଦୁଇ ଭାରତୀୟ ହକି ଖେଳାଳିଙ୍କ ମଧ୍ୟରେ ସେ ଥିଲେ ଜଣେ। ଅନ୍ୟଜଣକ ହେଉଛନ୍ତି ଲେସ୍‌ଲି କ୍ଲଡିୟସ୍, ଯାହାକି ଆଗରୁ ଆଲୋଚନା କରିଛେ। ୧୯୫୮ ଟୋକିଓ ଏସୀୟ କ୍ରୀଡ଼ାର ରୌପ୍ୟପଦକ ବିଜେତା ଭାରତୀୟ ଦଳର ମଧ୍ୟ ସେ ସଦସ୍ୟ ଥିଲେ। ସେ ମଧ୍ୟ ୧୯୬୬ ମସିହାରୁ ଭାରତୀୟ ହକିଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ହକି ଦଳ ୧୯୬୮ ମେକ୍ସିକୋ ସିଟି ଅଲିମ୍ପିକରେ ବ୍ରୋଞ୍ଜ ପଦକ ଓ ୧୯୭୦ ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିଲା। ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍‌ର କାଂସ୍ୟ ପଦକ ବିଜୟୀ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ। ୧୯୬୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଖେଳରୁ ଅବ୍ୟାହତି ନେବା ପରେ ସେ ସୀମା ସୁରକ୍ଷା ବଳରେ ଯୋଗ ଦେଇଥିଲେ ଏବଂ ତା'ପରେ ନିଜ ଗାଁ ସଂସାରପୁରରେ ଯୁବକମାନଙ୍କୁ ହକି ପ୍ରଶିକ୍ଷଣ ଦେବାରେ ବ୍ୟାପୃତ ଥିଲେ।



ଉଦ୍ଧାମ ସିଂହ କୁଲର (ବାମ)

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୫/୨୦୨୫ Bhubaneswar, Friday, September 5/ 2025


# ସେମିଫାଇନାଲରେ ୟୁକି ଭାମ୍ବ୍ରି

**ନ୍ୟୁୟର୍କ, ୪।୯ (ପି.ଟି.)**

ଭାରତର ୟୁକି ଭାମ୍ବ୍ରି ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଟେନିସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନ୍ୟୁଜିଲାଣ୍ଡର ମାଇକେଲ ଭେନସ୍‌ଙ୍କୁ ସାଥୀକରି ସେ ପୁରୁଷ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ଭାରତ-ନ୍ୟୁଜିଲାଣ୍ଡ ଯୋଡ଼ି କ୍ୱାର୍ଟର ଫାଇନାଲରେ ୧୧ଶ ସିଡ୍ ନିକୋଲା ମେକ୍‌ଟିକ୍ ଓ ରାଜୀ ରାମଙ୍କୁ

**ୟୁଏସ୍ ଓପନ ପୁରୁଷ ଡବଲ୍ସ**

୬-୩, ୬-୭ (୮), ୬-୩ ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପୂର୍ବରୁ ଭାମ୍ବ୍ରି-ଭେନସ୍ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ୪ର୍ଥ ସିଂଡ୍ କେଭିନ କ୍ରାୱିଜ ଓ ଟଇମ୍ ପୁଏଜ୍‌ଙ୍କୁ ପରାସ୍ତ କରିଥିଲେ। ଦୀର୍ଘଦିନଧରି ଆହତ ସମସ୍ୟାରେ ରହିବା ଏବଂ ସିଙ୍ଗଲ୍ସରୁ ଡବଲ୍ସକୁ ଆପଣେଇବା ପରେ ୩୩ ବର୍ଷୀୟ ଭାମ୍ବ୍ରିଙ୍କୁ ସଫଳତା ମିଳିବାରେ ଲାଗିଛି। ପୂର୍ବତନ ବିଶ୍ୱ ଜୁନିୟର


ମ୍ୟାଚ୍ ଜିତିବା ପରେ ୟୁକି ଭାମ୍ବ୍ରି।

ନଂ.-୧ ତଥା ୨୦୦୯ ଅଷ୍ଟ୍ରେଲିଆନ ଓପନ ବାଳକ ଚାମ୍ପିୟନ ଭାମ୍ବ୍ରି ଏଠାରେ ସିନିୟର ଗ୍ରାଣ୍ଡସ୍ଲାମରେ କ୍ୟାରିୟରର ଶ୍ରେଷ୍ଠ ଫଳାଫଳ ପାଇବା ନିଶ୍ଚିତ କରିଛନ୍ତି। ''ଏପରି ଏକ ଚ୍ୟାଲେଞ୍ଜିଂ ମ୍ୟାଚ୍‌ରୁ ଭଲ ଫଳାଫଳ ପାଇଥିବାରୁ ଖୁବ୍ ଖୁସି ଲାଗୁଛି। ଆମ ପ୍ରତିପକ୍ଷଙ୍କ ନିକଟରେ ପ୍ରଚୁର ଅଭିଜ୍ଞତା ଥିଲା। ଏକାଧିକ ଥର ସେମାନେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇ ସାରିଛନ୍ତି। ସେମାନେ ଆମପାଇଁ କଷ୍ଟକର ସ୍ଥିତି ଉପୁଜାଇ ଥିଲେ। ସେମାନଙ୍କ ବିପକ୍ଷରେ ଲଢ଼େଇ କରି ସଫଳ ହୋଇଥିବାରୁ ଆମେ ନିଜକୁ ପରୀକ୍ଷା କରିପାରିଛୁ'' ବୋଲି ଭାମ୍ବ୍ରି ପ୍ରକାଶ କରିଛନ୍ତି। ଅତୀତରେ ଭାରତର ଲିଆଣ୍ଡର ପେସ୍, ମହେଶ ଭୂପତି, ରୋହନ ବୋପାନ୍ନା ପୁରୁଷ ଡବଲ୍ସରେ ଆଧିପତ୍ୟ ବିସ୍ତାର କରିଥିଲେ। ଏବେ ଭାମ୍ବ୍ରି ସେ ପଥର ଯାତ୍ରୀ ହୋଇଛନ୍ତି। ସେମିଫାଇନାଲରେ ଭାରତ-ନ୍ୟୁଜିଲାଣ୍ଡ ଯୋଡ଼ି ୬ଷ୍ଠ ସିଡ୍ ବ୍ରିଟେନର ଜୋ ସାଲିସବୁରୀ ଓ ନେଲ ସ୍କୁପସ୍କିଙ୍କୁ ଭେଟିବେ।

# ଅମିତ ମିଶ୍ରାଙ୍କ ଅବସର

**ନୂଆଦିଲ୍ଲୀ,୪।୯(ପି.ଟି.)**

୪୨ ବର୍ଷୀୟ ଭେଟେରାନ ଭାରତୀୟ କ୍ରିକେଟର ଅମିତ୍ ମିଶ୍ରା ଗୁରୁବାର ପେସାଦାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ତାଙ୍କର ୨୫ ବର୍ଷ ଲମ୍ବା କ୍ୟାରିୟରର ଅନ୍ତ ଘଟିଛି। ଏହି ଲେଗ୍ ସ୍ପିନର ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ୨୨ ଟେଷ୍ଟ, ୩୬ ଦିନିକିଆ ଓ ୧୦ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୭୬, ୬୪ ଓ ୧୬ ଉଇକେଟ ନେଇଥିଲେ।

ଏହି ୨୫ ବର୍ଷର ଜୀବନ କ୍ରିକେଟରେ ସ୍ମରଣୀୟଠାରୁ କିଛି କମ୍ ନ ଥିଲା। ମୁଁ ବିସିସିଆଇ, ଏହାର ପ୍ରଶାସନ, ହରିୟାଣା କ୍ରିକେଟ୍ ଆସୋସିଏଶନ, ସପୋର୍ଟ ଷ୍ଟାଫ, ମୋ ସାଥୀ ଖେଳାଳି ଓ ମୋ ପରିବାର ସଦସ୍ୟଙ୍କ ନିକଟରେ ମୁଁ କୃତଜ୍ଞ। ମୁଁ ଯେତେବେଳେ ଓ ଯେଉଁଠାରେ ଖେଳିଲା ବେଳେ ପ୍ରଶଂସକମାନେ ଦେଇଥିବା ଭଲପାଇବା ଓ ସମର୍ଥନ ମୋ ଯାତ୍ରାକୁ ସ୍ମରଣୀୟ କରିଥିଲା। କ୍ରିକେଟ ମୋତେ ଅଗଣିତ ସ୍ମୃତି ଓ ଅନେକ ମୂଲ୍ୟବାନ ଶିକ୍ଷା ଦେଇଛି, ଯାହାକୁ ସାରା ଜୀବନ ସାଇତି ରଖିବି ବୋଲି ମିଶ୍ରା



କହିଛନ୍ତି। ୨୦୦୩ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ମିଶ୍ରା ୨୦୦୮ ଅଷ୍ଟ୍ରେଲିଆ ବିପକ୍ଷ ମୋହାଲି ଟେଷ୍ଟରେ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ରେ ସେ ୫ ଉଇକେଟ ସଫଳତା ପାଇଥିଲେ। ସେ ୨୦୧୪ ଟି୨୦ ବିଶ୍ୱକପ୍‌ରେ ମଧ୍ୟ ଖେଳିଥିଲେ। ଏହି ସଂସ୍କରଣରେ ଭାରତ ରନରଅପ୍ ହୋଇଥିଲା। ସେ ୨୦୧୭ରେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ଆଇପିଏଲ୍‌ରେ ୧୬୨ ମ୍ୟାଚ୍‌ରେ ୧୭୪ ଉଇକେଟ୍ ନେଇଥିଲେ। ତାଙ୍କ ନାମରେ ଆଇପିଏଲ୍‌ରେ ସର୍ବାଧିକ ୩ ଥର ହ୍ୟାଟ୍ରିକ ନେବାର ରେକର୍ଡ ରହିଛି।

## ଇଏଫ୍‌ଆଇକୁ କୋର୍ଟକୁ ଟାଣିଲେ ହର୍ସ ରାଇଡର

**ନୂଆଦିଲ୍ଲୀ,୪।୯(ପି.ଟି.):** ଆଗାମୀ ୟୁଥ ଏସିଆନ୍ ଗେମ୍ସ ଲାଗି ଇକ୍ୱେଷ୍ଟ୍ରିଆନ ଫେଡେରେଶନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ) ପକ୍ଷରୁ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଏହି ଦଳରୁ ବାଦ୍ ପଡ଼ିବାକୁ ନେଇ ଭାସ୍ୱି ଖଇତାନ ନାମକ ଜଣେ ରାଇଡର ଇଏଫ୍‌ଆଇକୁ କୋର୍ଟକୁ ଟାଣିଛନ୍ତି। ଦିଲ୍ଲୀ ହାଇକୋର୍ଟ ୟୁଥ୍ ଏସିଆନ୍ ଗେମ୍ସ ଲାଗି ସିଲେକ୍ସନ କ୍ରାଇଟେରିଆ ସମ୍ପର୍କିତ ସବିଶେଷ ତଥ୍ୟ ଇଏଫ୍‌ଆଇକୁ ଆଗାମୀ ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁଥ ଏସିଆନ୍ ଗେମ୍ସ ଆସନ୍ତା ଅକ୍ଟୋବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ବାହାରିନର ମାନାମାଠାରେ ହେବ। ହର୍ସ ରାଇଡର ଖଇତାନ ତାଙ୍କ ବାପା ବେଦାନ୍ତ ଖଇତାନଙ୍କ ଜରିଆରେ କୋର୍ଟରେ ରିଟ୍ ପିଟିଶନ ଦାଏର କରିଛନ୍ତି। ଏହି ଆବେଦନରେ ସେ ଇଏଫ୍‌ଆଇ ଦ୍ୱାରା ଘୋଷିତ ଖେଳାଳିଙ୍କ ତାଲିକାରୁ ଖଇତାନଙ୍କ ବାଦ୍ ପଡ଼ିବାକୁ ଚ୍ୟାଲେଞ୍ଜ କରିଥିଲେ।

# ସେମିରେ ସିନର, ଓସାକା: ସ୍ୱିଟେକ ଆଉଟ୍

**ନ୍ୟୁୟର୍କ,୪।୯**

ୱାର୍ଲ୍ଡ ନଂ.-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦୁଇ ଥରର ଚାମ୍ପିୟନ ନାଓମି ଓସାକା ଟେନିସ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ ତଥା ୬ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଇଗା ସ୍ୱିଟେକ ପରାଜୟ ସହ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି।

ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସିନର ୬-୧, ୬-୪, ୬-୨ ସେଟ୍‌ରେ ଦଶମ ସିଡ୍ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ହରାଇଛନ୍ତି। ସେ ସେମିଫାଇନାଲରେ ଫେଲିକ୍ସ ଅଗର-ଆଲିଆସିମେଙ୍କୁ ଭେଟିବେ। ୨୫ତମ ସିଡ୍ କାନାଡାର ଆଲିଆସିମେ ନିଜ କ୍ୱାର୍ଟର ଫାଇନାଲ ମୁକାବିଲାରେ ୪-୬, ୭-୬ (୯/୭), ୭-୫, ୭-୬(୭/୪) ସେଟ୍‌ରେ ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ୨୩ତମ ସିଡ୍ ତଥା ୨୦୧୮ ଓ ୨୦୨୦ ସଂସ୍କରଣର ଚାମ୍ପିୟନ


ଜାନିକ ସିନର

ଓସାକା ୬-୪, ୭-୬ (୭/୩) ସେଟ୍‌ରେ ୧୧ତମ ସିଡ୍ କାରୋଲିନା ମୁଚୋଭାଙ୍କୁ ହରାଇଛନ୍ତି। ଓସାକା ମାତୃତ୍ୱ ଲାଭ କରିବା ପରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ସେମିଫାଇନାଲରେ ୱିମ୍ବଲଡନ ଫାଇନାଲିଷ୍ଟ ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭାଙ୍କୁ ଭେଟିବେ। ଆନିସିମୋଭା ୬-୪, ୬-୩ ସେଟ୍‌ରେ ସ୍ୱିଟେକଙ୍କୁ ପରାସ୍ତ କରିଛନ୍ତି।

## ଡୋପ୍ ଟେଷ୍ଟିଂରେ ଆସିବ ସଠିକତା

**ନୂଆଦିଲ୍ଲୀ,୪।୯(ପି.ଟି.):** ପ୍ରତିବନ୍ଧିତ ଆନାବୋଲିକ୍ ଷ୍ଟେରଏଡ୍‌କୁ ଅଧିକ ସଠିକତାର ସହିତ ଚିହ୍ନଟ କରିବା ପାଇଁ ଜାତୀୟ ଡୋପ ଟେଷ୍ଟିଂ ଲାବୋରେଟୋରୀ (ଏନ୍‌ଡିଟିଏଲ୍) ପକ୍ଷରୁ ଏକ ଦୀର୍ଘକାଳୀନ ମେଟାବୋଲାଇଟ୍ ବିକାଶ କରାଯାଇଛି। ଏହା ୟୁରିନ ସାମ୍ପଲରୁ ନିଷିଦ୍ଧ ଔଷଧର ଅଂଶକୁ ଚିହ୍ନଟ କରିବା ପାଇଁ ଅତିରିକ୍ତ ସୁବିଧା ଦେଇଥାଏ। ଏ ନେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏକ୍ସ'ରେ ପୋଷ୍ଟ କରିଛନ୍ତି। ''ଗର୍ବର ସହିତ ମୁଁ ପ୍ରକାଶ କରୁଛି ଯେ, ଏନ୍‌ଡିଟିଏଲ୍ ଡୋପ୍ ଟେଷ୍ଟିଂର ସଠିକତାକୁ ବୃଦ୍ଧି କରିବା ପାଇଁ ମେଥାଣ୍ଡିଏନୋନର ବିକାଶ କରିଛି, ଯାହାକି ଏକ ଲଙ୍ଗ-ଟର୍ମ ମେଟାବୋଲାଇଟ୍। ଲାବୋରେଟୋରୀର ଏହି ଉପଲବ୍ଧିକୁ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା)ଠାରୁ ମଧ୍ୟ ସ୍ୱୀକୃତି ମିଳିଛି। ଏହି ମେଟାବୋଲାଇଟ୍‌କୁ ସମଗ୍ର ବିଶ୍ୱର ୱାଡା ସ୍ୱୀକୃତିପ୍ରାପ୍ତ ଲ୍ୟାବ୍ସ ସହ ବଣ୍ଟାଯିବ, ଯାହାକି ବିଶ୍ୱ ଆଣ୍ଟି-ଡୋପିଂ ଉଦ୍ୟମରେ ଯୋଗଦାନ ଦେବ'' ବୋଲି କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ ପୋଷ୍ଟ କରିଛନ୍ତି।

# ଆଇପିଏଲ୍ ଟିକେଟ ମହଙ୍ଗା ହେବ

**ନୂଆଦିଲ୍ଲୀ, ୪।୯ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆସନ୍ତା ସିଜନରେ ଖେଳପ୍ରେମୀମାନଙ୍କୁ ଅଧିକ ମୂଲ୍ୟ ଦେଇ ଟିକେଟ କ୍ରୟ କରିବାକୁ ହେବ, କାରଣ ସରକାର ଟିକେଟ ଉପରେ ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ସ (ଜିଏସ୍‌ଟି)ର ପରିମାଣ ୨୮ ପ୍ରତିଶତରୁ ୪୦ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ତରଫରୁ ଜାରି କରାଯାଇଥିବା ଏକ ଇସ୍ତାହାର ଅନୁସାରେ କ୍ୟାସିନୋ, ରେସ୍ କ୍ଲବରେ ଅନୁଷ୍ଠିତ ହେଉଥିବା ଇଭେଣ୍ଟଗୁଡ଼ିକ ଲାଗି ଆଇଟିସି (ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍) ସହ ଆଇପିଏଲ୍ ଭଳି ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଛି। ଗତ ସିଜନରେ ଏକ ଆଇପିଏଲ୍ ଟିକେଟର ପ୍ରକୃତ ମୂଲ୍ୟ ୫୦୦ ଟଙ୍କା ରହିଥିଲା। ୨୮ପ୍ରତିଶତ ଜିଏସ୍‌ଟି ପରେ ଏହାର ମୂଲ୍ୟ ୬୪୦ ଟଙ୍କା ହୋଇଯାଉଥିଲା। ତେବେ ୨୦୨୬ ସିଜନରେ ସରକାରଙ୍କ ବର୍ଦ୍ଧିତ ୪୦ ପ୍ରତିଶତ ଜିଏସ୍‌ଟି ପରେ ସମାନ ଟିକେଟର ମୂଲ୍ୟ ୭୦୦ଟଙ୍କା ହୋଇଯିବ। ଆଇପିଏଲ ଟିକେଟକୁ ବିଳାସପୂର୍ଣ୍ଣ କାଟେଗୋରୀରେ ନିଆଯାଇଥିବାରୁ ଏପରି ହୋଇଛି। ଭାରତର ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକୁ କିନ୍ତୁ ଅନ୍ୟାନ୍ୟ ସ୍ପୋର୍ଟିଂ ଇଭେଣ୍ଟ କାଟେଗୋରୀରେ ନିଆଯାଇଛି। ଏଥିରେ ୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଟିକେଟ ଉପରେ ତୁଳନାତ୍ମକ ଭାବେ କମ୍ ୧୮ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଛି।

## ମଡର୍ନ ପେଣ୍ଟାଥଲନ ଲେଜର ରନ ଜାତୀୟ ଚାମ୍ପିୟନଶିପ୍: ଓଡ଼ିଶା ଦଳ ଘୋଷଣା


ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳି।

**ଭୁବନେଶ୍ୱର,୪।୯(ଅନାଦି କର)**

ବିହାରର ବେଗୁସରାଇରେ ଚାଲିଥିବା ୯ମ ମଡର୍ନ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ପ୍ରଣବ ଦାସ (ଅଧିନାୟକ), ମହମ୍ମଦ ଅମନ (ଉପ ଅଧିନାୟକ), ଆକାଶ ମିର୍ଦ୍ଧା, ରାଇଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରମ ଚିଦାନନ୍ଦ ସ୍ୱାଇଁ, ସାଇ ଶଙ୍କଳ୍ପ, ଆରବ ନାୟକ, ଖେଳରାମ ମାଝୀ, ପୂଜା ବେହେରା, ନର୍ମଦା କର୍ଣ୍ଣିଲ, ଓସେନ, ଏମ୍‌ଡି ଆଜାମ (କୋଚ୍)।

## କାଫା ନେଶନ୍ସ କପ୍ ଫୁଟ୍‌ବଲ: ଭାରତ-ଆଫଗାନିସ୍ତାନ ମ୍ୟାଚ ଡ୍ର

**ହିସୋର, ୪।୯ (ପି.ଟି.):** କାଫା ନେଶନ୍ସ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଛି। ଏଥିରେ ଭାରତ ଗୋଲ୍ ଦେବାର ବହୁ ସୁଯୋଗ ପାଇଥିଲେ ହେଁ ହାତଛଡ଼ା କରିଥିଲା। ଏହି ଡ୍ର' ଦ୍ୱାରା ଭାରତକୁ ତୃତୀୟ-ଚତୁର୍ଥ ସ୍ଥାନ ପାଇଁ ହେବାକୁଥିବା ପ୍ଲେ-ଅଫ୍ ଖେଳିବାକୁ ପଡ଼ିବ। ଟୁର୍ନାମେଣ୍ଟରେ ଭାରତ ଓ ତାଜିକିସ୍ତାନ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ ହେଲେ ହେଡ୍-ଟୁ-ହେଡ୍ ରେକର୍ଡ ଭିତ୍ତିରେ ଭାରତ ଆଗୁଆ ରହିଛି। ଭାରତ ଗତଥର ୨୦୨୪ ମାର୍ଚ୍ଚରେ ୨୦୨୬ ବିଶ୍ୱକପ୍ କ୍ୱାଲିଫାୟର ଦ୍ୱିତୀୟ ରାଉଣ୍ଡରେ ଆଫଗାନିସ୍ତାନକୁ ଭେଟିଥିଲା। ଏଥିରେ ଭାରତ ପରାଜିତ ହୋଇଥିଲା।

# ୟୁଏଇ ଦଳରେ ମତିଉଲ୍ଲା, ସିମରନଜିତ୍

**ଦୁବାଇ, ୪।୯ (ପି.ଟି.)**

ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁଥିବା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଆୟୋଜକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗୁରୁବାର ଏକ ୧୭ ଜଣିଆ ଦଳ ଘୋଷଣା କରିଛି। ଏଥିରେ ଫାଷ୍ଟ ବୋଲର ମତିଉଲ୍ଲା ଖାନ୍ ଓ ସ୍ପିନର ସିମରନଜିତ୍ ସିଂ ସ୍ଥାନ ପାଇଛନ୍ତି। ଶାରଜାଠାରେ ନିକଟରେ ଅନ୍ୟ ଦୁଇ ଦଳ ଆଫଗାନିସ୍ତାନ ଓ ପାକିସ୍ତାନକୁ ଅନୁଷ୍ଠିତ ଏକ ତ୍ରିରାଷ୍ଟ୍ରୀୟ ସିରିଜରେ ଖେଳିଥିବା ୟୁଏଇ ଦଳରେ କେବଳ ମତିଉଲ୍ଲା ଓ ସିମରନଜିତ୍‌ଙ୍କୁ ସାମିଲ କରାଯାଇଥିବା ଏମିରେଟ୍ସ କ୍ରିକେଟ ବୋର୍ଡ କହିଛି। ୱାର୍ଲ୍ଡ ଏସିଆ କପ୍ ଆବୁଧାବିରେ ସେପ୍ଟେମ୍ବର


ମହମ୍ମଦ ୱାସିମ

୯ରୁ ଖେଳାଯିବ। ଭାରତର ପୂର୍ବତନ କ୍ରିକେଟର ଲାଲ୍‌ଚାନ୍ଦ ରାଜପୁତଙ୍କଠାରୁ କୋଚିଂ ନେଉଥିବା ୟୁଏଇ ଗ୍ରୁପ୍ 'ଏ' ଭାରତ, ପାକିସ୍ତାନ ଓ ଓମାନ ସହ ସ୍ଥାନ ପାଇଛି। ସୁପର-୪ ପର୍ଯ୍ୟାୟ ପୂର୍ବରୁ ୟୁଏଇ ସେପ୍ଟେମ୍ବର ୧୦ରେ ଦୁବାଇଠାରେ ଏହାର ପ୍ରଥମ ମ୍ୟାଚ ଭାରତ ବିପକ୍ଷରେ ଖେଳିବାକୁ ଥିବାବେଳେ ଦଳ ସେପ୍ଟେମ୍ବର ୧୫ ଓ ୧୭ରେ ଆବୁଧାବି ଓ ଦୁବାଇରେ ଯଥାକ୍ରମେ ଓମାନ ଓ ପାକିସ୍ତାନ ସହ ମୁକାବିଲା କରିବ।

**ୟୁଏଇ କ୍ରିକେଟ ଦଳ:** ମହମ୍ମଦ ୱାସିମ (ଅଧିନାୟକ) ଆଲିଶାନ ଶାହରାଫୁ, ଅର୍ଯ୍ୟାଂଶ ଶର୍ମା (ଉଇକେଟକିପର), ଅସିଫ ଖାନ୍, ଧ୍ରୁବ ପରାଶର, ଇଥାନ ଡି'ସୋଜା, ହାଇଦର ଅଲି, ହର୍ଷିତ କୌଶିକ୍, ଜୁନେଦ ସିଦ୍ଦିକ୍, ମତିଉଲ୍ଲା ଖାନ୍, ମହମ୍ମଦ ଫାରୁକ୍, ମହମ୍ମଦ ଜାୱାଦୁଲ୍ଲା, ମହମ୍ମଦ ଜୋହେବ, ରାହୁଲ ଚୋପ୍ରା (ଉଇକେଟକିପର), ରଶିଦ ଖାନ୍, ସିମରନଜିତ୍ ସିଂ ଓ ସାଘିର ଖାନ୍।

## ୟସ୍ତିକା ଭାଟିଆ ବାଦ୍ ପଡ଼ିଲେ

**ନୂଆଦିଲ୍ଲୀ,୪।୯:** ଭାରତୀୟ ମହିଳା ଦଳର ଉଇକେଟକିପର-ବ୍ୟାଟର ୟସ୍ତିକା ଭାଟିଆ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ଦିନିକିଆ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ବିଶାଖାପାଟଣାରେ ଚାଲିଥିବା ଭାରତୀୟ ଦଳର ପ୍ରସ୍ତୁତି କ୍ୟାମ୍ପରେ ୟସ୍ତିକାଙ୍କ ବାମ ଆଣ୍ଠୁରେ ଆଘାତ ଲାଗିଛି। ତାଙ୍କ ଉପରେ ବିସିସିଆଇର ମେଡିକାଲ ଟିମ ନଜର ରଖିଛି। ତାଙ୍କ ବଦଳରେ ଉଭୟ ଦଳରେ ଉମା ଛେତ୍ରୀଙ୍କୁ ସାମିଲ କରାଯାଇଛି। ଏଥିଯୋଗୁ ଉମା ଭାରତ ଏ' ଦଳର ଅଂଶ ହୋଇ ରହିବେ ନାହିଁ।

# ଇଡିରେ ହାଜର ହେଲେ ଧାୱନ

**ନୂଆଦିଲ୍ଲୀ,୪।୯(ପି.ଟି.)**

ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନ ବେଆଇନ ବେଟିଂ ଆପ୍ ସହ ସମ୍ପୃକ୍ତ ଥିବା ଟଙ୍କା ହେରଫେର ମାମଲାରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଗରେ ହାଜର ହୋଇଛନ୍ତି। ସେ ସେଣ୍ଟ୍ରାଲ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟାଳୟରେ ଅପରାହ୍ନ ୧୧ଟାରେ ପ୍ରବେଶ କରିଥିଲେ। ବେଆଇନ ବେଟିଂ ଆପ୍ ୧Xବେଟ୍ ସହ ଜଡ଼ିତ ମାମଲାର

**ବେଆଇନ ବେଟିଂ ଆପ୍ ମାମଲା**

ତଦନ୍ତ ପାଇଁ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ତାଙ୍କ ବୟାନ ରେକର୍ଡ କରାଯାଇଛି। କିଛି ନିର୍ଦ୍ଦିଷ୍ଟ ବିଜ୍ଞାପନ ଜରିଆରେ ୩୯ ବର୍ଷୀୟ ପୂର୍ବତନ ଓପନର ଆପ୍ ସହିତ ଯୋଡ଼ି ହୋଇଥିଲେ। ଇଡି


ଶିଖର ଧାୱନ

ତାଙ୍କ ସମ୍ପୃକ୍ତିକୁ ବୁଝିବା ପାଇଁ ଚାହୁଁଛି। ଗତ ମାସରେ ପୂର୍ବତନ କ୍ରିକେଟର ସୁରେଶ ରାଇନାଙ୍କୁ ପଚରାଉଚୁରା କରାଯାଇଥିଲା। କେନ୍ଦ୍ର ସରକାର ଏକ ନୂଆ ଆଇନ ଜରିଆରେ ରିୟଲ ମନି ଅନଲାଇନ୍ ଗେମିଂକୁ ବ୍ୟାନ କରିଛନ୍ତି।

# ଅଂଶଗ୍ରହଣରୁ ୫ଫ୍ରେଞ୍ଚ୍ ମହିଳା ବକ୍ସର ବଞ୍ଚିତ

**ପ୍ୟାରିସ, ୪।୯ (ଏପି)**

ନୂତନ ଲିଙ୍ଗ ପରୀକ୍ଷଣ ବ୍ୟବସ୍ଥା ଓ ଜଟିଳତା ପାଇଁ ଫ୍ରାନ୍ସର ୫ଜଣ ମହିଳା ବକ୍ସର ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି। କାରଣ ଧାର୍ଯ୍ୟ ସମୟସୀମା ମଧ୍ୟରେ ସେମାନେ ଇଂଲଣ୍ଡରୁ ଲିଙ୍ଗ ପରୀକ୍ଷଣ ଫଳାଫଳ ପାଇବାରେ ବିଳମ୍ବ ଘଟିଥିଲା। ଫ୍ରେଞ୍ଚ ବକ୍ସିଂ ଦଳ ଏଥିରେ କ୍ରୋଧ ସହ ଆଶ୍ଚର୍ଯ୍ୟ ପ୍ରକାଶ କରିଛି। ଗତବର୍ଷ

**ବିଶ୍ୱ ଚାମ୍ପିୟନଶିପ୍**

ପ୍ୟାରିସ ଅଲିମ୍ପିକ୍ସରେ ଆଲଜେରିଆର ଇମାନେ ଖେଲିଫ୍ ଏବଂ ତାୱାନର ଲିନ୍ ୟୁ-ଟିଙ୍ଗ୍ ସହଜରେ ସ୍ୱର୍ଣ୍ଣ ପଦକ ଲାଭ କରିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ସେମାନଙ୍କ ଯୋଗ୍ୟତା ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ବିଶ୍ୱ ବକ୍ସିଂ ପକ୍ଷରୁ ମେ ୩୦ରୁ ଅଂଶଗ୍ରହଣକାରୀଙ୍କ



ଲାଗି ଲିଙ୍ଗ ପରୀକ୍ଷଣ ବାଧ୍ୟତାମୂଳକ କରାଯାଇଥିଲା। ଫଳତଃ ମହିଳା ବକ୍ସରମାନଙ୍କୁ ସେମାନଙ୍କ ଜନ୍ମ ସମୟର ଲିଙ୍ଗ ନିର୍ଣ୍ଣୟ କରିବା ଲାଗି ଏକ ପଲିମରେଜ ଚେନ୍ ରିଆକ୍ସନ (ପିସିଆର) ଟେଷ୍ଟ କିମ୍ବା ସମାନ ଜେନେଟିକ୍ ସ୍କ୍ରିନିଂ ଟେଷ୍ଟ କରିବାକୁ ପଡ଼ିବ। ନୂଆବକ୍ସିଂ ପରିଚାଳନା ପରିଷଦ ପ୍ୟାରିସ ଅଲିମ୍ପିକ୍ସ ସହିତ ସମ୍ପୃକ୍ତ ନ ଥିଲା, କିନ୍ତୁ ପରେ ଫେବୃଆରୀରେ ଅସ୍ଥାୟୀ ଭାବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ଫ୍ରେଞ୍ଚ ଫେଡେରେଶନର ତ୍ରୁଟି ଯୋଗୁ ଏହି ଦେଶର ୫ଜଣ ବକ୍ସର ଲିଭରପୁଲ୍‌ରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିବା ବକ୍ସିଂ ପରିଚାଳନା ପରିଷଦ ପାଲଟା ଦୋଷାରୋପ କରିଛି। ଫେଡେରେଶନ ଧାର୍ଯ୍ୟ ସମୟସୀମା ମଧ୍ୟରେ ଲିଙ୍ଗ ନିର୍ଣ୍ଣୟ ପ୍ରକ୍ରିୟା ଶେଷ କରିପାରି ନ ଥିଲା, ଯାହାକି ଦୁର୍ଭାଗ୍ୟଜନକ। ସୂଚନାଯୋଗ୍ୟ, ଫ୍ରାନ୍ସରେ ମହିଳାଙ୍କ ଗୋପନୀୟତାକୁ ସୁରକ୍ଷା ଦେଉଥିବା ଆଇନରେ ଖେଳ ପରିସ୍ଥିତିରେ ଏହି ପରୀକ୍ଷଣକୁ ନିଷିଦ୍ଧ କରାଯାଇଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ